

ଆସିବ
ଦବଙ୍ଗ-୪
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-146 ♦SATURDAY ♦22 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୪୬ ♦ଶନିବାର ♦୨୨ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ରେକର୍ଡ ସ୍ତରକୁ ଖସିଲା ଟଙ୍କା ମୂଲ୍ୟ



### ଆମେରିକା ସହ ବାଣିଜ୍ୟ ଆଲୋଚନା ବିଳମ୍ବର ପ୍ରଭାବ

### ୧ ଡଲାର=୮୯.୬୮ ଟଙ୍କା

■ ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ଆମେରିକା ସହିତ ବାଣିଜ୍ୟ ଚୁକ୍ତିରେ ବିଳମ୍ବ ଏବଂ ଫେଡେରାଲ୍ ରିଜର୍ଭ ଆଡ୍ରୁ ସୁଧ ହାରରେ କୌଣସି ହ୍ରାସ ସମ୍ଭାବନା ନ ଥିବା ସମ୍ପର୍କିତ ରିପୋର୍ଟ ଆସିବା ପରେ ଭାରତୀୟ ମୁଦ୍ରା 'ଟଙ୍କା' ମୂଲ୍ୟରେ ହ୍ରାସ ଘଟିଛି। ଫଳରେ ଶୁକ୍ରବାର ଟଙ୍କା ରେକର୍ଡ ସର୍ବନିମ୍ନ ୮୯.୬୮ ସ୍ତରକୁ ଖସିଆସିଛି। ଭାରତ ଏବଂ ଆମେରିକା ଏ ପର୍ଯ୍ୟନ୍ତ ଏକ ବାଣିଜ୍ୟ ଚୁକ୍ତିରେ ପହଞ୍ଚି ନାହାଁନ୍ତି। ଦୁଇ ଦେଶ ମଧ୍ୟରେ ଆଲୋଚନା ଜାରି ରହିଛି। ଆମେରିକା-ଭାରତ ବାଣିଜ୍ୟରେ ବାଧା ଏବଂ ଫେଡେରାଲ୍ ରିଜର୍ଭରୁ ସୁଧ ହାର ହ୍ରାସର ଆଶା ହ୍ରାସ ପାଇବା ଭାରତୀୟ ମୁଦ୍ରାକୁ ପ୍ରଭାବିତ କରୁଛି। ଆମେରିକାରୁ ଆସିଥିବା ଏହି ଆଶ୍ଚର୍ଯ୍ୟ କରିବା ଭଳି ଖବର ଭାରତୀୟ ମୁଦ୍ରାର ଗତିକୁ ବାଧା ଦେଇଛି, ଯାହାର ଫଳସ୍ୱରୂପ ଶୁକ୍ରବାର ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ଏହାର ସର୍ବନିମ୍ନ ସ୍ତରକୁ ଖସିଆସିଛି। ଶେଷ ଥର ପାଇଁ ଟଙ୍କା ୮୯.୩୪ ସ୍ତରରେ କାରବାର କରିଥିଲା। ଅଗଷ୍ଟ ଶେଷ ଭାଗରେ ଭାରତୀୟ ରପ୍ତାନି ଉପରେ ଆମେରିକାର ଶୁଳ୍କ ଲାଗୁ ହେବା ▶ପୃଷ୍ଠା-୭

## ମେକ୍ସିକୋର ଫାତିମା ବ୍ରହ୍ମାଣ୍ଡ ସୁନ୍ଦରୀ




■ ବ୍ୟାଙ୍କକ୍, ୨୧।୧୧ (ଏଜେନ୍ସି): ମେକ୍ସିକୋର ଫାତିମା ବୋଚ୍ ପର୍ଣ୍ଣାଣ୍ଡିଜ୍ ଏଥର ବ୍ରହ୍ମାଣ୍ଡ ସୁନ୍ଦରୀର ଆଖ୍ୟା ହାସଲ କରିଛନ୍ତି। ପ୍ରତିଯୋଗିତାରେ ଥାଇଲାଣ୍ଡର ପ୍ରଭିନାର ସିଂ, ଭେନେଜୁଏଲାର ଷ୍ଟିଫାନି ଆବାସାଲି, ଫିଲିପାଇନ୍ସର ମା ଆହିସ୍ତା ମାନାଲୋ ଓ କୋଟ


### ଟପ୍-୩୦ରେ ଭାରତର ମଣିକା ବିଶ୍ୱକର୍ମା

ଡି ଆଇଭରୀର ଓଲିଭିଆ ୟାସ୍ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ରନର୍ସଅପ ବିବେଚିତ ହୋଇଛନ୍ତି। ପ୍ରତିଯୋଗିତାରେ ବିଜୟୀ ହେବା ପରେ ତାଙ୍କୁ ସବୁଆଡୁ ଅଭିନନ୍ଦନର ସୁଅ ଛୁଟିଛି। ୨୫ ବର୍ଷୀୟ ଫାତିମାଙ୍କୁ ମୂର୍ଖ ବୋଲି କୁହାଯିବା କାରଣରୁ ସେ ଏହି ପ୍ରତିଯୋଗିତା ଛାଡି ଚାଲିଯାଇଥିଲେ। କିନ୍ତୁ ପରେ ଏଥିପାଇଁ ଆୟୋଜକ କ୍ଷମା ମାଗିବା ପରେ ପୁଣିଥରେ ସେ ▶ପୃଷ୍ଠା-୭

## ଏୟାର ଶୋ'ରେ ତେଜସ୍ ଧ୍ୱଂସ

■ ଦୁବାଇ, ୨୧।୧୧ (ଏଜେନ୍ସି): ଦୁବାଇ ଏୟାର ଶୋ'ରେ ଭାରତୀୟ ବାୟୁସେନାର ତେଜସ୍ ଫାଇଟର୍ ଜେଟ୍ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଶୁକ୍ରବାର ଭାରତୀୟ ସମୟ ଅପରାହ୍ଣ ୩.୪୦ରେ ଅଲ୍ ମକ୍ତୁମ୍ ଏୟାରପୋର୍ଟରେ ଚାଲିଥିବା ଏୟାର ଶୋ'ରେ ଡେମୋ ଫ୍ଲାଇଟ୍ ବେଳେ ଏକ ଫାଇଟର୍ ଜେଟ୍ ଖସିପଡ଼ିବା ଫଳରେ

### ପାଇଲଟ୍ ମୃତ



ପାଇଲଟଙ୍କ ମୃତ୍ୟୁ ହୋଇଥିବା ଭାରତୀୟ ବାୟୁସେନା ପକ୍ଷରୁ କୁହାଯାଇଛି। ଫାଇଟର୍ ବିମାନଟି ଖସିପଡିବା ପରେ ସେଥିରେ ନିଆଁ ଲାଗିଯାଇଥିଲା। ଦୁର୍ଘଟଣାର ଯାଞ୍ଚ ପାଇଁ କୋର୍ଟ ଅଫ୍ ଇନ୍‌କ୍ୱାରୀ ବସାଯାଇଛି। ପ୍ରାଥମିକ ଅନୁସନ୍ଧାନ ପରେ କୁହାଯାଇଛି ଯେ ପାଇଲଟ୍ ନେଗେଟିଭ୍ ଜି- ଫୋର୍ସ ଟର୍ଣ୍ଣରୁ ରିକଭର କରି ନ ପାରି ବିମାନ ଉପରୁ ନିୟନ୍ତ୍ରଣ ହରାଇଥିଲେ। ଫଳରେ ବିମାନ ସିଧା ତଳକୁ ଖସିଥିଲା ଓ ସେଥିରେ ▶ପୃଷ୍ଠା-୭

### ରାଜ୍ୟ କ୍ୟାବିନେଟ୍‌ରେ ୯ ବିଭାଗର ୧୨ ପ୍ରସ୍ତାବକୁ ମୋହର

# ଇ-ଲଟେରୀରେ ଲଘୁ ଖଣିଜ ଲିଜ୍

■ ଭୁବନେଶ୍ୱର, ୨୧।୧୧ (ସମିସ): ଏଣିକି ରାଜ୍ୟରେ ଲଘୁ ଖଣିଜ ସମ୍ପଦର ଆବଣ୍ଟନ ପାଇଁ ନିଲାମ ବ୍ୟବସ୍ଥା ପରିବର୍ତ୍ତେ ପ୍ରଚଳନ ହେବ ଇ-ଲଟେରୀ। ବାଲି ଘାଟ, ପଥର ଖଣି, ମୋରମ ଖଣି ଆଦିକୁ ଇ-ଲଟେରୀ ମାଧ୍ୟମରେ ଆବଣ୍ଟନ ହେବ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏ ସଂକ୍ରାନ୍ତ ପ୍ରସ୍ତାବରେ ବାଜିଛି ମୋହର। ଏହା ସହିତ ୟୁନିଫର୍ମ ସେବା କର୍ମଚାରୀ ନିଯୁକ୍ତି ପାଇଁ ଏକ ସ୍ୱତନ୍ତ୍ର ଚୟନ ଆୟୋଗ ଗଠନ ସହ କ୍ୟାବିନେଟ ବୈଠକରେ ୯ ଟି ବିଭାଗର ୧୨ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ସୂଚନା ଅନୁସାରେ ରାଜ୍ୟରେ ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ ୨୦୧୬ ରେ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ସଂଶୋଧନ ଦ୍ୱାରା ରାଜ୍ୟରେ ଲଘୁ ଖଣିଜ ଅନ୍ତର୍ଭୁକ୍ତ ବାଲି, ପଥର ଖଣି ଆଦି ପାଇଁ



**କ୍ୟାବିନେଟ ନିଷ୍ପତ୍ତି**

### ଜଣେ ବ୍ୟକ୍ତିଙ୍କୁ ଗୋଟିଏ ଜିଲ୍ଲାରେ ୩, ସର୍ବାଧିକ ୫ ଲିଜ୍

### ବଢ଼ିଲା ଅନୁସୂଚୀତ ଜାତି ଓ ଜନଜାତି ଶିକ୍ଷାର୍ଥୀଙ୍କ ବୃତ୍ତି

ନିଲାମୀ ପ୍ରକ୍ରିୟା ବନ୍ଦ କରାଯାଇ ଲଟେରୀ ବ୍ୟବସ୍ଥା ଆରମ୍ଭ ହେବ। ନିଲାମ ଯୋଗୁଁ ବହୁତ ଅଧିକ ଦାମ୍‌ରେ ବାଲିଘାଟ ସହ ଅନ୍ୟ ଖଣିଗୁଡ଼ିକ ନିଆଯାଉଛି। ଏହାଦ୍ୱାରା ବଜାରରେ ଏହାର ଦର ଅଧିକ ରହୁଛି। ତେଣୁ ସରକାର ନୂଆ ନୀତି ଆଣିବା ସହ ଲଟେରୀ ଜରିଆରେ ଫ୍ଲୋର୍ ପ୍ରାଇସ୍ ବଦଳରେ ଏକ ଅତିରିକ୍ତ ଚାର୍ଜ ନିର୍ଦ୍ଧାରଣ କରାଯିବ। ଲିଜଧାରୀ ମାନେ ବାଲି, ପଥର, ମୋରମ ଆଦିକୁ କେଉଁ ଦରରେ ବିକ୍ରି କରିବେ ତାହା ମଧ୍ୟ ସରକାର ନିର୍ଦ୍ଧାରଣ ▶ପୃଷ୍ଠା-୭

### ବର୍ଦ୍ଧିଧାରୀଙ୍କ ନିଯୁକ୍ତି ପାଇଁ 'ଓୟୁଏସ୍‌ଏସ୍‌ସି'

■ ଭୁବନେଶ୍ୱର, ୨୧।୧୧ (ସମିସ): ରାଜ୍ୟରେ ସମସ୍ତ ପ୍ରକାର ବର୍ଦ୍ଧିଧାରୀଙ୍କୁ ନିଯୁକ୍ତି ପାଇଁ ଏକ ସ୍ୱତନ୍ତ୍ର ଆୟୋଗ 'ଓଡ଼ିଶା ୟୁନିଫର୍ମ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ୍ କମିସନ୍ (ଓୟୁଏସ୍‌ଏସ୍‌ସି)' ଗଠନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି।

**ସ୍ୱତନ୍ତ୍ର ଆୟୋଗରେ ରହିବେ ଜଣେ ଅଧ୍ୟକ୍ଷ, ୨ ସଦସ୍ୟ**

ଗୃହ ବିଭାଗ ସମେତ ଅବକାରୀ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଅଧୀନରେ ପୁଲିସ ଏବଂ ଅନ୍ୟାନ୍ୟ ୟୁନିଫର୍ମ ସେବା ପାଇଁ ନିଯୁକ୍ତି ପ୍ରକ୍ରିୟା ପରିଚାଳନା କରିବ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନରେ ଏହି ଆୟୋଗ କାର୍ଯ୍ୟ କରିବ। ଏହାସହ ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ (ଓୟୁଏସ୍‌ଏସ୍‌ସି) ନିୟମାବଳୀ-୨୦୨୫ ପ୍ରଣୟନ କରିବାକୁ ଶୁକ୍ରବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ମଞ୍ଜୁରୀ ଦିଆଯାଇଛି। ଏହି ଆୟୋଗରେ ଜଣେ ଅଧ୍ୟକ୍ଷଙ୍କ ▶ପୃଷ୍ଠା-୭

## ଆଜି ସୃଷ୍ଟି ହେବ ଲଘୁଚାପ

### ଶକ୍ତିଶାଳୀ ବାତ୍ୟା ପାଇଁ ପାଗ ଅନୁକୂଳ

■ ଭୁବନେଶ୍ୱର, ୨୧।୧୧ (ସମିସ): ମାଲେସିଆ ନିକଟବର୍ତ୍ତୀ ମଲ୍ଲାକାରେ ସମୁଦ୍ରପତ୍ତନ ଠାରୁ ୫.୮ କି.ମି ବିସ୍ତୀର୍ଣ୍ଣ ଅଞ୍ଚଳରେ ପରିବ୍ୟାପ୍ତ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତାକାଲି (ଶନିବାର) ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ଘନୀଭୂତ ହୋଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଅଗ୍ରସର ହୋଇ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ଅନ୍ୟପକ୍ଷରେ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ମଲ୍ଲାକା ଷ୍ଟ୍ରିଟ୍‌ରେ ଏକ ଦୁର୍ବଳ ଲଘୁଚାପ ସୃଷ୍ଟି ହୋଇ ସାରିଛି। ଶନିବାର ସକାଳ ସୁଦ୍ଧା ଏହା ସଦୃଶ ଲଘୁଚାପରେ ପରିଣତ ହେବ। ୨୬ ତାରିଖ ବେଳକୁ ଏହା ବାତ୍ୟାର ରୂପ ନେଇପାରେ। ଏହା ଶୀଘ୍ର ଘନୀଭୂତ ହୋଇ




### ଓଡ଼ିଶା-ଆନ୍ଧ୍ର ଉପରେ ଅଧିକ ପ୍ରଭାବ ଆଶଙ୍କା

### ଓଡ଼ିଶାରେ ସ୍ଥଳଭାଗ ଛୁଇଁବା ନେଇ ସମ୍ଭାବନା

ଉତ୍ତର ବା ଉତ୍ତର-ଉତ୍ତର ପଶ୍ଚିମ ଦିଗରେ ଗତ କରିବ। ୨୮ରେ ଏହା ଅଧିକ ଶକ୍ତିଶାଳୀ ହୋଇ ଏକ ଭୀଷଣ ବାତ୍ୟାରେ ରୂପ ନେବ ଓ ୨୯ କିମ୍ବା ୩୦ ଏବା ଅତି ଭୀଷଣ ବାତ୍ୟାରେ ପରିଣତ ହେବା ନେଇ ମଧ୍ୟ କିଛି ମଡେଲ୍ ଆକଳନ କରୁଛନ୍ତି। ଅତି ଭୀଷଣ ବାତ୍ୟାରେ ପରିଣତ ହେବା ପରେ ଏହା ଦକ୍ଷିଣ-ପଶ୍ଚିମ ଓ ପଶ୍ଚିମ-କେନ୍ଦ୍ରୀୟ ସଂଲଗ୍ନ ବଙ୍ଗୋପସାଗରକୁ ମୁହାଁଇବ। ବାତ୍ୟା ଅଧିକ ଘନୀଭୂତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏହାର କାରଣ ଦର୍ଶାଇ ପ୍ରଫେସର ପଶୁପାଳକ କହିଛନ୍ତି ଯେ ଏହା ଆର୍ଦ୍ର, ଉପ-ଉଷ୍ମ ମଣ୍ଡଳରେ ଅବସ୍ଥିତ ହେବା ସହ ଶୁଷ୍କ ବାୟୁର ମଧ୍ୟ ▶ପୃଷ୍ଠା-୭

## ଏନ୍‌ଡିଏର ବିହାର ବିଜୟ ବିଦ୍ଧାଣି ଧର୍ମେନ୍ଦ୍ରଙ୍କୁ ବିପୁଳ ସମ୍ବର୍ଦ୍ଧନା



■ ଭୁବନେଶ୍ୱର, ୨୧।୧୧ (ସମିସ): ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏର ଐତିହାସିକ ବିଜୟର ଅନ୍ୟତମ ନେପଥ୍ୟ ନାୟକ ତଥା ଦଳୀୟ ନିର୍ବାଚନ ପ୍ରଭାରୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭୁବନେଶ୍ୱରରେ ଦିଆଯାଇଛି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା। ଶୁକ୍ରବାର ଶ୍ରୀ ପ୍ରଧାନ ଓଡ଼ିଶା ଗସ୍ତରେ ଆସିବା ଅବସରରେ ବିମାନବନ୍ଦରରେ ହଜାର ହଜାର କର୍ମୀ, କର୍ମକର୍ତ୍ତା ଓ ସମର୍ଥକ ତାଙ୍କୁ ସ୍ୱାଗତ କରିଛନ୍ତି। ଅନ୍ୟପକ୍ଷରେ ଏହି ସମ୍ବର୍ଦ୍ଧନା ପାଇଁ ଶ୍ରୀ ପ୍ରଧାନ ଦଳୀୟ ନେତା, କର୍ମୀ, ସମର୍ଥକଙ୍କୁ ଗାମୁଛା ହଲାଇ କୃତଜ୍ଞତା ଜଣାଇଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ଏନଡିଏ ମେଣ୍ଟର ଅଭୁତପୂର୍ବ ବିଜୟ ପାଇଁ ବିହାରବାସୀଙ୍କୁ ଧନ୍ୟବାଦ। ବିହାରବାସୀ ଦେଶକୁ ବିଭାଜନ କରିବା ନିମନ୍ତେ କଂଗ୍ରେସର ନକରାତ୍ମକ ରାଜନୀତିକୁୟ ପ୍ରତ୍ୟାଖ୍ୟାନ କରିଛନ୍ତି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି, ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡାଙ୍କ ସାଂଗଠନିକ ଦକ୍ଷତା, ବିହାରର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱ ପାଇଁ ଜନସାଧାରଣ ତାଙ୍କୁ ପୁଣି ଥରେ ଆଶୀର୍ବାଦ କରିଛନ୍ତି। ବିହାରରେ ପୁଣି ଥରେ ସେବା ନିମନ୍ତେ ଏନଡ଼ିଏ ସୁଯୋଗ ଦେଇ ବିହାରବାସୀ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱକୁ ବଡ଼

### କଂଗ୍ରେସର ବିଭାଜନ ରାଜନୀତିକୁ ଲୋକେ ପ୍ରତ୍ୟାଖ୍ୟାନ କରିଛନ୍ତି: ଧର୍ମେନ୍ଦ୍ର

### ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ

ସ୍ୱୀକୃତି ଦେଇଛନ୍ତି। ଅନ୍ୟପକ୍ଷରେ ନୂଆପଡ଼ା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ବିଜୟ ନିମନ୍ତେ ଶ୍ରୀ ପ୍ରଧାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଏହାପରେ ଶ୍ରୀ ପ୍ରଧାନ ବିମାନବନ୍ଦରରୁ ସିଧା ପୁରୀ ଯାଇ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ ସହ ଆଶୀର୍ବାଦ ନେଇଛନ୍ତି।

### ୨୯ ପୁରୁଣା ଆଇନ ଶେଷ; ଲାଗୁ ହେଲା ନୂଆ ଶ୍ରମ କୋଡ୍

## ଶ୍ରମିକଙ୍କୁ ନିଶ୍ଚିତ ସାମାଜିକ ସୁରକ୍ଷା

■ ନୂଆଦିଲ୍ଲୀ ୨୧।୧୧ (ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ଦେଶରେ ଆଜିଠାରୁ ବହୁ ପ୍ରତୀକ୍ଷିତ ଶ୍ରମ କୋଡ୍ ଲାଗୁ ହୋଇଛି। ସମସ୍ତ କ୍ଷେତ୍ରରେ ଶ୍ରମିକ କଲ୍ୟାଣ ବ୍ୟବସ୍ଥାକୁ ମଜଭୁତ କରିବା ଲାଗି ୪ ନୂଆ ଶ୍ରମ ସଂହିତା – ମଜୁରି ସଂହିତା ୨୦୧୯, ଶିଳ୍ପ ସଂହିତା ୨୦୨୦, ସାମାଜିକ ସୁରକ୍ଷା ସଂହିତା ୨୦୨୦ ଏବଂ ବୃତ୍ତିଗତ ନିରାପତ୍ତା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି ସଂହିତା ୨୦୨୦କୁ ଶୁକ୍ରବାର କାର୍ଯ୍ୟକାରୀ କରାଯାଇଛି। ଏହାଫଳରେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଚଳିତ ୨୯ଟି ଶ୍ରମ ଆଇନର ଅନ୍ତ ଘଟିଛି। ନୂଆ ଶ୍ରମ କୋଡ୍ ଲାଗୁ ହେବା ପରେ ଦେଶରେ ଶ୍ରମିକମାନଙ୍କୁ ସୁନିଶ୍ଚିତ ନିଯୁକ୍ତି ପତ୍ର, ଠିକ୍ ସମୟରେ ବେତନ, ସର୍ବନିମ୍ନ ବେତନ ଓ ସାମାଜିକ ସୁରକ୍ଷା ଆଦି କ୍ଷେତ୍ରରେ ଗ୍ୟାରେଣ୍ଟି ମିଳିବା ଆଶା କରାଯାଉଛି। ଏଥିଯୋଗୁଁ ଦେଶର ପ୍ରାୟ ୪୦ କୋଟି ଶ୍ରମିକ ଲାଭବାନ ହେବେ। ନୂଆ ଶ୍ରମ କୋଡ୍‌ରେ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରିଛନ୍ତି, ଯେଉଁଥିରେ ଗିଗ୍ ଓ ପ୍ଲାଟଫର୍ମ ୱାର୍କର, ମହିଳା କର୍ମଚାରୀ ଓ ଏମ୍‌ଏସ୍‌ଏମ୍‌ଇ ସେକ୍ଟରରେ କାମ କରୁଥିବା ଶ୍ରମିକଙ୍କୁ ଲାଭ ମିଳିବ। ନୂଆ ଶ୍ରମ ସଂହିତା କାର୍ଯ୍ୟକାରୀ ହେବା ପରେ ନିଯୁକ୍ତି କ୍ଷେତ୍ରରେ ସମସ୍ତ କର୍ମଚାରୀଙ୍କୁ ▶ପୃଷ୍ଠା-୭

**କଟକରେ ଡବଲ୍ ମର୍ଡର୍**

## ବାପା-ମା'ଙ୍କୁ ଗଳା କାଟି ହତ୍ୟା

■ କଟକ, ୨୧।୧୧ (ସମିସ): ବାପା' ଓ ସାବତ ମା'ଙ୍କ ଗଳାକାଟି ମାରିଦେଲା ପୁଅ। ଦରଘାବଜାର ଥାନା ଅନ୍ତର୍ଗତ ଜେଲ୍ କଲୋନୀ ଅଞ୍ଚଳରେ ଏଭଳି ଏକ ନିର୍ମମ ହତ୍ୟାକାଣ୍ଡ ଘଟିଛି। ସୁଧ ଟଙ୍କା ଦେଣନେଣ ଓ ଜମି ବିବାଦକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି। ମୃତ ଦମ୍ପତି ହେଲେ, ଦୀପକ ଦାସ(୪୨) ଏବଂ ତାଙ୍କ ପତ୍ନୀ ରିତାରାଣୀ ଦାସ(୨୮)। ଏହି ଘଟଣା କଟକରେ ଚାଞ୍ଚଲ୍ୟ ଖେଳାଇଦେଇଛି।

ପୁଲିସ ସୂତ୍ରରୁ ପ୍ରକାଶ, ପୁଅ ଆଲୋକ କୁମାର ଦାସ ଦୀର୍ଘ ୮ମାସ ହେବ ମାନସିକ ଦୁଶ୍ଚିନ୍ତାରେ ରହୁଥିଲା। ବାପା ଦ୍ୱିତୀୟ ବିବାହ କରି ପତ୍ନୀ ସହିତ




### ୧୦ ଲକ୍ଷ ଟଙ୍କା ପାଇଁ ବାପା-ମା'ଙ୍କୁ ମାରିଦେଲା ପୁଅ

### ଜେଲ୍ କଲୋନୀରେ ସାଇଣ୍ଟିଫିକ୍ ଟିମ୍‌ର ଖୋଳତାଡ଼

ସେବନ କରି ରଂଗୀନ ମିଜାଜରେ ଜୀବନ ବିତାଉଥିଲା। ୮ମାସ ପୂର୍ବରୁ ଆଲୋକକୁ ମାନସିକ ନିର୍ଯାତନା ଦେବା ସହିତ ୧୦ଲକ୍ଷ ଟଙ୍କା ଆବଶ୍ୟକ ବୋଲି କହିଥିଲା। ବାପା କଥାରେ ପୁଅ ଜୁଲିୟସ୍ ଦାସ ନାମକ ଜଣେ ବ୍ୟକ୍ତିଙ୍କ ଜରିଆରେ ସୁଧଦିଆ ଟଙ୍କା ଆଣି ବାପା ଓ ସାବତ ମା'ଙ୍କୁ ଦେଇଥିଲା। ଟଙ୍କା ଦେବା ପରେ ବାପା ଠିକ୍ ସମୟରେ ସୁଧ ଦେବା ସହିତ ଋଣ ଟଙ୍କା ପରିଶୋଧ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଆଲୋକର ରୋଜଗାର ଆଦୌ ହେଉନଥିବା ବେଳେ ବାପାର କଥାକୁ ବିଶ୍ୱାସକୁ ନେଇଥିଲା। ଶେଷରେ ଆଲୋକ ଓ ତା' ସ୍ତ୍ରୀ ସୁଧଦିଆ ଟଙ୍କା ବାପା ଓ ସାବତ ମା'ଙ୍କୁ ଦେଇ ନିଶ୍ଚିତରେ ରହିଥିଲେ। କିନ୍ତୁ ସାବତ ମା' ଓ ବାପା ଆଦୌ ସୁଧ ଦେଇନଥିଲେ। ମୂଳ ଟଙ୍କା ଦେବା ଦୂରର କଥା, ଧାର ଆଣିଥିବା ଟଙ୍କା କଥା ଉଠାଇଲେ, ଆଲୋକକୁ ଗାଳି କରୁଥିଲେ। ▶ପୃଷ୍ଠା-୭

# ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର

■ ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରେ ଲଗାତର ଭାବେ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଗୁରୁବାର ଦିଲ୍ଲୀର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୫୦୬ ଥିଲା ଓ ଏହା ନିହାତି ବିପଜ୍ଜନକ ବିବେଚିତ ହୋଇଛି। ଦିଲ୍ଲୀ ଏବେ ବିଶ୍ୱର ସବୁଠାରୁ ପ୍ରଦୂଷିତ ସହରର ଭାବେ ଅଲୋଡା ନାମ ହାସଲ କରିଛି। ବିଶ୍ୱବ୍ୟାପୀ ବାୟୁ ପ୍ରଦୂଷଣ ମାପୁଥିବା ଅନ୍ତର୍ଜାତୀୟ ସଂସ୍ଥା 'ଆଇକ୍ୟୁଏୟାର'ର ଲାଇଭ ମାନ୍ୟତାରେ ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର ଭାବେ ପରିଗଣିତ ହେଉଛି। ବାୟୁରେ ବର୍ଦ୍ଧିତ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ନଭେମ୍ବରରେ ଓ ଡିସେମ୍ବରରେ ସବୁ ସ୍କୁଲ୍‌ରେ ସ୍ପୋର୍ଟ୍ସ ଇଭେଣ୍ଟକୁ ବନ୍ଦ କରିଦିଆଯାଇଛି। ପ୍ରଦୂଷଣ କାରଣରୁ



### ଏକ୍ୟୁଆଇ ୫୦୬ରେ ପହଞ୍ଚିଲା

### ସ୍କୁଲ୍‌ରେ କ୍ରୀଡ଼ା ଇଭେଣ୍ଟ ଉପରେ ରୋକ

ଦିଲ୍ଲୀରେ ସବୁ ପ୍ରକାର କ୍ରୀଡ଼ା ଇଭେଣ୍ଟକୁ ସ୍ଥଗିତ ରଖିବାକୁ କମିଶନ ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (ସିଏକ୍ୟୁଏମ୍) ନିର୍ଦ୍ଦେଶ ଦେଇଛି। ଦିଲ୍ଲୀର ପ୍ରଦୂଷିତ ବାୟୁ ଏବେ ପିଲାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି ବୋଲି କମିଶନ କହିଛି। ପୂର୍ବରୁ ଅକ୍ଟୋବର ୧୮ରେ ଦିଲ୍ଲୀ- ଏନ୍‌ସିଆରରେ ପ୍ରଦୂଷଣ ପାଇଁ ଦିଲ୍ଲୀରେ କ୍ରୀଡ଼ା ସମ୍ପର୍କିତ ସବୁ ପ୍ରକାର ପ୍ରତିଯୋଗିତାକୁ ବନ୍ଦ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

ସେପଟେ ସାରା ଦେଶରେ ପ୍ରବଳ ଥଣ୍ଡା ଜାରି ରହିଛି। ଶୀତର ପ୍ରକୋପ ବୃଦ୍ଧି ପାଇଥିବାରୁ ଦିଲ୍ଲର ପ୍ରଦୂଷଣ ଆହୁରି ଖରାପ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଭୋପାଳ, ଇନ୍ଦୋର ସମେତ ମଧ୍ୟପ୍ରଦେଶର ୧୨ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିବାର ରେକର୍ଡ କରାଯାଇଛି। ରାଜଗଡ଼ରେ ତାପମାତ୍ରା ୭.୫ ଡିଗ୍ରୀ ଥିଲା। ଜବଲପୁରରେ ଘନ କୁହୁଡି ଛାଇ ରହିଥିଲା। ଉତ୍ତରାଖଣ୍ଡର ବଦ୍ରିନାଥରେ ତାପମାତ୍ର ମାଇନସ ୬ ଡିଗ୍ରୀ ତଳକୁ ଖସିଛି। ଅଗାମୀ କିଛି ଦିନ ପାଗ ଏହି ଭଳି ରହିବ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ କୁହାଯାଇଛି।

## ମୁଁ ବୌଦ୍ଧ, କିନ୍ତୁ ଧର୍ମନିରପେକ୍ଷ: ସିଜେଆଇ ଗଭାଇ



ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇଙ୍କୁ ଗୁରୁବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ୨୩ ତାରିଖରେ ଅବସର ଗ୍ରହଣ କରୁଛନ୍ତି। କିନ୍ତୁ ଆଜି ସୁପ୍ରିମକୋର୍ଟରେ ତାଙ୍କର ଶେଷ କାର୍ଯ୍ୟ ଦିବସ ଥିଲା। ମାତ୍ର କେଇ ମାସର କାର୍ଯ୍ୟକାଳରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏହା ମଧ୍ୟରେ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନରେ କଟକଣା ପ୍ରମୁଖ ସାମିଲ ରହିଛି। ଆଡଭୋକେଟ୍ସ ଅନ୍ ରକେର୍ଡ ଆସୋସିଏସନ (ଏସସିଏଇଆରଏ) ପକ୍ଷରୁ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନାରେ ସିଜେଆଇ କହିଛନ୍ତି ଯେ ମୁଁ ବୌଦ୍ଧ ଧର୍ମକୁ ମାନୁଛି। କିନ୍ତୁ ପ୍ରକୃତରେ ମୁଁ ଧର୍ମନିରପେକ୍ଷ ବ୍ୟକ୍ତି। ହିନ୍ଦୁ, ଶିଖ୍, ଇସ୍‌ଲାମ ସମେତ ସବୁ ଧର୍ମରେ ମୋର ବିଶ୍ୱାସ ରହିଛି। ଏହି ଧର୍ମନିରପେକ୍ଷତା ବିଷୟରେ ମୁଁ ବାପାଙ୍କଠାରୁ ଶିକ୍ଷା କରିଥିଲି। ମୋ ବାପା ସମ୍ପୂର୍ଣ୍ଣ ଭାବେ ଧର୍ମନିରପେକ୍ଷ ଥିଲେ। ସେ ଡ. ବାବା ସାହେବ ଆମ୍ବେଦକରଙ୍କ ଅନୁଗାମୀ ଥିଲେ। ମୁଁ ଛୋଟ ଥିବା ସମୟରେ ବାପାଙ୍କ ସହ ପ୍ରସିଦ୍ଧ ଦରଘା ଏବଂ ଗୁରୁଦ୍ୱାର ଯାଉଥିଲି। ଏଭଳି ଭାବେ ସବୁ ଧର୍ମକୁ ସମ୍ମାନ କରୁଥିବା ପରିବେଶରେ ମୁଁ ବଡ଼ ହୋଇଥିଲି। ପ୍ରାୟ ୨୦ ବର୍ଷ ବିଚାରପତି ରହିବା ପରେ ଆଜି ଯାହା କିଛି ବି ଅଛି, ସବୁ ନ୍ୟାୟପାଳିକା ପାଇଁ ସମ୍ଭବ ହୋଇପାରିଛି। ଏଥିପାଇଁ ଦେଶର ନ୍ୟାୟପାଳିକା ପ୍ରତି ସିଜେଆଇ ଗଭୀର କୃତଜ୍ଞତା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ୨୪ ତାରିଖରେ ଜଷ୍ଟିସ ସୂର୍ଯ୍ୟକାନ୍ତ ଦେଶର ୫୩ତମ ସିଜେଆଇ ଭାବେ ଶପଥ ଗ୍ରହଣ କରିବେ। ସେ ୧୪ ମାସ ପାଇଁ ଏହି ପଦରେ ରହିବେ। ୨୦୨୭ ଫେବୃଆରୀ ୯ରେ ଅବସର ଗ୍ରହଣ କରିବେ।

## ପାଣିପାଗର ଚରମ ସ୍ଥିତି; ୯ ମାସରେ ଗଲାଣି ୪୦୬୪ ଜୀବନ

ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ଭାରତରେ ପାଣିପାଗ ଜନିତ ଚରମ ସ୍ଥିତି ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଏଥିଯୋଗୁଁ ପ୍ରାକୃତିକ ବିପର୍ଯ୍ୟୟ ବଢ଼ିବାରେ ଲାଗିଛି। ଚଳିତ ବର୍ଷ ପ୍ରଥମ ୯ ମାସରେ ଏହା ୪୦୬୪ ଜୀବନ ନେଲାଣି। ଗତ ୪ ବର୍ଷରେ ଏଭଳି ମୃତ୍ୟୁ ୪୮ ପ୍ରତିଶତ ବୃଦ୍ଧି ପାଇଛି। ଦିଲ୍ଲୀର ଥିଙ୍କଟାଙ୍କ ସଂସ୍ଥା 'ସେଣ୍ଟର ଫର ସାଇନ୍ସ ଆଣ୍ଡ ଇନ୍‌ଭାରମେଣ୍ଟ (ସିଏସଇ)' ଏବଂ 'ଡାଉନ ଟୁ ଆର୍ଥ' ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ଏହି ଅବଧିରେ ମଧ୍ୟପ୍ରଦେଶରେ ସର୍ବାଧିକ ଲୋକଙ୍କ ଜୀବନ ଯାଇଛି। ମହାରାଷ୍ଟ୍ରରେ ସର୍ବାଧିକ ୮.୪ ନିୟୁତ ହେକ୍ଟରର ଫସଲ କ୍ଷତିଗ୍ରସ୍ତ ହୋଇଛି। ଗ୍ରୀଷ୍ମ ପ୍ରବାହ, ଶୀତ, ବଜ୍ରପାତ, ଝଡ଼, ପ୍ରବଳ ବର୍ଷା, ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ୯.୪୭ ନିୟୁତ ଫସଲ ନଷ୍ଟ ହୋଇଛି। ଗତ ଚାରି ବର୍ଷରେ ଏହା ୪୦୦ ପ୍ରତିଶତ ବୃଦ୍ଧି ପାଇଛି। ଗତ ବର୍ଷ ପାଣିପାଗ ଜନିତ ଚରମ ସ୍ଥିତିରେ ୩,୨୩୮ ଜଣ ପ୍ରାଣ ହରାଇଥିବାବେଳେ ୩.୨ ନିୟୁତ ହେକ୍ଟରରେ ଫସଲ ନଷ୍ଟ



ହୋଇଥିଲା। ୯୯ ପ୍ରତିଶତ ଦିନରେ କୌଣସି ନା କୌଣସି ପାଣିପାଗ ଜନିତ ଚରମ ସ୍ଥିତି ସୃଷ୍ଟି ହେଉଥିବାବେଳେ ଏପରି ଧନଜୀବନ ହାନି ଘଟୁଛି। ୨୦୨୨ ପରଠାରୁ ୧୮ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏଭଳି ଦିନ ସଂଖ୍ୟା ବଢିବାରେ ଲାଗିଛି।

## ବିହାରରେ ୨ ଲକ୍ଷ ପୋଷ୍ଟାଲ ବାଲଟ୍‌ରୁ ୨୪ ହଜାର ନାକଚ

ନୂଆଦିଲ୍ଲୀ, ୨୧।୧୧(ଏଜେନ୍ସି): ବିହାର ନିର୍ବାଚନକୁ ନେଇ ନିର୍ବାଚନ କମିଶନ ଏକ ନୂଆ ତଥ୍ୟ ପ୍ରଦାନ କରିଛନ୍ତି। ୨ ଲକ୍ଷ ପୋଷ୍ଟାଲ ବାଲଟରୁ ପାଖାପାଖି ୨୪, ୦୦୦ ଭୋଟ ନାକଚ ହୋଇଯାଇଛି। ନିର୍ବାଚନରେ ମୋଟ୍ ୫.୦୨ କୋଟି ମତଦାନ ହୋଇଥିଲା। ଏଥିରେ ଇଭିଏମ୍ ଓ ପୋଷ୍ଟାଲ ବାଲଟ ସାମିଲ ଥିଲା। ୪.୯୩ କୋଟି ଭୋଟ୍ ବୈଧ ଥିବାବେଳେ ୯.୩୪ ଲକ୍ଷ ଭୋଟ୍ ନାକଚ୍ ହୋଇଛି। ୨.୦୧ ଲକ୍ଷ ପୋଷ୍ଟାଲ ଭୋଟ୍‌ରୁ ୨୩, ୯୮୧ ଭୋଟ ନାକଚ ହୋଇଛି ବୋଲି କୁହାଯାଇଛି। ସେହିପରି 'ନନ୍ ଅଫ୍ ଦି ଏବଭ' ଅର୍ଥାତ ନୋଟା ଭୋଟ ସଂଖ୍ୟା ୯.୧୦ ଲକ୍ଷ ଥିଲା। ଏଥିରେ ଇଭିଏମ୍ ଓ ପୋଷ୍ଟାଲ ବାଲଟ ଭୋଟ୍ ସାମିଲ ଥିଲା। ନୋଟାର ଭୋଟ ପ୍ରତିଶତ ୧.୮୧ ରହିଛି। ଉଲ୍ଲେଖଥାଉ କି, ୮୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଓ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି କାର୍ଯ୍ୟ କରୁଥିବା ବ୍ୟକ୍ତି ପୋଷ୍ଟାଲ ବାଲଟରେ ମତଦାନ କରିଥାନ୍ତି।

**କର୍ଣ୍ଣାଟକ କଂଗ୍ରେସ କଳିକୁ ନେଇ ଡିକେଙ୍କ ଟିପ୍ପଣୀ**

## ସବୁ ୧୪୦ ବିଧାୟକ ମୋର

ବେଙ୍ଗାଲୁରୁ, ୨୧।୧୧ (ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ କଳି ଜୋର୍ ଧରିଛି। ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ସମର୍ଥକ ବୋଲାଉଥିବା କିଛି ବିଧାୟକ କଂଗ୍ରେସ ହାଇକମାଣ୍ଡଙ୍କୁ ଭେଟିବା ପାଇଁ ଦିଲ୍ଲୀରେ ପହଞ୍ଚିବା ପରେ ଏହି ଚର୍ଚ୍ଚା ଜୋର୍ ଧରିଥିଲା। କିଛି ଦିନ ତଳେ ଶିବକୁମାର ମଧ୍ୟ କଂଗ୍ରେସ ଅଧ୍ୟକ୍ଷ ପଦ ଛାଡ଼ିବାକୁ ମନ୍ତବ୍ୟ ଦେଇ ମୁଖ୍ୟମନ୍ତ୍ରୀ ବଦଳିବା ଚର୍ଚ୍ଚାକୁ ଖୋରାକ ଯୋଗାଇ ଥିଲେ। ପ୍ରଥମ ଥର ଡିକେ ଏହା ଉପରେ ଟିପ୍ପଣୀ ଦେଇଛନ୍ତି। ରାଜ୍ୟର ସବୁ ୧୪୦ ବିଧାୟକ ମୋର ବୋଲି କହିଛନ୍ତି। ଏପରି ଟିପ୍ପଣୀ ଦେଇ ସେ ବଡ଼ ସଙ୍କେତ ଦେଉଥିବା କୁହାଯାଉଛି। ଏହା ମାଧ୍ୟମରେ ସେ କଂଗ୍ରେସ ନେତୃତ୍ୱ ଏବଂ ମୁଖ୍ୟମନ୍ତ୍ରୀ ସିଦ୍ଧରମୟାଙ୍କ ଉପରେ ଚାପ ପକାଇବାକୁ ପ୍ରୟାସ କରୁଥିବା ଚର୍ଚ୍ଚା ହେଉଛି। ତେବେ ମୁଖ୍ୟମନ୍ତ୍ରୀ ବଦଳିବା ଚର୍ଚ୍ଚାକୁ ଡିକେ ଗୁଜବ କହି ଖଣ୍ଡନ କରି ଦେଇଛନ୍ତି। ଶିବକୁମାର କହିଛନ୍ତି ଯେ ଗୋଷ୍ଠୀ କନ୍ଦଳ ମୋ ରକ୍ତରେ ନାହିଁ। ମୁଖ୍ୟମନ୍ତ୍ରୀ ସିଦ୍ଧରମୟା ତାଙ୍କ କାର୍ଯ୍ୟକାଳ ଶେଷ କରିବେ। ଏଥିପାଇଁ ତାଙ୍କୁ ଶୁଭେଚ୍ଛା। ମୁଖ୍ୟମନ୍ତ୍ରୀ ନିଜ କ୍ୟାବିନେଟ ଅଦଳବଦଳ କରିବାକୁ ଚାହୁଁଛନ୍ତି। ସେଥିପାଇଁ ବିଧାୟକମାନେ ନିଜ ପାଇଁ ଲବି କରିବାକୁ ହାଇକମାଣ୍ଡଙ୍କୁ ଭେଟିବାକୁ ଯାଇଛନ୍ତି। ରାଜ୍ୟର ସବୁ ବିଧାୟକ ମୋର। ଆମେ ହାଇକମାଣ୍ଡଙ୍କ ନିର୍ଦ୍ଦେଶ ପାଳନ କରୁଛୁ ବୋଲି ବାରମ୍ବାର ମୁଖ୍ୟମନ୍ତ୍ରୀ ଏବଂ ମୁଁ କହିସାରିଛି। ଅନ୍ୟପଟେ ସିଦ୍ଧରମୟା ମଧ୍ୟ ମୁଖ୍ୟମନ୍ତ୍ରୀ ପଦରେ ରହିବେ ବୋଲି କହିଛନ୍ତି। ତାଙ୍କ ଅନୁଯାୟୀ, ସେ ଆସନ୍ତା ବର୍ଷ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି। ଅଢ଼େଇ ବର୍ଷ ପରେ କ୍ୟାବିନେଟ ଅଦଳବଦଳ ହେବ ବୋଲି କୁହାଯାଇଥିଲା।

## କାରଖାନାରେ ବିସ୍ଫୋରଣ; ୧୫ ମୃତ

ଇସ୍‌ଲାମାବାଦ୍, ୨୧।୧୧(ଏଜେନ୍ସି): ପାକିସ୍ତାନର ଫୈସଲାବାଦ୍ ନିକଟରେ ଥିବା ଏକ କାରଖାନାରେ ଶୁକ୍ରବାର ସକାଳେ ଗ୍ୟାସ୍ ଲିକ୍ ହେବା କାରଣରୁ ବଡ଼ ବିସ୍ଫୋରଣ ହୋଇଛି। ଏଥିରେ ୧୫ ଜଣ ମୃତ୍ୟୁବରଣ କରିଥିବା ବେଳେ ବହୁ ଲୋକ ଆହତ ହୋଇଛନ୍ତି। ପ୍ରଥମେ ବଏଲର ଫାଟିଥିବା ଆଶଙ୍କା କରାଯାଉଥିଲା। କିନ୍ତୁ ଏହି କାରଖାନାରେ ବଏଲର ନ ଥିଲା ବୋଲି ପରେ ଜଣାପଡ଼ିଥିଲା। ଗ୍ୟାସ୍ ଲିକ୍ ହେବା କାରଣରୁ ନିଆଁ ଲାଗିଥିଲା ଓ ନିକଟରେ ଥିବା ୟୁନିଟଗୁଡ଼ିକରେ ବିସ୍ଫୋରଣ ହୋଇଥିଲା। ଘଟଣାର ଯାଞ୍ଚ ପାଇଁ ପଞ୍ଜାବ ସରକାର ଏକ ୫ ସଦସ୍ୟ ବିଶିଷ୍ଟ କମିଟ୍ ଗଠନ କରିଛନ୍ତି। ନ୍ୟାସନାଲ ଟ୍ରେଡ ୟୁନିଅନ ଫେଡେରେସନ ମୃତକଙ୍କୁ ୩୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ଦେବ ବୋଲି ଘୋଷଣା କରିଛି। ଏଥିସହ ଆହତଙ୍କୁ ମାଗଣା ଚିକିତ୍ସା ଉପଲବ୍ଧ କରାଇବାକୁ ଫେଡେରେସନ ଦାବି କରିଛି।

**ବଦଳିଲା ବିହାରର କ୍ଷମତା କେନ୍ଦ୍ର**

# ମୁଖ୍ୟମନ୍ତ୍ରୀ ନୀତୀଶ 'ଗୃହହୀନ'

ପାଟନା, ୨୧।୧୧ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନରେ ବୃହତ ବିଜୟ ପରେ ଏନ୍‌ଡିଏ ସରକାର ଗଠନ କରିଛି। ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର ଦିନକ ପରେ ନୀତୀଶ କୁମାର ନିଜ ମନ୍ତ୍ରିମଣ୍ଡଳରେ ବଡ଼ ପରିବର୍ତ୍ତନ କରିଛନ୍ତି। ଗତ ୨୦ ବର୍ଷ ପରେ ପ୍ରଥମ ଥର ପାଇଁ କ୍ଷମତା କେନ୍ଦ୍ର ବଦଳି ଯାଇଛି। ମୁଖ୍ୟମନ୍ତ୍ରୀ ନୀତୀଶ 'ଗୃହ ହୀନ' ହୋଇଯାଇଛନ୍ତି। ତାଙ୍କ ହାତରୁ ଗୃହ ବିଭାଗ ଛଡ଼ାଇ ନିଆଯାଇଛି। ନୀତୀଶ କ୍ଷମତାରେ ଥିବା ପରଠାରୁ ଗତ ୨୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଏପରି ହୋଇଛି। ଗୃହ ବିଭାଗ ଜେଡିୟୁ ପରିବର୍ତ୍ତେ ବିଜେପି ପାଖକୁ ଚାଲି ଯାଇଛି। ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ଗୃହ ବିଭାଗ ଦାୟିତ୍ୱ ଦିଆଯାଇଛି। ଏହି ପରିବର୍ତ୍ତନକୁ ନୀତୀଶଙ୍କ ସବୁଠାରୁ ବଡ଼ ରାଜନୈତିକ ଦୁର୍ବଳତା ଏବଂ ମେଣ୍ଟରେ ବିଜେପିର ଶକ୍ତି ବୃଦ୍ଧିକୁ ସୂଚାଉଛି।

ଏଥର ନୀତୀଶ କେବଳ ମୁଖା ହୋଇ ରହିବେ। କାରଣ କ୍ଷମତାର ପ୍ରକୃତ ଚାବି ବିଜେପି ହାତକୁ ପଳାଇଛି। ପୁଲିସ ବଳରେ 'ସୁଶାସନ ବାବୁ' ବୋଲାଉଥିବା ନୀତୀଶ ଏବେ ନିଜ ଉପାଧି ହରାଇ ଦେଇଛନ୍ତି। ସେ ପୁଲିସ ବାହିନୀର ସହାୟତାରେ ଅପରାଧିଙ୍କ ଉପରେ ଲଗାମ ଲଗାଇବା ପାଇଁ ପ୍ରସିଦ୍ଧି ଅର୍ଜନ କରିଥିଲେ। ଯାହା ପାଖରେ ଗୃହ ବିଭାଗ ଥାଏ, ସେ ହିଁ ପ୍ରକୃତ ଶାସନ ଚଲାଇ ଥାଏ ବୋଲି ବିହାରରେ କୁହାଯାଇଥାଏ। ଏବେ କ୍ଷମତା ୧ ଅଣେ ମାର୍ଗ ପରିବର୍ତ୍ତେ, ୫ ଦେଶରତ୍ନ ମାର୍ଗକୁ ଚାଲି ଯାଇଛି। ଏବେ ସମ୍ରାଟ ଚୌଧୁରୀ ଅପରାଧୀଙ୍କ ବିରୋଧରେ ସବୁ ନିଷ୍ପତ୍ତି ନେବେ। ତାଙ୍କ ପାଖରେ ଅପରାଧ ନିୟନ୍ତ୍ରଣ, ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ, ଦଙ୍ଗା ନିୟନ୍ତ୍ରଣ, ପୁଲିସ

**■ ସମ୍ରାଟ ଚୌଧୁରୀଙ୍କୁ ଗୃହ ଦାୟିତ୍ୱ**
**■ ଜେଡିୟୁ ପାଖରେ ଅର୍ଥ ବିଭାଗ**
**■ ଶ୍ରେୟସୀ ସିଂହ ହେଲେ କ୍ରୀଡ଼ା ମନ୍ତ୍ରୀ**



ବ୍ୟବସ୍ଥା, ଗୁଇନ୍ଦା ରିପୋର୍ଟ ଉପରେ ପଦକ୍ଷେପ ନେବାର ଦାୟିତ୍ୱ ରହିବ।

ନିର୍ବାଚନରେ ଏନ୍‌ଡିଏ ଜିତିବା ପରଠାରୁ ବିଜେପି ଏବଂ ଜେଡିୟୁ ମଧ୍ୟରେ ବିଭାଗକୁ ନେଇ ଟଣାଓଟରା ଲାଗି ରହିଥିଲା। ନିର୍ବାଚନ ପୂର୍ବରୁ ବିରୋଧୀ ମେଣ୍ଟ ଇଣ୍ଡିଆରେ ଯେପରି ଆସନ ବଣ୍ଟନକୁ ନେଇ ଟଣାଓଟରା ଲାଗିଥିଲା, ସେପରି ସ୍ଥିତି ଏନ୍‌ଡିଏରେ ବିଭାଗ ବଣ୍ଟନକୁ ନେଇ ସୃଷ୍ଟି ହୋଇଥିଲା। ବିଜେପି ନିଜ ପାଖରେ ଗୃହ ବିଭାଗ, ବିଧାନସଭା ବାଚସ୍ପତି ପଦ, ଅର୍ଥ ବିଭାଗ ଆଦି ରଖିବାକୁ ଚାହୁଁଥିଲା। କିନ୍ତୁ ନୀତୀଶଙ୍କ ଦଳ ଏଥିପାଇଁ ରାଜି ହୋଇ ନ ଥିଲା। ରାଜ୍ୟରେ ଏହି ଭାଗବଣ୍ଟା ନ ଛିଡ଼ିବାରୁ ଦିଲ୍ଲୀ ପର୍ଯ୍ୟନ୍ତ କଥା ଯାଇଥିଲା। ଏପରିକି ଶପଥ ଗ୍ରହଣ ପୂର୍ବ ଦିନ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପାଟନାରେ ପହଞ୍ଚିବା ପରେ ଏହି ପ୍ରସଙ୍ଗ ଆଲୋଚନା ହୋଇଥିଲା। ନୀତୀଶ ଗୃହ ବିଭାଗ ଛାଡ଼ିବାକୁ ରାଜି ନ ଥିବାରୁ ତାଙ୍କୁ ସମସ୍ତେ ବୁଝାଇବାକୁ ଲାଗି ଥିଲେ। ଆଜି ସକାଳୁ ମଧ୍ୟ ଏହାକୁ ନେଇ ଛକାପଞ୍ଝା ଲାଗି ରହିଥିଲା। ଦିନ ଯାକ ଏନ୍‌ଡିଏ ନେତାଙ୍କ ମଧ୍ୟରେ ମାନସମନ୍ଥନ ଚାଲିଥିଲା। ସକାଳେ ବିଜେପିର ମନ୍ତ୍ରୀ ତାଲିକା ନେଇ ସମ୍ରାଟ ଚୌଧୁରୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ପହଞ୍ଚି ଥିଲେ। ଉଭୟ ନେତା ଏଠାରେ ପ୍ରାୟ ୫୦ ମିନିଟ ପର୍ଯ୍ୟନ୍ତ ଆଲୋଚନା କରିଥିଲେ। ଏଠାରେ ସମ୍ରାଟ ମନ୍ତ୍ରୀଙ୍କ ତାଲିକା ନୀତୀଶଙ୍କୁ ଦେଇ ଆସିଥିଲେ। ଏହା ପରେ ଜେଡିୟୁ ପକ୍ଷରୁ କେଉଁ ମନ୍ତ୍ରୀଙ୍କୁ କେଉଁ ବିଭାଗ ଦିଆଯିବ ତାହାକୁ ନେଇ ବଡ଼ ନେତାଙ୍କ ସହ ମୁଖ୍ୟମନ୍ତ୍ରୀ ବୈଠକ କରିଥିଲେ। ବିଜେପି ମାଗିଥିବା ବିଭାଗକୁ ନେଇ ସେ ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ଚର୍ଚ୍ଚା କରିଥିଲେ। ଏହି ବୈଠକରେ ଲଲନ ସିଂହ, ସଞ୍ଜୟ ଝା ଏବଂ ବିଜୟ କୁମାର ଚୌଧୁରୀ ସାମିଲ ଥିଲେ। ସନ୍ଧ୍ୟା ପ୍ରାୟ ୫ଟାରେ ନୀତୀଶ ଏବଂ ସମ୍ରାଟ ମନ୍ତ୍ରୀଙ୍କ ତାଲିକା ନେଇ ରାଜଭବନରେ ପହଞ୍ଚି ଥିଲେ। ୫ଟା ୧୫ରେ ଏହି ମନ୍ତ୍ରୀଙ୍କ ତାଲିକା ଜାରି କରାଯାଇଥିଲା।

ଏହା ଅନୁଯାୟୀ ଅର୍ଥ ବିଭାଗ ଜେଡିୟୁକୁ ଦିଆଯାଇଛି। ବିଜେନ୍ଦ୍ର ଯାଦବ ଶକ୍ତି ସହ ଅର୍ଥ ବିଭାଗ ଦାୟିତ୍ୱ ବୁଝିବେ। ଏହା ସହିତ ମଙ୍ଗଳ ପାଣ୍ଡେ ପୁଣିଥରେ ସ୍ୱାସ୍ଥ୍ୟମନ୍ତ୍ରୀ ହୋଇଛନ୍ତି। ପ୍ରଥମ ଥର ପାଇଁ ମନ୍ତ୍ରୀ ହୋଇଥିବା ଜାତୀୟ ଦଳର ସୁଟର ଶ୍ରେୟସୀ ସିଂହଙ୍କୁ ଖେଳ ବିଭାଗ ଦିଆଯାଇଛି। ହାମର ରାଷ୍ଟ୍ରୀୟ ଅଧ୍ୟକ୍ଷ ସନ୍ତୋଷ ସୁମନଙ୍କ ବିଭାଗ ମଧ୍ୟ ବଦଳି ନାହିଁ। ତାଙ୍କ ପାଖରେ ଜଳ ସମ୍ବଳ ବିଭାଗ ରହିଛି। ସେହିପରି ଉପ-ମୁଖ୍ୟମନ୍ତ୍ରୀ ବିଜୟ କୁମାର ସିଂହାଙ୍କ ପାଖରେ ରାଜସ୍ୱ ବିଭାଗ ସହିତ ଖଣି, ରାମକୃପାଳ ଯାଦବଙ୍କୁ କୃଷିମନ୍ତ୍ରୀ କରାଯାଇଛି।

**ସୁପ୍ରିମକୋର୍ଟରେ ଏସ୍‌ଆଇଆର୍ ଉପରେ ଶୁଣାଣି**

## ନିର୍ବାଚନ କମିଶନଙ୍କୁ ମାଗିଲେ ଜବାବ



ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ ତଥା ଏସଆଇଆର ବିରୋଧରେ କେରଳ ସରକାରଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଶୁକ୍ରବାର ନିର୍ବାଚନ କମିଶନ (ଇସି)ଙ୍କୁ ଜବାବ ମାଗିଛନ୍ତି। ୨୬ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଏଥିରେ କେରଳରେ ଏସ୍‌ଆଇଆର ପାଇଁ ଇସି ନେଇଥିବା ନିଷ୍ପତ୍ତିକୁ ବିରୋଧ କରାଯାଇଛି। କେରଳରେ ଡିସେମ୍ବର ଦ୍ୱିତୀୟ ସପ୍ତାହରେ ପୌର ନିର୍ବାଚନ ହେବ। ୨୦୨୬ ମେ'ରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ତେଣୁ ଏସ୍‌ଆଇଆରକୁ ସ୍ଥଗିତ ରଖିବାକୁ ସରକାର ଦାବି କରିଥିଲେ। କୁହାଯାଇଥିଲା ଯେ କର୍ମଚାରୀ ଅଭାବରୁ ଏସ୍‌ଆଇଆର କରାଇବାରେ ସମସ୍ୟା ହେଉଛି। ସାମ୍ବିଧାନିକ ନିର୍ବାଚନ ଚାଲିଥିବାବେଳେ ଅଯଥାରେ ତରବରିଆ ଭାବେ ଏସ୍‌ଆଇଆର କରିବା ମତାଧିକାରର ଗଣତାନ୍ତ୍ରିକ ଅଧିକାର ବିରୋଧୀ। କେରଳ ବ୍ୟତୀତ ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ସରକାର ମଧ୍ୟ ଏସଆଇଆର ବିରୋଧରେ ଆବେଦନ ଦାଏର କରିଥିଲେ। 'ଇଣ୍ଡିଆନ ମୁସଲିମ ୟୁନିଅନ ଲିଗ' ମଧ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏ ପର୍ଯ୍ୟନ୍ତ ଏସଆଇଆର ବିରୋଧରେ ୧୦ ଆବେଦନ ଦାଏର ହେଲାଣି।

**କଶ୍ମୀର ହସ୍ପିଟାଲ ପାଲଟିଥାନ୍ତା ଅସ୍ତ୍ରଶସ୍ତ୍ର କେନ୍ଦ୍ର**

## ହମାସ୍ ଭଳି ଆକ୍ରମଣ ପାଇଁ ଷଡ଼ଯନ୍ତ୍ର କରୁଥିଲା ଜୈସ

ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି):ଦିଲ୍ଲୀ ବିସ୍ଫୋରଣକୁ ନେଇ ସୁରକ୍ଷା ଏଜେନ୍ସି ଗୁଡ଼ିକ ବଡ଼ ସୂଚନା ଦେଇଛନ୍ତି। ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ଶାଖା ଭାରତରେ ହମାସ ଭଳି ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର କରୁଥିଲା ବୋଲି କୁହାଯାଇଛି। ସୁରକ୍ଷା ଏଜେନ୍ସି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜୈସର ମଡ୍ୟୁଲୋ କଶ୍ମୀରର ଡାକ୍ତରଖାନାଗୁଡ଼ିକୁ ଅସ୍ତ୍ରଶସ୍ତ୍ର ଠିକଣା କରିବାକୁ ପ୍ରୟାସ କରୁଥିଲା। ଏହା ପାଲେଷ୍ଟାଇନ ଆତଙ୍କବାଦୀ ସଂଗଠନ ହମାସ ରଣନୀତି ସହ ମେଳ ଖାଉଛି। ହମାସ ଜନବହୁଳ ଅଞ୍ଚଳ, ହସ୍ପିଟାଲ ଆଦିରେ ନିଜ ଅସ୍ତ୍ରଶସ୍ତ୍ର ରଖିଥାଏ। ଜୈସର ଏହି ନେଟୱର୍କକୁ ଭାଙ୍ଗିବା ପାଇଁ ଶୁକ୍ରବାର ଗାନ୍ଦରବଲ ଏବଂ କୁପୱାଡା ଜିଲ୍ଲାରେ ଥିବା ସରକାରୀ ଡାକ୍ତରଖାନାର ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ଲକରର୍ସର ଯାଞ୍ଚ କରାଯାଇଥିଲା। ଏହି ଅଭିଯାନ ବୁଧବାରଠାରୁ ଆରମ୍ଭ ହୋଇଛି। ଏବେ କେଉଁ ହସ୍ପିଟାଲକୁ ଅସ୍ତ୍ରଶସ୍ତ୍ର ଠିକଣା ବନାଇବାକୁ ପ୍ରୟାସ ହେଉଛି ଏବଂ ଯୋଗାଣ ଶୃଙ୍ଖଳ କେଉଁ ପର୍ଯ୍ୟନ୍ତ ବ୍ୟାପିଛି ତାହା ଜାଣିବାକୁ ପ୍ରୟାସ କରାଯାଉଛି। ଅନ୍ୟପକ୍ଷରେ ପାକିସ୍ତାନର ଜୈସ ହ୍ୟାଣ୍ଡଲର ହଞ୍ଜୁଲା ଦିଲ୍ଲୀ ବିସ୍ଫୋରଣ ଅଭିଯୁକ୍ତ ଡ. ମୁଜାମିଲ ସକିଲ ଗନିକୁ ବୋମା ବନାଇବାର ୪୦ ଭିଡିଓ ପଠାଇ ଥିବା ଜଣାପଡ଼ିଛି। ସୋପିଆନର ମୌଲବୀ ଇର୍ଫାନ ଅହମ୍ମଦ ଉଭୟଙ୍କୁ ସାକ୍ଷାତ କରାଇ ଥିଲା। ଏହା ପରେ 'ହ୍ୱାଇଟ କଲାର ଟେରର ମଡ୍ୟୁଲ' ଗଠନ କରାଯାଇଥିଲା। ସେହିପରି ଆତଙ୍କବାଦୀଙ୍କ କେନ୍ଦ୍ର ପାଲଟିଥିବା ଅଲ-ଫଲାହ ୟୁନିଭର୍ସିଟି ନିକଟସ୍ଥ ଧୌଜ ଗାଁର ଏକ ଅଟା କଳକୁ ବୋମା ପ୍ରସ୍ତୁତ ପାଇଁ ବ୍ୟବହାର କରୁଥିଲେ। ଏଠାକାର ଏକ ଟ୍ୟାକ୍ସି ଡ୍ରାଇଭରର ଘରୁ ଅଟା କଳ ଏବଂ କିଛି ଇଲେକ୍‌ଟ୍ରୋନିକ ଜବତ କରାଯାଇଛି। ଏହି ଅଟାକଳରେ ଡ. ମୁଜାମିଲ ୟୁରିଆ ପେଡାଇ ମେସିନରେ ରିଫାଇନ କରୁଥିଲା। ଏହା ପରେ ରାସାୟନିକ ମିଶାଇ ବିସ୍ଫୋରକ ପ୍ରସ୍ତୁତ କରାଯାଉଥିଲା।



■ ଅଟାକଳରେ ତିଆରି ହେଉଥିଲା ବୋମା

## ବାଂଲାଦେଶରେ ଭୂକମ୍ପ; ୬ ମୃତ

ଢାକା, ୨୧।୧୧(ଏଜେନ୍ସି): ବାଂଲାଦେଶରେ ଶୁକ୍ରବାର ସକାଳେ ଭାରତୀୟ ସମୟ ଅନୁସାରେ ପ୍ରାୟ ୧୦.୦୮ ମିନିଟ୍‌ରେ ୫.୭ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୬ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ନରସିଂଡ଼ିର ମାଧବଡ଼ିରେ ଭୂକମ୍ପର କେନ୍ଦ୍ର ଥିଲା। ଏହା ରାଜଧାନୀ ଢାକାଠାରୁ ୨୫ କିମି ଦୂରରେ ଅବସ୍ଥିତ। ଭୂକମ୍ପର ଝଟ୍‌କା ଏତେ ଶକ୍ତିଶାଳୀ ଥିଲେ ଯେ ୧୦ ମହଲା କୋଠା ମଧ୍ୟ ନଇଁ ପଡ଼ିଥିଲା। ଭୂକମ୍ପ ପାଇଁ ମୀରପୁରରେ ଚାଲିଥିବା ବାଂଲାଦେଶ- ଭ୍ରମଣକାରୀ ଆୟର୍ଲାଣ୍ଡ ମ୍ୟାଚ୍‌କୁ କିଛି ସମୟ ସ୍ଥଗିତ ରଖାଯାଇଥିଲା। କୋଲକାତା ପର୍ଯ୍ୟନ୍ତ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। କୋଲକାତାରେ ଶୁକ୍ରବାର ୧୦.୧୦ରେ ୨୦ ସେକେଣ୍ଡ ପର୍ଯ୍ୟନ୍ତ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। ରିଚର ସ୍କେଲରେ ଏହାର ତୀବ୍ରତା ୫.୨ ଥିଲା। କୁଚବେହାର, ଦକ୍ଷିଣ ଦିନାଜପୁର, ମାଲଦା ଓ ନଦିଆର ଏକାଧିକ ଅଞ୍ଚଳରେ ଭୂକମ୍ପ ଅନୁଭୂତ ହୋଇଥିଲା। ଗାଜିପୁରର ଶ୍ରୀପୁରରେ ଭୂକମ୍ପ ଅବସରରେ ଏକ ଅଘଟଣ ଘଟିଥିଲା। ଏକ ବହୁତଳ ବିଶିଷ୍ଟ କୋଠାରୁ ବାହାରିବା ସମୟରେ ଠେଲାପେଲା ଓ ଦଳଚକଟା ଭଳି ସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ୧୫୦ ଶ୍ରମିକ ଆହତ ହୋଇଥିଲେ।

## ଦିଲ୍ଲୀ ଦଙ୍ଗାରେ ହୋଇଥିଲା ଟେରର୍ ଫଣ୍ଡିଂ

ନୂଆଦିଲ୍ଲୀ, ୨୧।୧୧(ଏଜେନ୍ସି): ୨୦୨୦ରେ ଅଚାନକ ଦିଲ୍ଲୀ ଦଙ୍ଗା ଆରମ୍ଭ ହୋଇ ନଥିଲା ବୋଲି ଦିଲ୍ଲୀ ପୁଲିସ ଶୁକ୍ରବାର ସୁପ୍ରିମକୋର୍ଟରେ କହିଛି। ପୂର୍ବରୁ ହିଁ ଯୋଜନାବଦ୍ଧ ଭାବେ ଦଙ୍ଗା ସୃଷ୍ଟି କରାଯାଇଥିଲା। ଏଥିପାଇଁ ଟେରର ଫଣ୍ଡିଂ ହୋଇଥିଲା। ପ୍ରଦର୍ଶନରେ ଜାଣିଶୁଣି ହିଂସା ସୃଷ୍ଟି କରାଯାଇଥିଲା ବୋଲି ଅତିରିକ୍ତ ସଲିସିଟର ଜେନେରାଲ (ଏଏସ୍‌ଜି) ଏସ୍‌ବି ରାଜୁ ସୁପ୍ରିମକୋର୍ଟରେ କହିଥିଲେ। ଏଏସ୍‌ଜି ରାଜୁଙ୍କ କହିବା ଅନୁଯାୟୀ ତାହିର ହୁସେନ, ଶିଫା-ଉର-ରହମାନ, ମିରନ ହାଇଦର, ଇଶରତ ଜାହାଁ ଓ ଖାଲିଦ ସୈଫି ଦଙ୍ଗା ପାଇଁ ବିପୁଳ ପାଣ୍ଠି ଯୋଗାଡ କରିଥିଲେ। ଦଙ୍ଗାପୂର୍ବରୁ ଏକାଧିକ ବୈଠକ ବସିଥିଲା। ଏଥିରେ ହିଂସା ବୃଦ୍ଧି, ଚକା ଜାମ୍ ଓ ଅତ୍ୟାବଶ୍ୟକୀୟ ସୁବିଧା ସୁଯୋଗକୁ ରୋକିବା ପାଇଁ ଯୋଜନା କରାଯାଇଥିଲା। ବୈଠକରେ ଉତ୍ତରପୂର୍ବ ରାଜ୍ୟକୁ ଭାରତଠାରୁ ଅଲଗା କରିବାକୁ ଷଡ଼ଯନ୍ତ୍ର କରାଯାଇଥିଲା। ଜଷ୍ଟିସ ଅରବିନ୍ଦ କୁମାର, ଜଷ୍ଟିସ୍ ଏନ୍‌ବି ଅଞ୍ଜାରିଆଙ୍କ ଖଣ୍ଡପୀଠରେ ଏହି ଶୁଣାଣି ହୋଇଥିଲା।

## ୟୁକ୍ରେନ ଯୁଦ୍ଧ ରୋକିବାକୁ ଟ୍ରମ୍ପଙ୍କ ୨୮ ସୂତ୍ରୀ ପ୍ରସ୍ତାବ

କିଭ୍/ମସ୍କୋ, ୨୧।୧୧(ଏଜେନ୍ସି): ରୁଷ- ୟୁକ୍ରେନ ଯୁଦ୍ଧ ରୋକିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ୨୮ ସୂତ୍ରୀ ଶାନ୍ତି ପ୍ରସ୍ତାବ ଦେଇଛନ୍ତି। ଆମେରିକୀୟ ସେନା ସଚିବ ଡାନ ଡ୍ରିସ୍କଲଙ୍କ ୟୁକ୍ରେନ ଗସ୍ତ ଅବସରରେ ଏହି ପ୍ରସ୍ତାବ ସାମ୍ନାକୁ ଆସିଛି। ଗଣମାଧ୍ୟମଗୁଡିକର ରିପୋର୍ଟ ଅନୁସାରେ, ଏହି ପ୍ରସ୍ତାବରେ ୟୁକ୍ରେନକୁ ସୁରକ୍ଷା ଗ୍ୟାରେଣ୍ଟି ଦିଆଯାଇଛି। ତେବେ ଏଥିପାଇଁ ୟୁକ୍ରେନକୁ ନିଜର କିଛି ଅଞ୍ଚଳ ଛାଡିବାକୁ ହେବ। କେବଳ ସେତିକି ନୁହଁ ୟୁକ୍ରେନକୁ ସୈନ୍ୟ ସଂଖ୍ୟା ମଧ୍ୟ କମ୍ କରିବା ସହିତ ନାଟୋ ୟୁକ୍ରେନକୁ ସୈନ୍ୟ ପଠାଇବାକୁ ବନ୍ଦ କରିବା ନେଇ ଦାବି ହୋଇଛି। ତେବେ ଆମେରିକା ଆନୁଷ୍ଠାନିକ ଭାବେ ଏ ସଂକ୍ରାନ୍ତରେ କୌଣସି ଘୋଷଣା କରିନାହିଁ। ଏହି ଯୋଜନା ଲିକ୍ ହୋଇଯାଇଛି। ସେହିପରି ରୁଷିଆ ରାଷ୍ଟ୍ରପତି ମଧ୍ୟ ଏହି ପ୍ରସ୍ତାବ ନେଇ କିଛି ଜାଣି ନ ଥିବା କହିଛନ୍ତି। କିନ୍ତୁ ଜେଲେଁସ୍କି ଏହି ପ୍ରସ୍ତାବ ନେଇ ପ୍ରାରମ୍ଭିକ ସମ୍ମତି ଜଣାଇଛନ୍ତି ବୋଲି କୁହାଯାଇଛି।

## ମାଫିଆଙ୍କ ଠିକଣାରୁ ୧୦ କୋଟି ଜବତ

ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡ ସ୍ଥିତ କୋଇଲା ମାଫିଆଙ୍କ ୪୨ଟି ଠିକଣାରେ ଚଢ଼ଉ କରିଛି। ଏଥିରୁ ୧୦ କୋଟି ଟଙ୍କାର ସୁନା ଏବଂ କ୍ୟାସ୍ ଜବତ କରାଯାଇଛି। ୧୨୦ ଜମି କାଗଜପତ୍ର ମଧ୍ୟ ମିଳିଛି। ଏବେ ଚଢ଼ଉ ଜାରି ରହିଥିବାରୁ ଜବତ ପରିମାଣ ବଢ଼ିବ ବୋଲି କୁହାଯାଉଛି। ଅଧିକାରୀଙ୍କ ସୂଚନା ଅନୁଯାୟୀ, ଇଡିର ରାଞ୍ଚି ଅଫିସ ପକ୍ଷରୁ ଝାଡ଼ଖଣ୍ଡର ୧୮ ଏବଂ ପଶ୍ଚିମବଙ୍ଗର ୨୪ ସ୍ଥାନରେ ଚଢ଼ଉ କରାଯାଇଥିଲା। କୋଇଲା ଚୋରି ଏବଂ ଚାଲାଣ ଅଭିଯୋଗ ଲାଗିଥିବା ଅନିଲ ଗୋୟଲ, ସଞ୍ଜୟ ଉଦ୍ୟୋଗ, ଏଲ ବି ସିଂହ, ଅମର ମଣ୍ଡଳ, ନରେନ୍ଦ୍ର ଖାରକେ, ଯୁଧିଷ୍ଠିର ଘୋଷ, କୃଷ୍ଣ ମୁରାରୀ କାୟଲଙ୍କ ଠିକଣାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଶହେରୁ ଅଧିକ ଅଧିକାରୀଙ୍କ ଟିମ ସକାଳ ୬ଟାରୁ ତଲାସୀ ଆରମ୍ଭ କରିଥିଲା। ବେଆଇନ ଟଙ୍କା କାରବାର ଏବଂ କୋଇଲ ଠୁଳ କରାଯାଇଥିବା ଠିକଣାର ମଧ୍ୟ ତଲାସୀ ନିଆଯାଇଥିଲା। ରାତି ସୁଦ୍ଧା ପଶ୍ଚିମବଙ୍ଗରୁ ୮ କୋଟି ଟଙ୍କାର ସୁନା ଓ ନଗଦ ଟଙ୍କା ଏବଂ ଝାଡ଼ଖଣ୍ଡରୁ ୨.୨ କୋଟି ଟଙ୍କା ଓ ୧୨୦ ଜମି କାଗଜପତ୍ର ଜବତ କରାଯାଇଛି।

## ୧୫୦ ଗ୍ରାମ୍‌ର ଛଞ୍ଚାଣ; ଭାରତରୁ କେନିଆ ଅବିରାମ ଉଡ଼ାଣ



ନୂଆଦିଲ୍ଲୀ, ୨୧।୧୧(ଏଜେନ୍ସି): ଏକ ପକ୍ଷୀର କେତେ ବାଟ ଉଡ଼ିପାରେ? ୧୦୦, ୫୦୦ କିମ୍ବା ୧୦୦୦ କିମି। କିନ୍ତୁ ଏକ ବାଜ ବା ଛଞ୍ଚାଣ ପକ୍ଷୀ ନିଜର ଉଡିବାର ଶୈଳୀ ଓ ସାମର୍ଥ୍ୟ ନେଇ ସମସ୍ତଙ୍କୁ ଚକିତ କରିଛି। ୧୫୦ ଗ୍ରାମ ଓଜନର ଏକ ଛଞ୍ଚାଣ ୬, ୦୦୦ କିମିରୁ ଅଧିକ ଦୂର ଅତିକ୍ରମ କରିଛି। ବିଶ୍ୱାସ ନ ହେଲେ ବି ଏହା ସତ। ଏହା ପୁଣି ବିନା କୌଣସି ସ୍ଥାନରେ ନ ରହି। ଉତ୍ତରପୂର୍ବର ରାଜ୍ୟ ମଣିପୁରର ଏକ ଜଙ୍ଗଲରୁ ଏହି ଛଞ୍ଚାଣ ଉଡିବା ପରେ ଗୋଟିଏ ସପ୍ତାହରୁ କମ୍ ସମୟ ମଧ୍ୟରେ ପୂର୍ବ ଆଫ୍ରିକୀୟ ଦେଶ କେନିଆରେ ପହଞ୍ଚିବାରେ ସମର୍ଥ ହୋଇଛି। ଛଞ୍ଚାଣର ଏହି ଉଡାଣରେ ବୈଜ୍ଞାନିକମାନେ ମଧ୍ୟ ଚକିତ ହୋଇଛନ୍ତି। ଏହି ପକ୍ଷୀ ସହିତ ଅନ୍ୟ ଦୁଇଟି ଛଞ୍ଚାଣ ମଧ୍ୟ ଉଡିଥିଲେ। କିନ୍ତୁ ଏମାନେ ୫୬୦୦ ଓ ୫୧୦୦ କିମି ଉଡିବାରେ ସମର୍ଥ ହୋଇଥିଲେ। ଏହି ୩ଟି ପକ୍ଷୀ ଅମୁର ଫାଲ୍‌କନ ପ୍ରଜାତିର। ଏମାନଙ୍କର ଆକାର ସବୁଠାରୁ ଛୋଟ ହୋଇଥାଏ। ସାଟ୍‌ଲାଇଟ୍ ଟ୍ୟାଗ ଦ୍ୱାରା ଏହି ୩ ପକ୍ଷୀଙ୍କ ଉଡାଣର ନୀରିକ୍ଷଣ କରାଯାଇଥିଲା।

**୬ ଦିନରେ ଅତିକ୍ରମ କଲା ୬ ହଜାର କିମି**

ଏହି ୩ଟି ପକ୍ଷୀର ନାମ ହେଲା ଆପାପାଙ୍ଗ, ଅଲାଙ୍ଗ ଓ ଆହୁ। ଆପାପାଙ୍ଗ ସବୁଠୁ ଆଗରେ ଥିଲା ଓ ସେ ୬ ଦିନ ଓ ୮ ଘଣ୍ଟାରେ ୬୧୦୦ କିମି ଉଡିଥିଲା। ଆପାପାଙ୍ଗ ଉପରେ କମଳା ରଙ୍ଗ ଲଗା ଯାଇଥିଲା। ଭାରତର ଉତ୍ତରପୂର୍ବରୁ ଉଡିବା ଆରମ୍ଭ କରି ଏହି ପକ୍ଷୀ ଭାରତୀୟ ଉପ ମହାଦ୍ୱୀପ, ଆରବ ସାଗର, ଆଫ୍ରିକାର ଘନ ଜଙ୍ଗଲ ଉପର ଦେଇ କେନିଆରେ ପହଞ୍ଚିଥିଲା।

ସେହିପରି ଏହି ୩ଟି ପକ୍ଷୀ ମଧ୍ୟରୁ ସବୁଠାରୁ ଛୋଟ ତଥା କମ ବୟସ୍କ ଅଲାଙ୍ଗ ଉପରେ ହଳଦିଆ ରଙ୍ଗ ଲଗାଯାଇଥିଲା। ସେ ୬ ଦିନ ୧୪ ଘଣ୍ଟାରେ ୫୬୦୦ କିମି ଉଡିଥିଲା। ଅବଶ୍ୟ ସେ ତେଲଙ୍ଗାନା ଓ ମହାରାଷ୍ଟ୍ରରେ କିଛି ସମୟ ରହିଥିଲା। ସେହିପରି ଆହୁ ଉପରେ ଲାଲ ରଙ୍ଗ ମରାଯାଇଥିଲା। ସେ ସାମାନ୍ୟ ଉତ୍ତର ଆଡକୁ ଗତିକରି ପଶ୍ଚିମ ବାଂଲାଦେଶରେ ଟିକେ ବିଶ୍ରାମ ନେବା ପରେ ୫ ଦିନ ୧୪ ଘଣ୍ଟାରେ ୫୧୦୦ କିମି ଯାତ୍ରା କରି ସୋମାଲିଆର ଉତ୍ତରାଞ୍ଚଳରେ ଥିବା ନିଜ ଠିକଣାରେ ପହଞ୍ଚିଥିଲା। ସେ ନିଜ ବାକି ଦୁଇଟି ସାଥିଙ୍କ ନିକଟକୁ ଯିବା ପାଇଁ କେନିଆ ପହଞ୍ଚିପାରେ।

# ଦେଢ଼ମାସ ପରେ ଆଖି ଖୋଲିଲେ ଅଭିଜିତ୍ ମଜୁମ୍‌ଦାର

ଭୁବନେଶ୍ୱର,୨୧।୧୧(ସମିସ): ସାମାଜିକ ଗଣମାଧ୍ୟମରେ ଅଭିଜିତ ମଜୁମଦାରଙ୍କ ସ୍ୱାସ୍ଥ୍ୟବସ୍ଥା ନେଇ ଗୁଜବ ଆରମ୍ଭ ହୋଇଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଛି। ଦୀର୍ଘ ଦେଢ଼ମାସ ପରେ ସେ ଆଖି ଖୋଲିଛନ୍ତି। ଡାକ୍ତରଙ୍କ କଥାକୁ ବୁଝି ସେ ପ୍ରତିକ୍ରିୟା ପ୍ରକାଶ କରୁଥିବା ଜଣାପଡ଼ିଛି। ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରୁଥିବା ଡାକ୍ତର କହିବା ପରେ ତାଙ୍କ ପତ୍ନୀ ଆଜି ଅତ୍ୟନ୍ତ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ। ଗୋଟେପଟେ ଜଣେ ଆଗଧାଡ଼ିର ସ୍ୱନାମଧନ୍ୟ କଣ୍ଠଶିଳ୍ପୀଙ୍କୁ ହରାଇ ସାରା ଓଡ଼ିଶାବାସୀ ଦୁଃଖ ପ୍ରକାଶ କରୁଥିବା ବେଳେ ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ଖବର ସଂଗୀତ ପ୍ରେମୀଙ୍କ ପାଇଁ ଆଶ୍ୱସ୍ତି ଆଣି ଦେଇଛି। ଯଥାଶିଘ୍ର ଅଭିଜିତ୍ ଭଲ ହୋଇଯାଆନ୍ତୁ ବୋଲି ପ୍ରଶଂସକମାନେ ପ୍ରାର୍ଥନା କରିଛନ୍ତି। ଗତ ୧୦ ତାରିଖରେ ତାଙ୍କୁ ଭେଣ୍ଟିଲେଟରରୁ ବାହାର କରାଯାଇ ମେଡିସିନ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିଲା। ହେଲେ ଆଜି ସେ ଆଖି ଖୋଲିଥିବା ଏମ୍ସ୍ ପକ୍ଷରୁ ସୂଚନା ଦିଆଯାଇଛି।



ଅଭିଜିତ୍ ଗଣେଶ ପୂଜା ଦିନ ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସ୍ୱାସ୍ଥ୍ୟରେ ଉନ୍ନତି ନ ହେବାରୁ ତାଙ୍କୁ ସେପ୍ଟେମ୍ବର ୪ତାରିଖରେ ଭେଣ୍ଟିଲେଟର ସପୋର୍ଟ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରଥମେ ଟ୍ରମାକେୟାରରେ ରଖାଯାଇ ଚିକିତ୍ସା ଆରମ୍ଭ ହୋଇଥିଲା। ପରେ ତାଙ୍କୁ କ୍ରିଟିକାଲ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ବ୍ରେନ୍‌ରେ ସୋଡିୟମ୍ କମୁଥିବା ବେଳେ ନିଶ୍ୱାସ ନେବାରେ ସମସ୍ୟା ହେଉଥିବା ଡାକ୍ତର ସୂଚନା ଦେଇଥିଲେ।

# ରାଜ୍ୟ କଂଗ୍ରେସରେ 'ବିଭୀଷଣ' ବିଭାଜନ

**ଯଦି ବିଭୀଷଣ ଅଛନ୍ତି, ତେବେ ଦଳରେ ରାବଣ କିଏ: ନିରଞ୍ଜନ**

**ଦଳର ରାଜ୍ୟ ସଭାପତି ତାଙ୍କ ହୃଦୟର କଥାକୁ କହିଛନ୍ତି: ସୁରେଶ**

**ସଭାପତିଙ୍କ ଅଧ୍ୟକ୍ଷତାରେ ବୈଠକରେ ଆଲୋଚନା : ଜୟଦେବ**




ଭୁବନେଶ୍ୱର/ କଟକ,୨୧।୧୧(ସମିସ): ନୂଆପଡ଼ା ଉପନିର୍ବାଚନ ପରାଜୟ ପରେ ପିସିସି ସଭାପତି ଭକ୍ତଙ୍କ ବିଭୀଷଣ ଉପାଖ୍ୟାନ ଏବେ କଂଗ୍ରେସରେ ନିଆଁ ଲଗାଇଛି। ପରାଜୟ ପାଇଁ ପିସିସି ସଭାପତି ନିଜ ଦଳରେ ଥିବା "ବିଭୀଷଣଙ୍କୁ' ଦାୟୀ କରିବା ଓ କାର୍ଯ୍ୟାନୁଷ୍ଠାନ ଧମକ କିଛିଦିନ ହେଲା ନରମିଥିବା କଂଗ୍ରେସର ଆଭ୍ୟନ୍ତରୀଣ କନ୍ଦଳ ଏବେ ତୀବ୍ର ହେବାରେ ଲାଗିଛି।

ଖୋଦ୍ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ନୂଆପଡ଼ାରେ ଦଳୀୟ ପ୍ରାର୍ଥୀଙ୍କ ପରାଜୟ କେବଳ କଂଗ୍ରେସର ସାଧାରଣ କ୍ଷତି ନୁହେଁ, ବରଂ ଏହା ଦଳର ସମ୍ମାନ ଉପରେ ଗଭୀର ଆଞ୍ଚ ଅଣିଥିବା ରାଜ୍ୟ କଂଗ୍ରେସ ନେତାମାନେ ଦାବି କରୁଛନ୍ତି। ପୂର୍ବ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ମାତ୍ର ୧୧ ହଜାର ଭୋଟ୍ ବ୍ୟବଧାନରେ ପରାଜିତ ହୋଇଥିବା ଘାସିରାମ ମାଝୀଙ୍କୁ ପ୍ରାର୍ଥୀ କଲେ ତାଙ୍କର ଭୋଟ ବ୍ୟାଙ୍କ ବଳରେ ସହଜରେ ବିଜୟ ମିଳିବ ବୋଲି ରାଜ୍ୟ କଂଗ୍ରେସ ନେତୃତ୍ୱ ଆଶା ବାନ୍ଧିଥିଲେ। ମାତ୍ର ପିସିସି ମୁଖିଆଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ିବା ସତ୍ତ୍ୱେ ଶ୍ରୀ ମାଝୀ ଏଥର ରେକର୍ଡ ସଂଖ୍ୟକ ୮୩ ହଜାର ଭୋଟ୍ ବ୍ୟବଧାନରେ କଂଗ୍ରେସ ପରାଜିତ ହେଲା।

ପରାଜୟର ଅନ୍ୟ ଏକ ମୁଖ୍ୟ କାରଣ ଭାବରେ କଂଗ୍ରେସ ଦଳର ଏକ ବିବାଦୀୟ ନିର୍ଦ୍ଦେଶନାମାକୁ ଦାୟୀ କରାଯାଉଛି। ଏହି ନିର୍ଦ୍ଦେଶନାମାରେ କୁହାଯାଇଥିଲା ଯେ ଯେଉଁ ଉପକୂଳବର୍ତ୍ତୀ କଂଗ୍ରେସ ନେତାମାନେ ପ୍ରଚାରରେ ଯିବେ, ସେମାନେ ପ୍ରଥମେ ଶୃଙ୍ଖଳା କମିଟିର ଅଧ୍ୟକ୍ଷଙ୍କଠାରୁ ଅନୁମତି ନେଇ ପ୍ରଚାର ମଇଦାନକୁ ଓହ୍ଲାଇବେ। ଦଳ ଭିତରେ ଏଭଳି କୌଣସି ନିୟମର ନଜିର ପୂର୍ବରୁ ନ ଥିବା ବେଳେ, ଏହାଦ୍ୱାରା ପରୋକ୍ଷରେ ଟାଣୁଆ ନେତାମାନଙ୍କୁ ହେୟଜ୍ଞାନ କରାଗଲା ବୋଲି ଅଭିଯୋଗ ହୋଇଛି। ବିଧାୟକ ତାରାପ୍ରସାଦ ବାହିନୀପତି, ବିଧାୟକ ରମେଶ ଜେନା, ବିଧାୟକ ସୋଫିଆ ଫିର୍ଦ୍ଦୋଶଙ୍କ ଭଳି ଟାଣୁଆ ତଥା ପ୍ରଭାବଶାଳୀ ନେତାମାନଙ୍କୁ ଏହି ଉପନିର୍ବାଚନରେ ଉପେକ୍ଷା କରାଯିବା ଦଳୀୟ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

ପରାଜୟ ପରେ ଭକ୍ତ ଦାସଙ୍କର ଟୀପ୍ପଣୀକୁ ଦଳର ନେତାମାନେ ଗ୍ରହଣ କରିପାରୁ ନାହାନ୍ତି। ଏପରିକି କିଛି ନେତା ଏଥିପାଇଁ ଦାସଙ୍କ ବିରୋଧରେ ହାଇକମାଣ୍ଡଙ୍କ ନିକଟରେ ଅଭିଯୋଗ କରବାକୁ ସଜବାଜ ହେଉଥିବା ଜଣାପଡ଼ିଛି।

ପିସିସି ସଭାପତି ଭକ୍ତଙ୍କ 'ବିଭୀଷଣ'କୁ ମୁକାବିଲା ପାଇଁ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ 'ରାବଣ' ପ୍ରସଙ୍ଗର ଅବତାରଣା କରିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସରେ ଯଦି ବିଭୀଷଣ ଅଛନ୍ତି, ତାହାଲେ ରାବଣ କିଏ? ବିଭୀଷଣ ଯଦି ଚିହ୍ନଟ ହେବେ ତେବେ ରାବଣ କିଏ ତାହା ବି ଚିହ୍ନଟ କରାଯାଉ। ଘର ଠିକ୍ ନଥାଇ ବାହାର ଲୋକଙ୍କୁ ଦାୟୀ କରିବା ଠିକ୍ ନୁହେଁ। ଆମର ନେତାଙ୍କ କଣ ଭୁଲ ଅଛି ତାହା ଆଗେ ଜାଣିବା କଥା। କଂଗ୍ରେସ ଏକ ଧର୍ମ ନିରପେକ୍ଷ ଦଳ। ପିସିସି ସଭାପତି ପରିଶ୍ରମ କଲେ, ଆମେ ମଧ୍ୟ ଗଲୁ। ହେଲେ କଂଗ୍ରେସ ପରାଜୟ ହେଲା କାହିଁକି ତାହାର ସମୀକ୍ଷା ହେବା ଆବଶ୍ୟକ। କିପରି କଂଗ୍ରେସ ସଙ୍ଗଠନ ମଜବୁତ୍ ହେବ ତାହା ଉପରେ ବିଚାର ହେବା କଥା ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ସେହିପରି ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟ କହିଛନ୍ତି ଯେ ପିସିସି ସଭାପତି ତାଙ୍କ ହୃଦୟର କଥା କହିଛନ୍ତି। ମୋକିମ ଜଣେ ଭଲ ସଂଗଠକ ଓ ଆମ ଦଳର ଖୁଣ୍ଟ। ତେଣୁ ଖୁବ୍ ଶୀଘ୍ର ଏ ସମ୍ପର୍କରେ ଆଲୋଚନା କରାଯାଇ ସବୁ ସମାଧାନ କରାଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ ନେତା ମୋକିମ୍‌ଙ୍କ ସପକ୍ଷରେ ବାହାରିଛନ୍ତି ଦଳର ବରିଷ୍ଠ ନେତା ଜୟଦେବ ଜେନା। ସେ କହିଛନ୍ତି ଯେ ମହମ୍ମଦ ମୋକିମ ଭାଇଚାରର ବିଶ୍ୱାସ କରି ରାଜନୀତି କରୁଛନ୍ତି। ସାରା ରାଜ୍ୟରେ ସେ ଆଦରର ପାତ୍ର। କଂଗ୍ରେସ ସରକାରରେ ନଥିଲା ବେଳେ ସେ ନିର୍ବାଚିତ ହୋଇଥିଲେ, ତାଙ୍କ ଝିଅ ଗତ ନିର୍ବାଚନରେ ଜିତିଛନ୍ତି। ସେ ଭାଇଚାରା ସହରର ପ୍ରତିନିଧି ଓ କଂଗ୍ରେସକୁ ଏକଜୁଟ କରିବା ଓ ଆଗକୁ ନେବା ପାଇଁ ଚେଷ୍ଟା କରନ୍ତି। ୨୩ ତାରିଖ ଦିନ ପିସିସି ସଭାପତିଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ନୂଆପଡ଼ା ଫଳାଫଳ ସମୀକ୍ଷା କରିବ। ପଅପରାହ୍ଣରେ କଂଗ୍ରେସ ପ୍ରଭାରୀ ମଧ୍ୟ ବରିଷ୍ଠ ନେତାଙ୍କ ସହ ଆଲୋଚନା କରିବେ ବୋଲି ସେ କହିଛନ୍ତି।

**'ଶୂନ ମୃତାହତ ପକ୍ଷ'ରେ ଅମାନିଆଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ**

# ୪ ଦିନରେ ୨ କୋଟିର ଇ-ଚାଲାଣ



**ମହଙ୍ଗା ପଡୁଛି ଦ୍ରୁତଗତି, ବିନା ହେଲମେଟ୍, ବିନା ସିଟ୍‌ବେଲ୍ଟ**

**ସୁନ୍ଦରଗଡ଼ ଆରଟିଓ ଅଧୀନରେ ସବୁଠୁ ଅଧିକ ୧୧୮୦ ଚାଲାଣ**

ଭୁବନେଶ୍ୱର,୨୧।୧୧(ସମିସ): ରାଜ୍ୟରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ହ୍ରାସ ଲକ୍ଷ୍ୟରେ ଜାରି ରହିଥିବା "ଶୂନ ମୃତାହତ ପକ୍ଷ'ରେ ଅମାନିଆ ଚାଳକଙ୍କ ଉପରେ କଡ଼ା ଜରିମାନା କରାଯାଉଛି। ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ କରୁଥିବା ବେପରୁଆ ଗାଡ଼ି ଚାଳକଙ୍କୁ ନିୟନ୍ତ୍ରଣ କରିବାକୁ ରାଜ୍ୟବ୍ୟାପୀ ଧରପଗଡ଼ ଜୋରଦାର ହୋଇଥିବା ବେଳେ ଏହି ୪ ଦିନ ମଧ୍ୟରେ ୨ କୋଟିରୁ ଅଧିକ ଟଙ୍କାର ଇ-ଚାଲାଣ ଜାରି କରାଯାଇଛି। ନଭେମ୍ବର ୧୬ରୁ ଆରମ୍ଭ ହୋଇଥିବା ଏହି ପକ୍ଷରେ ପ୍ରଥମ ଚାରି ଦିନରେ ଏହି ଅର୍ଥରାଶି ଜରିମାନା କରାଯାଇଥିବା ବେଳେ ମୋଟ୍ ୧୨,୧୫୫ ଇ-ଚାଲାଣ ଜାରି ହୋଇଥିବା ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।

ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଉଭୟ ପରିବହନ ବିଭାଗ ଓ ପୁଲିସ ପ୍ରଶାସନ ଦ୍ୱାରା ଧରପଗଡ଼କୁ କଡ଼ାକଡ଼ି କରାଯାଇଛି। ଦ୍ରୁତଗତି ଯୋଗୁଁ ଦୁର୍ଘଟଣା ଅଧିକ ଘଟୁଥିବାରୁ ଏହା ଉପରେ ବିଶେଷ ନଜର ରଖାଯାଇଛି। କେବଳ ପରିବହନ ବିଭାଗ ଦ୍ୱାରା ଦ୍ରୁତଗତି ବିରୋଧରେ ଶୂନ ମୃତାହତ ପକ୍ଷର ପ୍ରଥମ ଚାରି ଦିନରେ ୩,୮୫୮ ଇ-ଚାଲାଣ ଜାରି କରାଯାଇଥିବା ବେଳେ ବିନା ହେଲମେଟ୍‌ରେ ଦୁଇଚକିଆରେ ଯାଉଥିବାରୁ ୩୨୧୩ ଇ-ଚାଲାଣ ଜାରି କରାଯାଇଛି। ବିନା ସିଟବେଲ୍ଟରେ ୨୯୨୧, ଗାଡ଼ି ଚଲାଇବା ବେଳେ ମୋବାଇଲ ଫୋନ ବ୍ୟବହାରରେ ୪୯୮, ନିଶା ସେବନ କରି ଗାଡ଼ି ଚଲାଉଥିବା ଯୋଗୁଁ ୧୩୫, ଦୁଇ ଚକିଆରେ ଦୁଇରୁ ଅଧିକ ଯାଉଥିବାରୁ ୬୨୮, ବିପରୀତ ଦିଗରେ ଗାଡ଼ି ଚଲାଉଥିବାରୁ ୨୩୬, ବେଆଇନ ପାର୍କିଂ ଯୋଗୁଁ ୬୬୬ ଚାଲାଣ ଜାରି କରାଯାଇଛି।

ଏହି ସମୟ ମଧ୍ୟରେ ସୁନ୍ଦରଗଡ଼ ଆରଟିଓ ଅଧୀନରେ ସବୁଠୁ ଅଧିକ ଅର୍ଥାତ ମୋଟ୍ ୧୧୮୦ ଚାଲାଣ ଜାରି ହୋଇଥିବା ବେଳେ ଭୁବନେଶ୍ୱର-୧ ଅଧୀନରେ ୮୪୦, କଟକ ଆରଟିଓରେ ୭୯୧, ତାଳଚେର ଆରଟିଓରେ ୭୪୧, ଭଦ୍ରକ ୭୧୯, ଜଗତସିଂହପୁର ୬୩୨, ରାୟଗଡ଼ାରେ ୫୫୫, ଅନୁଗୁଳରେ ୫୨୦, କଳାହାଣ୍ଡିରେ ୪୬୨, ଯାଜପୁର ୩୯୭, ଗଂଜାମ ୩୩୯ ଓ ବଡ଼ବିଲ ଏଆରଟିଓ ଅଧୀନରେ ୨୭୫ ଚାଲାଣ ଜାରି ହୋଇଛି।

# ନିଯୁକ୍ତି ଆଶାୟୀଙ୍କୁ ମାନସିକ ଓ ଆର୍ଥିକ ନିର୍ଯାତନା

**୫ ଗୁଣା ଅଧିକ ଆବେଦନ ସତ୍ତ୍ୱେ ହୋଲାନି ପ୍ରିଲିମିନାରୀ ପରୀକ୍ଷା**

**ହାଇକୋର୍ଟରେ ଏଲ୍‌ଟିଆର୍ ହିନ୍ଦୀ, ସଂସ୍କୃତ ଓ ପିଇଟି ଶିକ୍ଷକ ମାମଲା**

ଭୁବନେଶ୍ୱର,୨୧।୧୧ (ସମିସ): ଲିଭ୍ ଟ୍ରେନିଂ ଟିଚର୍ (ଏଲ୍‌ଟିଆର୍) ନିଯୁକ୍ତିରେ ବ୍ୟାପକ ଅସଙ୍ଗତି ନେଇ ଅଡୁଆରେ ପଡ଼ିଛି ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି)। ପାଞ୍ଚ ଗୁଣାରୁ ଅଧିକ ଆବେଦନକାରୀ ଥିବା ସତ୍ତ୍ୱେ ହିନ୍ଦୀ, ସଂସ୍କୃତ ଓ ପିଇଟି ପଦ ପାଇଁ ପ୍ରିଲିମିନାରୀ ପରୀକ୍ଷା ନକରିବା ନିଯୁକ୍ତି ଆଶାୟୀଙ୍କ ପାଇଁ ଘାତକ ହୋଇଛି। ପୂର୍ବରୁ ହିନ୍ଦୀ ପରୀକ୍ଷା ରଦ୍ଦ ହୋଇ ସାରିଛି। ସଂସ୍କୃତ ଓ ହିନ୍ଦୀ ଶିକ୍ଷକ ପଦରେ ନିଯୁକ୍ତି ପାଇଁ ହାଇକୋର୍ଟରେ ମାମଲା ପହଞ୍ଚିଛି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ପରୀକ୍ଷା ପରିଚାଳନା ବ୍ୟବସ୍ଥା ପାଇଁ ରାଜ୍ୟର ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀ ମାନସିକ ନିର୍ଯାତନା ପାଉଥିବା ଅଭିଯୋଗ ହୋଇଛି।

ଏଲ୍‌ଟିଆର୍ ଶିକ୍ଷକ ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ ଭାବେ ଉଲ୍ଲେଖ ଥିଲା ଯେ ମୋଟ୍ ପଦର ପାଞ୍ଚଗୁଣାରୁ ଅଧିକ ପ୍ରାର୍ଥୀ ଆବେଦନ କଲେ ପ୍ରିଲିମିନାରୀ ପରୀକ୍ଷା ପରେ ମୁଖ୍ୟ ପରୀକ୍ଷା ହେବ। ଅନ୍ୟଥା ସିଧାସଳଖ ମୁଖ୍ୟ ପରୀକ୍ଷା ଅନୁଷ୍ଠିତ ହେବ। ହେଲେ ହିନ୍ଦି ଶିକ୍ଷକ ପାଇଁ ମୋଟ୍ ୫ ଗୁଣାରୁ ଅଧିକ ପିଲା ଆବେଦନ କରିଥିଲେ ମଧ୍ୟ ପ୍ରିଲିମିନାରୀ ପରୀକ୍ଷା କରାଯାଇ ନ ଥିବାରୁ ହାଇକୋର୍ଟରେ ମାମଲା ହେବା ପରେ କୋର୍ଟ ପରୀକ୍ଷାକୁ ରଦ୍ଦ କରିବା ସହ ପୁନଃ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଓଏସ୍‌ଏସ୍‌ସି ପକ୍ଷରୁ ପୁଣିଥରେ ପ୍ରିଲିମିନାରୀ ପରୀକ୍ଷା ସରିଥିବାବେଳଏ କିଛି ପରୀକ୍ଷାର୍ଥୀ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଡବଲ୍ ବେଞ୍ଚକୁ ଯାଇଛନ୍ତି। ଫଳରେ ହିନ୍ଦି ଶିକ୍ଷକ ନିଯୁକ୍ତିର ଭାଗ୍ୟ ଅନ୍ଧକାର ମଧ୍ୟରେ ରହିଛି। ସେହିପରି ସଂସ୍କୃତ ଶିକ୍ଷକ ନିଯୁକ୍ତି ପାଇଁ ସାର୍ଟିଫିକେଟ୍ ଯାଞ୍ଚ ସରିଥିଲେ ମଧ୍ୟ ଚୂଡ଼ାନ୍ତ ତାଲିକା ପ୍ରକାଶ କରାଯାଇ ନାହିଁ। କାରଣ ଏହି ପଦ ପାଇଁ ମଧ୍ୟ ୫ଗୁଣାରୁ ଅଧିକ ଆବେଦନ ହୋଇଥିବାବେଳେ ପ୍ରିଲିମିନାରୀ ପରୀକ୍ଷା ହୋଇ ନଥିବାରୁ ହାଇକୋର୍ଟରେ ମାମଲା ହୋଇଛି।

ଅନୁରୂପ ଭାବେ ପିଇଟି ଶିକ୍ଷକ ପଦ ପାଇଁ ପାଞ୍ଚ ଗୁଣାରୁ ଅଧିକ ଆବେଦନକାରୀ ଥିଲେ ମଧ୍ୟ ପ୍ରିଲିମିନାରୀ ପରୀକ୍ଷା ନ କରି ମୁଖ୍ୟ ପରୀକ୍ଷା ମାଧ୍ୟମରେ ନିଯୁକ୍ତି ପ୍ରକ୍ରିୟା ଚୂଡ଼ାନ୍ତ ପ୍ରକ୍ରିୟାରେ ପହଞ୍ଚିଛି। ଏହାକୁ ବିରୋଧ କରି ମାମଲା ହେବା ପରେ ଓଏସ୍‌ଏସ୍‌ସି ଉଚ୍ଚ ନ୍ୟାୟାଳୟରେ ଅଜବ ଯୁକ୍ତି ରଖିଛି। ଅନୁସୂଚିତ ଜାତି, ଜନଜାତି ଓ ସାଧାରଣ ବର୍ଗ ପ୍ରାର୍ଥୀଙ୍କ ପାଇଁ ଉର୍ଦ୍ଧିଷ୍ଟ ପଦ ସଂଖ୍ୟାଠାରୁ ପାଞ୍ଚଗୁଣାରୁ କମ୍ ପରୀକ୍ଷାର୍ଥୀ ଆବେଦନ କରିଥିବା ଦର୍ଶାଇବା ସହ କେବଳ ଏସ୍‌ଇବିସି ପିଲା ୫ ଗୁଣାରୁ ଅଧିକ ଆବେଦନ କରିଥିବାରୁ ସେମାନେ କାହିଁକି ସେମାନେ ପ୍ରିଲିମିନାରୀ ପରୀକ୍ଷା କରିବେ ବୋଲି କୋର୍ଟଙ୍କୁ ଜଣାଇଛନ୍ତି। ନିଜେ ନିୟମ କରିବା ପରେ ମଧ୍ୟ ଯଦି ପରୀକ୍ଷା କରିବାକୁ ଓଏସ୍‌ଏସ୍‌ସି ଅସମର୍ଥ ହେଉଛି ତାହେଲେ ଏହି ଆୟୋଗକୁ ଭାଙ୍ଗିଦିଆଯାଉ ବୋଲି ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍‌ର ଆବାହକ ବିଭୂତି ଭୂଷଣ ମହାପାତ୍ର ଦାବି କରିଛନ୍ତି। ପରୀକ୍ଷା ଦେଇ ମେଧା ତାଲିକାରେ ସ୍ଥାନ ପାଇଥିବା ଦଳେ ଆଶାୟୀ ରାସ୍ତାରେ ନ୍ୟାୟ ମାଗୁଥିବାବେଳେ ସରକାରୀ ନୀତିର ପ୍ରତାରଣାର ଶିକାର ହୋଇଥିବା ଦଳେ ଆଶାୟୀ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେଉଛନ୍ତି। ଫଳରେ ଦୀର୍ଘ ୮ ମାସ ହେଲା ସରକାରଙ୍କ ତ୍ରୁଟି ପାଇଁ ପରୀକ୍ଷାର୍ଥୀମାନେ ମାନସିକ ନିର୍ଯାତନା ସହୁଛନ୍ତି ଏବଂ ଆର୍ଥିକ ବୋଝ ମଧ୍ୟ ଉଠାଉଛନ୍ତି।

**ସୋର ପୌରପାଳିକାରେ ଅଚଳାବସ୍ଥା**

# ୬ ପାରିଷଦଙ୍କ ସଭ୍ୟ ପଦ ରଦ୍ଦ

ସୋର, ୨୧।୧୧(ସମିସ): ବିଜେପିରୁ ଇସ୍ତଫା ନଦେଇ ବିଜେଡିରେ ଯୋଗ ଦେଇଥିବାରୁ ରାଜ୍ୟ ନିର୍ବାଚନ କମିସନର୍ ସୋର ପୌରପାଳିକାର ୬ ପାରିଷଦଙ୍କ ସଭ୍ୟପଦ ରଦ୍ଦ କରିଛନ୍ତି। ସେମାନେ ହେଲେ, ରଞ୍ଜନ ଦାସ, ସସ୍ମିତା ଦାସ, ପବିତ୍ର ସେଠୀ, ତନୟରାଣୀ ମହାପାତ୍ର, ଉର୍ମିଳା ରାଉତ ଓ ରୀନାରାଣୀ ସେଠୀ।

ଗତ ୨୦୨୪ ସାଧାରଣ ନିର୍ବାଚନ ବେଳେ ଏହି ୬ ପାରିଷଦ ବିଜେପି ଛାଡ଼ି ବିଜେଡିରେ ମିଶିବା ସହ ବିଜେଡି ବିଧାୟକ ପ୍ରାର୍ଥୀଙ୍କୁ ସମର୍ଥନ କରିଥିଲେ। ଏ ସଂପର୍କରେ ବିଜେପି ନେତା ନଳିନୀକାନ୍ତ ମହାପାତ୍ର ଗତ ୨୦୨୪ ଜୁନ୍ ୩ରେ ନିର୍ବାଚନ କମିଶନଙ୍କୁ ଅଭିଯୋଗ କରିଥିଲେ। ୧୭ ମାସ ପରେ ଆଜି ରାଜ୍ୟ ନିର୍ବାଚନ କମିଶନ ସମସ୍ତ ୬ ପାରିଷଦଙ୍କ ସଭ୍ୟ ପଦକୁ ରଦ୍ଦ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ସୋର ପୌରପାଳିକାରେ ୧୯ଟି ୱାର୍ଡ ରହିଥିବା ବେଳେ ଗତ ୨୦୨୨ ମସିହାରେ ଅନୁଷ୍ଠିତ ନିର୍ବାଚନରେ ବିଜେପିରୁ ୧୨ଜଣ କାଉନସିଲର୍ ନିର୍ବାଚିତ ହୋଇଥିଲା ବେଳେ ବିଜେଡିରୁ ୪ଜଣ, କଂଗ୍ରେସରୁ ୩ଜଣ କାଉନସିଲର୍ ନିର୍ବାଚିତ ହୋଇଥିଲେ।

## ଫୁଲ ତୋଳିବା ବେଳେ ବିଦ୍ୟୁତ୍ ଆଘାତ; ଯୁବକ ମୃତ

ନୀଳଗିରି, ୨୧।୧୧(ସମିସ): ଫୁଲଚୋରି ରୋକିବାକୁ ବିଦ୍ୟୁତ୍ ବାଡ଼ ଜଣେ ଯୁବକଙ୍କ ଜୀବନ ନେଇଛି। ଶୁକ୍ରବାର ସକାଳେ ନୀଳଗିରି ସହରରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ, ନୀଳଗିରି ଏନ୍‌ଏସିର ସାନଅତା ଗ୍ରାମର ସ୍ୱର୍ଗତ ପୁରୁଷୋତ୍ତମ ଦାସଙ୍କ ପୁଅ ତାପସ ଦାସ(୩୫)। ତାପସ ଆଜି ସକାଳେ ଗ୍ରାମର ଦିଲ୍ଲୀପ କୁମାର ରାଉତଙ୍କ ବାଡ଼ିକୁ ଫୁଲ ତୋଳିବାକୁ ଯାଇଥିଲେ। ମାତ୍ର ଫୁଲଗଛ ଚାରିପାଖେ ବିଦ୍ୟୁତ୍ ତାର ସଂଯୋଗ ହୋଇଥିବା ତାପସ ଜାଣି ପାରିନଥିଲେ। ଫୁଲ ତୋଳିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେ ପ୍ରାଣ ହରାଇଥିଲେ। ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଶବକୁ ବ୍ୟବଚ୍ଛେଦ ପାଇଁ ନୀଳଗିରି ମେଡ଼ିକାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି। ଅପରପକ୍ଷେ, ତାପସଙ୍କ ମା' ସନ୍ଧ୍ୟା ଦାସ ଏନେଇ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ନୀଳଗିରି ବିଦ୍ୟୁତ୍ ବିଭାଗ ଘଟଣାସ୍ଥଳରେ ତଦନ୍ତ କରିଛି।

## ଜାଳିଦେଲେ ଘର; ଥାନାରେ ବିପନ୍ନ

ଭଦ୍ରକ, ୨୧।୧୦ (ସମିସ): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅନ୍ତର୍ଗତ ଫତେପୁର ପଞ୍ଚାୟତ ଅଧୀନ ବିଭୂତିପୁର ଗ୍ରାମରେ ଜଣେ ଯୁବକ ସେହି ଗ୍ରାମର ୨ ପରିବାରର ୩ ବଖରା ଗୃହକୁ ପେଟ୍ରୋଲ ପକାଇ ଜାଳି ଦେଇଥିବା ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୂର୍ବ ଶତ୍ରୁତାରୁ ଯୁବକଜଣକ ଗୁରୁବାର ରାତିରେ ଏହି କାଣ୍ଡ ଘଟାଇଥିବା ଅଭିଯୋଗରେ ଦର୍ଶାଯାଇଛି। ତେବେ ୨ ବିପନ୍ନ ପରିବାର ଥାନାରେ ଆଶ୍ରୟ ନେବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ବିଭୂତିପୁର ଗ୍ରାମର ରଞ୍ଜନ ରାଉତ ଓ ତାଙ୍କ ଭାଇ ଗୌରାଙ୍ଗ ରାଉତଙ୍କ ପରିବାର ସହ ଉକ୍ତ ଗ୍ରାମର ଜଣେ ବ୍ୟକ୍ତିଙ୍କ ଜମିଜମାକୁ ନେଇ ଶତ୍ରୁତା ଥିଲା। ଗୁରୁବାର ସରପଞ୍ଚ ଓ ଗ୍ରାମବାସୀଙ୍କ ମାଧ୍ୟମରେ ଏହାର ସମାଧାନ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଅପରପକ୍ଷ ଏହାକୁ ନ ମାନି ବିଭିନ୍ନ ପ୍ରକାର ଧମକ ଦେଇଥିଲେ। ଗୁରୁବାର ରାତି ୧୨ଟା ସମୟରେ ରଞ୍ଜନଙ୍କ ଚାଳ ଛପର ଉପରେ ଚଢ଼ି ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଘରେ ଶୋଇଥିବା ରଞ୍ଜନ ଓ ତାଙ୍କ ଭାଇ ଘର ବାହାରକୁ ଆସି ଘଟଣା ସମ୍ପର୍କରେ ଜାଣିବା ସହ ନିଆଁ ଲଗାଇଥିବା ଯୁବକଙ୍କୁ କାବୁ କରିଥିଲେ। ତେବେ ଯୁବକଜଣକ ରଞ୍ଜନଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲା। ଅଗ୍ନିକାଣ୍ଡରେ ରଞ୍ଜନ ଓ ତାଙ୍କ ଭାଇଙ୍କର ୩ ବଖରା ଘର ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି।

## ଛୁରି ଭୁସି ବୃଦ୍ଧାଙ୍କୁ ହତ୍ୟା

**ଜମିବାଡ଼ି ବିବାଦ**

ନନ୍ଦପୁର, ୨୧।୧୧ (ସମିସ): ଜମିବାଡ଼ି ବିବାଦରୁ ବୃଦ୍ଧାଙ୍କୁ ହତ୍ୟା। କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଥୁବା ପଞ୍ଚାୟତର ପରଟା ଗ୍ରାମରେ ଏହି ଆପରାଧିକ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଝୀମୁ ପ୍ରଧାନୀ। ପୁଲିସ ତାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ୬ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ଜମିବାଡ଼ିକୁ ନେଇ ଗାଁର ଗୋଲରି ଓ ପ୍ରଧାନୀ ପରିବାର ମଧ୍ୟରେ ଗତ ୪୦ ବର୍ଷ ଧରି ବିବାଦ ଜାରି ରହିଛି। ଆଜି ଝୀମୁ ନିଜର ତିନି ପୁଅଙ୍କ ସହ ବିଲକୁ ଧାନ କାଟିବାକୁ ଯାଇଥିବା ବେଳେ ଅପରପକ୍ଷ ସହ ସେମାନଙ୍କ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅପରଗୋଷ୍ଠୀ ଝୀମୁ ଓ ତାଙ୍କ ୩ ପୁଅଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ଏଥିରେ ବୃଦ୍ଧାଙ୍କ ତିନି ପୁଅ ଆଦୁ, ବଳଭଦ୍ର, ଜୟାରମ ଆହତ ହୋଇଥିଲେ। ଦୁର୍ବୃତ୍ତମାନେ ଝୀମୁଙ୍କ ପେଟରେ ଛୁରି ଭୁସିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ଅକ୍ଷୟ ତୃତୀୟା ପୂର୍ବରୁ ରତ୍ନ ଅଳଙ୍କାର ଗଣତିମଣତି

**ଏଣିକି ଏଟିଏମ୍‌ରେ ବି ଅର୍ପଣ କରିପାରିବେ ଭକ୍ତ**

**ଗଢ଼ାହେବ ମହାପ୍ରଭୁଙ୍କ ସୁନାବେଶର ଆଉ ଏକ ସେଟ୍**

**ଶ୍ରୀମନ୍ଦିର ଅଧୀନକୁ ଆସିବ ଏମାର୍ ମଠ ରୁପା ଇଟା**

**ସେବାୟତଙ୍କ କନ୍ୟା ବିବାହ ରାଶି ୧ ଲକ୍ଷ ଟଙ୍କାକୁ ବୃଦ୍ଧି**

**ଖୁବ୍‌ଶୀଘ୍ର ଭକ୍ତଙ୍କ ପାଇଁ ଖୋଲିବ ଗୁଣ୍ଡିଚା ମନ୍ଦିର**



ପୁରୀ, ୨୧।୧୧ (ସମିସ): ଆସନ୍ତା ଅକ୍ଷୟ ତୃତୀୟା ପୂର୍ବରୁ ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ସରିବ। ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ଏହି କାର୍ଯ୍ୟ ସଂପନ୍ନ ହେବ। ରତ୍ନ ଅଳଙ୍କାରଗୁଡ଼ିକର ଡିଜିଟାଇଜେସନ୍ କରାଯିବ। ଆଗକୁ ମହାପ୍ରଭୁଙ୍କ ପହିଲି ଭୋଗ ନୀତି ସହିତ ଇଂରାଜୀ ନୂଆବର୍ଷ ଆସୁଛି, ପୁଣି ମକର ସଂକ୍ରାନ୍ତି ରହିଛି। ତେଣୁ ନୀତିକାନ୍ତିବହୁଳ ସମୟରେ ଗଣତିମଣତି କରାଯିବ ନାହିଁ। ଭକ୍ତଙ୍କ ଦର୍ଶନରେ ଯେପରି ଅସୁବିଧା ନ ହୁଏ, ସେଥିପ୍ରତି ବି ଧ୍ୟାନ ଦିଆଯିବ। ପୂର୍ବରୁ ଗଣତି ମଣତି ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଏସ୍‌ଓପି ପ୍ରସ୍ତୁତ କରାଯାଇଥିବା ବେଳେ ଏବେ ଆଉ ଏକ ଅତିରିକ୍ତ ଏସ୍‌ଓପି ପ୍ରସ୍ତୁତ କରାଯିବ। ମୁଖ୍ୟ ପ୍ରଶାସକ ଏବଂ ନୀତି ସବ୍-କମିଟି ସଦସ୍ୟଙ୍କୁ ନେଇ ଏହା ପ୍ରସ୍ତୁତ ହେବ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶୁକ୍ରବାର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ପ୍ରାୟ ୪ଘଣ୍ଟା ଧରି ବସିଥିବା ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଥିଲା। ଏ ବାବଦରେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ନାଟ ମଣ୍ଡପରେ ଶୃଙ୍ଖଳିତ ଧାଡ଼ି ଦର୍ଶନ ନେଇ ଆଲୋଚନା ହୋଇଛି। ସେବାୟତମାନେ କାଠ ରାମ୍ପ ଦେଖିଛନ୍ତି। ତେବେ ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଆଯିବନାହିଁ। ତ୍ରୁଟିଶୂନ୍ୟ ଦର୍ଶନ ବ୍ୟବସ୍ଥା ହେବ। ଏମାର ମଠରୁ ଉଦ୍ଧାର ରୁପାଇଟା ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି। ରୁପାଇଟା କିଭଳି ମହାପ୍ରଭୁଙ୍କ ଅଧୀନକୁ ଆସିବ, ସେନେଇ ସରକାରୀସ୍ତରରେ ମଧ୍ୟ ଆଲୋଚନା ହୋଇଛି। ସେହିପରି, ଶ୍ରୀଜିଉମାନଙ୍କର ଆଉ ଏକ ସୁନା ଅଳଙ୍କାର ସେଟ୍ କରାଯିବ। ସ୍ୱର୍ଣ୍ଣ ଅଳଙ୍କାର ଦାନ ଯୋଜନା ମାଧ୍ୟମରେ ଭକ୍ତ କିମ୍ବା ଆଗ୍ରହୀ ଦାତାଙ୍କୁ ଏଥିପାଇଁ ଆହ୍ୱାନ କରାଯିବ। ପ୍ରୋଟୋକଲ ଦର୍ଶନ ପାଇଁ ଏକ ଏସ୍‌ଓପି କରାଯିବ। ବୈଠକରେ ଶ୍ରୀମନ୍ଦିର ବଜେଟ୍‌କୁ ଅନୁମୋଦନ କରାଯାଇଛି। ୧୦୪ କୋଟିର ବଳକା ବଜେଟ୍ ଉପସ୍ଥାପନା କରାଯାଇଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଭକ୍ତ ପୁରୀର କୌଣସି ଏଟିଏମ୍‌ରୁ ଟଙ୍କା କାଢ଼ିବା ବେଳେ ଗୋଟିଏ ଅପସନ୍ ଦିଆଯିବ। ଆପଣ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ କିଛି ଦାନ ସ୍ୱଇଚ୍ଛାରେ ଦେବାକୁ ଚାହୁଁଛନ୍ତି କି? ଯଦି ହଁ ତେବେ ସେମାନେ ତାଙ୍କ କାର୍ଡ ମାଧ୍ୟମରେ ଦେଇପାରିବେ। ପୁନଶ୍ଚ ଖୁବ୍‌ଶୀଘ୍ର ଗୁଣ୍ଡିଚା ମନ୍ଦିର ଭକ୍ତଙ୍କ ପାଇଁ ଖୋଲାଯିବ। ମାହାଲ ଦିଆ ନଯାଇ ଶ୍ରୀମନ୍ଦିର ପ୍ରଶାସନ ଏହାର ପରିଚାଳନା ଦାୟିତ୍ୱ ନେବ। ସେବକ କଲ୍ୟାଣ ଉପରେ ବିସ୍ତୃତ ଭାବେ ବୈଠକରେ ଆଲୋଚନା କରାଯାଇ ପେନ୍‌ସନ ରାଶି ବୃଦ୍ଧି କରାଯାଇଛି। ବରିଷ୍ଠ ସେବକ ମାସିକ ଭତ୍ତା ୪ ହଜାରରୁ ୫ ହଜାର କରାଯାଇଛି। ଏହା ୨୦୨୬ ଜାନୁୟାରୀରୁ ଲାଗୁ ହେବ। ସେବକ ପରିବାର କନ୍ୟାମାନଙ୍କ ବିବାହ ପାଇଁ ଦିଆଯାଉଥିବା ରାଶି ୫୦ହଜାରରୁ ଏବେ ୧ ଲକ୍ଷ, ପୁତ୍ର ସନ୍ତାନଙ୍କ ବ୍ରତ ରାଶି ୩୦ହଜାରରୁ ୫୦ ହଜାର କରାଯାଇଛି ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ପୁରୀବାସୀଙ୍କ ସ୍ୱତନ୍ତ୍ର ଦର୍ଶନ ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ସବ୍ କମିଟି ବିଭିନ୍ନ ଦିଗକୁ ନେଇ ଅନୁଧ୍ୟାନ କରିବା ପରେ ଏସ୍‌ଓପି ପ୍ରସ୍ତୁତ କରାଯାଇ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଛି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସଦସ୍ୟ ଡ. ଗିରୀଶ ଚନ୍ଦ୍ର ମୁର୍ମୁ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ।

## ମିଛ ଧରାପଡ଼ିଯିବା ଭୟରେ ସରକାର ଗଣତିମଣତିକୁ ଟାଳୁଛନ୍ତି: ବିଜେଡି


ଭୁବନେଶ୍ୱର,୨୧।୧୧(ସମିସ): ପର୍ଯ୍ୟାୟକ୍ରମେ ଶ୍ରୀମନ୍ଦିର ରତ୍ନ ଭଣ୍ଡାରର ଗଣତି ମଣତି ହେବ ବୋଲି ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦେଇଥିବା ମନ୍ତବ୍ୟକୁ ସମାଲୋଚନା କରିଛି ବିଜେଡି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି, ନିର୍ବାଚନ ସମୟରେ ବିଜେପି ତରଫରୁ ରତ୍ନ ଭଣ୍ଡାରକୁ ନେଇ ଅନେକ ମିଥ୍ୟା ପ୍ରଚାର କରି ଏହାର ଗଣତି ମଣତି ପାଇଁ ସ୍ୱର ଉଠାଇଥିଲା। ବିଜେପି ତାର ସଙ୍କଳ୍ପ ପତ୍ରରେ କ୍ଷମତାକୁ ଆସିଲେ ଗଣତି ମଣତିର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ, କ୍ଷମତାକୁ ଆସିବା ପରେ ଗଣତି ମଣତିକୁ ଉପରେ ବିଜେପି ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଗଣତି ମଣତି ଉପରେ, ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦେଇଥିବା ମନ୍ତବ୍ୟରୁ କେବେ ଏହା କରାଯିବ, ସେନେଇ କୌଣସି ସ୍ୱଷ୍ଟତା ନାହି। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବାରମ୍ବାର ତାରିଖ ଘୁଞ୍ଚାଇ ଚାଲିଛନ୍ତି। ଆଇନମନ୍ତ୍ରୀ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ମନ୍ତବ୍ୟ ଭିତରେ କୌଣସି ତାଳମେଳ ନାହିଁ। ମିଛ ପ୍ରଚାର ସବୁ ଧରାପଡିଯିବା ଭୟରେ ବିଜେପି ସରକାର ଗଣତି ମଣତିକୁ ଜାଣି ଶୁଣି ଘୁଞ୍ଚାଉଛନ୍ତି ବୋଲି ଡଃ ମହାନ୍ତି ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି, ଶ୍ରୀମନ୍ଦିରରେ ବ୍ୟବସ୍ଥିତ ଦର୍ଶନ ଓ ପରିକ୍ରମା ପ୍ରକଳ୍ପକୁ ନେଇ ନିର୍ବାଚନ ବେଳେ ବିଜେପି ଅନେକ ପ୍ରଶ୍ନ ଉଠାଇଥିଲା ବେଳେ ଏବେ ଶ୍ରୀମନ୍ଦିରର ଦର୍ଶନ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଅବ୍ୟବସ୍ଥିତ ହୋଇଛି। ଭକ୍ତ ମାନଙ୍କ ପାଇଁ ପୂର୍ବରୁ କରାଯାଇଥିବା ଏସି ଟନେଲଟିକୁ ଉଠାଇ ଦିଆଯାଇଛି, ଯେଉଁଥି ପାଇଁ ଦର୍ଶନାର୍ଥୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ମନ୍ଦିର ଭିତରେ ଦଳାଚକଟା ପରିସ୍ଥିତି ସୃଷ୍ଟି ହେଉଛି। ଧାଡ଼ି ଦର୍ଶନ ପାଇଁ ଆଇନ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ଫମ୍ପା ଘୋଷଣା ପରିଣତ ହୋଇଛି। ଶ୍ରୀଜଗନ୍ନାଥ ମନ୍ଦିର ଆକ୍ଟ ୧୯୫୫ର ସେକ୍ସନ ୬ ଅନୁଯାୟୀ ମନ୍ଦିର ପରିଚାଳନା କମିଟିରେ ୧୮ ଜଣ ସଦସ୍ୟ ରହିବା କଥା। କିନ୍ତୁ, ସରକାର କେବଳ ଦଶ ଜଣଙ୍କୁ କମିଟିକୁ ମନୋନୀତ କରିଛନ୍ତି। ତେଣୁ ଫୁଲା ଫାଙ୍କିଆ ଢଙ୍ଗରେ ଶ୍ରୀମନ୍ଦିର ପରିଚାଳନା କାର୍ଯ୍ୟ ଚାଲିଛି ବୋଲି ସେ କହିଛନ୍ତି।





ଐତିହ୍ୟସ୍ଥଳୀରେ ନୂଆ ଧାରା

# ପର୍ଯ୍ୟଟକ କମ୍; ଫଟୋ ସୁଟ୍ ପାଇଁ ବେଶୀ



ଭୁବନେଶ୍ୱର, ୨୧।୧୧(ସମିସ): ବର୍ତ୍ତମାନ ରାଜଧାନୀରେ ଆରମ୍ଭ ହେଲାଣି ପର୍ଯ୍ୟଟନର ଋତୁ। ସେଥିପାଇଁ ରାଜଧାନୀର ପ୍ରମୁଖ ଐତିହ୍ୟସ୍ଥଳୀ ଗୁଡିକରେ ଭିଡ ପରିଲକ୍ଷିତ ହେଉଛି। ହେଲେ ଏହାରି ମଧ୍ୟରେ ଗତ କିଛିବର୍ଷ ହେଲା ଆଉ ଏକ ଟ୍ରେଣ୍ଡ ବା ଚାହିଦା ମଧ୍ୟ ଦେଖିବାକୁ ମିଳୁଛି। ପର୍ଯ୍ୟଟକଙ୍କ ଅପେକ୍ଷା ଅଧିକ ଲୋକେ ଫାଟୋ ସୁଟ୍ ପାଇଁ ଏଠାରେ ଭିଡ଼ ଜମାଉଥିବା ଲକ୍ଷ୍ୟ କରାଯାଉଛି।

ବିଶେଷକରି ଏବେ ପ୍ରି ୱେଡିଙ୍ଗ ଫଟୋ ସୁଟ୍ ପାଇଁ ଏହିସବୁ ସ୍ଥାନରେ ଭିଡ ବଢ଼ୁଛି। ବିଶେଷକରି ବିନ୍ଦୁସାଗର, ଦେବୀ ପାଦହରା ପୁଷ୍କରିଣୀ, କର୍ଜନ ମଣ୍ଡପ, ରାଜାରାଣୀ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ଧଉଳି, ଉଦୟଗିରି ଏବଂ ଖଣ୍ଡଗିରି, ଭାସ୍କରେଶ୍ୱର ମନ୍ଦିର ଆଦି ସ୍ଥାନରେ ଏବେ ଫଟୋ ସୁଟ୍ ପାଇଁ ଲୋକଙ୍କ ସଂଖ୍ୟା ବଢ଼ୁଛି। ଆଗରୁ କେବଳ କଲେଜ ପିଲାଙ୍କ ଫଟୋ ସହ ଭିଡିଓ ଓ ରିଲ୍ସ ପାଇଁ ଏହିସବୁ ସ୍ଥାନକୁ ବାଛୁଥିଲେ। ହେଲେ ଏଥିରେ ପ୍ରି ୱେଡିଙ୍ଗ ଫଟୋସୁଟ୍ ମଧ୍ୟ ସାମିଲ ହେଲାଣି। ଏପରିକି ଗୁଗଲରେ ମଧ୍ୟ ରାଜଧାନୀର ପ୍ରମୁଖ ପ୍ରି ୱେଡିଙ୍ଗ୍ ଫଟୋ ସୁଟ୍ ସ୍ଥାନ ଖୋଜିଲେ ଉପରୋକ୍ତ ସ୍ଥାନଗୁଡିକ ହିଁ ପ୍ରଥମେ ଦେଖିବାକୁ ମିଳୁଛି। ବିଶେଷକରି ବାହାରକୁ ଯିବାରେ, ଟ୍ରାଭେଲ ଖର୍ଚ୍ଚ, ବୁକିଂ ଆଦିରେ ପଇସା ଖର୍ଚ୍ଚ ମଧ୍ୟ ଏଠାରେ କରିବାକୁ ପଡ଼ି ନ ଥାଏ। ଏଠାରେ ସେସବୁର ଆବଶ୍ୟକତା ନଥାଏ ବୋଲି କିଛି ଜଣ ମତ ଦେଇଥିଲେ। ପୂର୍ବରୁ ରିଲ୍ସ ସ୍ପଟ ପାଲଟିଥିବା ଏହି ଐତିହ୍ୟସ୍ଥଳୀରେ ଏବେ ଫଟୋ ସୁଟ୍ ପାଇଁ ଚାହିଦା ବଢ଼ିଛି। ବର୍ତ୍ତମାନ ବାହାଘର ସିଜିନ୍ ଆରମ୍ଭ ହୋଇଥିବାରୁ ଏହି ସ୍ଥାନଗୁଡିକରେ ଭିଡ଼ ମଧ୍ୟ ବଢୁଛି। ଏହି ଐତିହ୍ୟସ୍ଥଳୀଗୁଡିକର ଆକର୍ଷଣୀୟ କାରୁକାର୍ଯ୍ୟ ଯୋଗୁଁ ଲୋକ ଏହାକୁ ବାଛୁଛନ୍ତି। ଗୋଟିଏ ଦିନରେ ପାଖିପାଖି ୪ ରୁ ୫ ଯୋଡି ପ୍ରି ୱେଡିଙ୍ଗ ଫଟୋ ସୁଟ୍ ପାଇଁ ଆସୁଥିବା କହିଛନ୍ତି ମୁକ୍ତେଶ୍ୱର ମନ୍ଦିରର ଜଣେ କର୍ମଚାରୀ।

## କାହାମୁହଁରେ କେଉଁ କଥା

ବର୍ତ୍ତମାନ ସମୟରେ ଓଡ଼ିଶାର କଳା, ସଂସ୍କୃତି କେବଳ ରାଜ୍ୟ ନୁହଁ ରାଜ୍ୟ ବାହାରେ ବି ପରିଚିତ ହେଲାଣି। ତେବେ ଫଟୋସୁଟ୍ ପାଇଁ ଅନ୍ୟ କୌଣସି ହୋଟେଲ କିମ୍ବା ରାଜ୍ୟ ବାହାରକୁ କାହିଁକି ବାଛିବା। ବାହାରକୁ ଯିବାରେ, ଟ୍ରାଭେଲ ଖର୍ଚ୍ଚ, ବୁକିଂ ଆଦିରେ ପଇସା ଖର୍ଚ୍ଚ ମଧ୍ୟ ଏଠାରେ କରିବାକୁ ପଡ଼ି ନ ଥାଏ।
**ଅଭିନାଶ ମିଶ୍ର, ଭୁବନେଶ୍ୱର**

ଓଡ଼ିଶାର କାରୁକାର୍ଯ୍ୟ ମତେ ପ୍ରଥମରୁ ହିଁ ଆକର୍ଷିତ କରିଥାଏ। ରାଜଧାନୀ ହେଉଛି ପୁରାତନ ମନ୍ଦିରଗୁଡିକର ଗନ୍ତାଘର। ମୁଁ ପୂର୍ବରୁ ଅନେକଥର ଏସବୁ ସ୍ଥାନକୁ ଆସିଛି, ହେଲେ ଏପରି ମୋର ଏକ ସ୍ମରଣୀୟ ଦିନକୁ ସବୁବେଳେ ମନେ ରଖିବାକୁ ଚାହେଁ। ସେଥିପାଇଁ ମୁକ୍ତେଶ୍ୱର ମନ୍ଦିର ଏବଂ ବିନ୍ଦୁସାଗରକୁ ଫଟୋସୁଟ୍ ପାଇଁ ବାଛିଛି।
**ସ୍ନେହପ୍ରଭା ରାୟ, କଟକ**

ପ୍ରି ୱେଡିଙ୍ଗ ଫଟୋସୁଟ୍ ଏବଂ ରିଲ୍ସ ପାଇଁ ଭିଡ଼



## ‘ପଦ୍ମ ଜିନ୍ ବ୍ୟାଙ୍କ’ ଉଦ୍‌ଘାଟିତ

ଭୁବନେଶ୍ୱର, ୨୧।୧୧(ସମିସ): ଛତାବର ସ୍ଥିତ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ କୃଷି ମହାବିଦ୍ୟାଳୟର କୃଷି ଗବେଷଣା କେନ୍ଦ୍ର ଦ୍ୱାରା ଏକ ‘ପଦ୍ମ ଜିନ୍ ବ୍ୟାଙ୍କ’ ଉଦ୍‌ଘାଟନ କରାଯାଇଛି। ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଏବଂ କୃଷି ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ତଥା ଉଦ୍ଭିଦ ଶରୀରତତ୍ତ୍ୱ ବିଭାଗର ବିଭାଗୀୟ ମୁଖ୍ୟ ଡ. ସରୋଜ କୁମାର ମହାନ୍ତି ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ପଦ୍ମ ଜିନ ବ୍ୟାଙ୍କରେ ଓଡ଼ିଶାର ୨୪ ପ୍ରକାରର ନିଜସ୍ୱ ଜିନୋଟାଇପ୍ ସହ ଅନ୍ୟ ରାଜ୍ୟ ତଥା ଦେଶ ବିଦେଶର କିସମ ଉପରେ ଗବେଷଣା କରାଯିବ। ଓଡ଼ିଶା ମାଟି ଓ ପବନ ପାଇଁ ଅଧିକ କିସମ ତଥା ରୋଗ, ପୋକ ପ୍ରତିରୋଧକ କିସମ ଚିହ୍ନଟ ଏବଂ ତା’ର ଶଙ୍କରୀକରଣ କରି ନୂତନ କିସମ ଉଦ୍ଭାବନ



କରାଯିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ପୁଷ୍ପ ଓ ଭୂପୃଷ୍ଠ ଦୃଶ୍ୟ ଉଦ୍ୟାନ ବିଭାଗର ବିଭାଗୀୟ ମୁଖ୍ୟ ଡ. ଶଶୀକଳା ବେଉରା, ପ୍ରଫେସର ଫାର୍ମ ଡ. ମଧୁସୁଦନ ବେହେରା, ସହଯୋଗୀ ପ୍ରଫେସର ଡ. ଶୈଳନ୍ଦ୍ରୀ କୁମାରୀ ପାତ୍ର, ସହକାରୀ ପ୍ରଫେସର ଡ. ଅଭିନାଶ ପଟ୍ଟନାୟକ, ଲକ୍ଷ୍ମୀ ପ୍ରସନ୍ନା, ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର



ଭୁବନେଶ୍ୱର, ୨୧।୧୧(ସମିସ): ବୀଣାପାଣି ମହାନ୍ତିଙ୍କ ୯୦ତମ ଜନ୍ମତିଥିରେ ‘ଓଡ଼ିଶା ଲେଖକ ସମବାୟ ସମିତି’ର ସଭାପତି ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ ସମବାୟ ସମିତିର ସଭାଗୃହରେ ଅନୁଷ୍ଠିତ ବୀଣାପାଣି ଗଳ୍ପମାନସ ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିମାନେ ବୀଣାପାଣି ମହାନ୍ତିଙ୍କ ସାମାଜିକ ପ୍ରତିବଦ୍ଧତା ଉପରେ ଆଲୋଚନା କରି ତାଙ୍କର ପୁରୁଷପ୍ରଧାନ ସମାଜରେ ନାରୀକୁ ଶକ୍ତିଶାଳୀ କରି ଗଢ଼ି ତୋଳିବାର ବିଭିନ୍ନ ଗଳ୍ପ ଉପରେ ଆଲୋଚନା କରିଥିଲେ। ତାଙ୍କର ଗଳ୍ପ ‘ନାଉଗଛ ଓ ‘ପାଟଦେଇ’ ଉପରେ ବିଶେଷ ଆଲୋଚନା କରାଯାଇଥିଲା। ସଭାରେ ବିଶିଷ୍ଟ ପ୍ରଶାସକ ଡ. ଅଲେଖ ଚନ୍ଦ୍ର ପଡ଼ିଆରୀ, ସାହିତ୍ୟକ ମନୋଜ କୁମାର ଜେନା, ବିମଳା ସିଂହ, ନିଶାକର ରାଉତ, ମିନତୀ ଷଡ଼ଙ୍ଗୀ ଓ ଶ୍ରୀବତ୍ସ ପ୍ରସାଦ ମହାପାତ୍ର ଅଂଶଗ୍ରହଣ କରିଥିଲେ। ‘ଲେଖକ ସମବାୟ ସମିତି’ର ଉପସଭାନେତ୍ରୀ ଡ. ପ୍ରେମଲତା ଦେବୀ ତାଙ୍କ ସାହିତ୍ୟ ଉପରେ ବିକ୍ଷିପ୍ତ ଆଲୋଚନା କରିଥିଲେ ଓ ସମାଜ ସଂସ୍କାର ତାଙ୍କର ମୂଳ ଲକ୍ଷ୍ୟ ଥିଲା ବୋଲି ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରୁ ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସଭ୍ୟ କୈଳାଶ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

କଳାକୃତିର ପ୍ରତିଷ୍ଠା ଉତ୍ସବ

## ଧୁଙ୍ଗୁରୀ ପାହାଡ଼ ତଳେ...

ଭୁବନେଶ୍ୱର, ୨୧।୧୧(ସମିସ): କଳା ଓ ସାଂସ୍କୃତିକ ପତ୍ରିକା ‘କଳାକୃତି’ର ୧୫ତମ ପ୍ରତିଷ୍ଠା ଉତ୍ସବ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ନୃତ୍ୟଶାଳା ଅନୁଷ୍ଠାନ ଦ୍ୱାରା ପ୍ରକାଶିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଶୀ ନୃତ୍ୟ ମଙ୍ଗଳାଚରଣରୁ ଆରମ୍ଭ ହୋଇଥିଲା। ଏହି ନୃତ୍ୟର ମୂଳ ସଂରଚନା କରିଥିଲେ ପଦ୍ମଶ୍ରୀ ପଙ୍କଜ ଚରଣ ଦାସ। ପରବର୍ତ୍ତୀ ନୃତ୍ୟ ଥିଲା ସ୍ଥାୟୀନୃତ୍ୟ। ନୃତ୍ୟ ସଂରଚନା ପଦ୍ମଶ୍ରୀ ପଙ୍କଜ ଚରଣ ଦାସ କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ଗୁରୁ ଅଶୋକ କୁମାର ଘୋଷାଲ। ପରେ ପରେ ଗୁରୁ ତଥା ନୃତ୍ୟଶିଳ୍ପୀ ବନ୍ଦିତା ଘୋଷାଲ ଏକକ ନୃତ୍ୟାଭିନୟ ପରିବେଷଣ କରିଥିଲେ। ପୁରାତନ ରଚନା କୁଞ୍ଜେ ମୁରଲୀ ବାଜୁଛି... ଗୀତରେ ରାଧାକୃଷ୍ଣଙ୍କ ଶାଶ୍ୱତ ପ୍ରେମକୁ ପ୍ରତିବାଦିତ କରିଥିଲେ। ପରେ ଲୋକନୃତ୍ୟ କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟ ଗୀତରେ ଛୋଟ ଛୋଟ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଆଦିବାସୀ ନୃତ୍ୟ ପରିବେଶିତ ହୋଇଥିଲା। ଶିଳ୍ପୀମାନେ ଆଦିବାସୀ ପରମ୍ପରା ଓ ସଂସ୍କୃତିର ମହାନୀୟତାକୁ ନୃତ୍ୟରେ ମଞ୍ଚରେ ପ୍ରଦର୍ଶନ କରିବାର ପ୍ରୟାସ କରିଥିଲେ। ପାହାଡ ପର୍ବତ ଘେରା ପରିବେଶ ସହ ଅତୁଟ ବନ୍ଧନ ଥିବା ଜୀବନ ଚଳଣୀ ଓ ଗ୍ରାମ୍ୟ ପରମ୍ପରାର ସଂସ୍କୃତି ଏହି ନୃତ୍ୟରେ ଦୃଷ୍ଟିଗୋଚର ହୋଇଥିଲା। କାର୍ଯ୍ୟକ୍ରମକୁ ଗୁରୁ ପ୍ରଦୀପ ଦାସ ପରିଚାଳନା କରିଥିଲେ। ପ୍ରତିଷ୍ଠା ଉତ୍ସବରେ ଅତିଥି ଭାବେ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ନାଟ୍ୟ ନିର୍ଦ୍ଦେଶକ ଲାଲାବିରେନ ରାୟ, ଓଡିଶୀ ନୃତ୍ୟଶିଳ୍ପୀ ପ୍ରିୟମ୍ବଦା ରାୟ, ଗୁରୁ ଅଶୋକ କୁମାର ଘୋଷାଲ ଉପସ୍ଥିତ ଥିଲେ।



## ଟିଲ୍ ବ୍ଲୁ ରଙ୍ଗରେ ରଙ୍ଗୀନ ହେଲା ଶାନ୍ତିସ୍ତୂପ

ଭୁବନେଶ୍ୱର, ୨୧।୧୧(ସମିସ): ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ର ସର୍ଭାଇକାଲ୍ କର୍କଟ ଦୂରୀକରଣ ପାଳନର ୫ମ ବର୍ଷ ଉପଲକ୍ଷେ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ସହ ଟିଲ୍ ବ୍ଲ୍ୟୁ ରଙ୍ଗରେ ଆଲୋକୀକରଣ କରାଯାଉଛି। ସେହିକ୍ରମରେ ଶୁକ୍ରବାର କ୍ରିଆ ଫାଉଣ୍ଡେସନ୍ ପକ୍ଷରୁ ଧଉଳିଗିରିରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଧଉଳି ଶାନ୍ତିସ୍ତୂପକୁ ଟିଲ୍ ବ୍ଲ୍ୟୁ ରଙ୍ଗରେ ଆଲୋକିତ କରାଯାଇଥିଲା। ଏହି ରଙ୍ଗଟି ସଚେତନତା, ଆଶା ଓ ସର୍ଭାଇକାଲ୍ କର୍କଟ ବିରୁଦ୍ଧରେ ମିଳିତ ପଦକ୍ଷେପର ପ୍ରତୀକ ହୋଇଥିବାରୁ ଏହି ରଙ୍ଗ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଛି। ତେବେ ଭାରତୀୟ ମହିଳାମାନଙ୍କ ମଧ୍ୟରେ ଦ୍ୱିତୀୟ ସର୍ବାଧିକ ଦେଖାଯାଉଥିବା ସର୍ଭାଇକାଲ୍ କର୍କଟ ରୋଗରେ ବର୍ଷକୁ ପ୍ରାୟ ୭୭, ୫୦୦ ମହିଳାଙ୍କ ଜୀବନ ଯାଉଛି। ଏହି ରୋଗର ୬୦ ପ୍ରତିଶତରୁ ଅଧିକ କେସ୍ ଗୁରୁତର ଅବସ୍ଥାରେ ଚିହ୍ନଟ ହେଉଛି। ତେଣୁ ଏହି ରୋଗକୁ ଟୀକାକରଣ ଦ୍ୱାରା ମୂଳପୋଛ କରାଯିବାକୁ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ୨୦୩୦ ସୁଦ୍ଧା ୧୫ବର୍ଷ ବୟସର ୯୦ ପ୍ରତିଶତ ବାଳିକା ବା ଝିଅଙ୍କୁ ଏଚ୍‌ପିଭି ଟିକାକରଣ, ୩୫ ଓ ୪୫ ବର୍ଷ ବୟସର ୭୦% ମହିଳାଙ୍କ ସ୍କ୍ରିନିଂ ଓ ଚିହ୍ନଟ କରାଯାଇ ଚିକିତ୍ସା ମାଧ୍ୟମରେ ଏହି ରୋଗକୁ ମୂଳପୋଛ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଲକ୍ଷ୍ୟ ରଖିଥିବା ଫାଉଣ୍ଡେସନ୍ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଲିଲି ଜେନାମଣି, ଡ. ଦୀପକ ରାଉତରାୟ, ଡ. ଭାଗ୍ୟଲକ୍ଷ୍ମୀ ନାୟକଙ୍କ ସମେତ ଇନଟାକର ସଦସ୍ୟମାନେ ଉପସ୍ଥିତ ଥିଲେ।



## ହାଇଟେକ୍ ଫିଜିଓଥେରାପି କଲେଜର ସ୍ନାତକ ଉତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର, ୨୧।୧୧(ସମିସ): ହାଇଟେକ୍ କଲେଜ ଅଫ୍ ଫିଜିଓଥେରାପିରେ ସିନାପ୍ସ୍ ୨୦୨୫ର ୧୫ତମ ସ୍ନାତକ ଏବଂ ୧୦ମ ସ୍ନାତକୋତ୍ତର ଉତ୍ସବ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଗୃହ ନିର୍ମାଣ ଓ ସହରାଞ୍ଚଳ ବିକାଶ କ୍ୟାବିନେଟ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ବିଦ୍ୟାର୍ଥୀମାନେ ସେବାକୁ ନିଜ ଜୀବନର ପ୍ରଥମ ବ୍ରତ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ହାଇଟେକ୍ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ବିଦ୍ୟାର୍ଥୀମାନଙ୍କ ଜୀବନ ସଦାସର୍ବଦା ସବୁ ଜାଗାରେ ଆଦର ହୋଇ ଦେଶ, ଜାତି ଓ ରାଷ୍ଟ୍ର ପାଇଁ ସେବା ଯୋଗାଇବାକୁ ଉପଦେଶ ଦେଇଥିଲେ। ଏଥିରେ ହାଇଟେକ୍ ଗ୍ରୁପ୍‌ର ସିଇଓ ତଥା ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ, ମେଡିକାଲ ସୁପରିଟେଣ୍ଡେପ୍ରଫେସର ଡ. ରବୀନ୍ଦ୍ରନାଥ ବେହେରା, ଡିନ୍ ଏଣ୍ଡ ଡାଇରେକ୍ଟର ଏକାଡେମିକ୍ ପ୍ରଫେସର୍ ଡ. ରାଧାମାଧବ ତ୍ରିପାଠୀ, ମୁଖ୍ୟବକ୍ତା ଭାଇସ୍-ଚାନ୍ସେଲର ପ୍ରଫେସର୍ ଡ. କୁମରବର ଦାସ, ହାଇଟେକ୍ କଲେଜ ଅଫ୍ ଫିଜିଓଥେରାପର ଡିନ୍ ଏଣ୍ଡ ଡାଇରେକ୍ଟର ଡ. ଅମଲେନ୍ଦୁ ଚୌଧୁରୀ, ପ୍ରିନ୍ସିପାଲ ପ୍ରଫେସର୍ ଡ. ଦୀପକ ସାମନ୍ତରାୟ, ହାଇଟେକ୍ +୨ ମହାବିଦ୍ୟାଳୟ ପ୍ରିନ୍ସିପାଲ ପ୍ରଫେସର୍ ଡ. ଚିରଞ୍ଜନ ସାହୁ ଯୋଗ ଦେଇଥିଲେ।

## ଏସ୍‌କେ ରହମନ ପେଟ୍ରୋଲ ପମ୍ପ ତରଫରୁ ସମ୍ବର୍ଦ୍ଧନା




ଭୁବନେଶ୍ୱର, ୨୧।୧୧(ସମିସ): ଏସ୍‌କେ ରହମନ ଏବଂ ଏସ୍.ଏଫ୍. ରହମନ ପେଟ୍ରୋଲପମ୍ପ ତରଫରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିପିସିଏଲ୍‌ର ମ୍ୟାନେଜର ହିତେଶ୍ୱର ବୋରୋ, ସୌମ୍ୟ ଜନ୍ୟ, ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ପଦାଧିକାରୀ ସମ୍ମାନିତ ଅତିଥିଭାବରେ ଯୋଗ ଦେଇଥିଲେ। ପେଟ୍ରୋଲ ପମ୍ପର ସତ୍ତ୍ୱାଧିକାରୀ ସେକ୍ ହଟୁଦୂର ରହମନ୍, ସେକ୍ ସମସୁର ରହମନ ଏବଂ ସେକ୍ ସକିଲୁର ରହମନ ଯୋଗ ଦେଇଥିଲେ। ଗ୍ରାହକମାନଙ୍କୁ ପେଟ୍ରୋଲ ପମ୍ପରେ କିଭଳି ସୁବିଧା, ସୁଯୋଗ ଓ ଯୋଜନା ପ୍ରଦାନ କରାଯାଉଛି ସେ ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଇଥିଲା। ଏହି ସଭାରେ ବନ୍ଧୁ ଭାବେ ଗ୍ୟାରେଜ୍ ଗ୍ରାହକ, ଟ୍ରାନ୍ସପୋର୍ଟ ଗ୍ରାହକ, ମାର୍ବଲ ଡିଲର, ଟ୍ରକ୍ ମାଲିକ୍ ସଂଘ, ଅଟୋମୋବାଇଲ୍ ଡିଲର, କାର୍ ସୋରୁମ୍ ମାଲିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପେଟ୍ରୋଲ ପମ୍ପର ସର୍ବୋତ୍ତମ ସେଲସ୍ ମ୍ୟାନ୍ ଭାବରେ ୭ ଜଣଙ୍କୁ ଉତ୍ତମ ବ୍ୟବହାର, ପରିଚ୍ଛନ୍ନତା, ତୁରନ୍ତ ସେବା, ସମୟାନୁବର୍ତ୍ତିତ କ୍ଷେତ୍ର ପାଇଁ ଉପହାର ପ୍ରଦାନ କରାଯାଇଥିଲା। ଏହି ପେଟ୍ରୋଲ ପମ୍ପ ୫୦ ବର୍ଷ ପୂର୍ତ୍ତି କରିଛି। ଏଥିରେ କର୍ମଚାରୀ ଜାକିର ଖାନ୍, ସାନ୍ତନୁ ପାଣି, ପ୍ରମୋଦ କିଶୋର ପରିଡ଼ା, ହୃଷୀକେଶ ପ୍ରଧାନ, ବାସୁଦେବ ପରିଡ଼ା, ପ୍ରତାପ ଓଝା ପ୍ରମୁଖ ପରିଚାଳନା କରିଥିଲେ।

## ପଦ୍ମଭୂଷଣ ପଟ୍ଟାଭିରାମଶାସ୍ତ୍ରୀ ସ୍ମାରକୀ ବକ୍ତୃତା



ଭୁବନେଶ୍ୱର, ୨୧।୧୧(ସମିସ): ତିରୁପତି ରାଷ୍ଟ୍ରିୟ ସଂସ୍କୃତବିଶ୍ୱବିଦ୍ୟାଳୟ ପ୍ରଥମ କୁଳାଧିପତି ମହାମହୋପାଧ୍ୟାୟ ପଦ୍ମବିଭୂଷଣ ପଟ୍ଟାଭିରାମ ଶାସ୍ତ୍ରୀଙ୍କର ୩୩ତମ ପୁଣ୍ୟତିଥି ଅବସରରେ ସ୍ମାରକୀ ବକ୍ତୃତା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜି.ଏସ୍.ଆର୍ କୃଷ୍ଣମୂର୍ତ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ‘ପୁଷ୍ଟିମାର୍ଗ ଓ ବିଶ୍ୱଶାନ୍ତି’ ବିଷୟରେ ବକ୍ତୃତା ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରଥମ କୁଳାଧିପତି ପଦ୍ମବିଭୂଷଣ ଡ. ପଟ୍ଟାଭିରାମଶାସ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବେଦାନ୍ତ ବିଭାଗର ଅଧ୍ୟକ୍ଷ ପ୍ରଫେସର ବିଶ୍ୱନାଥନ୍ ସ୍ୱାଗତ ଭାଷଣ ଦେଇଥିଲେ।

## ଲାଇଭଲିହୁଡ୍ ଅଲଟର୍‌ନେଟିଭ୍ ପକ୍ଷରୁ କର୍ମଶାଳା



ଭୁବନେଶ୍ୱର, ୨୧।୧୧(ସମିସ): ଏମଆଇସିଏମ୍ ଭୁବନେଶ୍ୱରଠାରେ ଫାର୍ମର ପ୍ରଡ୍ୟୁସର କମ୍ପାନୀ ତଥା ଏଫପିଓମାନଙ୍କ ଦ୍ୱାରା ଦୁଇ ଦିନିଆ କର୍ମଶାଳା ଆୟୋଜିତ ହୋଇଛି। ଏହି କର୍ମଶଳା ଲାଇଭଲିହୁଡ ଅଲଟରନେଟିଭ ଦ୍ୱାରା ଜନସେବା କେନ୍ଦ୍ର (କମନ ସର୍ଭିସ୍ ସେଣ୍ଟର)ର ସହଭାଗିତାରେ ଏବଂ ଏନଏଏଫଇଡି, ଏଚ୍‌ଡିଏଫସି ବ୍ୟାଙ୍କ ଏବଂ ଏମଆଇସିଏମର ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ୧୪ଜିଲ୍ଲା ଓ ୪୧ବ୍ଲକର ୪୧ଏଫପିଓ ପ୍ରତିନିଧି ଯୋଗ ଦେଇଛନ୍ତି। ଏହି କର୍ମଶାଳାରେ ଜନସେବା କେନ୍ଦ୍ରକୁ ଇ-ଗଭର୍ଣ୍ଣାନ୍ସ ଯୋଜନା ସହ ସାମିଲ କରାଯାଇ କିଭଳି ଗ୍ରାମୀଣ ସ୍ତରରେ ଲୋକେ ଅଧିକ ଉପକୃତ ହେବେ ସେ ନେଇ ଆଲୋଚନା ହୋଇଥିଲା। ଗ୍ରାମୀଣ ଅଞ୍ଚଳରେ ଜନସେବା କେନ୍ଦ୍ର ସାଧାରଣ ଲୋକଙ୍କ ପାଇଁ ବହୁ ଉପକାରରେ ଆସିଥାଏ। ଏହି ଯୋଜନା ମାଧ୍ୟମରେ କୃଷକମାନେ ଅଧିକ ସଶକ୍ତ ହେବେ। ସେମାନଙ୍କର କୃଷି ବ୍ୟବସାୟରେ ଉନ୍ନତି ଆସିବା ସହ ବହୁ ସୁବିଧା ମିଳିବା ସହ ଉଭୟ ସାମାଜିକ ଏବଂ ଆର୍ଥିକ ସ୍ତରରେ ସେମାନେ ସଶକ୍ତ ହୋଇ ପାରିବେ। ଆଗାମୀ ଦିନରେ ମଧ୍ୟ ଏ ଦିଗରେ ବିଶେଷ ଭାବରେ ଏଥିରେ ଆଲୋଚନା ହେବ। କାର୍ଯ୍ୟକ୍ରମରେ ଅତିଥି ଭାବେ ଆଇଏଫଏସ ସଞ୍ଜୀବ ପଣ୍ଡା, ନାଫେଡ୍‌ର ରାଜ୍ୟ ମୁଖ୍ୟ ଅନିଦିତା ଗୁହା, ସିଏସ୍‌ସିର ମୁଖ୍ୟ ମଦନ ମୋହନ ରାଉତ ଯୋଗ ଦେଇଥିଲେ। ପରେ ପରେ ଷ୍ଟୋରୀ ଟେଲିଙ୍ଗ ବା କାହାଣୀ ମାଧ୍ୟମରେ ମୀରା ଝାଞ୍ଜା ଦାସ ବିଭିନ୍ନ ଗ୍ରୁପ ଆକ୍ଟିଭିଟିସ କରାଇଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ଦଲାଲ୍‌ଙ୍କ କବ୍‌ଜାରେ ଶୈଶବ

ଭୁବନେଶ୍ୱର, ୨୧।୧୧(ସମି): ପାଠ ପଢ଼ା ବୟସରେ ଜୀବନ ବିତୁଛି ରୋଷେଇ ଘରେ ତ ଆଉ ହାକାର ବିଭିନ୍ନ ହୋଟେଲର ପାକଶାଳାରେ। ସେହିପରି କେତେକ ଇଟା ଭାଟି ଭିତରେ ନିଜର ଭିବଷ୍ୟତକୁ ଜାଳି ଦେଉଛନ୍ତି ତ କେହି ରେଳ ଷ୍ଟେସନରେ ଭିକ୍ଷାବୃତ୍ତି କରିବାକୁ ବାଧ ହେଉଛନ୍ତି। ସଚେତନତାର ଘୋର ଅଭାବ ଓ ସରକାର ଉଦାସିନତା ଅଭାବରୁ ଆସନ୍ତା କାଲିର ଭବିଷ୍ୟତ କୁହାଯାଉଥିବା ଶିଶୁମାନେ ଶ୍ରମିକ ପାଲଟିଛନ୍ତି। ସେହିପରି ପରିବାର ଆର୍ଥିକ ଚାପ ଯୋଗୁଁ ମଧ୍ୟ ଏଭଳି ପଥକୁ ଆପଣାଉଛନ୍ତି କୁନି କୁନି ପିଲାମାନେ। ଫଳସ୍ୱରୂପ, ଦିନକୁ ଦିନ ଉତ୍କଟ ରୂପ ନେଉଛି ଶିଶୁ ଶ୍ରମିକଙ୍କ ସ୍ଥିତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉପାନ୍ତ ଅଞ୍ଚଳରୁ ଅଭିଭାବକଙ୍କୁ ଅର୍ଥ ପ୍ରଲୋଭନ ଦେଖାଇ ଗରିବ ଶିଶୁମାନଙ୍କୁ ଆଣି ଦଲାଲ୍ ମାନେ ରାଜଧାନୀରେ ବିଭିନ୍ନ କାମରେ ନିୟୋଜିତ କରୁଛନ୍ତି। ତେବେ ଚାଇଲ୍ଡ ଲେବର ପ୍ରୋହିବିସନ୍ ଆକ୍ଟ-୨୦୧୬ ନିୟମକୁ ଉଲ୍ଲଙ୍ଘନ କରାଯାଉଥିଲେ ମଧ୍ୟ ସରକାରୀ ସ୍ତରରେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନଥିବା ସହ ଏହା ପଛରେ ରହିଥିବା ମାଷ୍ଟରମାଇଣ୍ଡକୁ ଧରିବାରେ ପ୍ରଶାସନ ବିଫଳ ହୋଇଥିବା କୁହାଯାଉଛି।

ସୂଚନା ଅନୁସାରେ, ରାଜଧାନୀର କିଛି ଦଲାଲ୍ ମାନେ ରାଜ୍ୟର ବିଭିନ୍ନ ସ୍ଥାନରୁ ଶିଶୁମାନଙ୍କୁ ଆଣି ରାଜଧାନୀରେ ହୋଟେଲ, ଗ୍ୟାରେଜ୍‌ରେ ନିଯୁକ୍ତି କରାଇବା ସହ ଭିକ୍ଷାବୃତ୍ତିରେ ମଧ୍ୟ ବ୍ୟବହାର କରୁଛନ୍ତି। ପ୍ରତିଦିନ ଗରିବ ଅସହାୟ ପିଲାମାନଙ୍କୁ ଇଟାଭାଟି, ଖଣିଖାଦନ, ହୋଟେଲ କିମ୍ବା ବଡ଼ବଡ଼ିଆଙ୍କ ଘରେ ଖଟାଉଛନ୍ତି। ଏପଟେ ପିଲାମାନଙ୍କୁ ପାଠପଢ଼ା ପ୍ରତି ଆକୃଷ୍ଟ କରିବାକୁ ସରକାରୀ ବିଦ୍ୟାଳୟ ଗୁଡ଼ିକରେ ମାଗଣାରେ ୟୁନିଫର୍ମ, ପାଠ୍ୟ ଉପକରଣ ସାଙ୍ଗକୁ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ପୁଷ୍ଟିକର ଖାଦ୍ୟ ମଧ୍ୟ ଯୋଗାଇ ଦିଆଯାଉଛି। ଏସବୁ ପରେ ମଧ୍ୟ ପାଠ ପଢ଼ିବା ବଦଳରେ ବିଭିନ୍ନ କ୍ଷେତ୍ରରେ ଶ୍ରମିକ ପାଲଟୁଛନ୍ତି ହଜାର ହଜାର ଶିଶୁ। ଉଦାହରଣ ସ୍ୱରୂପ ନିୟମିତ ଭାବେ ରାଜଧାନୀରୁ ଉଦ୍ଧାର ହେଉଛନ୍ତି ଶିଶୁ ଶ୍ରମିକ। ତେବେ ୨୦୨୪(ମାର୍ଚ୍ଚ)-୨୫(ମାର୍ଚ୍ଚ) ବର୍ଷରେ କେବଳ ଖୋର୍ଦ୍ଧା ଜିଲ୍ଲାରୁ ୯୫ଜଣ ଶିଶୁ ଶ୍ରମିକ ଉଦ୍ଧାର ହୋଇଥିବା ସୂଚନା ରହିଛି। ସେମାନଙ୍କ ମଧ୍ୟରେ ୭୦ଜଣ ନାବାଳକ ରହିଥିବା ବେଳେ ୨୫ଜଣ ନାବାଳିକା ରହିଛନ୍ତି। ଏଥିମଧ୍ୟରୁ ୬୦ଟି କେସ୍ ର ଏଫଆଇଆର ହୋଇଥିବା ବେଳେ ୨୮ଟି ଜିଡି(ଜେନେରାଲ ଡାଏରୀ) ରହିଛି। ସେହିପରି ୨୦୨୫ ମସିହା ଏପ୍ରିଲ ମାସରୁ ଏପର୍ଯ୍ୟନ୍ତ ୬୩ଜଣ ଶିଶୁ ଶ୍ରମିକ ଉଦ୍ଧାର ହୋଇଥିବା ସୂଚନା ରହିଛି। ୨୦୨୩-୨୪ ବର୍ଷରେ ୫୩ ଜଣ ଶିଶୁ ଶ୍ରମିକ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ୩୧ଜଣ ମାଲିକଙ୍କ ନାଁରେ ଏଫଆଇଆର୍ ହୋଇଥିବା ବେଳେ ୪ଟି ଜିଡି ହୋଇଛି। ତେବେ ଏହି ଶିଶୁ ଶ୍ରମିକ ମାନେ ବିଭିନ୍ନ ହୋଟେଲ, ବାବୁ ଘରେ କାମ କରୁଥିବା ସମୟରେ ଉଦ୍ଧାର ହୋଇଥିବା ଜଣାପଡ଼ିଛି। ଦାରିଦ୍ର୍ୟର କଷାଘାତରେ ସନ୍ତୁଳିତ ହୋଇ ବାପା ମା ଗାଁ ଛାଡିଥିବା ବେଳେ ପିଲାମାନେ ବିଦ୍ୟାଳୟ ଛାଡ଼ି ଶିଶୁ ଶ୍ରମିକ ଭାବରେ ନିୟୋଜିତ ହୋଇଥିବାର ସୂଚନା ମିଳିଛି। ଏହି ସମସ୍ତ ପିଲାଙ୍କୁ ଶିଶୁ କଲ୍ୟାଣ ସମିତିରେ ଉପସ୍ଥିତ କରାଯାଇ ଓପନ ସେଲଟର ମାନଙ୍କରେ ରଖାଯାଇ କାଉନସେଲିଂ କରାଯାଇଛି। ୨୦୨୩-୨୪



■ କାଗଜ କଲମରେ ‘ଚାଇଲ୍ଡ ଲେବର୍ ପ୍ରୋହିବିସନ୍ ଆକ୍ଟ-୨୦୧୬’

## ବର୍ଷକରେ ଖୋର୍ଦ୍ଧା ଜିଲ୍ଲାରୁ ୯୫ ଶିଶୁ ଶ୍ରମିକ ଉଦ୍ଧାର

ବର୍ଷରେ ଖୋର୍ଦ୍ଧା, ପୁରୀ ଏବଂ ନୟାଗଡ଼ ଜିଲ୍ଲାରୁ ନିୟମିତ ଏଭଳି ଶିଶୁ ଶ୍ରମିକଙ୍କୁ ଉଦ୍ଧାର କଯାଇଛି। ଏନେଇ ଚାଇଲ୍‌ଡଲାଇନ୍‌ର ନିର୍ଦ୍ଦେଶକ ବେଣୁଧର ସେନାପତି କହିଛନ୍ତି ଯେ, ଚାଇଲ୍ଡ ଲେବର ପ୍ରୋହିବିସନ୍ ଆକ୍ଟ-୨୦୧୬ କଡ଼ାକଡ଼ି ଭାବେ ଲାଗୁ କରାଯାଉନାହିଁ। ଏହାସହ ଶିଶୁ ଚାଲାଣ କ୍ଷେତ୍ରରେ ମଧ୍ୟ ୩୭୦ ଧାରାରେ କେସ୍ କରାଯାଇପାରିବ। ଉକ୍ତ କେସ୍ ଗୁଡ଼ିକ ତଦାରଖ କରିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରତି ଜିଲ୍ଲାରେ ଆଣ୍ଟି ହ୍ୟୁମାନ୍ ଟ୍ରାଫିକିଂ ସେଲ୍‌ଫ ଗଠନ ହୋଇଛି। ସରକାରଙ୍କ ବିଦ୍ଧିବଦ୍ଧ ଭାବେ ସମସ୍ତ କାଯ୍ୟ କରିଥିଲେ ମଧ୍ୟ ଏହା ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ପଞ୍ଚାୟତ, ବ୍ଲକ ଏବଂ ଜିଲ୍ଲା ସ୍ତରରୁ ପ୍ରତି ଶିଶୁଙ୍କ ସଂଖ୍ୟା ଗଣନା କରାଗଲେ ସଠିକ୍ ତଥ୍ୟ ରହିବ। ଏହାସହ ଯେଉଁମାନେ ବିଭିନ୍ନ ଅଞ୍ଚଳରୁ ଶିଶୁ ଚାଲାଣ କରୁଛନ୍ତି ଉକ୍ତ ରାକେଟ୍‌କୁ ଧରିବା ସହ କଡାଦଣ୍ଡ ବିଧାନରେ ଦଣ୍ଡିତ ଏବଂ ଯେଉଁମାନେ ନିଜ ଘରେ କିମ୍ବା ହୋଟେଲରେ ପିଲାମାନଙ୍କୁ କାମ କରାଉଛନ୍ତି ସେମାନଙ୍କୁ ପାଇଁ ମଧ୍ୟ ଦଣ୍ଡବିଧାନ ମଧ୍ୟ କଠୋର କରାଯିବା ଆବଶ୍ୟକତା ରହିଛି ବୋଲି ଶ୍ରୀ ସେନାପତି କହିଛନ୍ତି।

# ଭୁବନେଶ୍ୱର ସିଟି



# ଖାକିରେ ଦାଗ; ବର୍ଷକରେ ୬ ଗିରଫ

## ରାତାରାତି କୋଟିପତି ହେବାର ସ୍ୱପ୍ନ

ଭୁବନେଶ୍ୱର, ୨୧।୧୧(ସମିସ): ଖାକିରେ ଲାଗୁଛି ଦାଗ। ଲାଜରେ ମୁଣ୍ଡ ନଇଁ ଯାଉଛି ସେତେବେଳେ, ଯେତେବେଳେ ଖାକି ପୋଷାକ ପିନ୍ଧା ମଣିଷଟି କେତେବେଳେ ଠକେଇ କରୁଛି। କେତେବେଳେ ହତ୍ୟା ଆଉ ବଳାତ୍କାର ଲିପ୍ତ ରହୁଛି। ପୁଣି କେତେବେଳେ ବିହାର ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ପ୍ରତାରଣା କରୁଛି। ଆଉ କେତେବେଳେ ଲାଞ୍ଚ ନେଇ ଥାନା ଭିତରୁ ଗିରଫ ହେଉଛନ୍ତି। ରାଜଧାନୀରେ ଖାକିର ଏହି ଦାଗ ବଢ଼ିବାରେ ଲାଗିଛି। ଯାହା ଏକ ସଭ୍ୟ ସମାଜ ପାଇଁ ଚିନ୍ତାର କାରଣ ପାଲଟିଲାଣି। ରାଜ୍ୟ ସାର ବହୁ ଘଟଣା ଘଟୁଥିଲା ବେଳେ ୧୧ ମାସ ମଧ୍ୟରେ କେବଳ ରାଜଧାନୀରେ ହତ୍ୟା, ବଳାତ୍କାର, ଠକେଇ, ଲାଞ୍ଚ ନେବା ଅଭିଯୋଗରେ ୫ ଜଣ ପୁଲିସ ବାବୁ ଗିରଫ ହେଲେଣି।



କମିସନରେଟ୍ ପୁଲିସର ନାରା ହେଉଛି ଉଇ କେୟାର ଉଇ ଡେୟାର। ହେଲେ ଏଥିରେ କାମ କରୁଥିବା କିଛି କର୍ମଚାରୀ ଏହି ନାରାକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେଉଛନ୍ତି। ଦିନ ଦ୍ୱିପହରେ ରକ୍ତ ମୁଖା ହୋଇଯାଉଛନ୍ତି। ଆତଙ୍କ ଖେଳାଉଛନ୍ତି। ଯେଉଁଥିପାଇଁ ପୁଲିସ ବିଭାଗର ମୁଣ୍ଡ ତଳକୁ ହୋଇଯାଉଛି। ଏଭଳି କର୍ମଚାରୀଙ୍କ ସଂଖ୍ୟା ଏବେ ଦିନକୁ ଦିନ ବଢ଼ିବାରେ ଲାଗିଛି।

ପୂର୍ବରୁ ପୁଲିସ ଚାକିରିରେ ଲିପ୍ତ ଥିବା ବ୍ୟକ୍ତିମାନେ ଅନ୍ୟ କୌଣସି ବିବାଦରେ ପଡୁ ନ ଥିଲେ। ଦରମା ଟଙ୍କାରେ ସୀମିତ ରହୁଥିଲେ। ହେଲେ ଏବେ ସେମାନଙ୍କ ମୁଣ୍ଡରେ ରାତାରାତି କୋଟିପତି ହେବାର ନିଶା ଘାରିଛି। ଟଙ୍କା ପାଇଁ ତଳସ୍ତରକୁ ଖସିଯିବାକୁ ପଛାଉ ନାହାନ୍ତି। ନିଜ ଚାକିରି ଚାଲିଯିବାର ଭୟ ରହୁନାହିଁ। ଚାକିରି ଗଲେ ପଛେ ଯାଉ କିନ୍ତୁ ସହଜରେ ଟଙ୍କା ରୋଜଗାର ହେଉ। ଅନ୍ୟପକ୍ଷରେ ଏମାନେ ବିଭାଗରେ ରହି କାଇଦା ପାଇ ଗଲେଣି। ସିଷ୍ଟମ୍‌କୁ କିଭଳି ବୋକା ବାନଇ ହେବ। କାହାକୁ ଧରିଲେ କାର୍ଯ୍ୟାନୁଷ୍ଠାନ ହେବ ନାହିଁ। ସବୁ କିଛି ଜାଣି କରୁଛନ୍ତି ଅପରାଧ। କେତେବେଳେ ଧରାପଡୁଛନ୍ତି। ବହୁ ସମୟରେ ଖସି ଯାଉଛନ୍ତି।

### ବୀମା ଟଙ୍କା ପାଇଁ ଦୁଇପତ୍ନୀଙ୍କୁ ହତ୍ୟା

କମିସନରେଟ୍ ପୁଲିସର ମୁଖ୍ୟାଳୟରେ କାମ କରୁଥିଲେ କନ୍‌ଷ୍ଟେବଳ ଦୀପକ ରାଉତ୍। ସେ ବୀମା ଟଙ୍କା ହାତେଇବାକୁ ଗୋଟିଏ ନୁହେଁ ଦୁଇ ଜଣ ପତ୍ନୀଙ୍କୁ ହତ୍ୟା କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଗତ ସେପ୍ଟେମ୍ବର ମାସରେ ବୀମା ଟଙ୍କା ହାସଲ କରିବାକୁ ଦ୍ୱିତୀୟ ପତ୍ନୀ ତଥା ଟ୍ରାଫିକ୍ କନ୍‌ଷ୍ଟେବଳ ଶୁଭମିତ୍ରାଙ୍କୁ ତଣ୍ଟି ଚିପି ହତ୍ୟା କରିବା ପରେ ଘଟଗାଁ ନିକଟରେ ଥିବା ଏକ ଜଙ୍ଗଲରେ ପୋତି ଦେଇଥିଲେ। ଓଲଟା ଭଲଲୋକି ଦେଖାଇ ପୁଲିସ ଆଗରେ ପତ୍ନୀ ନିଖୋଜ ହେବାର କୁମ୍ଭିର କାନ୍ଦଣା କାନ୍ଦି ଥିଲେ। ଶୁଭମିତ୍ରାଙ୍କ ମର୍ଡର ମିଷ୍ଟ୍ରି ଖୋଲିଲା ପରେ ଜଣାପଡ଼ିଥିଲା ଯେ ଦୀପକ ପ୍ରଥମ ପତ୍ନୀଙ୍କୁ ମଧ୍ୟ ରହସ୍ୟମୟ ଭାବେ ମୃତ୍ୟୁ ହୋଇଥିଲା। ପରବର୍ତ୍ତି ସମୟରେ ପ୍ରଥମ ପତ୍ନୀଙ୍କ ମୃତ୍ୟୁ ଘଟଣାରେ ପୁଲିସ ହତ୍ୟା ମାମଲା କରିଥିଲା। ସିଷ୍ଟମ୍‌ରେ ରହି ଜଣେ ମହିଳାଙ୍କୁ ହତ୍ୟା କରି କିପରି ଖସି ହେବ ସେ ଜାଣି ଯାଇଥିଲେ।

### ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ଏଏସ୍‌ବି ଯବାନ ଗିରଫ

ପୁଲିସ ବିଭାଗରେ କାମ କରୁଥିଲେ। ସେହି ପୁଲିସ ବିଭାଗର ଚାକିରିକୁ କିପରି ବିକ୍ରି କରିବା ଷଡ଼ଯନ୍ତ୍ର ରଚିଥିଲେ। ରାତାରାତି ବଡ଼ଲୋକ ହେବା ନିଶାରେ ଧରାପଡ଼ିଗଲେ। ସେ ହେଲେ ଏସ୍‌ଏସ୍‌ବି ଯବାନ ବିଶ୍ୱ ରଞ୍ଜନ ବେହେରା। ଏସ୍‌ଆଇ ଚାକିରି ବିକ୍ରି ରାକେଟ୍‌ର ସେ ଜଣେ ସଦସ୍ୟ ଥିଲେ ବୋଲି କ୍ରାଇମବ୍ରାଞ୍ଚ କହିଥିଲା। ଏହି ଅଭିଯୋଗରେ ତାଙ୍କୁ ଗିରଫ ବି କରିବା। ସେ ନିଜ ବର୍ଦ୍ଦିରେ ତ ଦାଗ ଲାଗଇଥିଲେ ବର୍ଦ୍ଦି ତିଆରି ପାଇଁ ପ୍ରସ୍ତୁତ ହେଉଥିବା ପରୀକ୍ଷାକୁ ବି କଳଙ୍କିତ କରିଥିଲେ।

### ଭରତପୁର ଥାନା ଘଟଣା ପୁଲିସ ପାଇଁ ନିନ୍ଦା

ସାରା ରାଜ୍ୟକୁ ନିନ୍ଦିତ କରିଥିଲା ଭରତପୁର ଥାନା ଘଟଣା। ଏଠାରେ ଜଣେ ସେନାଅଧିକାରୀ ଏବଂ ତାଙ୍କ ବାନ୍ଧବୀଙ୍କୁ ପୁଲିସ ନିର୍ଯ୍ୟାତନା ଦେଇଥିଲା। ମାଡ ମାରିଥିଲା ଏବଂ ଗୁପ୍ତାଙ୍ଗ ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଯାହା ଜାତୀୟସ୍ତରରେ କମିସନରେଟ୍ ପୁଲିସକୁ ନିନ୍ଦିତ କରିଥିଲା। ଏହି ଘଟଣା ୩ ଜଣ ପୁଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଥିଲା।

### ଦୁଷ୍କର୍ମ ଅଭିଯୋଗରେ ମହିଳା ଥାନାରେ ବନ୍ଧା ହୋଇଥିଲେ ଆଇଆଇସି

ପୁଲିସର ଜଣେ ମହିଳା ଏସ୍‌ଆଇଙ୍କୁ ବଳାତ୍କାର ଏବଂ ଗର୍ଭନଷ୍ଟ କରିବା ଅଭିଯୋଗରେ ବନ୍ଧା ହୋଇଥିଲେ ଆଇଆଇସି ଯଶବନ୍ତ ଆଚାର୍ଯ୍ୟ। ବହୁ ମହିଳା ସଜ୍ରାନ୍ତ ମାମଲାରେ ସେ ବହୁ ଲୋକଙ୍କୁ ବାନ୍ଧି ଥିଲା ବେଳେ ନିଜେ ଭୁବନେଶ୍ୱର ମହିଳା ଥାନାରେ ବନ୍ଧା ହୋଇଥିଲେ। ମହିଳା ଏସ୍‌ଆଇଙ୍କ ସହ ସେ ବିହାର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଗର୍ଭନଷ୍ଟ କରିବାକୁ ବାଧ କରିଥିଲେ। ମହିଳା ଏସ୍‌ଆଇ ସେ ପୂର୍ବରୁ ବିବାହିତ ଜାଣିବା ପରେ ଥାନାକୁ ଆସିଥିଲେ। ଲଭ-ସେକ୍ସ-ଧୋକାରେ ଫସିଥିବା ଏହି ଆଇଆଇସି ବର୍ଦ୍ଦିକୁ କଳଙ୍କିତ କରିଥିଲେ।

### ଥାନା ଭିତରେ ଲାଞ୍ଚ ନେଉଥିଲେ ଏଏସ୍‌ଆଇ

ଏକ ଜମି ବାଡ଼ି ବିବାଦରେ ଗୋଟିଏ ପକ୍ଷକୁ ଧମକାଇ ତାଙ୍କ ଠାରୁ ଥାନା ଭିତରେ ଲାଞ୍ଚ ନେଉଥିଲା ବେଳେ ଧରାପଡ଼ିଯାଇଥିଲେ ବାଲିଅନ୍ତା ଏଏସ୍‌ଆଇ ସୋମନାଥ ପଲେଇ। ଭିଜିଲାନ୍ସ ତାଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ଥାନା ଭିତରୁ ଗିରଫ କରିଥିଲା।

### ବଦନାମ ହେଉଛି ପୁଲିସ ବିଭାଗ

କାଣ୍ଡ ଭିଆଉଛନ୍ତି ମାତ୍ର କିଛି କର୍ମଚାରୀ। ହେଲେ ବଦ୍‌ନାମ୍ ହେଉଛି ସମ୍ପୂର୍ଣ୍ଣ ପୁଲିସ ବିଭାଗ। ପୁଲିସର ଇଜ୍ଜତ ତଳେ ପଡୁଛି। ଖାକି ପ୍ରତି ଲୋକଙ୍କ ଭିତରେ ଥିବା ସମ୍ମାନ କମୁଛି। ବହୁ ପୁଲିସ କର୍ମଚାରୀ ନିଜ ଜୀବନକୁ ବାଜି ଲଗାଇ ଅପରାଧୀଙ୍କୁ ଧରୁଛନ୍ତି। ସଚ୍ଚୋଟ୍ ହୋଇ ଦରମା ଟଙ୍କାରେ ବଞ୍ଚୁଛନ୍ତି। ହେଲେ କିଛି କର୍ମଚାରୀଙ୍କ କାରନାମା

## ୨୦ ଲକ୍ଷ ଟଙ୍କା ଠକେଇ; ହାବିଲଦାର୍ ଗିରଫ

ଭୁବନେଶ୍ୱର, ୨୧।୧୧(ସମିସ): ଖାକିକୁ ବାନ୍ଧିଲା ଖାକି। ଜମି ଦେବା ବାହାନାରେ ଟଙ୍କା ଠକେଇ ଅଭିଯୋଗରେ ସ୍ପେଶାଲ ସିକ୍ୟୁରିଟି ବାଟାଲିଅନ ହାବିଲଦାରଙ୍କୁ ଗିରଫ କରିଛି ସହିଦ୍ ନଗର ଥାନା ପୁଲିସ। ଗିରଫ ହାବିଲଦାର ଜଣଙ୍କ ହେଲେ କଟକ ଜିଲ୍ଲା ୪୨ମୌଜା ଥାନା ଧୂଳିସର ଗ୍ରାମର ସଚିତ୍ର ସେନାପତି। ସଚିତ୍ରଙ୍କୁ ଗିରଫ କରିବା ପରେ କୋର୍ଟଚାଲଣ କରାଯାଇଛି। ଏନେଇ ଅବସରପ୍ରାପ୍ତ ପୁଲିସ କର୍ମଚରୀ ସୁରଥ ଚନ୍ଦ୍ର ବାହୁବଳେନ୍ଦ୍ର ତାଙ୍କ ବିରୋଧରେ ଅଭିଯୋଗ କରିଥିଲେ।

ପୁଲିସ ସୂଚନା ମୁତାବକ, ସଚିତ୍ର ଭୁବନେଶ୍ୱର ସ୍ଥିତି ଏସ୍‌ଏସ୍‌ବି ବାଟାଲିଅନ୍‌ରେ ହାବିଲଦାର ଭାବେ ନିଯୁକ୍ତି ପାଇଥିଲେ। ସେ ବିଭିନ୍ନ ଥାନା ଅଞ୍ଚଳରେ ଥିବା ପିସିଆର୍‌ରେ କାମ କରୁଥିଲେ। ଏବେ ସେ ଭରତପୁର ଥାନା ଅଞ୍ଚଳରେ ଥିବା ପିସିଆର୍‌ରେ କାମ କରୁଥିଲେ। ତ୍ରିଶୁଳିଆରେ ଜମି ଦେବାକୁ କହି ଅବସରପ୍ରାପ୍ତ ପୁଲିସ କର୍ମଚାରୀଙ୍କୁ ଟାର୍ଗେଟ କରୁଥିଲେ। ତ୍ରିଶୁଳିଆରେ ବହୁ ବିଲଡ଼ର ସହ ତାଙ୍କ ପରିଚୟ ରହିଛି। ଏହାସହ ସେ ମଧ୍ୟ ନିଜେ ସେଠାରେ ଜମି ବ୍ୟବସାୟ କରୁଛନ୍ତି। ଏଣୁ କମ୍ ଟଙ୍କାରେ ଜମି ଦୋବର ପ୍ରଲୋଭନ ଦେଖାଉଥିଲେ। ଏଭଳି କହି ନିଜ ଜାଲରେ ଫସାଉଥିଲେ।

ନଭେମ୍ବର ୨୦୨୨ ମାସରେ ସଚିତ୍ର ତ୍ରିଶୁଳିଆରେ ପ୍ଲଟ୍ କିଣାଇ ଦେବାକୁ କହି ସୁରଥଙ୍କ ଠାରୁ ମୋଟ ୨୦ ଲକ୍ଷ ଟଙ୍କା ନେଇଥିଲେ। ପ୍ଲଟ୍ ରେଜିଷ୍ଟ୍ରି କାର୍ଯ୍ୟ ଶୀଘ୍ର ସମ୍ପନ୍ନ କରାଯିବ ବୋଲି ଆଶ୍ୱାସନ ଦେଇଥିଲେ। ଅଭିଯୋଗକାରୀ ସଞ୍ଚୟ ଏବଂ ବ୍ୟକ୍ତିଗତ ଋଣରୁ ଟଙ୍କା ବ୍ୟବସ୍ଥା କରି ଦୁଇଟି କିସ୍ତିରେ ତାଙ୍କୁ ଟଙ୍କା ଦେଇଥିଲେ। କିନ୍ତୁ ଟଙ୍କା ପାଇବା ପରେ ପ୍ରତିଶ୍ରୁତି ଅନୁସାରେ ବିକ୍ରୟ ଡିଡ୍ କାର୍ଯ୍ୟକାରୀ କରି ନ ଥିଲେ। ବାରମ୍ବାର ଅନୁରୋଧ ସତ୍ତ୍ୱେ ଟଙ୍କା ବି ଫେରସ୍ତ କରି ନ ଥିଲେ। ଏନେଇ ଅଭିଯୋଗକାରୀ ବେଣ୍ଟକାର ଥାନାରେ ଅଭିଯୋଗ କରିଥିଲେ। ଟଙ୍କା ଫେରସ୍ତ କରିବା ପାଇଁ ଏକ ଲିଖିତ ପ୍ରତିଶ୍ରୁତି ଦେଇଥିଲେ।

■ ଅବସରପ୍ରାପ୍ତ ପୁଲିସ କର୍ମଚାରୀଙ୍କୁ ଟାର୍ଗେଟ
■ ଶସ୍ତାରେ ଜମି କିଣାଇଦେବାକୁ ଦେଇଥିଲା ପ୍ରତିଶ୍ରୁତି
■ ଦୁଇବର୍ଷ ଧରି ସେ ଚାକିରିରେ ଅନୁପସ୍ଥିତ ଥିଲେ



ଯାହା ସମ୍ବନ୍ଧରେ ବେଣ୍ଟକାର ଥାନାରେ ତିନୋଟି ଷ୍ଟେସନ୍ ଡାଏରୀ ଏଣ୍ଟ୍ରି କରାଯାଇଥିଲା। ଟଙ୍କା ଫେରସ୍ତ କରିବା ପାଇଁ ଅଭିଯୁକ୍ତ ପ୍ରତ୍ୟେକ ୧୦ ଲକ୍ଷ ଟଙ୍କାର ଦୁଇଟି ଏସବିଆଇ ଚେକ୍ ମଧ୍ୟ ହସ୍ତାନ୍ତର କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଅଭିଯୋଗକାରୀ ଜାଣିପାରିଥିଲେ ଯେ ସେହି ଆକାଉଣ୍ଟଗୁଡିକରେ ପର୍ଯ୍ୟାପ୍ତ ବାଲାନ୍ସ ନ ଥିଲା। ଏଣୁ ସେ ପୁଣି ସହିଦ ନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ସେ ସମାନ ଉପାୟରେ ଅନ୍ୟ ଲୋକଙ୍କଠାରୁ ବି ଟଙ୍କା ନେଇଥିବା ତଦନ୍ତରୁ ଜଣାପଡ଼ିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସେ ଜଣେ ପୁଲିସ କର୍ମଚାରୀ। ଗତ ୨ ବର୍ଷଧରି ସେ ଅନାଧିକୃତ ଭାବେ ଚାକିରିରୁ ଅନୁପସ୍ଥିତ ରହିଥିବାରୁ ପୁଲିସ ବିଭାଗ ପକ୍ଷରୁ ତାଙ୍କୁ ନିଲମ୍ବନ କରାଯାଇଛି।



## ୮୪୦ ଲିଟର ମଦ ଜବତ, ୫ ଗିରଫ

ଭୁବନେଶ୍ୱର, ୨୧।୧୧(ସମିସ): ଅବକାରୀ ବିଭାଗ ପକ୍ଷରୁ ଭୁବନେଶ୍ୱରରେ ବିଭିନ୍ନ ସ୍ଥାନରେ ମଦ ଚଢଉ କରାଯାଇ ୮୪୦ ଲିଟର ମଦ ଜବତ କରାଯାଇଛି ଏବଂ ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ବିଭାଗର ଫ୍ଲାଇଂ ସ୍କାଡ ପକ୍ଷରୁ ଏହି ଚଢଉ କରାଯାଇଥିଲା। ଏନେଇ ୫ଟି ଭିନ୍ନଭିନ୍ନ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମଞ୍ଚେଶ୍ୱରର ସୋମନାଥ ଭୋଇ, ଚନ୍ଦ୍ରଶେଖରପୁର ଅଞ୍ଚଳର ଗଣେଶ ପୂର୍ତ୍ତି, ତୁର୍କି କେରାଇ, ଇନ୍‌ଫୋସିଟି ଅଞ୍ଚଳର ପି. ଲକ୍ଷ୍ମୀଧର ଏବଂ ବିତି ହାଂସଦା।


### ବିଡିଏର ୧୫୧ତମ କର୍ତ୍ତୃପକ୍ଷ ବୈଠକ

# ଏକାମ୍ର ରେସିଡେନ୍ସିରେ ୭୦୦ ପରିବାର ପାଇଁ ଘର

ଭୁବନେଶ୍ୱର, ୨୧।୧୧(ସମିସ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ର ୧୫୧ତମ କର୍ତ୍ତୃପକ୍ଷ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଡିଏ ଅଧ୍ୟକ୍ଷ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆଜି ବସିଥିବା ବିଡିଏର ୧୫୧ତମ ବୈଠକରେ ସୁବୁଦ୍ଧିପୁରଠାରେ ବିଡିଏ ନିର୍ମିତ ଏକାମ୍ର ରେସିଡେନ୍ସି ଆବାସ ପ୍ରକଳ୍ପର ଘୋଷଣର ନିଷ୍ପତ୍ତି ନିଆଯାଇଛି। ଏଥିରେ ମୋଟ ୭୦୪ ପରିବାରକୁ ସୁଲଭ ଦରରେ ଘର ଯୋଗାଇବାକୁ ଘୋଷଣା କରିଛନ୍ତି ବିଭାଗୀୟ ମନ୍ତ୍ରୀ। ବୈଠକରେ ବିଡିଏର ବହୁ ପ୍ରତିକ୍ଷିତ ପ୍ରମୁଖ ଆବାସ ପ୍ରକଳ୍ପ ମଧ୍ୟରୁ ଗୋଟିଏ ଏକାମ୍ର ରେସିଡେନ୍ସି ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛି। ଦ୍ରୁତ ଗତିରେ ବିକାଶଶୀଳ ସୁବୁଦ୍ଧିପୁର ଅଞ୍ଚଳରେ ଅବସ୍ଥିତ ଏକାମ୍ର ରେସିଡେନ୍ସିକୁ ଆଧୁନିକ, ସୌନ୍ଦର୍ଯ୍ୟପୂର୍ଣ୍ଣ ଭାବରେ ମନୋରମ ବାସସ୍ଥାନ ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି। ୭.୩୬ ଏକର ଜାଗାରେ ବିସ୍ତୃତ ଏହି ପ୍ରକଳ୍ପରେ ତିନିଟି ଟାୱାର (ବି+ଜି+୧୨ ମହଲା)ରେ ୪୧୬ଟି ଦୁଇ ଶୟନ କକ୍ଷ (୨ ବିଏଚକେ)ଓ ୨୮୮ଟି (୩ବିଏଚକେ) ତିନି ଶୟନକକ୍ଷ ବିଶିଷ୍ଟ ଫ୍ଲାଟ ରହିଛି। ପ୍ରକଳ୍ପରେ କମ୍ୟୁନିଟି ହଲ, ରୁଫଟପ୍ ସୁଇମିଂ ପୁଲ, ୱାକିଂ ଟ୍ରାକ, ବାଣିଜ୍ୟିକ ଅଞ୍ଚଳ, ଶିଶୁ ଖେଳପଡ଼ିଆ, ଫିଟନେସ ସେଣ୍ଟର, ସୌର ପ୍ୟାନେଲ ଜୋନ, ସୁନ୍ଦର ଲ୍ୟାଣ୍ଡସ୍କେପ୍ ଖୋଲା ଜାଗା ବ୍ୟବସ୍ଥା ରହିଛି। ସେହିଭଳି ଏଥିରେ ୧୦୦ ଫୁଟ୍ ଚଉଡ଼ା ଆପ୍ରୋଚ୍ ରୋଡ୍ ଏବଂ ପର୍ଯ୍ୟାପ୍ତ ବେସମେଣ୍ଟ ପାର୍କିଂ ସୁବିଧା ଯୋଗୁଁ ଏହା ଅଧିକ ସୁବିଧାଜନକ ହୋଇଛି। ଏହା ବିଡିଏର ଉଚ୍ଚମାନର ସହର ଜୀବନଶୈଳୀ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଘର ଆବଣ୍ଟନର ପଦ୍ଧତି ଖୁବ୍ ଶୀଘ୍ର ଚୂଡ଼ାନ୍ତ ହେବ। ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟ ରାଜଧାନୀରେ ନିଜସ୍ୱ ଘର ରଖିବା ଲୋକଙ୍କ ମହତ୍ୱାକାଂକ୍ଷା ପୂରଣ କରିବ। ପ୍ରକଳ୍ପରେ ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇସାରିଛି ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି। ଏହା ବ୍ୟତୀତ ବୈଠକରେ ନୀଳାଦ୍ରୀ ବିହାରର ଶନି ମନ୍ଦିରରୁ ଶୈଳଶ୍ରୀ ବିହାରର ଡିଏଭି ସ୍କୁଲ ରୋଡ଼ ଯାଏ ସିଡିପି ରୋଡ଼ (ସମନ୍ୱିତ ଉନ୍ନୟନ ଯୋଜନା) ନିର୍ମାଣ, ଗୁରୁ କେଲୁଚରଣ ପାର୍କ ସ୍କୋୟାରରୁ ପଟିଆ ରେଳ ଷ୍ଟେସନ ଯାଏ ୪୫ ମିଟର ଚଉଡ଼ା ସିଡିପି ରୋଡ଼, ନୂଆଗାଁ-କଟେନି ରୋଡ଼କୁ ଟିପି-୦୮ ଦେଇ ଯାଉଥିବା ରୋଡ଼ ସହିତ ସଂଯୋଗକାରୀ ସିଡିପି ରୋଡ଼ (ସମନ୍ୱିତ ଉନ୍ନୟନ ଯୋଜନା) ନିର୍ମାଣ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ଜଟଣୀ ପୌର ପରିଷଦ ଅଧ୍ୟକ୍ଷ ଅନନ୍ତ ବେହେରା, ଖୋର୍ଦ୍ଧା ପୌର ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀ ମହାନ୍ତି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ରାଜସ୍ୱ ଆୟୁକ୍ତ (କେନ୍ଦ୍ରୀୟ ବିଭାଗ, କଟକ) ଗୁହା ପୁନମ ତାପସ କୁମାର, ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା, ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।




## ଲିଙ୍ଗରାଜଙ୍କ ୧ ଘଣ୍ଟା ନିତି ବିଳମ୍ବ



ଭୁବନେଶ୍ୱର, ୨୧।୧୧ (ସମିସ): ଶ୍ରୀଲିଙ୍ଗରାଜଙ୍କର ଶୁକ୍ରବାର ମନ୍ଦିର ପହୁଡ଼ ଖୋଲିବା ପରେ ମଙ୍ଗଳ ଆଳତି ୧ ଘଣ୍ଟା ବିଳମ୍ବ ହୋଇଥିଲା। ଦିଅଁଙ୍କର ନିତି କରିବା ପାଇଁ ଯଦିବା ପାଳିଆ ସେବାୟତ ପହଞ୍ଚିଥିଲେ ହେଲେ ଚଜ୍ଜେଇତି ଓ ମନ୍ଦିର ନିତି ସୁପରଭାଇଜର ପହଞ୍ଚି ନ ଥିଲେ। ଏହାକୁ ଦେଖି ପାଳିଆ ସେବାୟତ ମାନେ କ୍ଷୋଭ ପ୍ରକାଶ କରିଥିଲେ। ୧ଘଣ୍ଟା ପରେ ଚଜ୍ଜେଇତି ଓ ସୁପରଭାଇଜର ପହଁଚିବା ପରେ ଦିଅଁଙ୍କର ନିତି ଆରମ୍ଭ ହୋଇଥିଲା ଏହିପରି ଦିଅଁଙ୍କର ସକାଳଧୂପ ଚାଲିଥିବା ସମୟରେ ଗର୍ଭଗୃହରେ ମହାସୁଆର ସେବାୟତ ଭୋଗ ଆଣିବା ବେଳେ ଝୁଣ୍ଟି ପଡ଼ିଥିଲେ ଏବଂ ମହାପ୍ରଭୁଙ୍କ ଉପରେ ଭୋଗ ଛିଟିକି ପଡ଼ିବା ସହ ସେ ନିଜେ ମଧ୍ୟ ତଳେ ପଡ଼ିଯାଇଥିଲା ଫଳରେ ଦିଅଁଙ୍କର ବେଶ ମାରା ହୋଇଥିଲା। ପରେ ଦିଅଁଙ୍କର ବେଶ ଓଲାଗି ହୋଇ ମହାସ୍ନାନ କରାଯାଇ ଅନ୍ୟାନ୍ୟ ନିତୀ ବଢ଼ିଥିଲା।

## ନାମ ଫଳକରେ ପିଟି ବାଇକ୍ ଚାଳକ ମୃତ

ଯାଁଳା, ୨୧।୧୧(ସମିସ): ଏୟାରଫିଲ୍ଡ ଥାନା ପଞ୍ଚୁପଲ୍ଲୀ ଜାମୁକୋଳି ରାସ୍ତାରେ ଏକ ନାମ ଫଳକରେ ପିଟି ଜଣେ ମୋଟରସାଇକଲ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ଖଣ୍ଡଗିରି ଥାନା ବାହାଦଲପୁରର ସୁଧିର ଦାସଙ୍କ ପୁଅ ପ୍ରକାଶ ଦାସ (୨୪)।

ମିଳିଥିବା ସୂଚନା ଅନୁସାରେ ପ୍ରକାଶ ତାଙ୍କର ଜଣେ ସାଙ୍ଗଙ୍କ ସହ ପଞ୍ଚୁପଲ୍ଲି ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘରକୁ ମୋଟରସାଇକଲ ଯୋଗେ ଆସିଥିଲେ। ପଞ୍ଚୁପଲ୍ଲୀ ଜାମୁକୋଳି ରାସ୍ତାରେ ଫେରିବା ବେଳେ କୌଣସି କାରଣରୁ ମୋଟର ସାଇକଲଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ନାମ ଫଳକରେ ପିଟି ହୋଇଯାଇଥିଲା। ଫଳରେ ପ୍ରକାଶ ଓ ତାଙ୍କ ସାଙ୍ଗ ଗାଡିରୁ ଛିଟିକି ପଡ଼ିଥିଲେ। ପ୍ରକାଶଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ନିକଟରେ କାମ କରୁଥିବା କିଛି ସ୍ଥାନୀୟ ଲୋକ ଗୁରୁତର ଆହତ ଦ୍ୱୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ। କିନ୍ତୁ ଡାକ୍ତର ପ୍ରକାଶଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବର ପାଇ ଏୟାରଫିଲ୍ଡ ଥାନା ପହଞ୍ଚି ମୃତକଙ୍କ ଶବ ଜବତ କରିବା ସହ ଆଜି ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି।

## କଳିଙ୍ଗ ପୁସ୍ତକ ମେଳା ଉଦ୍‌ଘାଟିତ




ଭୁବନେଶ୍ୱର, ୨୧।୧୧(ସମିସ): ୨୮ ତମ କଳିଙ୍ଗ ପୁସ୍ତକ ମେଳା ସ୍ଥାନୀୟ ପ୍ରଦର୍ଶନୀ ପଡ଼ିଆ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଲେଖକ ଦେବାଶିଷ ମହାପାତ୍ର ଯୋଗ ଦେଇଥିଲେ। ଏହି ଉପଲକ୍ଷେ ସାହିତ୍ୟ ଓ ଗବେଷଣା କ୍ଷେତ୍ରରେ ଡ. କୃଷ୍ଣକେଶବ ଷଡ଼ଙ୍ଗୀ, ବୈଦୁତିକ ଗଣମାଧ୍ୟମ କ୍ଷେତ୍ରରେ ଉତ୍କର୍ଷତା ପାଇଁ ରାଧାମାଧବ ମିଶ୍ର, ଶିକ୍ଷାଦାନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଡ. ପଲି ପଟ୍ଟନାୟକଙ୍କୁ 'ଚଳିତ ବର୍ଷ କଳିଙ୍ଗ ପୁସ୍ତକମେଳା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଚଳିତ ବର୍ଷ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୨୦୦ ପ୍ରକାଶକ, ପୁସ୍ତକ ବିକ୍ରେତା, ବିତର୍କ, ଶିକ୍ଷାନୁଷ୍ଠାନ ଓ ଅନ୍ୟାନ ଅନୁଷ୍ଠାନ ଯୋଗ ଦେଇଛନ୍ତି। ଏହି ମେଳା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଅପରାହ୍ଣ ୨ ଟାରୁ ରାତି ୯ ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ନିମନ୍ତେ ଖୋଲା ରହିବ। ପ୍ରତି ସନ୍ଧ୍ୟାରେ ପୁସ୍ତକ ମେଳାର ମୁଖ୍ୟ ମଞ୍ଚରେ ଶିଶୁ ମାନଙ୍କ ମଧ୍ୟରେ ପ୍ରତିଯୋଗିତା, ସାରସ୍ୱତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ପ୍ରାରମ୍ଭରେ ସମ୍ପାଦିକା ରେଣୁକା ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକମ୍ରରେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| ବିଜ୍ଞାପନ ସଂ. CRPD/SCO/2025-26/16 (ନିୟମିତ ପଦବୀ) | | | | |
|---|---|---|---|---|
| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ | 01.11.2025 ରେ ବୟସ (ବର୍ଷ) | |
| | | | ସର୍ବନିମ୍ନ | ସର୍ବାଧିକ |
| ପରିଚାଳକ (ରିସ୍କ ବିଶେଷଜ୍ଞ - ମଡେଲ ରିସ୍କ ପରିଚାଳନା) | ଏମ୍‌ଏମ୍‌ଜିଏସ୍-III | 5 | 28 | 40 |
| ଉପପ୍ରାଧକ୍ଷ (ରିସ୍କ ବିଶେଷଜ୍ଞ - ମଡେଲ ରିସ୍କ ପରିଚାଳନା) | ଏମ୍‌ଏମ୍‌ଜିଏସ୍-II | 5 | 25 | 35 |

| ବିଜ୍ଞାପନ ସଂ. CRPD/SCO/2025-26/13 (ଚୁକ୍ତିଭିତ୍ତିକ ପଦବୀ) | | | |
|---|---|---|---|
| ପୋଷ୍ଟର ନାମ | ଖାଲି ପଦବୀ | 01.11.2025 ରେ ବୟସ (ବର୍ଷ) | |
| | | ସର୍ବନିମ୍ନ | ସର୍ବାଧିକ |
| ସମ୍ପର୍କ ପରିଚାଳକ (ମ୍ୟୁଚୁଆଲ୍ ଫଣ୍ଡ) | 1 | 35 | 45 |
| ସମ୍ପର୍କ ପରିଚାଳକ (ବୀମା କ୍ଷେତ୍ର) | 1 | 35 | 45 |
| ସମ୍ପର୍କ ପରିଚାଳକ (ଷ୍ଟକ୍ ବ୍ରୋକରିଂ ଏବଂ ଏଫଆଇଆଇ/ଏଫପିଆଇ) | 3 | 35 | 45 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.11.2025 ରୁ 01.12.2025 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 11.11.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

ସକାଳ
THE SAKALA

# ସମ୍ପାଦକୀୟ



ତୁମେ ପ୍ରଥମେ ତୁମ ନିଜକୁ ସମ୍ମାନ ଦିଅ, ତା' ପରେ ଅନ୍ୟମାନେ ତୁମକୁ ସମ୍ମାନ ଦେବାକୁ ବାଧ୍ୟ ହେବେ।
- ଅବଦୁଲ୍‌ରଜାକ୍ ଗୁର୍‌ନା

## ବିହାରରେ ନୂଆ ପ୍ରୟୋଗ

ବହୁଦଳୀୟ ବା ମେଣ୍ଟ ସରକାରରେ ନେତୃତ୍ୱ ନେଇ ମତଭେଦ ବା ବିବାଦ ନୂଆକଥା ନୁହେଁ। ତେବେ ବୃହତ୍ତମ ଜାତୀୟଦଳ ରାଜନୈତିକ ଆବଶ୍ୟକତା ପାଇଁ ଆଞ୍ଚଳିକ ଦଳର ନେତୃତ୍ୱକୁ ସ୍ୱୀକୃତି ପ୍ରଦାନ କରିବା ବିହାର ନିର୍ବାଚନ ପ୍ରେକ୍ଷାପଟରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଗୁରୁବାର ଗାନ୍ଧୀ ମଇଦାନରେ ଆୟୋଜିତ ଭବ୍ୟ ସମାରୋହରେ ନୀତୀଶ କୁମାର ଦଶମ ଥର ପାଇଁ ମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଛନ୍ତି। ଏହା ଆମ ଦେଶରେ ସର୍ବକାଳୀନ ରେକର୍ଡ। ତାଙ୍କ ସହ ଦୁଇଜଣ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ୨୬ ଜଣ ମନ୍ତ୍ରୀ ମଧ୍ୟ ଶପଥ ନେଇଛନ୍ତି। ନିର୍ବାଚନରେ ଏତେ ବିପୁଳ ବିଜୟ ସତ୍ତ୍ୱେ ଏନଡିଏ ଜଣେ ଅଣସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରାଇବାରୁ କେନ୍ଦ୍ର ଓ ରାଜ୍ୟରେ ଗଠିତ ବହୁଦଳୀୟ ସରକାରଙ୍କ ବାଧ୍ୟବାଧକତା କେତେ ତାହା ସ୍ପଷ୍ଟ। ବିଧାନସଭାକୁ ମାତ୍ର ୪ ଜଣ ସଦସ୍ୟ ପଠାଇଥିବା ରାଷ୍ଟ୍ରୀୟ ଲୋକମୋର୍ଚ୍ଚା ନେତା ଉପେନ୍ଦ୍ର ଖୁସୱାହାଙ୍କ ପୁତ୍ରକୁ ବିଧାନ ପରିଷଦ ଆସନର ସ୍ୱୀକୃତି ଦେଇ କ୍ୟାବିନେଟରେ ଗ୍ରହଣ କରାଯାଇଛି। ନୀତୀଶ କୁମାର ୨୦୦୪ ରୁ ବିଧାନସଭା ନିର୍ବାଚନ ଲଢ଼ି ନାହାନ୍ତି। ସେ ବିଧାନ ପରିଷଦ ସଦସ୍ୟ ଭାବେ କ୍ରମାଗତ ୨୦ ବର୍ଷ ଧରି ରାଜ୍ୟର ମୁଖ୍ୟମନ୍ତ୍ରୀ ଅଛନ୍ତି।

ଏନଡିଏ ନିର୍ବାଚନ ରଣାଙ୍ଗନରେ ବିଜେପି ପ୍ରଭାବ ଓ ପତିଆରା ଦୃଷ୍ଟିରୁ ସବୁଠାରୁ ଶକ୍ତିଶାଳୀ ଦଳ ହୋଇଥିଲେ ମଧ୍ୟ ନୀତୀଶଙ୍କ ସମର୍ଥନ ବିନା ବିହାରରେ ଦଳ କ୍ଷମତା ଦଖଲ କରିବା ସମ୍ଭବ ନୁହେଁ। ମେଣ୍ଟର ଦୁଇ ପ୍ରମୁଖ ଅଂଶୀଦାର ପରସ୍ପରର ଦୁର୍ବଳତା ଜାଣିଥିଲେ ସତ, କିନ୍ତୁ ବିଜେପି ସରକାର ଗଠନ ସକାଶେ ସୁଚିନ୍ତିତ ରଣକୌଶଳ ନିର୍ଦ୍ଧାରଣ କରିଥିଲା। ଏପରିକି ନିର୍ବାଚନ ପ୍ରଚାରରେ ରାଜ୍ୟ ନେତୃତ୍ୱରୁ ନୀତୀଶଙ୍କୁ ହଟାଇବା ପ୍ରୟାସ ଏକ ପ୍ରସଙ୍ଗ ହୋଇଗଲା। ତାଙ୍କ ନେତୃତ୍ୱରେ ମେଣ୍ଟ ନିର୍ବାଚନ ଲଢ଼ିବ ଅଥଚ ସେ ମୁଖ୍ୟମନ୍ତ୍ରୀ ହେବେ ନାହିଁ। ଯେମିତି ମହାରାଷ୍ଟ୍ରରେ ଶିବସେନା ନେତା ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ମେଣ୍ଟ ନିର୍ବାଚନ ଲଢ଼ି ଜିତିଥିଲେ ମଧ୍ୟ ସିନ୍ଦେଙ୍କ ବଦଳରେ ଦେବେନ୍ଦ୍ର ଫଡନଭିସ୍ ହେଲେ ମୁଖ୍ୟମନ୍ତ୍ରୀ। ବିହାରରେ ସେହି ସୂତ୍ର ପ୍ରୟୋଗ ଉଦ୍ୟମକୁ କିନ୍ତୁ ନୀତୀଶ ପ୍ରତିହତ କରିଛନ୍ତି। ୮୯ ଆସନ ପାଇ ବିଜେପି ବୃହତ୍ତମ ଦଳର ମର୍ଯ୍ୟାଦା ହାସଲ କରିଛି ସତ, କିନ୍ତୁ ଜେଡିୟୁ ସେଭଳି ପଛରେ ପଡ଼ିଯାଇନାହିଁ। ଦୁଇଦଳ ମଧ୍ୟରେ ମାତ୍ର ୪ଟି ଆସନର ବ୍ୟବଧାନ। ନୀତୀଶ ରାଜନୀତିରେ ସବୁ ଅଙ୍କ କଷି ସାରିଛନ୍ତି। ତେଣୁ ବିଜେପିର ପରବର୍ତ୍ତୀ ପଦକ୍ଷେପ ପୂର୍ବରୁ ସେ ମୁକାବିଲା ସକାଶେ ଆଗୁଆ ଖସଡ଼ା ପ୍ରସ୍ତୁତ କରିଥା'ନ୍ତି।

ବିଜେପି ବୃହତ୍ତମ ଦଳ ହୋଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ପଦ ଦାବିରୁ କାହିଁକି ଓହରିଲା ଭଳି ପ୍ରଶ୍ନ ବିଭିନ୍ନ ମହଲକୁ ବିବ୍ରତ କରିଛି। ଏଠାରେ ଏତିକି କୁହାଯାଇ ପାରେ କି କେନ୍ଦ୍ରରେ କ୍ଷମତାସୀନ ବହୁଦଳୀୟ ସରକାରରେ ଜେଡିୟୁ ଅନ୍ୟତମ ଅଂଶୀଦାର। ଦଳର ୧୨ ସଦସ୍ୟ ସମର୍ଥନ ପ୍ରତ୍ୟାହାର କରିନେଲେ ଯେ ସରକାର ସଂଖ୍ୟାଗରିଷ୍ଠତା ହରାଇବ ଏକଥା ନୁହେଁ। କିନ୍ତୁ କେନ୍ଦ୍ର ସରକାର ହଠାତ୍ କୌଣସି ରାଜନୈତିକ ଅସ୍ଥିରତା ସୃଷ୍ଟି ହେବା ଚାହାନ୍ତି ନାହିଁ। ଏସବୁ ସତ୍ତ୍ୱେ ନୀତୀଶ ଯେ ପୂର୍ଣ୍ଣ ୫ ବର୍ଷ ମୁଖ୍ୟମନ୍ତ୍ରୀ ପଦରେ ତିଷ୍ଠି ରହିବେ ସେ ନେଇ ଏବେ ମଧ୍ୟ ସନ୍ଦେହ ରହିଛି। ଦାଓ ପେଞ୍ଚ ରାଜନୀତିର ଚକ କେତେବେଳେ କେଉଁ ଦିଗକୁ ଗଡ଼ିବ ତାହା କହିହେବ ନାହିଁ। ●

## ପାକିସ୍ତାନରେ ବିଲୟର ଆରମ୍ଭ

ପାକିସ୍ତାନର ୨୭ ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ୨୪୩ ଧାରାର ହୋଇଥିବା କ୍ଷମତା ଆବଣ୍ଟନକୁ ଓଲଟ ପାଲଟ କରିଦିଆଯାଇଛି। ଯାହା ଫଳରେ ଫିଲ୍ଡ ମାର୍ଶାଲ ଅସିମ ମୁନୀରଙ୍କୁ ଅଘୋଷିତ ଶାସନ ମୁଖ୍ୟ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଛି। ସେ କେବଳ ନ୍ୟାୟପାଳିକାର ନାଲି ଆଖିରୁ ବର୍ତ୍ତିଯିବେ ନାହିଁ, କ୍ଷମତାରୁ ଯିବା ପରେ ଆଇନଗତ ସୁରକ୍ଷା ପାଇବାକୁ ହକଦାର ହେବେ। ଏହାକୁ ଆମେ ବିନା ରକ୍ତପାତରେ ସାମରିକ ବାହିନୀକୁ କ୍ଷମତା ହସ୍ତାନ୍ତର ବୋଲି କହିପାରିବା। ଦକ୍ଷିଣ-ପୂର୍ବ ଏସିଆରେ ଗଣତାନ୍ତ୍ରିକ ପରିସରରେ ଏକଛତ୍ରବାଦକୁ ପ୍ରୋତ୍ସାହିତ କରୁଥିବା ନେତୃତ୍ୱ ପାଇଁ ଏହା ଏକ ଗ୍ରହଣୀୟ ଆଦର୍ଶ ରୂପେ ଆଗାମୀ ଦିନରେ ଉଦାହରଣ ସୃଷ୍ଟି କରିବ।

ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ମଧ୍ୟରେ ବହୁମତ ପାଇ ସରକାର ଗଢ଼ିଥିବା ଇମ୍ରାନ୍ ଖାଁଙ୍କୁ କ୍ଷମତାଚ୍ୟୁତ କରିବା ଏବଂ ତାଙ୍କୁ ଗିରଫ କରି ଜେଲ୍‌ରେ ରଖିବା ପଛରେ ପାକ୍ ସେନାବାହିନୀର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ପ୍ରବଳ ବିରୋଧ ଓ ଜନଆନ୍ଦୋଳନକୁ କଠୋର ହସ୍ତରେ ଦମନ କରି ସେନାବାହିନୀ ସାଧାରଣରେ ପ୍ରଭାବ ଓ ପତିଆରା ହରାଇଥିଲା। ଏମିତିରେ ଆଭ୍ୟନ୍ତରୀଣ ବିଶୃଙ୍ଖଳାକୁ ନିୟନ୍ତ୍ରଣ କରିବାରେ ଅସାମର୍ଥ୍ୟ ଏଥିସହ ଯୋଡ଼ି ହୋଇଯାଇଥିଲା। ଏସବୁ ସତ୍ତ୍ୱେ ଦେଶରେ ସାହାବାଜ ଶରିଫଙ୍କ ବହୁଦଳୀୟ ସରକାର ଗଠନ ପଛରେ ମୁନୀରଙ୍କ ସହଯୋଗ ଓ ସମର୍ଥନ ରହିଛି। ଶାସନ କ୍ଷମତା ସହ ସେନାବାହିନୀର ସଂପର୍କ ପୁଣି ନିବିଡ଼ ହୋଇଛି। ପାକିସ୍ତାନ ବିରୋଧରେ ଭାରତର 'ଅପରେସନ ସିନ୍ଦୂର'ର ଭୟଙ୍କର ସ୍ଥିତିରୁ ଦେଶକୁ ସୁରକ୍ଷା ଦେବାରେ ମୁନୀରଙ୍କ ସମର୍ଥ ନେତୃତ୍ୱ ସାଧାରଣରେ କେବଳ ପ୍ରଶଂସିତ ହୋଇ ନାହିଁ ଶାସନର ସବୁସ୍ତରରେ ତାଙ୍କର ପ୍ରାଧାନ୍ୟ ବୃଦ୍ଧି କରିଛି। ଏହା କ୍ରମେ ଶରିଫ ସରକାରକୁ ୨୭ ତମ ସମ୍ବିଧାନ ସଂଶୋଧନ ପାଇଁ ଅନୁପ୍ରାଣିତ କରିଛି। ଏହାଫଳରେ ସୁପ୍ରିମକୋର୍ଟର କ୍ଷମତା ଓ ସ୍ୱାଧୀନତା ହନନ ହୋଇଛି। ଏଣିକି ଏହି ସର୍ବୋଚ୍ଚ ଅଦାଲତ କେବଳ ଫୌଜଦାରୀ ଓ ଦେୱାନୀ ମାମଲାର ରିଟ ପିଟିସନ ଶୁଣାଣି କରିବେ। ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ ଭଳି ଗୁରୁତ୍ୱପୂର୍ଣ୍ଣ ମାମଲା ବିଚାର ପାଇଁ ଫେଡେରାଲ କନ୍‌ଷ୍ଟିଚ୍ୟୁସନାଲ୍ କୋର୍ଟ ପ୍ରତିଷ୍ଠା କରାଯିବ। ପ୍ରତିବାଦରେ ଦେଶରେ ଲୋକପ୍ରିୟ ପ୍ରମୁଖ ବିଚାରପତି ଇସ୍ତଫା ଦେଇଥିଲେ ମଧ୍ୟ ତାହାର କୌଣସି ପ୍ରଭାବ ଅନୁଭୂତ ହୋଇନାହିଁ।

କ୍ଷମତା ଅତିକ୍ରମଣ ପ୍ରବୃତ୍ତି ବ୍ୟବସ୍ଥାର ସବୁସ୍ତରରେ ଅନୁଭୂତ ହୋଇଆସିଛି। ସାମ୍ବିଧାନିକ କଟକଣା ଓ ବ୍ୟବସ୍ଥିତ ନିୟମର କଠୋର ଶୃଙ୍ଖଳ ଏହାକୁ ରୋକିପାରିନି। କ୍ଷମତାର ଅଳିନ୍ଦକୁ ଆହ୍ୱାନ ଦେବାକୁ ହେଲେ ନ୍ୟାୟପାଳିକାର ଆଶ୍ରୟ ନେବାକୁ ହେବ। କିନ୍ତୁ ଯେତେବେଳେ ନ୍ୟାୟପାଳିକାର କ୍ଷମତା ଓ ସ୍ୱାଧୀନତା ସଂକୁଚିତ ହୋଇଯିବ, ବ୍ୟବସ୍ଥା ସୁଧୁରିବା ପରିବର୍ତ୍ତେ ବିଗିଡ଼ିବା ଆରମ୍ଭ କରିବ। ଏକଥା ସତ ଯେ ପାକିସ୍ତାନ ଇତିହାସରେ ନିର୍ବାଚିତ ସରକାରଙ୍କୁ ୫ ବର୍ଷର ମିଆଦ ପୂରଣ କରିବାକୁ ଦିଆଯାଇନାହିଁ। ସେନାବାହିନୀର ପ୍ରଭାବ ଓ ପ୍ରାଧାନ୍ୟରେ ଆବଶ୍ୟକ ସ୍ଥଳେ ନେତୃତ୍ୱ ପରିବର୍ତ୍ତନ କିମ୍ବା ନିଜେ ସେନାନାୟକ ଏକ ବିଦ୍ରୋହ ମାଧ୍ୟମରେ କ୍ଷମତା ହାତକୁ ନେଇଛନ୍ତି। ତେବେ ଏହି ଘଟଣା ପ୍ରବାହ ମଧ୍ୟରେ ନ୍ୟାୟପାଳିକାର ଭୂମିକାକୁ ଏପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରଖାଯାଇଥିଲା। ବର୍ତ୍ତମାନ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଯେଉଁ ନୂଆ ଅଧ୍ୟାୟ ଯୋଡ଼ାଯାଇଛି ତାହା ପାକିସ୍ତାନର ଗଣତାନ୍ତ୍ରିକ ବ୍ୟବସ୍ଥା ବିଲୟର ଅୟମାରମ୍ଭ କୁହାଯାଇପାରେ। ●

# ଏଆଇ ଶିଳ୍ପର ଆର୍ଥିକ ସ୍ଥିତି

ସନ୍ତୋଷ କୁମାର ମିଶ୍ର

ଚଳିତ ଶତାବ୍ଦୀର ତୃତୀୟ ଦଶନ୍ଧି ପ୍ରାରମ୍ଭରୁ ଆରମ୍ଭ ହୋଇଛି ପଞ୍ଚମ ଶିଳ୍ପ ବିପ୍ଳବ। ସାଧାରଣ ଭାବରେ ଏହି ନୂତନ ଶିଳ୍ପ ଯୁଗକୁ 'କୃତ୍ରିମ ବୁଦ୍ଧିମତ୍ତା' ବା 'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)'ର ଯୁଗ କୁହାଯାଉଛି। ମାନବ ସଭ୍ୟତା ଉପରେ ଏହାର ସକାରାତ୍ମକ ପ୍ରଭାବ ଦୃଷ୍ଟିଗୋଚର ହେବା ପୂର୍ବରୁ ଏଥିରୁ ଉତ୍ପନ୍ନ ସମସ୍ୟା ବିରୋଧରେ ସମଗ୍ର ବିଶ୍ୱରେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏଆଇର ବ୍ୟାପକ ବ୍ୟବହାର ଫଳରେ ଉଭୟ ବୌଦ୍ଧିକ କର୍ମଜୀବୀ(ୱାଇଟ କଲାର ୱାକର୍ସ) ଓ ଶାରୀରିକ ଶ୍ରମଜୀବୀ(ବ୍ଲୁ କଲାର ୱାକର୍ସ) ଜୀବିକା ହରାଇବାରେ ଲାଗିଛନ୍ତି। ଛାତ୍ରଛାତ୍ରୀମାନଙ୍କ ସୃଜନଶୀଳତା ଓ ଚିନ୍ତନ ଶକ୍ତି ହ୍ରାସ ପାଉଥିବା ଅଭିଯୋଗ ହେଉଛି। ଏଆଇ ପାଇଁ ବଡ଼ ବଡ଼ ଡାଟା ସେଣ୍ଟରର ସ୍ଥାପନ ହେତୁ ବିଜୁଳି ଖର୍ଚ୍ଚ ବୃଦ୍ଧି ସହିତ ଶୀତଳୀକରଣ ପାଇଁ ଜଳ ଅପଚୟ ଓ ପ୍ରଦୂଷଣ ମଧ୍ୟ ବୃଦ୍ଧି ପାଇଛି।

ବର୍ତ୍ତମାନ ଏଆଇ ବିଶ୍ୱ ଅର୍ଥନୀତିକୁ ବିଯୁକ୍ତାତ୍ମକ ଭାବରେ ପ୍ରଭାବିତ କରୁଛି। ଗତ ୪ ତାରିଖରେ ବିଶ୍ୱର ସର୍ବବୃହତ ଆମେରିକୀୟ ପ୍ରତିଭୂତି ବଜାର 'ନାସଡାକ୍'ରେ ବୃହତ୍ ସୂଚନା ପ୍ରଯୁକ୍ତି ବିଜ୍ଞାନ ସଂସ୍ଥା ବା କମ୍ପାନୀମାନଙ୍କ ଅଂଶଧନ ମୂଲ୍ୟ ହଠାତ୍ ହ୍ରାସ ପାଇବାରୁ ଗୋଟିଏ ଦିନରେ ନିବେଶକମାନେ ୭୩୦ ବିଲିୟନ୍ ଡଲାର କ୍ଷତି ସହିଛନ୍ତି। ଏହିସବୁ କମ୍ପାନୀଗୁଡ଼ିକ ଏଆଇ ଶିଳ୍ପର ମେରୁଦଣ୍ଡ। ଏମାନେ ଏଆଇ କ୍ଷେତ୍ରରେ ବ୍ୟାପକ ପୁଞ୍ଜି ନିବେଶ କରୁଛନ୍ତି। ତେଣୁ ଗତ କିଛିମାସ ଧରି ଏଆଇ ଶିଳ୍ପର ଆର୍ଥିକ ଦିଗ ବିଷୟରେ ଗବେଷଣା ଓ ଆଲୋଚନା ଆରମ୍ଭ ହୋଇଛି।

ବର୍ତ୍ତମାନ ବିଶ୍ୱ ଅର୍ଥନୀତିରେ ଏଆଇର ଏକ ସ୍ୱତନ୍ତ୍ର ଓ ପ୍ରମୁଖ ସ୍ଥାନ ରହିଛି। କିନ୍ତୁ ଏଆଇ ଶିଳ୍ପର ପ୍ରକୃତ ଆର୍ଥିକ ସ୍ଥିତି ବା ଏହାର ଆକାର କେତେ ସେ ବିଷୟରେ କିଛି ନିର୍ଦ୍ଦିଷ୍ଟ ତଥ୍ୟ ସାର୍ବଜନୀନ ହୋଇ ନାହିଁ। ବର୍ତ୍ତମାନ ଯେଉଁ ଚାରି/ପାଞ୍ଚୋଟି ବୃହତ୍ ଏଆଇ କମ୍ପାନୀ ନିଜର ଏଆଇ ଟୁଲ୍ ମାଧ୍ୟମରେ ସେବା ଯୋଗାଇ ଦେଇ ଆସୁଛନ୍ତି, ସେମାନେ କେତେ ଅର୍ଥ ବିନିଯୋଗ କରିଛନ୍ତି ତାହାର ଔପଚାରିକ ତଥ୍ୟ ପ୍ରଦାନ କରି ନାହାନ୍ତି। ସେମାନଙ୍କୁ ସାହାଯ୍ୟ କରୁଥିବା ହାର୍ଡୱେର କମ୍ପାନୀଗୁଡ଼ିକର ପ୍ରତିଭୂତି ବଜାରରେ ଅଂଶଧନର ସ୍ଥିର ମୂଲ୍ୟ ନାହିଁ। ଏଆଇ ଶିଳ୍ପର ବ୍ୟାପକ ଅଭିବୃଦ୍ଧି ସତ୍ତ୍ୱେ ଚିପ୍ କମ୍ପାନୀଗୁଡ଼ିକର ଅଂଶଧନ ଅବମୂଲ୍ୟାୟନ ହେଉଛି କାହିଁକି ତାହା ସ୍ପଷ୍ଟ ହୋଇ ନାହିଁ।

ଏଆଇ ଚିପ୍ ପ୍ରସ୍ତୁତ କରୁଥିବା ଗୋଟିଏ କମ୍ପାନୀର ଆକାର ଭାରତ ଓ ଜାପାନର ମୋଟ ଘରୋଇ ଉତ୍ପାଦଠାରୁ ମଧ୍ୟ ଅଧିକ। କିନ୍ତୁ ପ୍ରତିଭୂତି ବଜାରରେ ତାହାର ଅଂଶଧନ ହାରାହାରି ଦଶଶତାଂଶ ହ୍ରାସ ପାଇଛି। ଗତ ଜାନୁୟାରୀ ମାସରେ ଯେତେବେଳେ ଏକ ଚାଇନିଜ୍ କମ୍ପାନୀ ନିଜର ଏଆଇ ଟୁଲ୍‌ର ସେବା ପ୍ରଦାନ ଆରମ୍ଭ କରିଥିଲା ସେତେବେଳେ ଏହି କମ୍ପାନୀ ସେୟାର ବଜାରରେ ଧରାଶାୟୀ ହୋଇଗଲା। କିନ୍ତୁ ମାତ୍ର କିଛି ମାସ ମଧ୍ୟରେ ପୁନର୍ବାର ଏହି କମ୍ପାନୀର ମୋଟ ଆକାର ତିନି ଟ୍ରିଲିୟନ ଡଲାରକୁ ସ୍ପର୍ଶ କଲା। ଗତ ଅଢ଼େଇ ମାସ ମଧ୍ୟରେ ଏହି କମ୍ପାନୀର ଆକାର ଦୁଇ ଟ୍ରିଲିୟନ୍ ଡଲାର ବୃଦ୍ଧି ପାଇଛି। ଏଆଇ ଶିଳ୍ପ ପରି ଏକ ଉଦୀୟମାନ କ୍ଷେତ୍ରରେ ଏହା କିପରି ସମ୍ଭବ ହେଲା ତାହା ଅର୍ଥଶାସ୍ତ୍ରୀମାନଙ୍କ ପାଇଁ ଅବୋଧ ରହିଛି। ଏଆଇ ଶିଳ୍ପର ଆରମ୍ଭ ସମୟରୁ ବିଭିନ୍ନ ପ୍ରକାରର ଏଆଇ ଟୁଲକୁ ବଜାର ପ୍ରବେଶ କରାଇବା ସମୟରେ କମ୍ପାନୀମାନେ ଏହାକୁ ଏକ ଯୁଗାନ୍ତକାରୀ ଉଦ୍ଭାବନ ରୂପେ ଅଭିହିତ କରିଥିଲେ ଏବଂ ଏହାର ସାହାଯ୍ୟ ନେଇ ନିଜର ଦକ୍ଷତାକୁ ବୃଦ୍ଧି କରିପାରିବେ ବୋଲି ପ୍ରଚାର କରିଥିଲେ। କିନ୍ତୁ କମ୍ପାନୀମାନେ ଏଥିରୁ କିପରି ଲାଭବାନ ହେବେ ତାହା ଜାଣିବା ସମ୍ଭବ ହୋଇ ପାରି ନ ଥିଲା। ଅର୍ଥାତ ଏଆଇ ଶିଳ୍ପର ନିର୍ଦ୍ଦିଷ୍ଟ ବ୍ୟବସାୟ ପ୍ରଣାଳୀ ବା ବିଜିନେସ୍ ମଡେଲ ନାହିଁ। ଏଆଇ ଟୁଲ୍‌କୁ ବିକଶିତ କରିବା ଏବଂ ସେଥିରେ ସମୟୋପଯୋଗୀ ପରିବର୍ତ୍ତନ ଆଣି ତାହାକୁ ଅଧିକ ଦକ୍ଷ କରିବା ସହିତ ଏହାଉପରେ ନିୟମିତ ଗବେଷଣା କରିବା, ଡାଟା ସେଣ୍ଟର ସ୍ଥାପନ ଓ ରକ୍ଷଣାବେକ୍ଷଣ, କର୍ମଚାରୀମାନଙ୍କ ବେତନ, ବିଜ୍ଞାପନ ଇତ୍ୟାଦି ପାଇଁ କମ୍ପାନୀମାନେ କିପରି ଅର୍ଥ ଉପାର୍ଜନ କରିବେ ବା କରୁଛନ୍ତି ତାହା ଏବେ ମଧ୍ୟ ରହସ୍ୟମୟ।

ମାସାଚୁସେଟ୍ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ବିଶ୍ୱବିଦ୍ୟାଳୟ ୧୫୦ଟି ଏଆଇ ଶିଳ୍ପ ସହିତ ସମ୍ପୃକ୍ତ କମ୍ପାନୀମାନଙ୍କ ଉପରେ ଏକ ସର୍ବେକ୍ଷଣ କରିଥିଲେ। ସର୍ବେକ୍ଷଣରୁ ଜଣାପଡ଼ିଥିଲା ଯେ ପ୍ରାୟ ୯୫ ଶତାଂଶ କମ୍ପାନୀ ଏଆଇ ଶିଳ୍ପରେ ବ୍ୟାପକ ପୁଞ୍ଜି ବିନିଯୋଗ କରିବା ପରେ କୌଣସି ଉପାୟରେ ଆର୍ଥିକ ଲାଭ ପ୍ରାପ୍ତ କରିବା ପାଇଁ ସକ୍ଷମ ହୋଇପାରୁ ନାହାନ୍ତି। ଅନ୍ୟପକ୍ଷରେ ସମଗ୍ର ବିଶ୍ୱରେ ବଡ଼ ବଡ଼ ଏଆଇ କମ୍ପାନୀମାନଙ୍କ ପୁଞ୍ଜି ବିନିଯୋଗ ୨୦୨୫ ମଧ୍ୟଭାଗ ବେଳକୁ ୩୦୦ ବିଲିୟନ୍ ଡଲାରରୁ ଅଧିକ ରହିଛି। ଛୋଟ ଛୋଟ କମ୍ପାନୀମାନଙ୍କରେ ମଧ୍ୟ ପୁଞ୍ଜି ବିନିଯୋଗ ବୃଦ୍ଧି ପାଇବାରେ ଲାଗିଛି। ବିଶ୍ୱରେ ଷ୍ଟାର୍ଟଅପ୍ କମ୍ପାନୀମାନଙ୍କରେ ଯେତେ ବିନିଯୋଗ ହୁଏ, ତାହାର ପ୍ରାୟ ୭୧ ଶତାଂଶ କେବଳ ଏଆଇ ଶିଳ୍ପରେ ସମ୍ପୃକ୍ତ ଷ୍ଟାର୍ଟଅପ୍ କମ୍ପାନୀମାନଙ୍କରେ ହୋଇଛି। ତେଣୁ ଏଥିରୁ ସ୍ପଷ୍ଟ ହୋଇଛି ଯେ ନିବେଶକ ଏଆଇ ଶିଳ୍ପରେ ପ୍ରଚୁର ପୁଞ୍ଜି ବିନିଯୋଗ କରୁଛନ୍ତି।

ଆର୍ଥିକ ପରାମର୍ଶଦାତା ମେକେଞ୍ଜିର ଏକ ଆକଳନ ଅନୁସାରେ ବିଶ୍ୱର ପ୍ରମୁଖ ପାଞ୍ଚୋଟି ଆଇଟି କମ୍ପାନୀ ଏଆଇ କ୍ଷେତ୍ରରେ ମିଳିତ ଭାବରେ ବିଗତ ଦୁଇବର୍ଷ ମଧ୍ୟରେ ପ୍ରାୟ ୫୬୦ ବିଲିୟନ ଡଲାର ବିନିଯୋଗ କରିଥିଲେ। କିନ୍ତୁ ମାତ୍ର ୩୫ ବିଲିୟନ୍ ଡଲାର ଆୟ କରିବା ପାଇଁ ସକ୍ଷମ ହୋଇଥିଲେ। ଆର୍ଥିକ ଉପଦେଷ୍ଟା ବ୍ରେନ୍ ଆଣ୍ଡ କମ୍ପାନୀର ଏକ ଆକଳନ ଅନୁସାରେ ୨୦୩୦ ବେଳକୁ ବିଶ୍ୱର ଏଆଇ ଚାହିଦାକୁ ପୂରଣ କରିବା ପାଇଁ ପ୍ରମୁଖ ଆଇଟି କମ୍ପାନୀମାନଙ୍କ ବାର୍ଷିକ ଆୟ ପ୍ରାୟ ୨ ଟ୍ରିଲିୟନ ଡଲାରରୁ ଅଧିକ ରହିବା ଆବଶ୍ୟକ। କିନ୍ତୁ ୨୦୩୦ ବେଳକୁ କମ୍ପାନୀମାନେ ମାତ୍ର ୨୦୦ ବିଲିୟନ ଡଲାର ଆୟ କରିବା ପାଇଁ ସମର୍ଥ ହେବେ। ପ୍ରାୟ ୮୦୦ ବିଲିୟନ ଡଲାରରୁ ଅଧିକ କ୍ଷତି ମଧ୍ୟରେ କମ୍ପାନୀମାନେ ତିଷ୍ଠି ରହିବା ପାଇଁ କେତେଦୂର ସକ୍ଷମ ହେବେ ତାହା ଏକ ବଡ଼ ଜଟିଳ ପ୍ରଶ୍ନ। ଏହାସତ୍ତ୍ୱେ ଗୋଟିଏ ପ୍ରମୁଖ ଏଆଇ କମ୍ପାନୀ କହିଛି ଯେ ଗୋଟିଏ ସାଧାରଣ ପ୍ରଶ୍ନର ଉତ୍ତର ଦେବା ବେଳେ କମ୍ପାନୀର ଦଶ ଡଲାରର ଖର୍ଚ୍ଚ ହୁଏ; କିନ୍ତୁ ଭାରତ ପରି ବିଶାଳ ବଜାରରେ ସମସ୍ତ ପ୍ରମୁଖ ଏଆଇ କମ୍ପାନୀମାନେ ସେବାକୁ ସମ୍ପୂର୍ଣ୍ଣ ଭାବରେ ନିଃଶୁଳ୍କ କରିଛନ୍ତି।

ଏପରି ପରିସ୍ଥିତିରେ ପ୍ରତିଭୂତି ବଜାରରେ ଏଆଇ ଶିଳ୍ପ କମ୍ପାନୀମାନଙ୍କ ଅଂଶଧନକୁ ସଠିକ୍ ଭାବରେ ଚିନ୍ତା କରି କ୍ରୟ କରିବା ପାଇଁ ମୋର୍ଗନ୍ ଷ୍ଟାନଲି ଓ ଗୋଲ୍ଡମ୍ୟାନ ସ୍ୟାକ୍ସ ନିବେଶକମାନଙ୍କୁ ପରାମର୍ଶ ଦେଇଛନ୍ତି। ସେମାନଙ୍କ ତର୍କ ରହିଛି ଯେ ଏଆଇ ଶିଳ୍ପରେ ସଂପୃକ୍ତ କମ୍ପାନୀମାନଙ୍କ ଅଂଶଧନକୁ ମାତ୍ରାଧିକ ମୂଲ୍ୟାୟନ କରାଯାଇଛି। ବଜାରରେ ଏଆଇ ବିଷୟରେ ଅମୂଳକ ଓ ଅଯଥା ପରିକଳ୍ପିତ ଧାରଣା ସେମାନଙ୍କୁ ସାହାଯ୍ୟ କରୁଛି। ସେଥିପାଇଁ ପ୍ରତିଭୂତି ବଜାରରେ ଯେପରି ବଡ଼ ଧରଣର ସ୍ଖଳନ ନ ଆସେ ଏବଂ ନିବେଶକଙ୍କ ବଡ଼ ଧରଣର କ୍ଷତି ନ ହୁଏ ସେଥିପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। ଏଆଇ ଶିଳ୍ପ ପାଇଁ ଚିପ୍ ପ୍ରସ୍ତୁତ କରୁଥିବା ଆମେରିକୀୟ କମ୍ପାନୀମାନଙ୍କ ଅଂଶଧନରେ ଅବମୂଲ୍ୟାୟନ ପଛରେ ଭୂ-ରାଜନୈତିକ ଅସ୍ଥିରତାକୁ ମଧ୍ୟ ଦାୟୀ କରାଯାଉଛି। ଆମେରିକାର ଉଚ୍ଚ ବାଣିଜ୍ୟ ଶୁଳ୍କ ନୀତି ଫଳରେ ଚୀନ ଚିପ୍ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକ ହେଉଥିବା ଦୁର୍ଲଭ ଖଣିଜ ପଦାର୍ଥର ରପ୍ତାନି ଉପରେ କଟକଣା ଲାଗୁ କରିଥିବାରୁ ଚିପ୍ କମ୍ପାନୀମାନଙ୍କ ଅଂଶଧନ ମୂଲ୍ୟ ହ୍ରାସ ପାଉଛି ବୋଲି ଅନୁମାନ କରାଯାଉଛି।

ଏଆଇ ପରି ମାତ୍ର ତିନିବର୍ଷର ଶିଶୁ ଶିଳ୍ପରୁ ଭବିଷ୍ୟତରେ ପ୍ରଚୁର ଲାଭର ଆଶା ରଖି ଏଥିରେ ପର୍ଯ୍ୟାପ୍ତ ପୁଞ୍ଜି ବିନିଯୋଗ କରିବା ଅର୍ଥନୀତି ପ୍ରତି ବିପଦ ସୃଷ୍ଟି କରିଛି। କାରଣ ସୂଚନା ପ୍ରଯୁକ୍ତି ବିଜ୍ଞାନ ଶିଳ୍ପ ପ୍ରାୟ ଦୁଇ ଦଶନ୍ଧି ପୂର୍ବେ ଏକ ବଡ଼ ଧରଣର ଆର୍ଥିକ ସ୍ଖଳନ ଦେଖିଛି। ୨୦୦୦ ମସିହାର ଡଟ୍ କମ୍ ବବଲ୍‌ର ଭୟ ଏଆଇ ଶିଳ୍ପ ମଧ୍ୟରେ ଦେଖା ଦେଇଛି। ୧୯୯୦ ମସିହାରେ ଇଣ୍ଟରନେଟ୍ ଯୁଗ ଆରମ୍ଭ ହେବା ବେଳେ ବହୁତ କମ ସମୟ ମଧ୍ୟରେ ଏଥିରୁ ପ୍ରଚୁର ଆଶା ରଖି ବିପୁଳ ପୁଞ୍ଜି ବିନିଯୋଗ ସହ ଶହ ଶହ ଷ୍ଟାର୍ଟଅପ୍ କମ୍ପାନୀ ସେବା ଆରମ୍ଭ କଲେ। କିନ୍ତୁ ଇଣ୍ଟରନେଟ୍ ଶିଳ୍ପରୁ ସେପରି ଲାଭ ନ ମିଳିବାରୁ କମ୍ପାନୀମାନେ ଦେବାଳିଆ ହେବାକୁ ଲାଗିଲେ ଏବଂ ପୁଞ୍ଜି ପ୍ରତ୍ୟାହାର ଆରମ୍ଭ ହେଲା। ଏହାର ଏକମାତ୍ର କାରଣ ଥିଲା ଇଣ୍ଟରନେଟ୍ ଶିଳ୍ପରେ ବ୍ୟବସାୟ କିପରି ଚାଲିବ ସେ ବିଷୟରେ ନିବେଶକମାନେ ସମ୍ପୂର୍ଣ୍ଣ ଭାବରେ ଅଜ୍ଞ ଥିଲେ। ସେତେବେଳେ 'ନାସଡାକ୍'ରେ ପ୍ରାୟ ୫ ଟ୍ରିଲିୟନ ଡଲାର ରାତାରାତି ଉଭାନ ହୋଇଯାଇଥିଲା।

ଭାରତରେ ମଧ୍ୟ ଏଆଇ ଶିଳ୍ପରେ ପୁଞ୍ଜି ବିନିଯୋଗ ବୃଦ୍ଧି ପାଇବାରେ ଲାଗିଛି। ଚଳିତ ଆର୍ଥିକ ବର୍ଷରେ ଏଆଇ ଶିଳ୍ପରେ ପ୍ରାୟ ୫୨୪ ନିୟୁତ ଡଲାର ନିବେଶ ହୋଇଛି। ବିନା କୌଣସି ତଥ୍ୟ ଆଧାରରେ ଦୂର ଭବିଷ୍ୟତକୁ ଆକଳନ କରି ପ୍ରଚୁର ପୁଞ୍ଜି ବିନିଯୋଗ କରିବା ବିପଦପୂର୍ଣ୍ଣ ହୋଇପାରେ। ●

ବେଲେଶ୍ୱର(କଟକ),
ମୋ: ୯୪୩୭୧୨୮୪୬୪

# ଆଧୁନିକ ପୁଞ୍ଜିବାଦର ଉଦୀୟମାନ ମାନବୀୟ ପ୍ରକୃତି

ମାନସ କୁମାର କର

ଭାରତୀୟ ସଂସ୍କୃତିରେ ଦାନ ପରମ୍ପରାର ବିଶେଷ ଗୁରୁତ୍ୱ ରହିଛି। ଏହାକୁ ଧର୍ମ ଓ ସାମାଜିକ ଦାୟିତ୍ୱ ସହିତ ଜଡ଼ିତ କରାଯାଇଛି। ହୁଏତ ଏହି କାରଣରୁ ଭାରତରେ ଧାର୍ମିକ ସମାରୋହରେ ଦାନ ଦେବାର ପରମ୍ପରାକୁ ଅଧିକ ଗୁରୁତ୍ୱ ଦିଆଯାଏ। ଏହି ପରମ୍ପରାର ଉଦ୍ଦେଶ୍ୟ କେବଳ ଅଭାବୀମାନଙ୍କୁ ସାହାଯ୍ୟ କରିବା ନୁହେଁ, ବରଂ ସମାଜରେ ସନ୍ତୁଳନ ଓ ମାନବିକତା ବଜାୟ ରଖିବା। ଦେଶରେ ଅସମାନତା ଓ ଦାରିଦ୍ର୍ୟର ପରିସ୍ଥିତି ଦେଖିବା ପରେ ସମ୍ଭବତଃ ମହାତ୍ମା ଗାନ୍ଧୀ 'ଟ୍ରଷ୍ଟିସିପ୍' ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ଅନୁସାରେ ଧନୀ ଲୋକମାନେ ସେମାନଙ୍କ ସମ୍ପତ୍ତିର ମାଲିକ ନୁହନ୍ତି, କେବଳ ଟ୍ରଷ୍ଟି କିମ୍ବା ରକ୍ଷକ ଅଟନ୍ତି ଏବଂ ସେମାନେ ସେମାନଙ୍କର ସମ୍ପତ୍ତିକୁ କେବଳ ସେମାନଙ୍କର ମୌଳିକ ଆବଶ୍ୟକତା ପାଇଁ ବ୍ୟବହାର କରିବା ସହିତ ଅବଶିଷ୍ଟ ସମ୍ପତ୍ତିକୁ ସମାଜର କଲ୍ୟାଣ ପାଇଁ ଉତ୍ସର୍ଗ କରିବା ଉଚିତ। ଏହି ନୀତି ହୃଦୟ ପରିବର୍ତ୍ତନ ଓ ସ୍ୱେଚ୍ଛାକୃତ ତ୍ୟାଗ ଉପରେ ଆଧାରିତ।

ଆମେରିକୀୟ ଶିଳ୍ପପତି ୱାରେନ ବଫେଟ୍ ତାଙ୍କ ମୃତ୍ୟୁ ପରେ ତାଙ୍କ ପିଲାମାନଙ୍କ ଦ୍ୱାରା ପରିଚାଳିତ ଏକ ଦାନଯୋଗ୍ୟ ଟ୍ରଷ୍ଟକୁ ୧୫୦ ବିଲିୟନ ଡଲାର ସମ୍ପତ୍ତି ଦାନ କରିବାକୁ ଘୋଷଣା କରିଥିଲେ। ଏହି ଟ୍ରଷ୍ଟ ମାଧ୍ୟମରେ ତାଙ୍କ ପିଲାମାନେ ଏହି ସମ୍ପତ୍ତିକୁ ଦାତବ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରିବେ ଏବଂ ସେମାନଙ୍କ ପିଲାମାନେ ନିଜସ୍ୱ ବୁଝାମଣା ଓ ସହମତି ଆଧାରରେ ନିଷ୍ପତ୍ତି ନେବେ। ଏହା ନିଃସନ୍ଦେହରେ ଏକ ଭଲ ପରମ୍ପରା। କିନ୍ତୁ ଏହାକୁ ଗାନ୍ଧୀଙ୍କ 'ଟ୍ରଷ୍ଟିସିପ୍' ନୀତିର ଆଧାର ଭାବରେ ଦେଖାଯାଇପାରିବ କି? ନା ଏହାକୁ ପୁଞ୍ଜିବାଦର ଏକ ମାନବିକ ଚେହେରା ଭାବରେ ଦେଖାଯିବା ଉଚିତ?

ପ୍ରଶ୍ନ ହେଉଛି: କ'ଣ କଲ୍ୟାଣକାରୀ ପୁଞ୍ଜିବାଦ ସମ୍ଭବ? ନା ଜୀବନବ୍ୟାପୀ ଶୋଷଣ ଓ ଅତ୍ୟାଚାର ପରେ ପୁଞ୍ଜିବାଦୀମାନେ ସେମାନଙ୍କର ମାନସିକତାରେ ପରିବର୍ତ୍ତନ ଆଣିବା ସ୍ୱାଭାବିକ? ସମାଜଶାସ୍ତ୍ରୀୟ ଦୃଷ୍ଟିକୋଣରୁ ବର୍ତ୍ତମାନର ଯୁଗ ହେଉଛି ଟେକ୍ନୋ-ପୁଞ୍ଜିବାଦର, ଯେଉଁଠାରେ ଟେକ୍ନୋଲୋଜି ନବସୃଜନ ଏବଂ ପୁଞ୍ଜି ହେଉଛି ଧନ, ଅଭିବୃଦ୍ଧି ଓ ଶକ୍ତିର ପ୍ରାଥମିକ ଚାଳକ। ଏହା ଧନୀ ଓ ଗରିବଙ୍କ ମଧ୍ୟରେ ବଢୁଥିବା ପାର୍ଥକ୍ୟକୁ ସୂଚାଉଛି, ଯାହାଫଳରେ ଧନୀମାନେ ଅଧିକ ଧନୀ ହେଉଛନ୍ତି। ନବ-ପୁଞ୍ଜିବାଦର ଏହି ଯୁଗରେ ଶୋଷଣ ଓ ଅତ୍ୟାଚାର ବଦଳରେ ପୁଞ୍ଜିବାଦର ଏକ କଲ୍ୟାଣକାରୀ ରୂପ ଉଭା ହେଉଛି, ଯାହା ଦୁଇଟି ଉପାୟରେ କାମ କରେ। ପ୍ରଥମତଃ, କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ରୂପରେ ଏବଂ ଦ୍ୱିତୀୟତଃ, ଦାନ ରୂପରେ। ପୁଞ୍ଜିବାଦ ଭିତରେ ଥିବା ସଙ୍କଟ କ'ଣ ଏହି ଲୋକମାନଙ୍କୁ କଲ୍ୟାଣମୂଳକ କାର୍ଯ୍ୟକଳାପରେ ନିୟୋଜିତ କରିବାକୁ ବାଧ୍ୟ କରୁଛି? ନା ବଜାର ଏବେ କଲ୍ୟାଣମୂଳକ କାର୍ଯ୍ୟକଳାପରେ ରାଷ୍ଟ୍ରକୁ ସ୍ଥାନ ଦେଉଛି?

ପୁଣି ପ୍ରଶ୍ନ ଉଠେ, କେବଳ ୯୦ ବର୍ଷ କିମ୍ବା ତା'ଠାରୁ ଅଧିକ ବର୍ଷ ବୟସରେ କଲ୍ୟାଣମୂଳକ କାର୍ଯ୍ୟକଳାପରେ ନିୟୋଜିତ ହେବାର ଚିନ୍ତାଧାରା କାହିଁକି ମନକୁ ଆସେ? ଭାରତରେ ରତନ ଟାଟା ଓ ଅଜିମ ପ୍ରେମଜୀଙ୍କ ପରି କେତେକ ବଦାନ୍ୟ ଉଦାହରଣୀୟ ଓ ଅନୁକରଣୀୟ ବ୍ୟକ୍ତିତ୍ୱ ପୁଞ୍ଜିବାଦର କୁତ୍ସିତ ଚେହେରାକୁ କଲ୍ୟାଣକାରୀ ଓ ମାନବିକ ଚେହେରାରେ ବଦଳାଇ ଦେଇଛନ୍ତି, ଯେଉଁମାନେ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମୀଣ ବିକାଶ ଓ ପରିବେଶ ସୁରକ୍ଷା ଭଳି କ୍ଷେତ୍ରରେ ସମାଜରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି। ଅନ୍ୟପକ୍ଷରେ, ପୁଞ୍ଜିବାଦର ଏକ ଅମାନବୀୟ ଓ ଶୋଷଣକାରୀ ଦିଗ ମଧ୍ୟ ଅଛି, ଯାହାର ବୈଶିଷ୍ଟ୍ୟ ହେଉଛି ୯୦ ଘଣ୍ଟାର କାର୍ଯ୍ୟ ଅଥବା ଦୀର୍ଘ କାର୍ଯ୍ୟସମୟ, ଅସୁରକ୍ଷିତ କର୍ମକ୍ଷେତ୍ର ପରିବେଶ, ଚାକିରି ଅସୁରକ୍ଷିତତା, ଛଟେଇର ଭୟ ଓ କମ ମଜୁରୀ।

ପ୍ରୋଟେଷ୍ଟାଣ୍ଟ ନୀତିଶାସ୍ତ୍ର ଓ ପୁଞ୍ଜିବାଦର ଢାଞ୍ଚାରେ ସମାଜବିଜ୍ଞାନୀ ମ୍ୟାକ୍ସ ୱେବର 'ପ୍ରୋଟେଷ୍ଟାଣ୍ଟ ଏଥିକ୍ସ ଆଣ୍ଡ ଦି ସ୍ପିରିଟ୍ ଅଫ୍ କ୍ୟାପିଟାଲିଜିମ୍' ଏବଂ କାର୍ଲ ମାର୍କ୍ସ 'ଦାସ କାପିଟାଲ୍' ରେ ସମାନ ଆଲୋଚନା କରିଥିଲେ, ଯେଉଁଠାରେ ୱେବର ପୁଞ୍ଜିବାଦର କଲ୍ୟାଣକାରୀ ଦିଗକୁ ଉପସ୍ଥାପନ କରିଥିଲେ ଏବଂ ମାର୍କ୍ସ ଶୋଷଣମୂଳକ ଦିଗକୁ ଦେଖାଇଥିଲେ। ଏହା ମଧ୍ୟ ସତ୍ୟ ଯେ ସେହି ସମୟରେ ପ୍ରଯୁକ୍ତିବିଦ୍ୟା ଆଜି ପରି ପ୍ରଭାବଶାଳୀ ନଥିଲା ଏବଂ ଯେତେବେଳେ ପୁଞ୍ଜିବାଦୀମାନେ ଏହି ପ୍ରଯୁକ୍ତିବିଦ୍ୟା-ପୁଞ୍ଜିବାଦରୁ ଯଥେଷ୍ଟ ଲାଭ ଅମଳ କରୁଛନ୍ତି, ସେମାନେ ଭୟ କରୁଛନ୍ତି ଯେ ଜନସଂଖ୍ୟାର ଏକ ଅଂଶ ସେମାନଙ୍କ ବିରୁଦ୍ଧରେ ପ୍ରତିବାଦର ଆଶଙ୍କାକୁ ବୃଦ୍ଧି କରିପାରେ। ତେଣୁ ସେମାନେ କଲ୍ୟାଣକାରୀ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି।

ପ୍ରକୃତରେ, ବଜାରର କେବଳ ଗୋଟିଏ ନିୟମ ଅଛି - 'ଏହାର କୌଣସି ନିୟମ ନାହିଁ; ଏହାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଲାଭ କରିବା।' ହୁଏତ ଏହି କାରଣରୁ ଆଜି ଆମ ସମାଜ ଏତେ ବିପଦ ଓ ଆହ୍ୱାନରେ ଘେରି ରହିଛି। ପୁଞ୍ଜିବାଦୀ ଅର୍ଥନୀତିର ଭବିଷ୍ୟତର ଏହି ଆହ୍ୱାନଗୁଡ଼ିକୁ ପୂର୍ବାନୁମାନ କରି ଗାନ୍ଧିଜୀ 'ଟ୍ରଷ୍ଟିସିପ୍' ନୀତିର ଅବତାରଣା କରିଥିଲେ, ଯାହା ଆଜିର ଦିନରେ ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ସେ ବିଶ୍ୱାସ କରୁଥିଲେ ଯେ ଯଦି ଧନୀ ବ୍ୟକ୍ତିମାନେ ସେମାନଙ୍କର ଅତିରିକ୍ତ ସମ୍ପତ୍ତିକୁ ସମାଜର ହିତ ପାଇଁ ଦାନ ଅବା ବ୍ୟବହାର କରନ୍ତି, ତେବେ ଏହା ସମାଜରେ ସମାନତା ଆଣିପାରିବ ଏବଂ ଧନୀ-ଗରିବଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ ହୋଇପାରିବ, ଯାହା ଏକ ନ୍ୟାୟପୂର୍ଣ୍ଣ ସମାଜ ପ୍ରତିଷ୍ଠାର ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିପାରିବ। ●

କୋତାଙ୍ଗ(କୋଣାର୍କ), ମୋ: ୭୩୮୧୩୮୨୨୧୦

# ପଦ୍ମସମ୍ଭବଙ୍କ ମହାପରିନିର୍ବାଣ ସ୍ଥଳ

ପ୍ରବୀର କୁମାର ପଟ୍ଟନାୟକ

ତିବ୍ଦତରେ ତୀର୍ଥଯାତ୍ରା ଅତ୍ୟନ୍ତ ଲୋକପ୍ରିୟ ପ୍ରଥା। ସେଠାରେ ଅସଂଖ୍ୟ ପୁଣ୍ୟପୀଠ ବା ତୀର୍ଥସ୍ଥଳ ରହିଛି। ଏସବୁ ସ୍ଥଳ ସେମାନଙ୍କର ଧର୍ମ ସମ୍ବନ୍ଧିତ ଏବଂ ତାହା ହେଉଛି ଖ୍ୟାତନାମା ଓ ଅଲୌକିକ ଶକ୍ତିସଂପନ୍ନ ଲାମାମାନଙ୍କ ସ୍ଥଳ, ବୁଦ୍ଧ ତଥା ଅନ୍ୟ ବିଶିଷ୍ଟ ବୌଦ୍ଧାଚାର୍ଯ୍ୟମାନଙ୍କର ଦେହାବଶେଷ ଅଥବା ସ୍ମୃତିସ୍ଥଳ, ପବିତ୍ର ପଦଚିହ୍ନ ସ୍ଥଳ, ପବିତ୍ର ବୃକ୍ଷ ସ୍ଥଳ ଇତ୍ୟାଦି। ଏସବୁ ସ୍ଥଳକୁ ତୀର୍ଥଯାତ୍ରୀମାନେ ବିଭିନ୍ନ ଅର୍ପଣ-ବସ୍ତୁ ସହ ଯାତ୍ରା କରିଥା'ନ୍ତି ଏବଂ ସେହି ବସ୍ତୁଗୁଡ଼ିକୁ ସେଠାରେ ଅର୍ପଣ କରିଥା'ନ୍ତି। ଏହି ବସ୍ତୁ ମଧ୍ୟରେ ସ୍ୱର୍ଣ୍ଣ ଓ ଅନ୍ୟ ମୂଲ୍ୟବାନ ବସ୍ତୁ ମଧ୍ୟ ରହିଥାଏ। ଅନେକ ଯାତ୍ରୀ ଦେଶ ବାହାରର ତୀର୍ଥସ୍ଥାନକୁ ମଧ୍ୟ ଯାତ୍ରା କରିଥା'ନ୍ତି। ଯଥା ଚୀନ, ଭୁଟାନ, ସିକ୍କିମ, ନେପାଳ, କାଶ୍ମୀର-ଗାନ୍ଧାର, ତୁର୍କୀସ୍ତାନ ଓ ଭାରତ ଭଳି ଦେଶକୁ, ଯେଉଁ ସ୍ଥାନସବୁ ମୁଖ୍ୟତଃ ଗୁରୁ ପଦ୍ମସମ୍ଭବ ଓ ଭଗବାନ ବୁଦ୍ଧଙ୍କ ସଂପର୍କିତ ପବିତ୍ର ସ୍ଥାନ।

ମୁସଲମାନମାନଙ୍କର ଯେପରି ମକ୍କା ଓ ମଦିନା, ସେହିଭଳି ତିବ୍ଦତୀୟ ଲାମାମାନଙ୍କ ମତରେ ସମସ୍ତ ବୌଦ୍ଧ ଧର୍ମ ଅନୁଗାମୀଙ୍କ ଭଳି ତିବ୍ଦତୀୟମାନଙ୍କର ଅତ୍ୟନ୍ତ ପବିତ୍ର ତୀର୍ଥସ୍ଥଳ ହେଲା ବୁଦ୍ଧଗୟାଠାରେ ଥିବା ପବିତ୍ର ବୋଧିବୃକ୍ଷ, ଯେଉଁଠାରେ ଶାକ୍ୟମୁନି ବୁଦ୍ଧତ୍ୱ ଲାଭ କରିଥିଲେ ଏବଂ ସେଠାକାର ମନ୍ଦିର, ଯାହାକୁ ତିବ୍ଦତୀୟମାନେ ଗନ୍ଧୋଲା କହିଥା'ନ୍ତି। ଏହାପରେ ଅନ୍ୟ ମୁଖ୍ୟ ପବିତ୍ର ସ୍ଥଳ ହେଲା ବୁଦ୍ଧଙ୍କ ମହାପରିନିର୍ବାଣ ସ୍ଥଳ କୁଶୀନଗର ଏବଂ ଅନ୍ୟ ପବିତ୍ର ସ୍ଥଳଗୁଡ଼ିକ ହେଲା ବୁଦ୍ଧଙ୍କ ଦେହବଶେଷ ରହିଥିବା ଆଠଗୋଟିଯାକ ମହାଚୈତ୍ୟ।



ଦ୍ୱିତୀୟ-ବୁଦ୍ଧ କଥା

ଭାରତରେ ଥିବା ତୀର୍ଥ ସ୍ଥାନସବୁକୁ ତିବ୍ଦତୀୟମାନେ ନିୟମିତ ଭାବେ କିମ୍ବା ବେଶୀ ସଂଖ୍ୟାରେ ଆସନ୍ତି ନାହିଁ। ମୁଖ୍ୟ କାରଣ ହେଉଛି ଏସବୁ ବହୁଦୂରରେ ଅବସ୍ଥିତ ଏବଂ ଖର୍ଚ୍ଚବହୁଳ ଯାତ୍ରା। ଆସାମରେ ତିବ୍ଦତୀୟମାନଙ୍କର ସାମ୍-ଚୋ-ଡୁନ ନାମକ ଏକ ପବିତ୍ର ବୌଦ୍ଧ ତୀର୍ଥକ୍ଷେତ୍ର ରହିଛି। ଏହା ହେଉଛି ବୁଦ୍ଧଗୟା (ବୋଧଗୟା) ପରେ ଅତ୍ୟନ୍ତ ପବିତ୍ର ପୁଣ୍ୟକ୍ଷେତ୍ର। ସାଧାରଣତଃ ଆସାମରେ କୌଣସି ପ୍ରମୁଖ ବୌଦ୍ଧ ସ୍ଥଳ ନାହିଁ। ପଞ୍ଚମ ଓ ସପ୍ତମ ଶତାବ୍ଦୀରେ ଭାରତ ଭ୍ରମଣ କରିଥିବା ଚୀନ ତୀର୍ଥଯାତ୍ରୀ ଉଭୟ ଫାହିଆନ୍ ଓ ହୁଏନସାଂ ମଧ୍ୟ ଆସାମର କୌଣସି ବୌଦ୍ଧ ସ୍ଥଳ ବିଷୟରେ ଦର୍ଶାଇ ନାହାନ୍ତି। କିନ୍ତୁ ବୁଦ୍ଧଙ୍କ ମହାପରିନିର୍ବାଣ ସ୍ଥଳକୁ ଲାମାମାନେ ଆସାମ ବୋଲି ବିଶ୍ୱାସ କରିଥା'ନ୍ତି।

ଯାଷ୍ଟକେଙ୍କର ତିବ୍ଦତୀୟ ଅଭିଧାନରେ 'ସା-ମଚୋଗ୍-ଗ୍ରୋନ୍' ନାମକ ଏକ ସ୍ଥାନର ନାମ ରହିଛି, ଯାହା ପଶ୍ଚିମ ଆସାମରେ ଅବସ୍ଥିତ। ଏଠାରେ ବୁଦ୍ଧ ପ୍ରାଣତ୍ୟାଗ କରିଥିବା ବିଷୟ ଦର୍ଶାଯାଇଛି। ଏ ବିଷୟଟି 'ଗ୍ୟାଲରାବ୍ସ୍' ନାମକ ତିବ୍ଦତୀୟ ଭାଷାରେ ଲିଖିତ ତିବ୍ଦତର ଇତିହାସ ଗ୍ରନ୍ଥରେ ଦର୍ଶାଯାଇଥିବା ଆଧାରରେ ଅଭିଧାନଟିରେ ସୂଚିତ ହୋଇଛି। ସେହିଭଳି ବିଶିଷ୍ଟ ଗବେଷକ କସ୍‌ମୋଡି କୋରୋସ୍ ମଧ୍ୟ ଏକ ପ୍ରାମାଣିକ ଗ୍ରନ୍ଥରେ ଶାକ୍ୟ ମୁନିଙ୍କ ମହାପ୍ରୟାଣ ଆସାମର କୁଶନଗର ଅଥବା କାମରୂପରେ ଘଟିଥିବା ବିଷୟ ତିବ୍ଦତୀୟ ଗ୍ରନ୍ଥମାନଙ୍କରେ ଉଲ୍ଲେଖ ରହିଥିବା କଥା ଦର୍ଶାଇଛନ୍ତି। ଏହିଠାରେ ହିଁ ରହିଛି ରହସ୍ୟ ନିର୍ଣ୍ଣୟର ସୂତ୍ର।

ବୁଦ୍ଧଙ୍କ ମହାପରିନିର୍ବାଣ କୁଶୀନଗରଠାରେ ଦୁଇଟି ଶାଳ ବୃକ୍ଷ ମଧ୍ୟରେ ହୋଇଥିବା ସମସ୍ତେ ଜାଣନ୍ତି। ଏହି ସ୍ଥାନଟି ଗୋରଖପୁରଠାରୁ ପୂର୍ବକୁ ପଞ୍ଚତିରିଶ ମାଇଲ ତଥା ବନାରସଠାରୁ ଉତ୍ତର-ପୂର୍ବକୁ ଏକଶହ କୋଡ଼ିଏ ମାଇଲ ଦୂରରେ ଅବସ୍ଥିତ। କୁଶୀନଗର ଯେ ଭଗବାନ ବୁଦ୍ଧଙ୍କର ମହାପରିନିର୍ବାଣ ସ୍ଥଳ ଏହା ବିଶିଷ୍ଟ ଗବେଷକ କନିଙ୍ଗହାମ ଚିହ୍ନଟ କରିସାରିଛନ୍ତି ଏବଂ ଆନ୍ତର୍ଜାତିକ ସ୍ତରରେ ମଧ୍ୟ ସ୍ଥିରୀକୃତ ସ୍ଥଳ ଭାବେ ସୁପରିଚିତି ଲାଭ କରିସାରିଛି। ଉଭୟ ପ୍ରାଚୀନ ଚୀନ ପରିବ୍ରାଜକ ଫାହିଆନ୍ ଓ ହୁଏନସାଂ ମଧ୍ୟ ପୂର୍ଣ୍ଣ ବିବରଣୀ ସହ ଏହି ସ୍ଥଳ ବିଷୟ ଦର୍ଶାଇଛନ୍ତି। ଏ ସମ୍ପର୍କରେ କୌଣସି ଠାରେ କୌଣସି ପ୍ରକାର ଦ୍ୱନ୍ଦ୍ୱ ମଧ୍ୟ ନାହିଁ।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ଅବକାରୀ ପୁଲିସର ଖାମଖିଆଲି !**

# ରାଇରଙ୍ଗପୁର ଜେଲ୍‌ରେ ବାଳ ଅପରାଧୀ


ରାଇରଙ୍ଗପୁର, ୨୧।୧୧(ସମିସ): ଅବକାରୀ ପୁଲିସର ଭୁଲ ପାଇଁ ଜଣେ ବାଳ ଅପରାଧୀ ସୁଧାର ଗୃହ ପରିବର୍ତ୍ତେ ଜେଲରେ କଏଦୀ ଜୀବନ ବିତାଉଛନ୍ତି। ରାଇରଙ୍ଗପୁର ଉପଖଣ୍ଡ କାରାଗାରରେ ଏପରି ଏକ ଘଟଣା ଏବେ ସାମ୍ନାକୁ ଆସିଛି। ନକଲି ମଦ କାରବାର ଅଭିଯୋଗରେ ଧରାପଡ଼ିଥିବା ଝାଡ଼ଖଣ୍ଡର ଜଣେ ବାଳ ଅପରାଧୀ ରାଇରଙ୍ଗପୁର ଜେଲ୍‌ରେ ବନ୍ଦୀ ଜୀବନ ବିତାଉଛନ୍ତି।

ସୂଚନାନୁଯାୟୀ, ମାସେ ତଳେ ଅବକାରୀ ବିଭାଗ ତିରିଂ ଥାନା ଅଞ୍ଚଳରୁ ଏକ ନକଲି ମଦ କାରଖାନା ଠାବ କରିଥିଲା। ପଣ୍ଡୁପାଣି ପଞ୍ଚାୟତର ଜଟା ଗ୍ରାମରେ ଦୀର୍ଘଦିନ ହେଲା ଏହି ନକଲି କାରଖାନା ଚାଲୁଥିଲା। ଏହି ଘଟଣାରେ ସେତେବେଳେ ପୁଲିସ ୩ ନାବାଳକଙ୍କ ସମେତ ମୋଟ ୬ ଜଣଙ୍କୁ ଧରିଥିଲା। କିନ୍ତୁ, ସେମାନଙ୍କ ମଧ୍ୟରୁ ଝାଡ଼ଖଣ୍ଡ ଅଞ୍ଚଳର ଜଣେ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ପରିବର୍ତ୍ତେ ରାଇରଙ୍ଗପୁର କୋର୍ଟରେ ହାଜର କରିଥିଲା ଅବକାରୀ ବିଭାଗ। ସେଠାରେ ଜାମିନ୍ ନାମଞ୍ଜୁର ହେବାପରୁ ତାଙ୍କୁ ଜେଲ୍‌କୁ ପଠାଇଦିଆଯାଇଥିଲା। ଗତ ଅକ୍ଟୋବର ୧୦ରୁ ସେ ରାଇରଙ୍ଗପୁର ଉପଖଣ୍ଡ କାରାଗାରରେ ରହିଛନ୍ତି। ବାଳ ଅପରାଧୀଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରି ସୁଧାର ଗୃହକୁ ପଠାଇବାର ନିୟମ ରହିଛି। କିନ୍ତୁ ଉକ୍ତ ନାବାଳକଙ୍କ ବୟସ ଯାଞ୍ଚ କରାନଯାଇ ତାଙ୍କୁ ଜେଲ୍ ହାଜତକୁ କିପରି ପଠାଇ ଦିଆଗଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ରାଇରଙ୍ଗପୁର ଉପଖଣ୍ଡ କାରାଗାର ଜେଲର୍ ଅଞ୍ଜନ କୁମାର ପଣ୍ଡା କହିଛନ୍ତି, ସେ ଜେଲକୁ ଆସିବା ପରେ ତା'ର ବୟାନ ସହ ଆଧାରକାର୍ଡ ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ ପରେ ସେ ନାବାଳକ ବୋଲି ଜଣାପଡ଼ିଛି। ନାବାଳକଙ୍କ ପିତାଙ୍କ ସହ ଯୋଗାଯୋଗ କରି ରାଇରଙ୍ଗପୁର କୋର୍ଟକୁ ତ୍ରୁଟି ବାବଦରେ ସୂଚନା ଦିଆଯାଇଥିଲା। ତେବେ କୋର୍ଟ ଏହାର ବିଚାର କରି ତୁରନ୍ତ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରି ସୁଧାର ଗୃହକୁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିଛନ୍ତି।

## ଦୁର୍ଘଟଣାରେ ବାପ-ପୁଅଙ୍କ ମୃତ୍ୟୁ

ମୁରିବାହାଲ, ୨୧।୧୧(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଅଞ୍ଚଳର ପାଞ୍ଚଖଣ୍ଡ ମାଲ୍‌ପଡ଼ା-ଗଣ୍ଡପଦର ମୁଖ୍ୟ ରାସ୍ତାରେ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାପ-ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ସିନ୍ଧେକେଲା ଥାନା ଅଲଣ୍ଡା ପଞ୍ଚାୟତ ବକାଗୁଡା ଗ୍ରାମର ବଳମ୍ ବରଗ(୫୮) ଓ ତାଙ୍କ ପୁଅ ଏକାମ୍ବର ବରଗ(୩୫)। ନାତି ଚୈତନ୍ୟ ବରଗ (୬) ମଧ୍ୟ ଗୁରୁତର ହୋଇଛନ୍ତି। ବଳମ୍ ତାଙ୍କ ପୁଅ ଏବଂ ନାତି ସହ ଏକ ବାଇକ୍ (ଓଡ଼ି ୦୮ ଏବି ୦୭୬୮) ରେ ଟିଟିଲାଗଡ଼ ମେଡିକାଲରେ ଭର୍ତ୍ତି ହୋଇଥିବା ଝିଅାରିକୁ ଦେଖିବାକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ଘଟିଥିଲା। ଘଟଣାସ୍ଥଳରେ ହିଁ ବାପ-ପୁଅଙ୍କ ମୃତ୍ୟୁ ଘଟିଥିଲା।

## ଭିଜିଲାନ୍ସ ଜାଲରେ ପାକ୍ସ ସମ୍ପାଦକ



ଦେବଗଡ଼, ୨୧।୧୧(ସମିସ): ୪୦ଲକ୍ଷ ୭୧ ହଜାର ଟଙ୍କା ଆତ୍ମସାତ କରିବା ଅଭିଯୋଗରେ ବାରକୋଟ ବ୍ଲକ୍ କାଦୋପଡ଼ା ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ସମ୍ପାଦକ ସୁରେଶ ଚନ୍ଦ୍ର ସାହୁଙ୍କୁ ଭିଜିଲାନ୍ସ ଗିରଫ କରିଛି। ସୂଚନାନୁଯାୟୀ, ଶ୍ରୀ ସାହୁ ଋଣ ନେଇଥିବା ଚାଷୀମାନଙ୍କଠାରୁ କିସ୍ତି ଟଙ୍କା ନଗଦ ଆକାରରେ ଆଦାୟ କରୁଥିଲେ। ମାତ୍ର ଚାଷୀମାନେ ବିଭିନ୍ନ ସମୟରେ ପରିଶୋଧ କରିଥିବା ନଗଦ ୪୦ ଲକ୍ଷ ୭୧ ହଜାର ଟଙ୍କା ବାବଦରେ ବିଭାଗୀୟ ରେଜିଷ୍ଟର୍ (ଡେ'ବୁକ୍) ରେ ଉଲ୍ଲେଖ ନକରି ଏହାକୁ ଆତ୍ମସାତ କରିଥିଲେ। ଫଳରେ ଅନୁଷ୍ଠାନର ଆର୍ଥିକ କ୍ଷତି ଘଟିବା ସହ ଗରିବ ଚାଷୀମାନଙ୍କ ଉପରେ ମଧ୍ୟ ଏହାର କୁ-ପ୍ରଭାବ ପଡ଼ିଥିଲା। ଏନେଇ ଭିଜିଲାନ୍ସରେ ଅଭିଯୋଗ ହେବାପରେ ବିଭାଗ ପକ୍ଷରୁ ରେଡର୍କ ପତ୍ର ଯାଞ୍ଚ ସହ ଏହାର ତଦନ୍ତ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରେକର୍ଡ ସ୍ତରକୁ...

ପରଠାରୁ ଟଙ୍କା ଚାପରେ ରହିଛି। ଚଳିତବର୍ଷ ଟଙ୍କା ଏସିଆ ମହାଦେଶର ସବୁଠାରୁ ଦୁର୍ବଳ ମୁଦ୍ରା ମଧ୍ୟରୁ ଅନ୍ୟତମ। ବିଦେଶୀ ନିବେଶକମାନେ ଏ ପର୍ଯ୍ୟନ୍ତ ଭାରତୀୟ ଇକ୍ୱିଟିରୁ ୧୬.୫ ବିଲିୟନ ଡଲାରର ପାଣ୍ଠି ପ୍ରତ୍ୟାହାର କରିନେଇଛନ୍ତି। ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ହ୍ରାସ ଯୋଗୁ ଭାରତୀୟ ଷ୍ଟକ ବଜାର ମଧ୍ୟ ମନ୍ଥର ରହିଛି। ଟଙ୍କାର ଦୁର୍ବଳତା ମଧ୍ୟ ବଜାରରେ ଏହି ହ୍ରାସ ଆଣିଛି।

### ମେକ୍ସିକୋର ଫାତିମା...

ଏହି ପ୍ରତିଯୋଗିତାରେ ସାମିଲ ହୋଇ ବିଜୟୀ ହୋଇଛନ୍ତି। ଫଳରେ ତାଙ୍କ ପାଇଁ ଏହି ବ୍ରହ୍ମାଣ୍ଡ ସୁନ୍ଦରୀ ମୁକୁଟ ବେଶ୍ ଗୁରୁତ୍ୱ ବହନ କରୁଛି। ଭାରତର ମଣିକା ବିଶ୍ୱଶର୍ମା ଏହି ୭୪ ତମ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତାରେ ଶ୍ରେଷ୍ଠ-୩୦ରେ ସ୍ଥାନ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। କିନ୍ତୁ ସେ ଶ୍ରେଷ୍ଠ-୧୨ରେ ପହଞ୍ଚିବାରେ ସକ୍ଷମ ହୋଇ ନଥିଲେ। ପୂର୍ବରୁ ସେ ଅଗଷ୍ଟ ୧୮ ରେ ୨୦୨୫ ମିସ ୟୁନିଭର୍ସ ଇଣ୍ଡିଆ ଟାଇଟଲ ହାସଲ କରିଥିଲେ। ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ବିବିଏ କରୁଛନ୍ତି। ବ୍ରହ୍ମାଣ୍ଡ ସୁନ୍ଦରୀ ଆଖ୍ୟା ଅର୍ଜନ କରିବା ସହ ସେ ୨୫୦,୦୦୦ ଡଲାର ଅର୍ଥାତ ଭାରତୀୟ ମୁଦ୍ରାରେ ୨ କୋଟି ୨୦ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ହାସଲ କରିଛନ୍ତି। କେବଳ ସେତିକି ନୁହେଁ; ସେ ମାସକୁ ୫୦ ହଜାର ଡଲାର ବା ୪୪ ଲକ୍ଷ ଟଙ୍କା ପାଉଣା ମଧ୍ୟ ପାଇବେ। ଏହି ଅର୍ଥ ସେ ଭ୍ରମଣ ଅନ୍ୟାନ ଖର୍ଚ୍ଚ ବହନ କରିବେ। ତାଙ୍କୁ ଆମେରିକା ନ୍ୟୁୟର୍କ ସିଟିରେ ଏକ ଘର ମଧ୍ୟ ମିଳିବ। ଏହି ମୁକୁଟର ମୂଲ୍ୟ ୫ ମିଲିଅନ ଡଲାର ବା ୪୪ କୋଟି ଟଙ୍କା। ମେକ୍ସିକୋର ଚତୁର୍ଥ ମହିଳା ଭାବେ ସେ ଏହି ଟାଇଟଲ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ଲୁପିତା ଜୋନ୍ସ (୧୯ ୯୧), ଜିମେନା ନାଭାରେଟ୍ (୨୦୧୦) ଓ ଆଣ୍ଡ୍ରିଆ ମେଜା (୨୦୨୦) ଏହି ସଫଳତା ପାଇଥିଲେ।

### ଏୟାର ଶୋ'ରେ...

କୌଣସି ଗ୍ଲାଇଡିଂ ଦେଖିବାକୁ ମିଳି ନ ଥିଲା। ଅର୍ଥାତ ରିକଭରୀ ଫେଲ୍ ମାରିଥିଲା ଓ ବିମାନର ଫ୍ରି- ଫଲ ହୋଇଥିଲା ବୋଲି ବିଶେଷଜ୍ଞମାନେ କହିଛନ୍ତି। ଦ୍ୱିତୀୟଥର ପାଇଁ ବାୟୁସେନାର ଏହି ତେଜସ୍ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଏହାପୂର୍ବରୁ ୨୦୨୪ରେ ରାଜସ୍ଥାନର ପୋଖରାନରେ ସମରାଭ୍ୟାସ ବେଳେ ଇଞ୍ଜିନ୍ ଫେଲ୍ ହେବା କାରଣରୁ ତେଜସ୍ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଉଲ୍ଲେଖଥାଉ କି, ଦୁବାଇ ଏୟାର ଶୋ'ରେ ବିଶ୍ୱର ବିଭିନ୍ନ ଦେଶର ବିମାନର ଉଡ଼ାଣ ପ୍ରଦର୍ଶନ କରାଯାଇଥାଏ। ଏଥିରେ ବିଶ୍ୱର ସର୍ବବୃହତ ଏରୋସ୍ପେସ୍ କମ୍ପାନୀ, ଏୟାର ଲାଇନ୍ସ, ଏୟାରଫୋର୍ସ ଓ ଟେକ୍ନୋଲୋଜି କମ୍ପାନୀ ନିଜର ନୂଆ ବିମାନ, ହେଲିକପ୍ଟର, ଅସ୍ତ୍ରଶସ୍ତ୍ର ପ୍ରଣାଳୀ ପ୍ରଦର୍ଶନ କରିଥାନ୍ତି। ୧୯୮୯ ମସିହାରୁ ଏହି ଶୋ' ହୋଇ ଆସୁଛି। ଶୁକ୍ରବାର ଚଳିତବର୍ଷ ଏୟାର ଶୋ'ର ୫ମ ତଥା ଅନ୍ତିମ ଦିବସ ଥିଲା।

### ଇ-ଲଟେରୀରେ...

କରିବେ। ଏହା ବ୍ୟତୀତ ଲିଜଧାରୀମାନେ ବର୍ଷା ଦିନ ପୂର୍ବରୁ ଅଧିକ ଉତ୍ପାଦନ କରି ତାହାକୁ ଗଚ୍ଛିତ ରଖିପାରିବେ। ତେବେ ଜଣେ ବ୍ୟକ୍ତିଙ୍କୁ ଗୋଟିଏ ଜିଲ୍ଲାରେ ୩ଟି ଓ ସାର ରାଜ୍ୟରେ ସର୍ବାଧିକ ୫ଟି ଲଘୁ ଖଣିଜ ଖଣି ମିଳିପାରିବ। ଅନ୍ୟପକ୍ଷରେ ଖଣିଜ ପଦାର୍ଥର ବେଆଇନ ଖନନ ଓ ଚୋରା ଚାଲାଣ ରୋକିବା ପାଇଁ "ଓଡ଼ିଶା ଖଣିଜ ପଦାର୍ଥ (ବେଆଇନ ଖଣି ଖନନ ନିବାରଣ ଏବଂ ବାଣିଜ୍ୟ, ପରିବହନ ଓ ସଂରକ୍ଷଣ ନିୟନ୍ତ୍ରଣ) ନିୟମାବଳୀ, ୨୦୨୫' ଉପରେ ମୋହର ମାରିଛି କ୍ୟାବିନେଟ୍। ଏହାଦ୍ୱାରା ୨୦୦୭ ନିୟମାବଳୀ ଉଚ୍ଛେଦ ହୋଇଛି। ପୁନଶ୍ଚ ପୁଲିସ ଓ ଅନ୍ୟାନ୍ୟ ୟୁନିଫର୍ମ ସେବା ପାଇଁ ନିଯୁକ୍ତି ପରୀକ୍ଷାକୁ ସ୍ୱଚ୍ଛ ରଖିବା ପାଇଁ "ଓଡ଼ିଶା ୟୁନିଫର୍ମଡ୍ ସର୍ଭିସ ଷ୍ଟାଫ ସିଲେକ୍ସନ କମିଶନ' ବା ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ (ଓୟୁଏସଏସସି) ଗଠନ ନିଷ୍ପତ୍ତି ହୋଇଛି। ଏସସିଏସଟି ପିଲାମାନଙ୍କ ଛାତ୍ରବୃତ୍ତି ବୃଦ୍ଧି ସଂକ୍ରାନ୍ତ ଏକ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ଦେଇଛି। ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଅଧୀନରେ ଏସଟି ଓ ଏସସି ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରାକ୍-ମାଟ୍ରିକ ଏବଂ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ବାର୍ଷିକ ୧୦,୫୦୦ ଟଙ୍କାରୁ ୧୬ହଜାର ଟଙ୍କାକୁ ଏବଂ ଛାତ୍ରୀମାନଙ୍କ ପାଇଁ ୧୧ହଜାରରୁ ୧୭ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି "ଅନ୍ୱେଷା' ଛାତ୍ରାବାସରେ ରହୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ମଧ୍ୟ ଏହି ବୃତ୍ତି ବାର୍ଷିକ ୧୧ହଜାର ଟଙ୍କାରୁ ୧୭ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ନୂଆ ବର୍ଦ୍ଧିତ ବୃତ୍ତି ୨୦୨୫ ଡିସେମ୍ବର ପହିଲାରୁ ଲାଗୁ କରିବାକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ରାଜ୍ୟ କ୍ୟାବିନେଟ୍ "ଓଡ଼ିଶା ଗ୍ଲୋବାଲ କ୍ୟାପାବିଲିଟି ସେଣ୍ଟର (ଜିସିସି) ନୀତି ୨୦୨୫' କୁ ଅନୁମୋଦନ କରିଛନ୍ତି। ବଡ଼ ବଡ଼ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କୁ ଓଡ଼ିଶାରେ ସେମାନଙ୍କର କାର୍ଯ୍ୟାଳୟ ଖୋଲିବାକୁ ଆକୃଷ୍ଟ କରିବା ଏହି ନୀତିର ମୁଖ୍ୟ ଲକ୍ଷ୍ୟ ବୋଲି ସରକାର କହିଛନ୍ତି। ଏହି ନୀତି ଜରିଆରେ କମ୍ପାନୀମାନଙ୍କୁ ବିଭିନ୍ନ ପ୍ରକାର ଆର୍ଥିକ ପ୍ରୋତ୍ସାହନ ଯଥା ଜମି, ବିଦ୍ୟୁତ ଶୁଳ୍କ ରିହାତି ଏବଂ ନିଯୁକ୍ତି ସହାୟତା ଯୋଗାଇ ଦେବା ବ୍ୟବସ୍ଥା ରହିଛି। ଅନ୍ୟପକ୍ଷରେ ଜଳ (ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ) ସଂଶୋଧନ ଆଇନ ସଂକ୍ରାନ୍ତ ଏକ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହାଦ୍ୱାରା ଶିଳ୍ପଗୁଡ଼ିକ ଉପରେ ନିୟାମକ ବୋଝ ହ୍ରାସ କରାଯାଇପାରିବ। ସେହିପରି ଯୋଜନା ଓ ସଂଯୋଜନ ବିଭାଗ ଅଧୀନରେ ଥିବା ଓଡ଼ିଶା ଅଧସ୍ତନ ପରିସଂଖ୍ୟାନ ସର୍ଭେୟର କ୍ୟାଡରର ପୁନର୍ଗଠନ କରାଯାଇଛି। ଏହାଦ୍ୱାରା କର୍ମଚାରୀମାନଙ୍କ ଦରମା ବୃଦ୍ଧି ହେବା ସହ ପଦୋନ୍ନତି ସୁଯୋଗ ସୃଷ୍ଟି ହୋଇଛି। ସେହିପରି ୧୯୯୩ ରୁ ୧୯୯୬ ମଧ୍ୟରେ ପୁଲିସ କର୍ମଚାରୀଙ୍କୁ ଦିଆଯାଇଥିବା ଅଗ୍ରହଣୀୟ ସ୍ୱତନ୍ତ୍ର ଡାଏଟ୍ ଭତ୍ତା ବାବଦକୁ ହୋଇଥିବା କ୍ଷତିକୁ ହିସାବରୁ ବାଦ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ପୁନଶ୍ଚ ଓଡ଼ିଶା ଅର୍ଥ ସେବା ନିୟମାବଳୀରେ ସଂଶୋଧନ କରାଯାଇ ଅଧିକାରୀମାନଙ୍କ ତାଲିମ ଅବଧି ନିର୍ଦ୍ଧାରଣ କରିବା କ୍ଷମତା ସରକାରଙ୍କ ହାତକୁ ଦିଆଯାଇଛି। ଏହାସହିତ ନିମ୍ନ ଆୟ ଗୋଷ୍ଠୀ ଗୃହ ନିର୍ମାଣ ଯୋଜନା ଅଧିନରେ ପୂର୍ବତନ ଶ୍ରମ ନିଯୁକ୍ତି ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା ବାସଗୃହ ପାଇଥିବା ହିତାଧିକାରୀଙ୍କୁ ଆବଣ୍ଟିତ ଜମିର ସମସ୍ତ ଆବଣ୍ଟନ ପରବର୍ତ୍ତୀ କାର୍ଯ୍ୟକଳାପ ଏବଂ ଏହା ସହିତ ଜଡ଼ିତ ସମସ୍ତ ଆନୁଷଙ୍ଗିକ ବିଷୟ ବିଚାର ନିମନ୍ତେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ କ୍ଷମତା ପ୍ରଦାନ କରାଯାଇଛି।

### ବର୍ଦ୍ଧିଧାରୀଙ୍କୁ ନିଯୁକ୍ତି ...

ସମେତ ଦୁଇଜଣ ସଦସ୍ୟ ରହିବେ ବୋଲି ମଧ୍ୟ ମୁଖ୍ୟ ସଚିବ ମନୋଜ ଆହୁଜା ସୂଚନା ଦେଇଛନ୍ତି। ଅପରପକ୍ଷରେ ଓଡ଼ିଶା ପୁଲିସ ସମେତ ଅନ୍ୟାନ୍ୟ ୟୁନିଫର୍ମ ସେବାରେ ନିଯୁକ୍ତି ପରୀକ୍ଷା ବିଭିନ୍ନ ବୋର୍ଡ ଦ୍ୱାରା ପରିଚାଳିତ ହେଉଥିବାବେଳେ ଅସ୍ୱାଭାବିକ ବିଳମ୍ବ ଏବଂ ଅନିୟମିତତା ହେଉଥିବା ମଧ୍ୟ କୁହାଯାଇଛି। ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣା ଧରା ପଡ଼ିବା ପରେ ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ର ପରୀକ୍ଷା ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହାପରେ ଘଟଣାର ତଦନ୍ତ ଭାର ସିବିଆଇକୁ ଦେବା ସହ ବର୍ଦ୍ଧିଧାରୀଙ୍କ ପାଇଁ ସ୍ୱତନ୍ତ୍ର ଆୟୋଗ ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଅକ୍ଟୋବର ୨୨ ତାରିଖରେ ଘୋଷଣା କରିଥିଲେ। ଏହାର ମାସେ ପରେ ସ୍ୱତନ୍ତ୍ର ଆୟୋଗ ଗଠନ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ଅର୍ଥାତ୍ ଓପିଆର୍‌ବି ଆଉ କୌଣସି ପରୀକ୍ଷା କରିବ ନାହିଁ ବୋଲି ସ୍ପଷ୍ଟ ହୋଇଥିଲେ ମଧ୍ୟ ଏହାକୁ ଭାଙ୍ଗିବା ପାଇଁ ସରକାର ବିଧିବଦ୍ଧ ଭାବେ ଘୋଷଣା କରି ନାହାନ୍ତି। ଫଳରେ ଏସ୍‌ଆଇ ପରୀକ୍ଷା କିଏ କରିବ, ସେନେଇ ଆଶାୟୀମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। ତ୍ୱରିତ ପରୀକ୍ଷା କରିବା ପାଇଁ ଆଶାୟୀମାନେ ଆନ୍ଦୋଳନକୁ ଓହ୍ଲାଇଥିବାବେଳେ ପରୀକ୍ଷା କିଏ କରିବ ଏବଂ କେବେ ହେବ, ସରକାର ସ୍ପଷ୍ଟ କରନ୍ତୁ ବୋଲି ଦାବି କରିଛନ୍ତି।

### ଆଜି ସୃଷ୍ଟି ହେବ...

ପ୍ରବାହ ହେଉ ନାହିଁ। ଏହାସହିତ ଉତ୍ତରରେ ଗୁରୁଚାପ ବଳୟ ରହିଥିବା ବେଳେ ଊର୍ଦ୍ଧ୍ୱଗାମୀ ବାୟୁର ଘର୍ଷଣ କମ୍ ରହୁଛି। ଏଭଳି କାରଣମାନ ବାତ୍ୟାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରୁଛି। ଅନ୍ୟପଟେ ବାତ୍ୟାଟି ଆନ୍ଧ୍ର/ଓଡ଼ିଶା ମୁହାଁଇବାର ସମ୍ଭାବନା ଏହାର ଉତ୍ତରରେ ପଶ୍ଚିମପ୍ରଶାନ୍ତ ମହାସାଗରରୁ ଉତ୍ତର-ପୂର୍ବ ଭାରତ ଦେଇ ମିଆଁମାର ପର୍ଯ୍ୟନ୍ତ ଏକ ଶକ୍ତିଶାଳୀ ଗୁରୁଚାପ ବଳୟ ରହିଛି। ଏହା ବାତ୍ୟାକୁ ପଶ୍ଚିମ ଉତ୍ତର-ପଶ୍ଚିମ ଦିଗକୁ ଠେଲିବ। ତେଣୁ ଦୁଇ ରାଜ୍ୟ ଉପରେ ଅଧିକ ପ୍ରଭାବ ଆଶଙ୍କା କରାଯାଉଛି। ନିର୍ଦ୍ଦିଷ୍ଟ ଭାବେ ଯଦିଓ ସ୍ଥଳଭାଗ ଛୁଇଁବାର ସମୟ ଓ ସ୍ଥାନ କହିବା ବର୍ତ୍ତମାନ ସମ୍ଭବ ନୁହେଁ, ମାତ୍ର ସମ୍ଭାବ୍ୟ ବାତ୍ୟା ଯେଉଁଠାରେ ସ୍ଥଳଭାଗ ଅତିକ୍ରମ କଲେ ମଧ୍ୟ ରାଜ୍ୟରେ ବର୍ଷା ଆଶଙ୍କା ନିଶ୍ଚିତ ରହିଛି। ଏଣୁ ଧାନ ଅମଳ ସହିତ ଅନ୍ୟାନ୍ୟ ଫସଲର ସୁରକ୍ଷା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିବା ଉପରେ ପ୍ରଫେସର ପଶୁପାଳକ ଗୁରୁତ୍ୱ ଦେଇଛନ୍ତି। ପାଣିପାଗ କେନ୍ଦ୍ର ପକ୍ଷରୁ ଯଦିଓ ବର୍ଷା କେବେଠାରୁ ଆରମ୍ଭ ହେବ ତାହା କୁହାଯାଇ ନାହିଁ। ହେଲେ ବାତ୍ୟା ହେବା ଏକ ପ୍ରକାର ସୁନିଶ୍ଚିତ ହୋଇ ସାରିଥିବା ବେଳେ ଓଡ଼ିଶାରେ ସ୍ଥଳଭାଗ ଛୁଇଁବାର ଆଶଙ୍କାକୁ ମଧ୍ୟ ଏଡ଼ାଯାଇ ନ ପାରେ। ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ବାତ୍ୟାଟି ଅଧିକ ଘନୀଭୂତ ହୋଇପାରେ। ଏହି ବାତ୍ୟା ସୃଷ୍ଟି ହେବା ପାଇଁ ସବୁ ପ୍ରକାର ପାଣିପାଗ ସ୍ଥିତି ଅନୁକୂଳ ରହିଥିବା ବେଳେ ଏହାକୁ ଶକ୍ତିଶାଳୀ କରାଇବା ପାଇଁ ମଧ୍ୟ ପରିସ୍ଥିତି ସୁହାଉଛି। ତେଣୁ ସମ୍ଭାବ୍ୟ ବାତ୍ୟା ଦ୍ୱାରା ଓଡ଼ିଶା ଓ ଆନ୍ଧ୍ରରେ ଅଧିକ ପ୍ରଭାବ ଆଶଙ୍କା କରାଯାଉଛି।

### ଶ୍ରମିକଙ୍କୁ ସାମାଜିକ...

ସୁନିଶ୍ଚିତ ନିଯୁକ୍ତିପତ୍ର ପ୍ରଦାନ, ଲିଖିତ ପ୍ରମାଣପତ୍ରରେ ସ୍ୱଚ୍ଛତା, ଚାକିରି ସୁରକ୍ଷା ଏବଂ ସ୍ଥାୟୀ ନିଯୁକ୍ତିକୁ ସୁନିଶ୍ଚିତ କରାଯିବ। ସମସ୍ତ ଶ୍ରମିକଙ୍କୁ ପିଏଫ୍, ଇଏସଆଇସି, ବୀମା ଏବଂ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ସୁବିଧା ମିଳିବ। ଏଥିସହ ସମସ୍ତ ଶ୍ରମିକଙ୍କୁ ସର୍ବନିମ୍ନ ମଜୁରି ଓ ସମୟାନୁଯାୟୀ ମଜୁରି ପ୍ରଦାନ କରିବା ବାଧ୍ୟତାମୂଳକ କରାଯାଇଛି। ନିଯୁକ୍ତିଦାତା ୪୦ ବର୍ଷରୁ ଅଧିକ ବୟସର ସମସ୍ତ କର୍ମଚାରୀଙ୍କୁ ବାର୍ଷିକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସୁବିଧା ଯୋଗାଇଦେବେ। ଏହାଛଡା କର୍ମଚାରୀଙ୍କ କାର୍ଯ୍ୟ ଚାପ ହ୍ରାସ କରିବା ଏବଂ କର୍ମଚାରୀଙ୍କ ସାମଗ୍ରିକ ମନୋବଳ ବୃଦ୍ଧି କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ମହିଳା କର୍କମଚାରୀଙ୍କୁ ସୋମନଙ୍କର ସମ୍ମତି ଏବଂ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଉପରେ ନିର୍ଭର କରି ରାତିରେ ଏବଂ ସମସ୍ତ ପ୍ରତିଷ୍ଠାନରେ ସମସ୍ତ ପ୍ରକାରର କାମ କରିବାକୁ ଅନୁମତି ଦିଆଯାଇଛି।

ପ୍ରଥମ ଥର ଲେବର୍ କୋଡ୍‌ରେ ଔପଚାରିକ ଭାବେ ଗିଗ୍ ୱାର୍କ, ପ୍ଲାଟଫର୍ମ ୱାର୍କର ଓ ଏଗ୍ରିଗେଟରକୁ ବ୍ୟାଖ୍ୟା କରାଯାଇଛି। ଏଣୁ ଡିଜିଟାଲ ପ୍ଲାଟଫର୍ମରେ କାମ କରୁଥିବା ଲକ୍ଷଲକ୍ଷ ଲୋକଙ୍କୁ ଆଇନଗତ କ୍ଲାରିଟି ମିଳିଛି। ଏଗ୍ରିଗେଟର କମ୍ପାନୀଙ୍କୁ ଏବେ ସେମାନଙ୍କ ବାର୍ଷିକ କାରବାରର ୧-୨% ଏକ ଉତ୍ସର୍ଗୀକୃତ କଲ୍ୟାଣ ପାଣ୍ଠିରେ ଯୋଗଦାନ କରିବାକୁ ପଡିବ, ଯାହାର ସୀମା ଶ୍ରମିକଙ୍କୁ କରାଯାଉଥିବା ମୋଟ ପୈଠର ୫% ପର୍ଯ୍ୟନ୍ତ ରହିବ। ଏହି ପାଣ୍ଠି ଶ୍ରମିକଙ୍କ ସାମାଜିକ ସୁରକ୍ଷା ବାବଦ ସୁବିଧାକୁ ସମର୍ଥନ କରିବ।

### ବାପା-ମା'ଙ୍କୁ...

ଗତକାଲି ଆଲୋକ ନିଜ ବ୍ୟକ୍ତିଗତ କାର୍ଯ୍ୟରେ ପିପିଲି ଅଞ୍ଚଳକୁ ଯାଇଥିଲା। ଚଳିତ ମାସର ସୁଧ ଟଙ୍କା ଦିଆଯାଇ ନ ଥିବାରୁ ଯାହାଠୁ ଟଙ୍କା ଆଣିଥିଲା, ସେ ତାଙ୍କୁ ଗାଳିମନ୍ଦ କରିଥିଲା। ଆଜି ଆଲୋକ ଦିନ ପ୍ରାୟ ୧୧ଟାରେ ଘରେ ପହଞ୍ଚି ନିଜ ପତ୍ନୀ ସହିତ ଭଲରେ କଥା ହୋଇଥିଲା। ଅପରାହ୍ଣ ୪ଟାରେ ଘରୁ ଯାଇ ଫୋନ୍‌ରେ ରାତିରେ ଫେରିବ ନାହିଁ ବୋଲି କହିଥିଲା। ସ୍ଥାନୀୟ ଅଞ୍ଚଳରେ ପ୍ରଚୁର ମଦ୍ୟପାନ କରି ବାପା ଓ ସାବତ ମା' ନିକଟକୁ ଆଲୋକ ଯାଇ ଟଙ୍କା ମାଗିଥିଲା। ଯଦି ୧୦ଲକ୍ଷ ଦେଇ ନପାରୁଛ, ସମୟ ମୁତାବକ ସୁଧଟଙ୍କା ଦେବାକୁ କହିଥିଲା। ଏହି କଥାରେ ୨ ପକ୍ଷଙ୍କ ମଧ୍ୟରେ ଝଗଡ଼ା ଲାଗିଥିଲା। ଶେଷରେ ଉତକ୍ଷିପ୍ତ ହୋଇ ସାଙ୍ଗରେ ନେଇଥିବା ଛୁରିରେ ଆଲୋକ ନିଜ ବାପା ଓ ସାବତ ମା'ର ଗଳା କାଟି ଦେଇଥିଲା। ୨ଜଣ ରକ୍ତ ଜୁଡୁବୁଡୁ ହୋଇ ଛଟପଟ ହେଉଥିବା ବେଳେ ସେଠାରୁ ସେ ଫେରାର୍ ହୋଇଯାଇଥିଲା।

ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ମୃତଦେହକୁ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଥିଲା। ପୁଲିସ୍ ଅଭିଯୁକ୍ତ ପୁଅ ଆଲୋକକୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ପ୍ରାଥମିକ ତଦନ୍ତ ଓ ଅଭିଯୁକ୍ତ ଆଲୋକଙ୍କ ପତ୍ନୀଙ୍କ ବୟାନ ଅନୁଯାୟୀ, ଏହି ହତ୍ୟାକାଣ୍ଡର ମୂଳ କାରଣ ସୁଧ ଟଙ୍କା ଏବଂ ଏକ ବାସପୋଯୋଗୀ ଜାଗା କିଣାବିକାକୁ ନେଇ ଉପୁଜିଥିବା ଆର୍ଥିକ ବିବାଦ। ଆଲୋକର ବାପା ଏକ ଜାଗା କିଣିବାକୁ ଯାଇ ୧୦ ଲକ୍ଷ ଟଙ୍କାର କରଜ କରିଥିଲେ ଏବଂ ଏହି କରଜ କାରବାରରେ ପୁଅ ସୁଧ ଟଙ୍କା ଜଣେ ବ୍ୟକ୍ତିଙ୍କଠାରୁ ଆଣି ଦେଇଥିଲା। ପରେ ଉକ୍ତ ଜାଗାଟି ମିଳି ନଥିଲା କିମ୍ବା ଜାଗା ବାବଦରେ ଲଗାଯାଇଥିବା ଟଙ୍କା ମଧ୍ୟ ଫେରସ୍ତ କରାଯାଇ ନଥିଲା। ଏହି ଟଙ୍କା ପାଇଁ ବାପା-ସାବତ ମା' ଓ ପୁଅଙ୍କ ମଧ୍ୟରେ ବିବାଦ ଉଗ୍ର ରୂପ ନେଇଥିଲା। ଟଙ୍କା ନ ମିଳିବାରୁ ପୁଅ ଆଲୋକ ଅତ୍ୟନ୍ତ ଉତ୍ୟକ୍ତ ହୋଇ ବାପା ଓ ମାଆଙ୍କୁ ହତ୍ୟା କରିଥିବା ଜଣାପଡ଼ିଛି। ପୁଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ଏବଂ ହତ୍ୟାକାଣ୍ଡର ସଠିକ୍ କାରଣ ଓ କିଭଳି ଭାବେ ଏହି ଘଟଣା ଘଟିଲା ସେ ସମ୍ପର୍କରେ ଅଭିଯୁକ୍ତ ନିକଟରୁ ଅଧିକ ତଥ୍ୟ ସଂଗ୍ରହ କରିବାକୁ ପୁଲିସ ଉଦ୍ୟମ ଜାରି ରଖିଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.EPC-CECONIIBBS 2025039, ତା.08.09.2025 ରିଖ ର

**ଶୁଦ୍ଧିପତ୍ର ସଂ.06**

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତି ସନ୍ଦର୍ଭରେ ନିମ୍ନଲିଖିତ ରୂପାନ୍ତରର କରାଯାଇଛି, ଯାହା ପ୍ରତି ଦୟାକରି ଧ୍ୟାନ ଦିଅନ୍ତୁ।

କ୍ରମ ସଂ.1 : ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ଶୁଦ୍ଧିପତ୍ର ସଂ.5ରେ ପ୍ରକାଶିତ ଅନୁଯାୟୀ-ତା.21.11.2025ରିଖ 1200 ଘଟିକା, ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ : ତା.28.11.2025 ରିଖ 1200 ଘଟିକା।

କ୍ରମ ସଂ.2 : RFP ନଥିପତ୍ରର ଧାରା ସଂ.2.11.2ରେ ସୂଚିବଦ୍ଧ ସମସ୍ତ ନଥିପତ୍ରଗୁଡ଼ିକର ଭୌତିକ ଦାଖଲ : ଶୁଦ୍ଧିପତ୍ର ସଂ.5ରେ ପ୍ରକାଶିତ ଅନୁଯାୟୀ-ତା.28.11.2025ରିଖ 1800 ଘଟିକା, ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ : ତା.05.12.2025ରିଖ 1800 ଘଟିକା।

କ୍ରମ ସଂ.3 : RFP ନଥିପତ୍ରର ଧାରା ସଂ.2.11.4(I) ରେ ଉଲ୍ଲେଖିତ ସ୍ଥାନ ଅନୁଯାୟୀ ବୈଷୟିକ ବିଡ୍ ଖୋଲାଯିବ: ଶୁଦ୍ଧିପତ୍ର ସଂ.5ରେ ପ୍ରକାଶିତ ଅନୁଯାୟୀ: ତା.02.12.2025ରିଖ 1200ଘଟିକା, ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ : ତା.09.12.2025ରିଖ 1200 ଘଟିକା।

ସଂପୂର୍ଣ୍ଣ ବିବରଣୀ ନିମନ୍ତେ ୱେବସାଇଟ୍ www.ireps.gov.in ପରିଦର୍ଶନ କରିବାକୁ ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର

PR-161/CI/25-26



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-LT-OUT-SOURCING-KUR-516, ତା.14.11.2025ରିଖ

କାର୍ଯ୍ୟର ନାମ: 02(ଦୁଇ) ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ସଂକେତ ଏବଂ ଦୂରସଂଚାର ରକ୍ଷଣାବେକ୍ଷଣ କାର୍ଯ୍ୟକଳାପଗୁଡ଼ିକର ସୁଦୃଢ଼ୀକରଣ ନିମନ୍ତେ ଜନଶକ୍ତିର ବହିଃସ୍ରୋତ।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 19,49,99,474.07, EMD(ଟଙ୍କାରେ) : 11,25,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-।

ବିଡ୍ ଆରମ୍ଭ ହେବା ତାରିଖ : ତା.17.11.2025 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.12.2025ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼

PR-811/Q/25-26



भा.क.नि. CCI

**ଭାରତୀୟ କପା ନିଗମ ଲିମିଟେଡ୍**

**ଶାଖା କାର୍ଯ୍ୟାଳୟ: ରାୟଗଡା**

ଭବନାରାୟଣ ନୀଳୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧

ମୋବାଇଲ ଆପ — कपास किसान

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ | ତାରିଖ: ୨୧.୧୧.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ **"କପାସ କିଷାନ"** ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ



यूनियन बैंक ऑफ इंडिया Union Bank of India — भारत सरकार का उपक्रम A Government of India Undertaking

**କୋର୍ଟପେଟା ଶାଖା**

ଗାୟତ୍ରୀ ସେଣ୍ଟ୍ରାଲ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା, ପିନ୍-୭୬୦୦୦୫

**ଡିମାଣ୍ଡ ନୋଟିସ୍**

ଆମ୍ଭର କୋର୍ଟପେଟା ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ

ଆମ୍ଭେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ/ କିସ୍ତି/ ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟଗୁଡିକ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କୋର୍ଟପେଟା ଶାଖାର** ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନେ ସେମାନଙ୍କର ଠିକଣାରେ ଉପଲବ୍ଧ ନଥିବାରୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ପ୍ରକାର / ଏନ୍‌ପିଏ ତାରିଖ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀମତୀ ନିବେଦିତା ଆଚାର୍ଯ୍ୟ,** ସ୍ୱାମୀ: ବାସୁଦେବ ଆଚାର୍ଯ୍ୟ / **କୋ-ଓବ୍ଲିଗାଣ୍ଟ: ଶ୍ରୀ ବାସୁଦେବ ଆଚାର୍ଯ୍ୟ,** ଉଭୟଙ୍କ ଠିକଣା- ଫ୍ଲାଟ୍ ନଂ.: ୪୦୧, ରୟାଲ ପାମ୍, ସର୍କୁଲାର ରୋଡ୍, ଗୋପାଳପୁର ଅନ୍ ସି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୦୨ | ଏଚ୍‌ଏଲ୍‌ପିଜିଏନ୍- ୦୮୫୩୦୧୦୦୦୪୪୧୦୮ / ୨୧.୦୮.୨୦୨୫ | ୦୧.୦୯.୨୦୨୫ / ୦୧.୦୯.୨୦୨୫ ସୁଦ୍ଧା ଟ.୬,୫୩,୮୬୧.୭୮ ଯୁକ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଦେୟ | "ମହାବୀର ମାନସନ୍" ନାମକ ବହୁମହଲା ବିଶିଷ୍ଟ ବାସୋପଯୋଗୀ ଆପାର୍ଟମେଣ୍ଟର ବ୍ଲକ୍-୨ର ତଳ ମହଲାରେ ଥିବା ଫ୍ଲାଟ୍ ନଂ.: ୧୧୬, ପରିମିତ ୩୪୫ ବର୍ଗଫୁଟ |

ଯାହାର ୱାର୍ଡ ନଂ. ୦୧, ଛତ୍ରପୁର ଟାଉନ୍ ସବ-ରେଜିଷ୍ଟ୍ରେସନ୍ ଅନ୍ତର୍ଗତ, ତହସିଲ: କନିସି, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୨୩/୨୫୫, ୨୩/୨୫୬, ୨୩/୨୫୭, ୨୩/୨୫୮, ୨୩/୨୫୯, ପ୍ଲଟ୍ ନଂ.: ୧୬୮/୩୪୪, ୧୬୮/୩୪୬, ୧୬୮/୩୪୭, ୧୬୮/୩୪୮, ୧୬୮/୩୫୦, ଅବିଭକ୍ତ, ଆନୁପାତିକ, ଅନିର୍ଦ୍ଦିଷ୍ଟ, ନିରପେକ୍ଷ ଜମିର ଅଂଶ ଯାହାର କ୍ଷେତ୍ର: ଏକର୦.୪୧୩ ଡିସିମିଲି (୧୮୨୨୫ ବର୍ଗଫୁଟ), ଜମିର କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ଖୋଲା ସ୍ଥାନ, ପଶ୍ଚିମ: ଫ୍ଲାଟ୍ ନଂ. ୧୧୭, ଉତ୍ତର: ଖୋଲା ସ୍ଥାନ, ଦକ୍ଷିଣ: କରିଡ଼ର

ଆମ୍ଭର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟର ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରବର୍ଣ୍ଣିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମ୍ଭେ ଆପଣଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। **୧)** ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଆପଣ ଯଦି ସମସ୍ତ ଦେୟ ଏବଂ ତତ୍‌ସହିତ ଉପର ଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ **୬୦ ଦିନ** ମଧ୍ୟରେ ପୈଠ କରିବାକୁ ବିଫଳ ହୁଅନ୍ତି ଏବଂ ଯଦି ବ୍ୟାଙ୍କ ଏହି ଧାରାରେ ଥିବା ଏହାର ଅଧିକାରକୁ କାର୍ଯ୍ୟକାରୀ କରେ ଏବଂ ଏହି ବନ୍ଧକ ସମ୍ପତ୍ତି ବିକ୍ରୟ ପ୍ରକ୍ରିୟା ଦ୍ୱାରା ଦେୟ ପରିଶୋଧ ହୋଇନପାରେ ତେବେ ବଳକା ରାଶି ଆଦାୟ ପାଇଁ ଆମ୍ଭେ ଆପଣଙ୍କ ବିରୁଦ୍ଧରେ ଆଇନ ଅଦାଲତ/ ଋଣ ଅସୁଲି ପ୍ରାଧିକରଣରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ ହେବୁ। **୨)** ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ଆପଣଙ୍କର ଆବଶ୍ୟକୀୟ ବ୍ୟବସାୟିକ କାରବାର ବ୍ୟତୀତ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ସୂଚନାଯୋଗ୍ୟଯେ ଏହି ଧାରାରେ କୌଣସି ବ୍ୟତିକ୍ରମ କଲେ ଏହାର ପରିଣାମ ନିମନ୍ତେ ଦାୟୀ ରହିବେ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

**ସ୍ଥାନ: ବ୍ରହ୍ମପୁର, ତାରିଖ: ୨୧.୧୧.୨୦୨୫** | **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**



**AFFIDAVIT**

I, Pramod Ku Jena, aged about 49 years, S/o- Adhikari Jena, resident of At- Dolamandap Sai, Patia, PS- Infocity, Bhubaneswar, PIN- 751001, Dist- Khordha, Odisha declared by this affidavit No. 99, dtd- 19/11/2025 that now onwards I shall be known as **PRAMOD KUMAR JENA** for all future purposes instead of Pramod Ku Jena.

**NOTICE (above 18 years of age)**

By virtue of an affidavit sworn before Executive Magistrate, Garadpur, dated 17th November 2025. I, Shrabani Mohanty, Village- Solpat, PO–Bedari, PS- Patkura, Dist.- Kendrapara, Pin- 754253, declare that I have changed my name from Shrabani Ray to Shrabani Mohanty. Henceforth, I shall be known as **Shrabani Mohanty** for all purposes.

Sd/- Shrabani Mohanty

**AFFIDAVIT**

By virtue of an affidavit sworn before Notary Public, Balliguda. dated 31.01.2025, I, Jhilli Paraseth, At-Dhudusi, P.O.- Bilamal, P.S.-Belghar, Block-Tumudibandha, Dist.-Kandhamal, PIN-762107, Odisha declare that I have changed the name of my minor daughter's from N.Anmol Aisha to Aisha Nayak. Henceforth, she shall be known as **Aisha Nayak** for all purposes.

Jhilli Paraseth

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated 21.11.2025 I, GOBARDHAN BHATRA, S/o- Late Dhana Bhatra, Village- Janiguda, Po.- Kongra, Ps.- Tentulikhunti, Dist.- Nabarangpur, Odisha, Pin- 764059, declare that I have changed the name of my Daughter from **DAIMATI BHTRA** to **DAMAYANTI BHATRA**. Henceforth, she shall be known as **DAMAYANTI BHATRA** for all purposes.

Sd/- Gobardhan Bhatra

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated. 20.11.2025 I, TUNA MUDULI , S/o- Late Purusati Muduli, Vill.- Jambaguda, Po.- Jatabal, Ps.- Dabugam, Dist- Nabarangpur, Odisha, Pin - 764071, declare that I have changed my name from **KUNA MUDULI** to **TUNA MUDULI**. Henceforth, I shall be known as **TUNA MUDULI** for all purposes.

Sd/- TUNA MUDULI

**AFFIDAVIT**

I, Srikanta Kumar Jena, aged about 39 years, S/o- Sridhar Jena, resident of At- Plot No- 4/2623, Lane-1,Road-2, Jagannath Vihar, Baramunda, PS- Khandagiri, Bhubaneswar, Dist- Khordha, Odisha, PIN- 751003, declared by this affidavit No- 2351, dtd- 19/11/2025 that now onwards I shall be known as **SRIKANT KUMAR JENA** for all future purposes.

**AFFIDAVIT**

By virtue of an affidavit no 2737, sworn before the Executive Magistrate Sukinda on dtd 17/10/25. I Kusunu Munda, S/o Sanaram Munda Resident of At-Rankia, Po-Kuhika, Ps-sukinda, Dist - Jajpur, Pin-755018, Odisha . I have changed my minor daughter's name from SUSHRISANGITA MUNDA (Old Name) to SUBHASHREE MUNDA (New Name) Henceforth she shall be known as **SUBHASHREE MUNDA** all future purposes.

Kusunu Munda

**AFFIDAVIT**

By virtue of an affidavit before the Executive Magistrate, Chatarpur, Ganjam, I, K. Santosh Rao, At- Rajapur, Purushottampur, Ganjam declare that my father's name Kadari Laxman Dora, S/o Kadari Ganapati Dora, and K. Laxman Rao, S/o K. Ganapati Rao, are one and the same person, and also Kadari Gunamma Dora and K. Ganamma Rao, W/o- K. Laxman Rao@Kadari Laxman Doraare one and the same person.

Sd/- K. Santosh Rao

**AFFIDAVIT**

By virtue of an affidavit dtd. 01.07.2025 in the court of Notary Public, Bhubaneswar, I, Mara Gageranga, At- Balimukti, Po- Budubali, Ps- Chandrapur, Dist.- Rayagada-765020 have changed my minor daughter's name from Miki Gageranga to Nikita Gegeranga. Henceforth she will be known as **Nikita Gageranga** for all purposes.

Sd/- Mara Gageranga

**AFFIDAVIT**

By virtue of an affidavit before the Executive Magistrate, M. Rampur, Kalahandi, I, Minaketan Jena, Village - Burat, P.S.- M. Rampur, Dist. – Kalahandi- 766102 have changed my minor son's name from Nitesh Kumar Jena to **Nitesh Jena**. That both the names are one and the same person.

Sd/- Minaketan Jena

**AFFIDAVIT**

By virtue of an affidavit sworn before the Notary, Dhenkanal, dated 01.11.2025, I, Anishika Prustry, Address At/P.O: Radhadeipur, P.s-Gondia, Dist-Dhenkanal, declare that I have changed my name from Anisika Prusty to Anishika Prusty. my date of birth changed from dt 04.06.2002 to dt 04.03.2002 in the service document of my father as per civil records . Henceforth, I shall be known as **Anishika Prusty** for all purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 20/11/2025. I, **Basanti Adjuad** (applicant name), W/o- Babulal Adjuad, permanent resident of AT- Titidunguri Titilagarh, PO/PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor daughter's name from **Jyotimay Adjuad** (old name) to **Jyotirmayee Adjuad** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Jyotirmayee Adjuad** (new name) for all future purposes.

**Basanti Adjuad**

**AFFIDAVIT**


By virtue of an affidavit before the Notary Public, Titilagarh, on dated- 04/08/2025. I, **Gunamati Adjuad** (new name), formerly called as Gunmati Yadav (old name), W/o- Bhubana Adjuad, permanent resident of AT- Lenjha, PO- Lenjha, PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my name from **Gunmati Yadav** (old name) to **Gunamati Adjuad** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Gunamati Adjuad** (new name) for all future purposes.

**Gunamati Adjuad**

**AFFIDAVIT**

By virtue of an affidavit before The Notary Public, Titilagarh, on dated- 20/11/2025. I, **Mahini Tandi** (new name) formerly called as **Mohinee Tandi** (old name), D/o Mansing Tandi, permanent resident of At- Patamara, PO- Haldi, PS- Muribahal, Dist- Balangir (Odisha), PIN- 767037 now residing at the same place declare that I have changed my name from **Mohinee Tandi** (old name) to **Mahini Tandi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Mahini Tandi** (new name).

**Mahini Tandi**



# ଭୁବନେଶ୍ୱର ସିଟି

## ପଞ୍ଜୀକରଣ ଅପେକ୍ଷାରେ ୯୦ ହଜାର ବରିଷ୍ଠ ନାଗରିକ

# ତ୍ରୁଟିପୂର୍ଣ୍ଣ ପୋର୍ଟାଲ୍ ହୋଇପାରୁନି ସ୍ୱାଭାବିକ

**କଟକ,୨୧।୧୧(ସମିସ):** ଦୀର୍ଘ ଦେଢ଼ ବର୍ଷ ହେବ ୯୦ହଜାର ବରିଷ୍ଠ ନାଗରିକ ପଞ୍ଜୀକରଣ କରିବା ପାଇଁ ଅପେକ୍ଷାରେ ରହିଛନ୍ତି। ସହରରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା ନିମନ୍ତେ କମିସନରେଟ୍ ପୁଲିସ ପକ୍ଷରୁ ଗଠନ କରାଯାଇଥିବା ଅନେକ ଯୋଜନା ଫଳପ୍ରଦ ହେଉନାହିଁ। ବିଶେଷ କରି ବରିଷ୍ଠ ନାଗରିକଙ୍କ ସୁରକ୍ଷା ସେଲ୍ ଏବେ ସ୍ଥାଣୁ ପାଲଟିଛି। ସହରରେ କେଉଁ ବରିଷ୍ଠ ନାଗରିକ ଏକୁଟିଆ ରହୁଛନ୍ତି, କାହାର କେଉଁ ପ୍ରକାର ସମସ୍ୟା ରହିଛି ଓ ସମସ୍ତେ ସୁରକ୍ଷିତ ଅଛନ୍ତି କି ନାହିଁ, ଏଭଳି ସମସ୍ତ ତଥ୍ୟ ସଂଗ୍ରହ କରି ବରିଷ୍ଠ ନାଗରିକଙ୍କ ସୁରକ୍ଷା ନିମନ୍ତେ ୬ ବର୍ଷ ପୂର୍ବେ ଯୋଜନା ଆରମ୍ଭ କରିଥିଲା କମିଶନରେଟ୍ ପୁଲିସ। ଏଥିପାଇଁ ଥାନାସ୍ତରରେ ବରିଷ୍ଠ ନାଗରିକ ସୁରକ୍ଷା ସେଲ୍ ଗଠନ କରାଯାଇ ଜଣେ ଏସ୍ଆଇ ପାହ୍ୟା କର୍ମଚାରୀଙ୍କୁ ନୋଡାଲ୍ ଅଫିସର ଭାବେ ନିଯୁକ୍ତି ଦିଆଯାଇଥିଲା। ପ୍ରତ୍ୟେକ ଥାନାରେ ଏହି ନୋଡାଲ୍ ଅଫିସରଙ୍କ ଦ୍ୱାରା ବରିଷ୍ଠ ନାଗରିକଙ୍କ ସୁରକ୍ଷା ଯାଞ୍ଚ କରାଯିବାର ନିର୍ଦ୍ଦେଶ ରହିଥିଲା। ହେଲେ ଏହି ଯୋଜନା ଅଳ୍ପ କିଛି ମାସ ସ୍ୱାଭାବିକ ଢଙ୍ଗରେ ଚାଲି ଏବେ ସ୍ଥାଣୁ ପାଲଟି ଯାଇଛି। କୌଣସି ଥାନାରେ ଏହି ସେଲ୍ ଠିକ୍ ଭାବେ କାର୍ଯ୍ୟକ୍ଷମ ହେଉ ନାହିଁ। ସହରର ଥାନା ଗୁଡ଼ିକରେ ମାତ୍ର ୫ହଜାର ବରିଷ୍ଠ ନାଗରିକ ସେମାନଙ୍କ ନାଁ ଏବଂ ବ୍ୟକ୍ତିଗତ ତଥ୍ୟକୁ ପଞ୍ଜିକରଣ କରିଥିବା ବେଳେ ଏବେ ୯୦ହଜାର ବରିଷ୍ଠ ନାଗରିକ ସେମାନଙ୍କ ପଞ୍ଜିକରଣ ଆଦୌ କରି ପାରୁ ନଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଏ ସମ୍ପର୍କରେ ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ପ୍ରଶ୍ନ କରିବାରୁ ସେ କହିଛନ୍ତି, ବରିଷ୍ଠ ନାଗରିକଙ୍କ ପଞ୍ଜିକରଣ ଯେହେତୁ ଅନଲାଇନ୍‌ରେ ହେଉଥିଲା ଟେକ୍ନିକାଲ୍ ଏରର୍ ତଥା ବୈଷୟିକ ଜ୍ଞାନକୌଶଳରେ ତ୍ରୁଟି ଯୋଗୁଁ କିଛି ଦିନ ହେବ ଏହି କାର୍ଯ୍ୟ ବନ୍ଦ ରହିଥିଲା। ଖୁବଶୀଘ୍ର ଆଇଟି ଟିମ୍ ଡକାଯାଇ, ବରିଷ୍ଠ ନାଗରିକଙ୍କ ନିମନ୍ତେ ପଞ୍ଜିକରଣ ହେଉଥିବା ପୋର୍ଟାଲ୍‌କୁ ସଜଡା ଯିବ। ଏହା ସ୍ୱାଭାବିକ କରିହେବ। ଥାନାରେ ବରିଷ୍ଠ ନାଗରିକ ସେଲ୍ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଛି। ଯଦି କୌଣସି ଥାନା ଏହି ସେଲ୍‌କୁ କାର୍ଯ୍ୟକ୍ଷମ ନକରନ୍ତି ତେବେ ଏ ଦିଗରେ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ମତ ରଖିଛନ୍ତି।

ପ୍ରକାଶ ଥାଉ କି, କମିସନରେଟ୍ ପୁଲିସ ୬ଟି ସର୍ତ୍ତାବଳୀ ବରିଷ୍ଠ ନାଗରିକଙ୍କ ସୁରକ୍ଷା ନିମନ୍ତେ ଜାରି କରିଥିଲା। ପୁଲିସର ସହାୟତାରେ ବରିଷ୍ଠ ନାଗରିକଙ୍କୁ ସୁରକ୍ଷା ପ୍ରଦାନ କରାଯିବା, ସେମାନଙ୍କ ନିରାପତ୍ତା ଓ ସୁରକ୍ଷାର ପାଇଁ ବିଭିନ୍ନ ଦିଗ ଉପରେ ପୁଲିସ ନଜର ରଖିବା, ସେମାନେ ନିଜର ବ୍ୟକ୍ତିଗତ ସମସ୍ୟା ଏବଂ ପାରିବାରିକ ସମସ୍ୟା ପୁଲିସକୁ ଜଣାଇବା, ପ୍ରତ୍ୟେକ ଦିନ ପୁଲିସ ସେମାନଙ୍କ ସହିତ ଫୋନ୍ ମାଧ୍ୟମରେ କିମ୍ବା ଗୃହ ପରିଦର୍ଶନ କରି ଖବର ବୁଝିବା ଏବଂ ପଡ଼ୋଶୀ ଓ ସମ୍ପର୍କୀୟଙ୍କ ସହିତ ପୁଲିସ ଯୋଗସୂତ୍ର ରଖିବା ଆଦି ୬ଟି ସର୍ତ୍ତାବଳୀକୁ ସ୍ଥାନୀୟ ଥାନାର ନୋଡାଲ୍ ଅଫିସର ଗୁରୁତ୍ୱ ଦେବେ। ହେଲେ ମହାନଗରର କୌଣସି ଥାନାରେ ଏଗୁଡ଼ିକ ଉପରେ ଆଦୌ ଧ୍ୟାନ ଦିଆଯାଉ ନଥିବା ଅଭିଯୋଗ ଉଠିଛି। ଅନ୍ୟପକ୍ଷରେ ୨୦୧୮ ମସିହା ସେପ୍ଟେମ୍ବର ୧୭ ତାରିଖରେ ତତ୍କାଳୀନ ପୁଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା ପୁଲିସ ମୁଖ୍ୟାଳୟରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଏଥିରେ ଉଲ୍ଲେଖଥିଲା ଯେ, ଏକୁଟିଆ ରହୁଥିବା ବରିଷ୍ଠ ନାଗରିକଙ୍କ ନାମ ପୁଲିସ ପଞ୍ଜୀକରଣ କରିବା ବାଧ୍ୟତାମୂଳକ। ହେଲେ ଏସବୁ କ୍ଷେତ୍ରରେ ପୁଲିସ ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି। ଥାନା ସ୍ତରରେ ବରିଷ୍ଠ ନାଗରିକଙ୍କ ସହିତ ପୁଲିସ ୩ମାସରେ ଥରେ ବୈଠକ କରିବା ଜରୁରୀ। ଏଥି ପ୍ରତି ଧ୍ୟାନ ଦିଆଯାଉ ନାହିଁ। ଥାନା ପକ୍ଷରୁ ବରିଷ୍ଠ ନାଗରିକ ଭାବେ କୌଣସି ପ୍ରକାର ସୁବିଧା ସହଯୋଗ ମିଳୁନାହିଁ। କେବଳ ସେ ନୁହଁନ୍ତି, ସହରର ଅଧିକାଂଶ ବରିଷ୍ଠ ନାଗରିକ ବଡ଼ ଅସହାୟ ଅବସ୍ଥାରେ ରହିଛନ୍ତି। ଏ କ୍ଷେତ୍ରରେ ପୁଲିସ ଅଧିକ ଯତ୍ନଶୀଳ ହେବାକୁ ଦାବି ଉଠିଛି।

## ଟ୍ରେନ୍‌ରେ ଲୁଟିଥିବା ଦୁଇ ମହିଳା ଗିରଫ

**କଟକ,୨୧।୧୧(ସମିସ):** ଟ୍ରେନ୍‌ରେ ଚଢ଼ି ଯାତ୍ରୀଙ୍କୁ ଲୁଟ୍‌ପାଟ୍ କରୁଥିବା ଦୁଇ ପେସାଦାର ମହିଳା ଲୁଟେରାଙ୍କୁ କଟକ ଆରପିଏଫ୍ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ତେଲିଆ ଗାଁର ବବିନା ସାହୁ ଏବଂ କୁଆଖିଆ ଥାନା ଅଧୀନରେ ଥିବା ଶ୍ରୀବନ୍ଧପୁର ଗାଁର ପୂଜା ବଳ (୨୩)। ସେମାନଙ୍କ ନିକଟରୁ ଦୁଇଟି ଚୋରା ମୋବାଇଲ୍ ଉଦ୍ଧାର କରାଯାଇଛି। ଶୁକ୍ରବାର ସକାଳ ପ୍ରାୟ ସାଢ଼େ ୯ଟାରେ କଟକ ରେଳ ଷ୍ଟେସନର ୩ ନମ୍ବର ପ୍ଲାଟଫର୍ମରେ ବାଙ୍ଗିରିପୋଷୀ ଏକ୍ସପ୍ରେସ ଆସି ଲାଗିଥିଲା। ଏହି ସମୟରେ ଉକ୍ତ ଟ୍ରେନରୁ ଦୁଇ ଜଣ ମହିଳା ତରବରିଆ ଭାବେ ଓହ୍ଲାଇ ଷ୍ଟେସନ ବାହାରକୁ ଯାଉଥିବା ବେଳେ ପ୍ଲାଟଫର୍ମରେ ପାଟ୍ରୋଲିଂ କରୁଥିବା ଆରପିଏଫ୍ କର୍ମଚାରୀଙ୍କ ସନ୍ଦେହ ହୋଇଥିଲା। କର୍ମଚାରୀମାନେ ମହିଳାଦ୍ୱୟଙ୍କୁ ଅଟକାଇ ପଚରାଉଚରା କରିଥିଲେ। ଉଭୟ ଟ୍ରେନ୍‌ରେ କଟକ ଆସିଥିବା କହିଥିଲେ ହେଁ ଟିକେଟ୍ ଦେଖାଇ ପାରି ନ ଥିଲେ କିମ୍ବା କଟକ ଆସିବାର ସଠିକ୍ କାରଣ ଦର୍ଶାଇ ପାରି ନ ଥିଲେ। ଏହାପରେ ଉଭୟଙ୍କୁ ଆରପିଏଫ୍ ପୋଷ୍ଟକୁ ନେଇ ତଲାସି ନିଆଯିବା ପରେ ସେମାନଙ୍କ ପାଖରୁ ଦୁଇଟି ମୋବାଇଲ୍ ମିଳିଥିଲା। ପରେ ଜେରା ବେଳେ ଉଭୟେ ଉକ୍ତ ଦୁଇଟି ମୋବାଇଲ୍‌କୁ ବାଙ୍ଗିରିପୋଷୀ ଏକ୍ସପ୍ରେସ୍ ଟ୍ରେନ୍‌ରୁ ଚୋରାଇଥିବା ସ୍ୱୀକାର କରିଥିଲେ। ପୂର୍ବରୁ ଗତ ସେପ୍ଟେମ୍ବର ୨୮ ତାରିଖରେ ମଧ୍ୟ ସେମାନେ ଅନୁରୂପ ଘଟଣା ଘଟାଇ ଧରାପଡ଼ିଥିଲେ। ଅଭିଯୁକ୍ତଙ୍କ ସହିତ ଜବତ ମୋବାଇଲ୍‌କୁ ଜିଆର୍‌ପି ଜିମା ଦିଆଯାଇଛି ଏବଂ ଦୁଇ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି ବୋଲି ଆରପିଏଫ୍ ଅଧିକାରୀ ରାଜସିଂହ ମଲ୍ଲିକ ସୂଚନା ଦେଇଛନ୍ତି।

# ବେଆଇନ ବିଦ୍ୟୁତ ସଂଯୋଗ କାଟିବାରୁ ଅଫିସରେ ଭଙ୍ଗାରୁଜା

**କଟକ,୨୧।୧୧(ସମିସ):** ବେଆଇନ ଭାବେ ନିଆଯାଇଥିବା ବିଦ୍ୟୁତ ସଂଯୋଗକୁ ବିଦ୍ୟୁତ ବିଭାଗ କର୍ମଚାରୀମାନେ କାଟିଦେବାରୁ ଉତ୍ୟକ୍ତ ହୋଇ ଲୋକେ ଉନ୍ମତ୍ତକାଣ୍ଡ ଭିଆଇଛନ୍ତି। ଶୁକ୍ରବାର ଦିନ ସମୟରେ ଏକାଧିକ ଲୋକ ମହାନଦୀ ବିହାର ଜଷ୍ଟିସ୍ ଛକରେ ଥିବା ବିଦ୍ୟୁତ ଅଫିସରେ ପଶି ଅଧିକାରୀ ଓ କର୍ମଚାରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଭଙ୍ଗାରୁଜା କରିଛନ୍ତି। ଏନେଇ ଚାଉଳିଆଗଞ୍ଜ ଥାନାରେ ଏତଲା ଦାୟର ହୋଇଛି। ସୂଚନା ଅନୁଯାୟୀ, ନେହେରୁପଲ୍ଲୀ ଅଞ୍ଚଳର ଜଣେ ବ୍ୟକ୍ତି ହୁକ୍ ପକାଇ ବେଆଇନ ଭାବେ ବିଦ୍ୟୁତ ସଂଯୋଗ ନେଇଥିବାରୁ ବିଦ୍ୟୁତ ବିଭାଗ ପକ୍ଷରୁ ନିକଟରେ ତାଙ୍କର ଲାଇନ୍ କାଟି ଦିଆଯାଇଥିଲା। ଏହି ଘଟଣାକୁ ନେଇ କ୍ରୋଧାନ୍ୱିତ ହୋଇ ସମ୍ପୃକ୍ତ ବ୍ୟକ୍ତି ଶୁକ୍ରବାର ଅଞ୍ଚଳର ପ୍ରାୟ ୧୫ରୁ ୨୦ ଜଣ ଲୋକଙ୍କୁ ଧରି ମହାନଦୀ ବିହାର ଜଷ୍ଟିସ୍ ଛକରେ ଥିବା ବିଦ୍ୟୁତ ବିଭାଗ ଅଫିସରେ ପହଞ୍ଚିଥିଲେ। ପ୍ରଥମେ ସେମାନେ ଅଫିସ୍ ଗେଟ୍ ସମ୍ମୁଖରେ ଛିଡ଼ା ହୋଇ କର୍ମଚାରୀମାନଙ୍କୁ ଗାଳିଗୁଲଜ କରିଥିଲେ। କିଛି କର୍ମଚାରୀ ବୁଝାସୁଝା କରିବାକୁ ଆସିବାରୁ ଉତ୍ୟକ୍ତ ଲୋକମାନେ ଧମକଚମକ ଦେବା ସହ ଅଫିସ୍ ଭିତରେ ଧସେଇ ପଶି ପ୍ରାୟ ଅଧ ଘଣ୍ଟା ଧରି ଭଙ୍ଗାରୁଜା କରି ଉତ୍ପାତ ଚଳାଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସ ଆସିବାରୁ କିଛି ଲୋକ ଖସି ପଳାଇଥିଲେ, କିନ୍ତୁ ଜଣଙ୍କୁ ପୁଲିସ ଧରିବାରେ ସଫଳ ହୋଇଥିଲା। ବିଦ୍ୟୁତ ବିଭାଗ ସବ୍-ଡିଭିଜନ୍-୨ର ଏସ୍‌ଡିଓ ସ୍ମୃତିରଞ୍ଜନ ପ୍ରଧାନ ଏନେଇ ଚାଉଳିଆଗଞ୍ଜ ଥାନାରେ ଏତଲା ଦାୟର କରିଛନ୍ତି। ଅଭିଯୁକ୍ତଙ୍କ ମଧ୍ୟରୁ ଅନେକଙ୍କର ବେଆଇନ ବିଦ୍ୟୁତ ସଂଯୋଗ କଟା ଯାଇଥିବାରୁ ସେମାନେ ପ୍ରତିଶୋଧ ପରାୟଣ ହୋଇ ଏକାଠି ହୋଇ ଏହି ଗଣ୍ଡଗୋଳ କରିଥିବା ଜଣାପଡ଼ିଛି। ପୁଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ପୁରୁଷ ବନ୍ଧ୍ୟାକରଣରେ ପୁରୁଷତ୍ୱ ନଷ୍ଟ ହୁଏ ନାହିଁ




ଭୁବନେଶ୍ୱର, ୨୧।୧୧(ସମିସ): ପୁରୁଷ ବନ୍ଧ୍ୟାକରଣରେ କୌଣସି ପୁରୁଷର ପୁରୁଷତ୍ୱ ନଷ୍ଟ ହୁଏ ନାହିଁ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ଶୁକ୍ରବାର ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ତରଫରୁ ଗୀତଗୋବିନ୍ଦ ସଦନରେ 'ପୁରୁଷ ବନ୍ଧ୍ୟାକରଣ ପକ୍ଷ-୨୦୨୫' ଆୟୋଜନ କରାଯାଇଥିଲା। ଏହି ଅବସରରେ ପୁରୁଷ ବନ୍ଧ୍ୟାକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ମଧ୍ୟରେ ସ୍ୱତନ୍ତ୍ର ସଚିବ ଡ. ବିଜୟ ମହାପାତ୍ର, ଡ. ଜିତେନ୍ଦ୍ର ମୋହନ ବେବର୍ତ୍ତା, ଡ. ମୁରଲିଧର ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ।

## 'ଲୀଳାବତୀସ ଡଟର୍ସ'ର ଓଡ଼ିଆ ଇ-ଭର୍ସନ ଉନ୍ମୋଚିତ

ଭୁବନେଶ୍ୱର, ୨୧।୧୧(ସମିସ):ପ୍ରଫେସର ରୋହିଣୀ ଗଡ଼ବୋଲେ ଓ ପ୍ରଫେସର ରାମ ରାମସ୍ୱାମୀଙ୍କ ଦ୍ୱାରା ଅନୁଦିତ ପୁସ୍ତକ 'ଲିଳାବତୀସ ଡଟର୍ସ: ଦ ୱିମେନ୍ ସାଇଣ୍ଟିଷ୍ଟସ ଅଫ୍ ଇଣ୍ଡିଆ'ର ଓଡ଼ିଆ ଓ କନ୍ନଡ ଭାଷାରେ ଇ-ଭର୍ସନ୍ ଉନ୍ମୋଚିତ ହୋଇଯାଇଛି। ତିରୁପତି ଠାରେ ଅନୁଷ୍ଠିତ ଇଣ୍ଡିଆନ ଏକାଡେମୀ ଅଫ୍ ସାଇନ୍ସ, ବେଙ୍ଗାଲୁରୁର ୯୧ତମ ବାର୍ଷିକ ଅଧିବେଶନରେ ଓଡ଼ିଆ ଓ କନ୍ନଡ ଭାଷାରେ ପୁସ୍ତକର ଇ-ଭର୍ସନ୍‌କୁ ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସର ପ୍ରଫେସର ରାଘବନ ଭର୍ଦରାଜନ ଉନ୍ମୋଚନ କରିଛନ୍ତି। ଓଡ଼ିଆ ଭାଷାରେ 'ଲୀଳାବତୀଙ୍କ ଶତେକ କନ୍ୟା' ନାମକ ଏହି ପୁସ୍ତକକୁ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ନଚିକେତା କେ. ଶର୍ମା ଓ ଡ. ଦୀପକ କେ. ପଟ୍ଟନାୟକ ଅନୁବାଦ କରିଛନ୍ତି। ଏହି ଉପଲକ୍ଷେ ପ୍ରଫେସର ଶର୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ରାଜ୍ୟ ଗ୍ରନ୍ଥାଗାରରେ ମହତାବଙ୍କ ଜୟନ୍ତୀ




ଭୁବନେଶ୍ୱର, ୨୧।୧୧(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଶୁକ୍ରବାର ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ଗ୍ରନ୍ଥାଗାରର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଅନୁଜା ତାରିଣୀ ମିଶ୍ର ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ମହତାବଙ୍କ ସ୍ମୃତିଚାରଣ କରିଥିଲେ। ଏହି ଉପଲକ୍ଷେ ଗ୍ରନ୍ଥାଗାରରେ ଏକ ସାଧାରଣ ସଭା ଓ ମହାତାବଙ୍କ ଜୀବନୀକୁ ଆଧାର କରି ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

## ଶିଶୁ ସାହିତ୍ୟିକ କାଞ୍ଚନବାଳା ସାମନ୍ତରାୟଙ୍କ ପରଲୋକ



ଭୁବନେଶ୍ୱର, ୨୧।୧୧(ସମିସ): କାଞ୍ଚନ ପବ୍ଲିକେସନ୍‌ର ପ୍ରକାଶକ ତଥା ବିଶିଷ୍ଟ ଶିଶୁ ସାହିତ୍ୟିକ ଦେବରାଜ ସାମନ୍ତରାୟଙ୍କ ଧର୍ମପତ୍ନୀ କାଞ୍ଚନବାଳା ସାମନ୍ତରାୟଙ୍କ ଗୁରୁବାର ପରଲୋକ ହୋଇଛି। ତାଙ୍କର ପ୍ରାୟ ୩୦ରୁ ଅଧିକ ଶିଶୁ ସାହିତ୍ୟ ପ୍ରକାଶ ପାଇଥିବାବେଳେ ସେ ଶିଶୁଙ୍କ ଅତି ପରିଚିତ ହୋଇପାରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପାଖରେ ସ୍ୱାମୀଙ୍କ ସହିତ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ନାତୁଣି ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ବିଧାନସଭା ପରିସରରେ ମହତାବଙ୍କୁ ଶ୍ରଦ୍ଧାଞ୍ଜଳି ଜୟନ୍ତୀ



ଭୁବନେଶ୍ୱର, ୨୧।୧୧(ସମିସ): ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଅବସରରେ ବିଧାନସଭା ପରିସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ମନ୍ତ୍ରୀ ଓ ବିଧାୟକ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାନସଭାର ଗବେଷଣା ଶାଖା ପକ୍ଷରୁ ଡ. ହରେକୃଷ୍ଣ ମହତାବଙ୍କ ଜୀବନୀ ଉପରେ ପ୍ରକାଶିତ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଶେଷରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁଶ୍ରୀ ରୋଜାଲିନ ସାହୁ ସଂଯୋଜନା କରିଥିଲେ।

### 'ମିଡିଆ-୫.୦' ଉଦ୍‌ଘାଟିତ

## 'ବ୍ୟକ୍ତିଗତ ଗୋପନୀୟତାକୁ ପ୍ରଭାବିତ କରୁଛି କୃତ୍ରିମ ବୁଦ୍ଧିମତ୍ତା'




ଭୁବନେଶ୍ୱର, ୨୧।୧୧(ସମିସ): ଇନଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ (ଆଇଏମ୍‌ଏସ୍), କିଟ୍ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର ପକ୍ଷରୁ 'ମିଡିଆ-୫.୦' କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଏହି ତିନିଦିନିଆ ସମ୍ମିଳନୀରେ କର୍ଣ୍ଣାଟକର କୋପାଲ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବି.କେ. ରବି ଯୋଗଦେଇ ମାନବର ବିନା ହସ୍ତକ୍ଷେପରେ କୃତ୍ରିମ ବୁଦ୍ଧିମତ୍ତା ଅନେକ ତଥ୍ୟ ବିତରଣ କରୁଥିବାରୁ ବ୍ୟକ୍ତିଗତ ଗୋପନୀୟତା ଉପରେ ପ୍ରଭାବ ପକାଉଥିବା କହିଛନ୍ତି। ସେହିପରି ଭୁବନେଶ୍ୱର ଆଇଆଇଟିର ଏଆଇ ଓ ଏଚ୍‌ପିସି ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ଅଶ୍ୱିନୀ କୁମାର ନନ୍ଦ ଏବଂ ଆସାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରୋ ଭାଇସ୍-ଚାନ୍ସେଲର ଡ. କେଭି. ନାଗରାଜ ପ୍ରମୁଖ ଯୋଗଦେଇ 'ଡିଜିଟାଲ୍ ଯୋଗାଯୋଗ' ଉପରେ ନିଜର ମତ ଉପସ୍ଥାପନ କରିଛନ୍ତି। ଏହାସହ କୃତ୍ରିମ ବୁଦ୍ଧିମତା, ମେସିନ ଲର୍ଣ୍ଣିଙ୍ଗ, ଇଣ୍ଟରନେଟ ଅଫ୍ ଥିଙ୍ଗସ୍ ଓ ଭର୍ଚୁଆଲ୍ ରିଅଲିଟି ଆଦି ନୂତନ ଜ୍ଞାନ କୌଶଳ ସମ୍ପର୍କରେ ମଧ୍ୟ ଆଲୋଚନା ହେବା ସହ ଡିଜିଟାଲ ମିଡିଆର ଭବିଷ୍ୟତ ପାଇଁ ଏକ ରୋଡମ୍ୟାପ ପ୍ରସ୍ତୁତ ପାଇଁ ଗୁରୁତ୍ୱାରୋପ କରାଯାଇଛି। ଏହି ଅବସରରେ ତ୍ରିପୁରା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଭି.ଏଲ୍. ଧାରୁରକରଙ୍କୁ ସମ୍ବାଦିକତା ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜୀବନବ୍ୟାପି ସାଧନା ପୁରସ୍କାର ପ୍ରଦାନ କରାଯାଇଛି।

## ବିର୍ସାଙ୍କ ଜୟନ୍ତୀରେ ଏବିଭିପି ପକ୍ଷରୁ ଗଣଦୌଡ଼

ଭୁବନେଶ୍ୱର, ୨୧।୧୧ (ସମିସ): ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଏକ ଗଣ ଦୌଡ଼ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ମହାନଗର ନିଗମ ଶାଖା ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରଦର୍ଶନୀ ପଡ଼ିଆ ଠାରୁ ଆରମ୍ଭ ହୋଇ ମାଷ୍ଟର କ୍ୟାଣ୍ଟିନ ପର୍ଯ୍ୟନ୍ତ ଚାଲିଥିଲା। ମାଷ୍ଟରକ୍ୟାଣ୍ଟିନ ଠାରେ ଅନୁଷ୍ଠିତ ସାଧାରଣ ସଭାରେ ବିର୍ସା ମୁଣ୍ଡାଙ୍କ ତ୍ୟାଗ, ତପସ୍ୟା, ବଳିଦାନ ଓ ବୀରତ୍ୱ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଛନ୍ତି। ଏବିଭିପିର ଅଖିଳ ଭାରତୀୟ ଜନଜାତି ପ୍ରମୁଖ ପ୍ରମୋଦ ରାଉତଙ୍କ ସମେତ ରାଜ୍ୟ ସଭାପତି ଗାର୍ଗୀ ବାନାର୍ଜି, କ୍ଷେତ୍ରୀୟ ସହ ସଂଗଠନ ମନ୍ତ୍ରୀ ତ୍ରୈଲୋଚନ ସାହୁ ଓ ଓଡ଼ିଶା ଜନଜାତି ପ୍ରମୁଖ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ବିର୍ସା ମୁଣ୍ଡାଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିଛନ୍ତି।

## ନାଗରିକ ସଙ୍ଗଠନ ପକ୍ଷରୁ ରୌପ୍ୟ ଜୟନ୍ତୀ ଲୋଗୋ ଉନ୍ମୋଚିତ

ଭୁବନେଶ୍ୱର, ୨୧।୧୧(ସମିସ): ଭିଏସ୍‌ଏସ୍ ନଗର ବରିଷ୍ଠ ନାଗରିକ ମଞ୍ଚକୁ ୨୫ ବର୍ଷ ପୂର୍ତ୍ତି ଅବସରରେ ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଆସନ୍ତା ୨୩ ତାରିଖ ରବିବାର ବରିଷ୍ଠ ନାଗରିକ ମଞ୍ଚର ରୌପ୍ୟ ଜୟନ୍ତୀ ପାଳନ କରାଯିବ। ଏହି ଅବସରରେ ଅନୁଷ୍ଠାନର ପ୍ରଥମ ସାଧାରଣ ସମ୍ପାଦକ ତଥା ସଭାପତି କୃପାସିନ୍ଧୁ ସାହୁ, ଉପସଭାପତି ଇଂ ସୁରେଶ କର, ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମାଙ୍କ ଦ୍ୱାରା ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ଲୋଗୋ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଭାପତି ଶ୍ରୀ ସାହୁ କହିଥିଲେ ଯେ, ଭିଏସ୍‌ଏସ୍ ନଗର ବରିଷ୍ଠ ନାଗରିକ ମଞ୍ଚ କେବଳ ଓଡ଼ିଶାର ପ୍ରଥମ ବରିଷ୍ଠ ନାଗରିକ ମଞ୍ଚ ନୁହେଁ, ଏହା ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ ସହ ରାଜ୍ୟର ଅନ୍ୟ ବରିଷ୍ଠ ନାଗରିକ ସଙ୍ଗଠନ ଗୁଡିକ ପାଇଁ ପ୍ରେରଣାର ଉତ୍ସ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଭ୍ରମରବର ପ୍ରଧାନ, ସମ୍ପାଦକ ଶିତଳ ଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ଏସ୍ ନରସିଂହ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଧିବାସୀଙ୍କ ଜୀବନ ଜୀବିକା ସଂକ୍ରାନ୍ତ ଆଲୋଚନା

ଭୁବନେଶ୍ୱର, ୨୧।୧୧(ସମିସ): ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ ମାଧ୍ୟମରେ କରାଯାଇଥିବା ଜୀବନ ଜୀବିକା, ସାମୂହିକ ଉନ୍ନୟନ ଓ ଭବିଷ୍ୟତ କାର୍ଯ୍ୟକ୍ରମ” ଶୀର୍ଷକ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ତତ୍ତ୍ୱାବଧାନରେ ଏବଂ ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି ଦ୍ୱାରା ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇ ଯାଇଛି। ଏହି କର୍ମଶାଳାର ମୁଖ୍ୟ ଅତିଥି ଭାବେ ତଥା ଓଡ଼ିଶା ସରକାରଙ୍କ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀର ମୁଖ୍ୟ ସୁରେଶ ପନ୍ଥ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ପ୍ରେମ କୁମାର ଝା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ଓ ସଦସ୍ୟ ସଚିବ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ବୋର୍ଡ ଉମା ନନ୍ଦୁରୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତିର ପ୍ରକଳ୍ପ ନିର୍ଦ୍ଦେଶକ ଡ. କେ. ମୁରୁଗେସନ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ବିଶ୍ୱ ମତ୍ସ୍ୟ ଦିବସ

# ଶ୍ରେଷ୍ଠ ହେବାକୁ ହେଲେ, ଆମକୁ ଆତ୍ମନିର୍ଭର ହେବାକୁ ପଡ଼ିବ: ମନ୍ତ୍ରୀ




ଭୁବନେଶ୍ୱର, ୨୧।୧୧(ସମିସ): ମତ୍ସ୍ୟଚାଷ କ୍ଷେତ୍ରରେ ଆମ ପାଖରେ ବିପୁଳ ସମ୍ଭାବନା ରହିଛି। ଓଡ଼ିଶାରେ ୫୭୪.୭ କିମି ସୁଦୀର୍ଘ ଉପକୂଳ, ୪.୧୮ ଲକ୍ଷ ହେକ୍ଟର ଖାରିଜଳକ୍ଷେତ୍ର, ୭.୧୨ ଲକ୍ଷ ହେକ୍ଟର ମଧୁର ଜଳକ୍ଷେତ୍ର (ନଦୀ, ଜଳଭଣ୍ଡାର ଓ ପୋଖରୀ ଇତ୍ୟାଦି) ମତ୍ସ୍ୟ ସମ୍ପଦ ପାଇଁ ଅମୂଲ୍ୟ ବରଦାନ। ଏହାର ସଦୁପଯୋଗ କରି ଆଗକୁ ବଢ଼ିବା ପାଇଁ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବିଶ୍ୱ ମତ୍ସ୍ୟ ଦିବସ ଅବସରରେ ଆହ୍ୱାନ ଦେଇଥିଲେ। ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ-୨୦୨୫ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସେ ଏହା କହିଛନ୍ତି। ସେ ଆହୁରି ମଧ୍ୟ କହିଥିଲେ କି ଶ୍ରେଷ୍ଠ ହେବାକୁ ହେଲେ, ଆମକୁ ଆମନିର୍ଭର ହେବାକୁ ପଡ଼ିବ। ଏହି ଅବସରରେ ମନ୍ତ୍ରୀ ଆଭାସୀ ମାଧ୍ୟମରେ ପୁରୀର ତାଳବଣିଆ ଠାରେ ମାଛ ବଜାର, ଏବଂ ଗଞ୍ଜାମ ଜିଲ୍ଲାର ହୁମ୍ମାଠାରେ ଶୁଖୁଆ ବଜାର, ଅନୁଗୁଳର ମତ୍ସ୍ୟ ଚାଷୀ ତାଲିମ କେନ୍ଦ୍ର, କେନ୍ଦ୍ରାପଡ଼ା ଜିଲ୍ଲାର ତାଳଚୁଆରେ ବିଏଫଓ କାର୍ଯ୍ୟାଳୟ ଭଳି ସମ୍ପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଉଦଘାଟନ କରିଥିଲେ। ଏହା ସହ କଟକର ଖପୁରିଆରେ ମତ୍ସ୍ୟ ନିର୍ଦ୍ଦେଶାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତତସହିତ ମାନ୍ୟବର ମନ୍ତ୍ରୀ 'ଓଡ଼ିଶା ମତ୍ସ୍ୟ ୱେବ୍ ପୋର୍ଟାଲ'ର ଶୁଭାରମ୍ଭ କରିଥିଲେ। ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲାମ୍ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ମତ୍ସ୍ୟ ନିର୍ଦ୍ଦେଶକ(ବୈଷୟିକ) ସୁବ୍ରତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସିଫାର ନିର୍ଦ୍ଦେଶକ ଡ. ପ୍ରମୋଦ କୁମାର ସାହୁ, ଆପିକଲର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ମିଶ୍ର, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ୍, ଏମପେଡ଼ାର ଉପ ନିର୍ଦ୍ଦେଶକ ଆଚମନ୍ ଲହରୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

## ଇଶାନେଶ୍ୱର ବସ୍ତିରେ ଶିଶୁ ଅଧିକାର କାର୍ଯ୍ୟକ୍ରମ



ଭୁବନେଶ୍ୱର, ୨୧।୧୧(ସମିସ): ବିଶ୍ୱ ଶିଶୁ ଦିବସ ଉପଲକ୍ଷେ ଆକ୍ସନଏଡ୍ ଆସୋସିଏସନ୍ ଓ ସିସିଡବ୍ଲୁଡିଙ୍କ ମିଳିତ ଆନୁକୂଲ୍ୟରେ ୱାର୍ଡ ନମ୍ବର-୧୪ ଅଧୀନସ୍ଥ ଇଶାନେଶ୍ୱର ବସ୍ତିରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଲ୍ୟାଣୀ ରାଉତ, ମାନସ ରଞ୍ଜନ ପ୍ରଧାନ, ସ୍ନିଗ୍ଧା ଦାସ, ଭାସ୍କର ଚନ୍ଦ୍ର ପ୍ରଧାନ, ରେଣୁବାଳା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସୁଚରିତା ବେହେରା ସ୍ୱାଗତଭାଷଣ ଦେଇଥିବା ବେଳେ ସ୍ମୃତିରେଖା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୬୮ ● ପାଉଣ୍ଡ ୧୧୬.୭୮
- ୟୁରୋ ୧୦୨.୧୩ ● ୟେନ୍ ୦.୫୬

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୩,୬୫୦ (ଭୁବନେଶ୍ୱର)
- ରୁପା : ୧,୬୭,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୨୩୧.୦୦
- ନିଫ୍ଟି ୨୬,୦୬୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ରୁଷୀୟ ତୈଳରୁ ତିଆରି ଉତ୍ପାଦ ରପ୍ତାନି କରିବନି ରିଲାଏନ୍ସ

## ୟୁରୋପୀୟ ସଂଘର କଟକଣା ପାଳନ କରିବ କମ୍ପାନୀ

## ଘରୋଇ ବ୍ୟବହାର ପାଇଁ ତେଲ କିଣିବା ଜାରି ରଖିବ

**ନୂଆଦିଲ୍ଲୀ,୨୧।୧୧(ଏଜେନ୍ସି):** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଜାମନଗରରେ ଥିବା ଏହାର ସତନ୍ତ୍ର ଅର୍ଥନୈତିକ ଜୋନ୍ (ଏସ୍‌ଇଜେଡ୍) ରିଫାଇନାରୀରେ ରୁଷୀୟ ଅଶୋଧିତ ତୈଳ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିଦେଇଛି। କମ୍ପାନୀ କହିଛି ଯେ ନଭେମ୍ବର ୨୦ରୁ ଏସ୍‌ଇଜେଡ୍ ୟୁନିଟରେ ରୁଷୀୟ ଅଶୋଧିତ ତୈଳ ଆମଦାନୀ ବନ୍ଦ କରିଦିଆଯାଇଛି। ଡିସେମ୍ବର ପହିଲାରୁ ସେଠାରୁ ସମସ୍ତ ଇନ୍ଧନ ରପ୍ତାନି ଅଣ-ରଷ୍ଟୀୟ ଅଶୋଧିତ ତୈଳରୁ ତିଆରି ହେବ। ତଥାପି, ଘରୋଇ ବ୍ୟବହାର ପାଇଁ ରିଲାଏନ୍ସ ରୁଷୀୟ ଅଶୋଧିତ ତୈଳ ବ୍ୟବହାର ଜାରି ରଖିବ। କମ୍ପାନୀ ୟୁରୋପୀୟ ସଂଘର କଟକଣା ପାଳନ କରିବା ପାଇଁ ଏହି ନିଷ୍ପତ୍ତି ନେଇଛି। ଜାନୁଆରୀ ୨୦୨୬ଠାରୁ ୟୁରୋପୀୟ ସଂଘରେ ରୁଷୀୟ ଅଶୋଧିତ ତୈଳରୁ ତିଆରି କୌଣସି ଉତ୍ପାଦ ବିକ୍ରି ହେବ ନାହିଁ।

ରିଲାନ୍ସର ଜାମନଗର କମ୍ପ୍ଲେକ୍ସରେ ଦୁଇଟି ରିଫାଇନାରୀ ଅଛି। ଏଥିରୁ ଗୋଟିଏ ଏସ୍‌ଇଜେଡ୍ ୟୁନିଟ୍ ଯାହା କେବଳ ରପ୍ତାନି କରିଥା ଏବଂ ଅନ୍ୟଟି ଏକ ପୁରୁଣା ୟୁନିଟ୍ ଯାହା ଘରୋଇ ବଜାରକୁ ତୈଳ ଯୋଗାଣ କରେ। କମ୍ପାନୀ କହିଛି ଯେ ଏସ୍‌ଇଜେଡ୍ ୟୁନିଟ୍ ବର୍ତ୍ତମାନ ପୁରୁଣା ରୁଷୀୟ ଅଶୋଧିତ ତୈଳ ପ୍ରକ୍ରିୟାକରଣ କରୁଛି। ଏହା ଶେଷ ହେବା ପରେ ନୂତନ ଉତ୍ପାଦନ କେବଳ ଅଣ-ରୁଷୀୟ ଅଶୋଧିତ ତୈଳରୁ ହେବ। ଘରୋଇ ବ୍ୟବହାର ପାଇଁ ରୁଷୀୟ ତେଲ ବ୍ୟବହାର କରାଯିବ। ରିଲାଏନ୍ସର ଜଣେ ମୁଖପାତ୍ର କହିଛନ୍ତି, ନଭେମ୍ବର ୨୦ରୁ ଏସ୍‌ଇଜେଡ୍ ରିଫାଇନାରୀକୁ ରୁଷ ଅଶୋଧିତ ତୈଳ ଆମଦାନୀ ବନ୍ଦ କରାଯାଇଛି। ଡିସେମ୍ବର ପହିଲାରୁ ଏଠାରୁ ସମସ୍ତ ଉତ୍ପାଦ ରପ୍ତାନି ଅଣ-ରୁଷ ଅଶୋଧିତ ତୈଳରୁ କରାଯିବ।ଶେଷ କାର୍ଗୋ ନଭେମ୍ବର ୧୨ରେ ଲୋଡ୍ କରାଯାଇଥିଲା। ନଭେମ୍ବର ୨୦ କିମ୍ବା ତା'ପରେ ଆସୁଥିବା ରୁଷୀୟ କାର୍ଗୋଗୁଡ଼ିକୁ ଘରୋଇ ଟାରିଫ୍ ଏରିଆ




(ଡିଟିଏ) ରିଫାଇନାରୀରେ ପ୍ରକ୍ରିୟାକରଣ କରାଯିବ।

ୟୁରୋପୀୟ ସଂଘ (ଇୟୁ) ରୁଷର ୟୁକ୍ରେନ ଆକ୍ରମଣ ପରେ ରୁଷର ଆୟକୁ ରୋକିବା ପାଇଁ ଅନେକ କଟକଣା ଲଗାଇଛି। ଏହି କଟକଣାଗୁଡ଼ିକ ମଧ୍ୟରୁ ସବୁଠାରୁ ସାମ୍ପ୍ରତିକ ଏବଂ ପ୍ରମୁଖ ହେଉଛି ରୁଷୀୟ ଅଶୋଧିତ ତୈଳ ଏବଂ ଏହାର ଉତ୍ପାଦ (ପେଟ୍ରୋଲ, ଡିଜେଲ, ଏଟିଏଫ୍ ଇତ୍ୟାଦି) ଉପରେ। ଜାନୁଆରୀ ୨୦୨୬ ଠାରୁ ରୁଷୀୟ ତେଲରୁ ତିଆରି କୌଣସି ଜିନିଷ ଇୟୁରେ ବିକ୍ରି ହେବ ନାହିଁ। ଏଠାରେ ସୂଚନାଯୋଗ୍ୟ ଯେ, ୟୁରୋପୀୟ ସଂଘରେ ରୁଷୀୟ ଅଶୋଧିତ ତୈଳର ସିଧାସଳଖ ଆମଦାନୀ ପୂର୍ବରୁ ନିଷିଦ୍ଧ। ଯଦି କୌଣସି କମ୍ପାନୀ ରୁଷୀୟ ଅଶୋଧିତ ତୈଳରୁ ଇନ୍ଧନ ଉତ୍ପାଦନ କରେ ଏବଂ ଇୟୁକୁ ବିକ୍ରି କରେ, ତେବେ ତାହା ମଧ୍ୟ ନିଷିଦ୍ଧ ହେବ। ଯଦି ରିଲାଏନ୍ସ ରୁଷୀୟ ଅଶୋଧିତ ତୈଳ ବ୍ୟବହାର ଜାରି ରଖେ, ତେବେ ୨୦୨୬ ନୁଆରୀରୁ ଏହାର ଇନ୍ଧନ ଇୟୁରେ ବିକ୍ରି ହେବ ନାହିଁ। ଏହା ଦ୍ୱାରା ପ୍ରତି ମାସରେ କୋଟି କୋଟି ଟଙ୍କାର କ୍ଷତି ହେବ।

# ମହିନ୍ଦ୍ରା ଲାଷ୍ଟ ମାଇଲ୍ ମୋବିଲିଟି ଦେଶର ଏକ ନମ୍ବର ଇଭି ନିର୍ମାତା

**ଭୁବନେଶ୍ୱର,୨୧।୧୧:** ମହିନ୍ଦ୍ରା ଲାଷ୍ଟ ମାଇଲ୍ ମୋବିଲିଟି ଲିମିଟେଡ୍ (ଏମ୍‌ଏଲ୍‌ଏମ୍‌ଏମ୍‌ଏଲ୍) ଦେଶର ଏକ ନମ୍ବର ଇଭି ନିର୍ମାତା ଭାବେ ଆର୍ବିଭାବ ହୋଇଛି। ୩ ଲକ୍ଷ ଇଭି ବିକ୍ରି କରି କମ୍ପାନୀ ଏହି ସଫଳତା ହାସଲ କରିଛି। ଏମ୍‌ଏଲ୍‌ଏମ୍‌ଏମ୍‌ଏଲ୍ ହେଉଛି ଦେଶର ପ୍ରଥମ ଓଇଏମ୍ ଯେ କି ଏଭଳି ମାଇଲ୍‌ଖୁଣ୍ଟ ହାସଲ କରିଛି। ବାଣିଜ୍ୟିକ ଇଭି ବଜାରରେ ସଷ୍ଟେନେବଲ ଟ୍ରାନ୍ସପୋର୍ଟେସନ୍ ଏବଂ ନବ ସୃଜନ ଆଣି କମ୍ପାନୀ ଏକ ନୂଆ ବେଞ୍ଚମାର୍କ ସ୍ଥାପନ କରିଛି। ଭାରତର ବିସ୍ତୃତ ଇଲେକ୍ଟ୍ରିକ୍ ବାଣିଜ୍ୟିକ ଯାନ ପୋର୍ଟଫୋଲିଓରେ ଟ୍ରିଓ ରେଞ୍ଜ, ଜୋର ଗ୍ରାଣ୍ଡ,ଇ-ଆଲ୍‌ଫା ତିନି ଚକିଆ ଏବଂ ମହିନ୍ଦ୍ରା ଜିଓ ଚାରିଚକିଆ ଆଦି ରହିଛି। ଏହି ଇଭିଗୁଡିକ ମିଳିତ ଭାବେ ୫ ବିଲିୟନ୍ କିଲୋମିଟର କଭର କରୁଛି, ଯାହ ୧୮୫ କିଲୋମିଟର ଟନ୍‌ର ସିଓ୨ ସଞ୍ଚୟ କରୁଛି, ଯାହାକି ୪.୩ ନିୟୁତରୁ ଅଧିକ ବୃକ୍ଷ ରୋପଣ ସହ ସମାନ। କେବଳ ଶେଷ ୧୨ ମାସ ମଧ୍ୟରେ କମ୍ପାନୀ ୧ ଲକ୍ଷ ଇଭି ବିକ୍ରି କରିଛି। ଏହି ଅବସରରେ ମହିନ୍ଦ୍ରା ଲାଷ୍ଟ ମାଇଲ୍ ମୋବିଲିଟିର




ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ସୁମନ୍ ମିଶ୍ର କହିଛନ୍ତି ଯେ, ସଷ୍ଟେନେବଲ ମୋବିଲଇଟି ଦିଗରେ ଅଗ୍ରଗତିରେ ୩ ଲକ୍ଷ ଇଭିର ମାଇଲ୍‌ଖୁଣ୍ଟ ହାସଲ ଏକ ଗର୍ବର ମୁହୂର୍ତ୍ତ। ଏହା ଆମର ଇଭିରେ ଗ୍ରାହକଙ୍କ ବିଶ୍ୱାସକୁ ଦର୍ଶାଉଛି। ମହିନ୍ଦ୍ରା ଲାଷ୍ଟ ମାଇଲ୍ ମୋବିଲିଟିରେ ଆମେ କେବଳ ଇଭି ନିର୍ମଣ କରୁନାହୁଁ ବରଂ ଜୀବନଜୀବିକା ସୃଷ୍ଟି ସହ ଏକ ସ୍ୱଚ୍ଛ ଭବିଷ୍ୟତ ତିଆରି କରୁଛୁ।

# ଆର୍ଥ ସମିଟ୍ ୨୦୨୫-୨୬ ହାଇଦ୍ରାବାଦ ସଂସ୍କରଣ

**ହାଇଦ୍ରାବାଦ, ୨୧।୧୧(ଏଜେନ୍ସି):** ଆର୍ଥ ସମିଟ୍ ୨୦୨୫-୨୬ ହାଇଦ୍ରାବାଦ ସଂସ୍କରଣରେ ତେଲେଙ୍ଗାନାର ଉପମୁଖ୍ୟମନ୍ତ୍ରୀ ଭାଟି ବିକ୍ରମାର୍କମାଲ୍ଲୁ 'ଏକ ଅନ୍ତର୍ଭୁକ୍ତ ଆର୍ଥିକ ଭବିଷ୍ୟତ ଆଡ଼କୁ: ସଂସ୍କାର ଏବଂ ଉଦ୍ଭାବନ ମାଧ୍ୟମରେ ଗ୍ରାମୀଣ ଭାରତକୁ ସଶକ୍ତ କରିବା' ବିଷୟ ଉପରେ ବକ୍ତବ୍ୟ ରଖି କହିଛନ୍ତି ଯେ ଜଳସେଚନ, ଡିଜିଟାଲ୍ ଫସଲ ରେକର୍ଡ ଏବଂ ଅମଳ ପରବର୍ତ୍ତୀ ବ୍ୟବସ୍ଥାରେ ତେଲେଙ୍ଗାନା ସରକାରଙ୍କ ନିବେଶ ଗ୍ରାମୀଣ ପରିବାର ମଧ୍ୟରେ ବିଶ୍ୱାସ ଫେରାଇ ଆଣିବାରେ ସାହାଯ୍ୟ କରୁଛି। ଏହି ପଦକ୍ଷେପଗୁଡ଼ିକ କେବଳ ସଙ୍କଟ ସମୟରେ ନୁହେଁ, ବରଂ ସମୃଦ୍ଧି ଆଡ଼କୁ ଦୈନନ୍ଦିନ ଯାତ୍ରାରେ ମଧ୍ୟ ଚାଷୀଙ୍କ ସହିତ ଠିଆ ହେବା ପାଇଁ ଆମ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଗ୍ରାମୀଣ ବିକାଶ ପ୍ରତି ସରକାରଙ୍କ ଦୃଷ୍ଟିକୋଣ ବିଷୟରେ ଆଲୋଚନା କରି ସେ ଆହୁରି କହିଛନ୍ତି, କୃଷି ହେଉଛି ଆମର ଅର୍ଥନୀତିର ମୂଳଦୁଆ, ଏବଂ ଭାରତର ପ୍ରଗତି ପାଇଁ, ଆମେ ନବସୃଜନ, ପ୍ରଯୁକ୍ତିବିଦ୍ୟା ଏବଂ ସାମୂହିକ



ପ୍ରୟାସ ମାଧ୍ୟମରେ ଆମର ଚାଷୀମାନଙ୍କୁ ମଜବୁତ କରିବା ଉଚିତ। ରାଜ୍ୟ ସରକାର ପ୍ରତ୍ୟେକ ଚାଷୀଙ୍କୁ ଲାଭ ପହଞ୍ଚାଉଥିବା ଏକ ଦୃଢ଼ ସମବାୟ ଏବଂ ବିପଣନ ବ୍ୟବସ୍ଥା ଗଠନ ପାଇଁ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇବାକୁ ପ୍ରସ୍ତୁତ।

# ଜୟଆଲୁକ୍କାସ୍‌ର 'ବ୍ରିଲିଆନ୍ସ ଡାଏମଣ୍ଡ ଜୁଏଲରୀ ଶୋ'




**ଭୁବନେଶ୍ୱର,୨୧।୧୧(ସମିସ):** ଜୁଏଲାରୀ ବ୍ରାଣ୍ଡ ଜୟଆଲୁକ୍କାସ୍ ପକ୍ଷରୁ ଭୁବନେଶ୍ୱର ସ୍ଥିତ ଶୋ'ରୁମ୍ ରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି 'ବ୍ରିଲିଆନ୍ସ ଡାଏମଣ୍ଡ ଜୁଏଲରୀ ଶୋ'। ଏହି ଅବସରରେ ଜୟଆଲୁକ୍କାସ୍‌ର ଡିଜିଏମ୍ ରିଟେଲ ରାଜେଶ କ୍ରିଷ୍ଣନ୍ ଏବଂ ଡିଜିଏମ୍ ମାର୍କେଟିଂ ଅନୀଷ ଭର୍ଗିଜ୍ ଉପସ୍ଥିତ ଥିଲେ। ଏହି ବହୁ ଅପେକ୍ଷିତ ପ୍ରଦର୍ଶନୀ ଡାଏମଣ୍ଡ ଅଳଙ୍କାରର କାରୁକଳା, ଶୈଳୀ ଏବଂ ନୂତନତାର ଅବିସ୍ମରଣୀୟ ଉତ୍ସବ ପାଳନ କରିବାକୁ ପ୍ରତିବଦ୍ଧ। ଏହାର ପ୍ରତ୍ୟେକ ଡିଜାଇନ୍ ଏକ କଳାକୃତି, ଯାହା କେବଳ ପ୍ରଦର୍ଶନୀ ସମୟରେ ସୀମିତ ସମୟ ପାଇଁ ଉପଲବ୍ଧ। ବ୍ରିଲିଆନ୍ସ ଡାଏମଣ୍ଡ ଜୁଏଲରୀ ଶୋ' ହେଉଛି ଡାଏମଣ୍ଡର ଅତୁଟ ସୌନ୍ଦର୍ଯ୍ୟ ପ୍ରତି ଆମର ସମ୍ମାନ ଏବଂ ଜୁଏଲରୀ ଡିଜାଇନରେ ଆମର ସମ୍ପୂର୍ଣ୍ଣତା ପ୍ରତି ଆଗ୍ରହ। ପ୍ରଦର୍ଶନୀ ସମୟରେ ୧ ଲକ୍ଷ ଓ ତାହାଠାରୁ ଅଧିକ ମୂଲ୍ୟର ଡାଏମଣ୍ଡ ଅଳଙ୍କାର କ୍ରୟ କରିଥିବା ପ୍ରତ୍ୟେକ ଗ୍ରାହକଙ୍କୁ ଏକ ମାଗଣା ସ୍ୱର୍ଣ୍ଣ ମୁଦ୍ରା ଦିଆଯିବ, ଯାହା ଶପିଙ୍ଗ୍ ଅନୁଭବକୁ ଅଧିକ ଆଲୋକିତ କରିବ। ବ୍ରିଲିଆନ୍ସ ଡାଏମଣ୍ଡ ଜୁଏଲରୀ ଶୋ' ଜୟଆଲୁକ୍କାସ୍‌ର ଭୁବନେଶ୍ୱର ଶୋ'ରୁମ୍‌ରେ ଡିସେମ୍ବର ୭ ପର୍ଯ୍ୟନ୍ତ ଚାଲିବ।

# ଓଡ଼ିଶା ବଜାରରେ ଗାଲାକ୍ସି ହେଲ୍‌ଥ ଇନ୍‌ସ୍ୟୁରାନ୍ସ

**ଭୁବନେଶ୍ୱର, ୨୧ ।୧୧(ସମିସ):** ଟିଭିଏସ୍ ଗ୍ରୁପର ଭେଣୁ ଶ୍ରୀନିବାସନ ଏବଂ ବୀମା ଜଗତର ଅନ୍ୟତମ ଲିଡର ଭି. ଜଗନ୍ନାଥନ୍‌ଙ୍କ ପରିବାରଙ୍କ ନିବେଶରେ ଗଠିତ ଭାରତର ସବୁଠାରୁ ନୂତନ ହେଲ୍‌ଥ ଇନ୍‌ସ୍ୟୁରାନ୍ସ କମ୍ପାନୀ ଗାଲାକ୍ସି ହେଲ୍‌ଥ ଇନ୍‌ସ୍ୟୁରାନ୍ସ ଆଜି ଓଡିଶା ବଜାରରେ ପ୍ରବେଶ କରିଛି। କମ୍ପାନୀ ଭୁବନେଶ୍ୱରରେ ତା'ର ରିଜିଓନାଲ୍ ଅଫିସ୍ ଆରମ୍ଭ କରିବାକୁ ଘୋଷଣା କରିଛି। କମ୍ପାନୀ ବିତ୍ତୀୟ ବର୍ଷ ୨୬ରେ ଓଡିଶାରେ ୧୦୦୦ ରୁ ଅଧିକ ଏଜେଣ୍ଟ ନିଯୁକ୍ତି ଦେବାକୁ ଲକ୍ଷ୍ୟ ରଖିଛି। ଉପେକ୍ଷିତ ଅଞ୍ଚଳରେ ବୀମା ସଚେତନତା ଏବଂ ପ୍ରାପ୍ତି ବଢ଼ାଇବା ପାଇଁ ବିତରଣ ବ୍ୟବସ୍ଥାକୁ ସୁଦୃଢ କରିବା ଏବଂ ଡିଜିଟାଲ୍ ପ୍ଲାଟଫର୍ମକୁ ବ୍ୟବହାର କରିବାରେ କମ୍ପାନୀ ଗୁରୁତ୍ୱ ଦେବ। ଏହି ଅବସରରେ ଗ୍ୟାଲାକ୍ସି ହେଲ୍‌ଥ ଇନ୍‌ସ୍ୟୁରାନ୍ସର ଏମ୍‌ଡି ଏବଂ ସିଇଓ ଜି. ଶ୍ରୀନିବାସନ କହିଲେ, ଓଡିଶା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ବିକାଶ ବଜାର, ଯେଉଁଠାରେ ଦୃଢ଼ ଉଦ୍ୟମୀ ମନୋଭାବ ଏବଂ ବିଶ୍ୱସନୀୟ ସ୍ୱାସ୍ଥ୍ୟ ବୀମା ପ୍ରତି ଚାହିଦା ଦିନକ୍ରମେ ବଢୁଥାଏ। ଭୁବନେଶ୍ୱରରେ ଆମର ଉପସ୍ଥିତି




ସ, ଆମେ ସ୍ୱାସ୍ଥ୍ୟ ସୁରକ୍ଷାକୁ ସହଜ, ସୁଲଭ ଏବଂ ସମାବେଶୀ କରିବାକୁ ଲକ୍ଷ୍ୟ ରଖିଛୁ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଚିଫ୍ ମାର୍କେଟିଂ ଅଫିସର ଏସ୍.ଗୁରୁପ୍ରକାଶ, ଚିଫ୍ ଅଣ୍ଡରରାଇଟିଂ ଅଫିସର ଆର୍. ମାର୍ଗବନ୍ଧୁ ଏବଂ ଓଡ଼ିଶା ହେଡ୍ ପିସି ତ୍ରିପାଠୀ ଉପସ୍ଥିତ ଥିଲେ।

# ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲରେ ବେଦାନ୍ତ ଲାଞ୍ଜିଗଡ ଏନସିସି ସୁବିଧା ପ୍ରଦାନ





**ଭୁବନେଶ୍ୱର, ୨୧।୧୧ (ସମିସ):** ବେଦାନ୍ତ ଆଲୁମିନିୟମ, ଲାଞ୍ଜିଗଡ଼ର ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲରେ ଜାତୀୟ କ୍ୟାଡେଟ୍ କର୍ପ୍ସ (ଏନସିସି) କାର୍ଯ୍ୟକ୍ରମକୁ ସାମିଲ କରି ଯୁବକମାନଙ୍କୁ ସଶକ୍ତ କରିବାରେ ଏକ ଅଗ୍ରଣୀ ପଦକ୍ଷେପ ନେଇଛି। ଏହି ମାଇଲଖୁଣ୍ଟ ଉକ୍ତ ବିଦ୍ୟାଳୟକୁ ପ୍ରଥମ ଏବଂ ଏକମାତ୍ର ଅନୁଷ୍ଠାନରେ ପରିଣତ କରିଛି, ଯାହାକି ଲାଞ୍ଜିଗଡ଼, ମୁନିଗୁଡା ଏବଂ ଆମ୍ବୋଦଳାର ତିନୋଟି ପ୍ରମୁଖ ବ୍ଲକରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ନେତୃତ୍ୱ ଏବଂ ଶୃଙ୍ଖଳା ପାଇଁ ନୂତନ ରାସ୍ତା ଖୋଲି ସମ୍ମାନଜନକ ଏନସିସି କାର୍ଯ୍ୟକ୍ରମ ପ୍ରଦାନ କରୁଛି। ଏହି ପଦକ୍ଷେପ ଅଧୀନରେ ବିଦ୍ୟାଳୟକୁ ୫୦ଟି ଏନସିସି ଆସନ ଆବଣ୍ଟନ କରାଯାଇଛି, ଯେଉଁଥିରେ ୨୦୨୫ରେ ୨୫ ଜଣ କ୍ୟାଡେଟ୍ ଏବଂ ୨୦୨୬ ମସିହାରେ ଆଉ ୨୫ ଜଣ କ୍ୟାଡେଟ୍ ସାମିଲ ହେବେ। ୨୦୨୬ ମସିହାରୁ, ୮ମ ଶ୍ରେଣୀରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୫୦ ଜଣ କ୍ୟାଡେଟ୍ ପ୍ରତିବର୍ଷ ଯୋଗଦେବେ। ଏହି ଅବସରରେ ବେଦାନ୍ତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଯୁବ ମାନସିକତାକୁ ସଶକ୍ତ କରିବା ହେଉଛି ଏକ ଅଞ୍ଚଳର ସାମାଜିକ-ଅର୍ଥନୈତିକ ପ୍ରଗତି ପାଇଁ ମୂଳଦୁଆ। ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲରେ ଏନସିସି କାର୍ଯ୍ୟକ୍ରମକୁ ସକ୍ଷମ କରି, ଆମେ ଛାତ୍ରଛାତ୍ରୀମାନଙ୍କ ପାଇଁ ଅତ୍ୟାବଶ୍ୟକ ଜୀବନ କୌଶଳ ବିକାଶ କରିବା ଏବଂ ବ୍ୟାପକ ଏକାଡେମିକ୍ ତଥା କ୍ୟାରିଅର୍ ସୁଯୋଗ ଖୋଜିବା ପାଇଁ ନୂତନ ରାସ୍ତା ଖୋଲିଛୁ।

## ଆମେରିକୀୟ ଅରବପତି ରାଜୁ ମଣ୍ଟେନାଙ୍କ ଝିଅ ବାହାଘର

# ଉଦୟପୁରରେ ଡୋନାଲ୍ଡ ଟ୍ରମ୍ପ ଜୁନିଅର

**ନୂଆଦିଲ୍ଲୀ,୨୧।୧୧(ଏଜେନ୍ସି):** ରାଜସ୍ଥାନର ଉଦୟପୁରରେ ହେବାକୁ ଯାଉଛି ଦେଶର ଆଉ ଏକ ବିରାଟ ଆଡମ୍ବରର ବିବାହ ଅନୁଷ୍ଠିତ ହେବାକୁ ଯାଉଛି। ଆମେରିକୀୟ କୋଟିପତି ରାଜୁ ମଣ୍ଟେନାଙ୍କ ଝିଅର ଏହି ରାଜକୀୟ ଷ୍ଟାଇଲ୍‌ର ବିବାହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପୁଅ ଡୋନାଲ୍ଡ ଟ୍ରମ୍ପ ଜୁନିଅର ଯୋଗଦେଇଛନ୍ତି। ଏଥିରେ ଜଷ୍ଟିନ୍ ବିବର, ଜେନିଫର ଲୋପେଜ୍ ଏବଂ ଅନେକ ବଲିଉଡ୍ ତାରକା ଯୋଗଦେଉଥିବାରୁ ଏହାକୁ ନେଇ ଏବେ ହ୍ୱାଇଟ୍ ହାଉସ୍‌ରୁ ହଲିଉଡ୍ ପର୍ଯ୍ୟନ୍ତ ଚାରିଆଡେ ବେଶ ଚର୍ଚ୍ଚା।

ଆମେରିକାର ଫାର୍ମା କିଙ୍ଗ୍ ରାଜୁ ମଣ୍ଟେନାଙ୍କ ଝିଅ ନେତ୍ର ମଣ୍ଟେନାଙ୍କ



**ଜଷ୍ଟିନ୍ ବେବର, ଜେନିଫର ଲୋପେଜ୍‌ଙ୍କ ଭଳି ସେଲିବ୍ରିଟି କରିବେ ଶୋ'**

ସହ ଭାମସୀ ଗଦିରାଜୁଙ୍କ ବିବାହ ହେବାକୁ ଯାଉଛି। ନଭେମ୍ବର ୨୧ ରେ ଆରମ୍ଭ ହୋଇଥିବା ଏହି ବିବାହ ଉତ୍ସବ ୨୪ ନଭେମ୍ବର ପର୍ଯ୍ୟନ୍ତ ଜାରି ରହିବ। ଉଦୟପୁରର ସିଟି ପ୍ୟାଲେସ୍ ଏବଂ ଜଗମନ୍ଦିର ଦ୍ୱୀପ ପ୍ୟାଲେସ୍ ଏବେ ବିଶ୍ୱର ସବୁଠାରୁ ସୁରକ୍ଷିତ ଏବଂ ପ୍ରସିଦ୍ଧ ଦୁର୍ଗ ପାଲଟିଛି। କାରଣ ଏହି ବିବାହର ଅତିଥି ତାଲିକା ଡୋନାଲ୍ଡ ଟ୍ରମ୍ପ ଜୁନିଅର ରହିଥିବାରୁ ତାଙ୍କ ସୁରକ୍ଷା ଏବଂ ପ୍ରୋଟୋକଲପାଳନକରିସାରାସହରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ରିପୋର୍ଟ ଅନୁଯାୟୀ ହଲିଉଡ୍‌ର ଦୁଇ ବଡ଼ ସେଲିବ୍ରିଟି ଜେନିଫର ଲୋପେଜ୍ ଏବଂ ଜଷ୍ଟିନ୍ ବିବରଙ୍କ ସଙ୍ଗୀତ କାର୍ଯ୍ୟକ୍ରମ ଏହି ବିବାଦର ଅନ୍ୟତମ ଆକର୍ଷଣ ରହିଛି।

### ରାଜୁ ମଣ୍ଟେନା କିଏ ?

ରାଜୁ ମଣ୍ଟେନା ଭାରତୀୟ-ଆମେରିକୀୟ ସମ୍ପ୍ରଦାୟର ଜଣେ ଅତ୍ୟନ୍ତ ପ୍ରଭାବଶାଳୀ ବ୍ୟକ୍ତି। ସେ ଭାରତର ଜେଏନ୍‌ଟିୟୁରେ କମ୍ପ୍ୟୁଟର ବିଜ୍ଞାନ ପଢିଥିଲେ ଏବଂ ତାପରେ ଫାର୍ମାସୀ ଜଗତରେ ପ୍ରବେଶ କରିବା ପାଇଁ ଆମେରିକା ଚାଲିଯାଇଥିଲେ। ଆଜି ସେ ଆମେରିକାରେ ସୁଲଭ ଔଷଧ ଉତ୍ପାଦନ ପାଇଁ ଜଣାଶୁଣା କମ୍ପାନୀ ଇନ୍‌ଜେନସ୍ ଫାର୍ମାସ୍ୟୁଟିକାଲ୍ସର ଅଧ୍ୟକ୍ଷ ଏବଂ ସିଇଓ। ଆମେରିକାରେ ହସ୍ପିଟାଲ ଏବଂ ଡାକ୍ତରଙ୍କ କାର୍ଯ୍ୟଶୈଳୀରେ ଘଟିଥିବା ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନରେ ମାଣ୍ଟେନା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ମାଣ୍ଟେନା ହୁଏତ ଆମେରିକାରେ ବସବାସ କରିଥିବେ, କିନ୍ତୁ ତାଙ୍କର ହୃଦୟ ଏବେ ବି ଭାରତରେ ସ୍ପନ୍ଦିତ। ଝିଅର ବାହାଘର ପାଇଁ ଉଦୟପୁରକୁ ବାଛିବା ଏହାର ଏକ ବଡ଼ ପ୍ରମାଣ।

## ଦାଦନ ଚାଲାଣରେ ରୋକ୍ ଲାଗିବ କେମିତି?

# ସର୍ଦ୍ଦାରଙ୍କୁ ହାତ ମାରୁନି ପୁଲିସ

**ବଲାଙ୍ଗିର, ୨୧।୧୧ (ସମିସ):** ବଲାଙ୍ଗିର ଜିଲ୍ଲାରେ ଦାଦନ ଦୁଃଖ ସରୁନି। କିଛି ଦିନ ଅନ୍ତରାଳରେ ଦାଦନଙ୍କ ନୂଆ ନୂଆ କରୁଣ କାହାଣୀ ସାମ୍ନାକୁ ଆସୁଛି। ଅସୁରକ୍ଷିତ ଅବସ୍ଥାରେ କାମ କରି କିଏ ଗୋଡ଼ ହରାଇଲାଣି ତ କାହାର ଜୀବନ ଗଲାଣି। ପୁଣି କେତେବେଳେ ମାସ ମାସ ଧରି ଦରମା ନ ଦେଇ ମାଲିକ ଗୋଟି ଖଟାଉଛି। ଗତ ୬ ମାସରେ, ଖାଲି ବଲାଙ୍ଗିର ଜିଲ୍ଲାରେ ୪ରୁ ୫ଜଣ ଦାଦନ ଶ୍ରମିକ ପ୍ରାଣ ହରାଇସାରିଲେଣି। କିନ୍ତୁ ଏହା ସତ୍ତ୍ୱେ ପ୍ରଶାସନର ଚେତା ପଶୁନି। ଲୋକଙ୍କୁ ଦାଦନ ଖଟିବାକୁ ବାହାରକୁ ପଠାଉଥିବା ସର୍ଦ୍ଦାରଙ୍କୁ ହାତ ମାରୁନି ପୁଲିସ। ଲୋକଦେଖାଣିଆ ଭାବେ କାଁ ଭାଁ କାହାକୁ ଅଟକ ରଖି କାମ ସାରିଦେଉଛି। ଶ୍ରମ ବିଭାଗ ବି ପୂରା ନିରବ। ଦାଦନ ରୋକିବା କାମ କେବଳ ଖାତା-କଲମରେ ଚାଲିଛି। ଟାସ୍କଫୋର୍ସ ଗଠନ ହୋଇଛି ସତ, କିନ୍ତୁ ତା' କାମ କାହାରିକୁ ଦେଖିବାକୁ ମିଳୁନି। ଜିଲ୍ଲାର ବୁଦ୍ଧିଜୀବୀମହଲରେ ଏପରି ଅଭିଯୋଗ ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ବିଭାଗୀୟ ସୂଚନାନୁସାରେ, ଅକ୍ଟୋବର ଶେଷ ସୁଦ୍ଧା ଜିଲ୍ଲାରେ ପ୍ରାୟ ୨ ଶହ ଦାଦନ ଶ୍ରମିକଙ୍କୁ ଚାଲାଣ ସମୟରେ ପୁଲିସ ଓ ଶ୍ରମ ବିଭାଗ ଉଦ୍ଧାର କରିଛି। କିନ୍ତୁ ପ୍ରାୟତଃ ସବୁ ଚଢ଼ଉ ଓ ଉଦ୍ଧାର ଘଟଣାରେ ଦାଦନ ସର୍ଦ୍ଦାରମାନେ ଫେରାର ହେଉଥିବା ପୁଲିସ କହୁଛି। ଏହାକୁ ଲୋକେ ହଜମ କରିପାରୁନାହାନ୍ତି। ସତରେ ସର୍ଦ୍ଦାରମାନେ ଫେରାର୍ ହେଉଛନ୍ତି ନା ସେମାନଙ୍କୁ ଫେରାର୍ କରିଦିଆଯାଉଛି, ତାହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଜିଲ୍ଲାରେ ବହୁ ସଂଖ୍ୟାରେ ଦାଦନ ସର୍ଦ୍ଦାର ରହିଛନ୍ତି, ଯେଉଁମାନେ କି ହଜାର ହଜାର ଶ୍ରମିକଙ୍କୁ ବାହାରକୁ ଚାଲାଣ କରିଥାନ୍ତି। ଏଥିରେ ଅନେକ ପ୍ରଭାବଶାଳୀ ରାଜନେତା ମଧ୍ୟ ରହିଛନ୍ତି। ସେମାନଙ୍କୁ ପୁଲିସ ହାତ ମାରିପାରୁନି। ସେହିପରି ଚାଲାଣ ପୂର୍ବରୁ ସର୍ଦ୍ଦାରମାନେ ମୋଟା ଅଙ୍କ ଦେଇ ପୁଲିସ ମୁହଁ ବନ୍ଦ କରିଦେଉଥିବା ଅଭିଯୋଗ ହୋଇଛି। ଗୋଟିଏପଟେ ଦାଦନ ରୋକିବାକୁ ରାଜ୍ୟ ସରକାର ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରିଛନ୍ତି; ଅନ୍ୟପଟେ ସର୍ଦ୍ଦାରମାନଙ୍କୁ ପୁଲିସ ଓ ଶ୍ରମ ବିଭାଗ ସୁରକ୍ଷା ଦେଉଥିବା ଆଲୋଚନା ହେଉଛି। ଦୁଇଦିନ ତଳେ ରାଜ୍ୟ ସରକାରଙ୍କ ଟାସ୍କଫୋର୍ସର ଏକ ଉଚ୍ଚସ୍ତରୀୟ ଟିମ୍ ଆସି ବିଭିନ୍ନ ଦାଦନପ୍ରବଣ ଗାଁ ବୁଲି ଲୋକଙ୍କ ସହ ଆଲୋଚନା କରିଥିଲେ। ଏପରିକି, ବିଭିନ୍ନ ପ୍ରକାର ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। କିନ୍ତୁ, ତାହା କାର୍ଯ୍ୟରେ କେବେ ପରିଣତ ହେଉଛି, ତାହା ଦେଖିବା ବାକି ରହିଲା।

## ୫ ଶ୍ରମିକଙ୍କ ସହ ୩ ନାବାଳକ ଉଦ୍ଧାର

**ସିନାପାଲି, ୨୧।୧୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅଧୀନ ହାତୀବନ୍ଧା ଫୋର୍-ୱେ ରାସ୍ତାକଡ଼ରେ ଥିବା ଏକ ଢାବା ନିକଟରୁ ସିନାପାଲି ପୁଲିସ ୫ ଜଣ ଦାଦନ ଶ୍ରମିକଙ୍କ ସହ ୩ ନାବାଳକଙ୍କୁ ଉଦ୍ଧାର କରଛି। ଏହାସହ ଜଣେ ସର୍ଦ୍ଦାରଙ୍କୁ ଗିରଫ କରିବା ସହ ଏକ ବୋଲେରୋ ଜବତ କରିଛି। ଗିରଫ ସର୍ଦ୍ଦାର ସିନାପାଲି ଥାନା ବରପଦର ଗ୍ରାମର କ୍ଷେତ୍ରମୋହନ ଛତ୍ରିଆ। ଉଦ୍ଧାର ଦାଦନ ଶ୍ରମିକମାନେ ହେଲେ, ଲିଟିଗୁଡ଼ା ଗ୍ରାମର ପଦମନ ହରପାଲ (୩୬), ମହାଦେବ ବାଗ (୪୫), ପୁସ୍ତମ ବଗର୍ତ୍ତି (୩୫), ମଞ୍ଜୁଲତା ହରପାଲ (୩୨) ସୁଫଲ ବାଗ (୩୬)ଙ୍କ ସମେତ ୩ ନାବାଳକ। ସିନାପାଲି ଥାନା

**ବୋଲେରୋ ଜବତ, ସର୍ଦ୍ଦାର ଗିରଫ**

ଅଧିକାରୀ ଦୁର୍ଗାମାଧବ ବାଗଙ୍କ ନେତୃତ୍ୱରେ ପୁଲିସ ଟିମ୍ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ସର୍ଦ୍ଦାର କ୍ଷେତ୍ରମୋହନ ଶ୍ରମିକମାନଙ୍କୁ ଏକ ବୋଲେରୋରେ ଆଣି ହାତୀବନ୍ଧା ଫୋର୍-ୱେ ରାସ୍ତାର ଏକ ଢାବା ନିକଟରେ ବସ୍‌ରେ ହାଇଦ୍ରାବାଦ ନେବାକୁ ଅପେକ୍ଷା କରିଥିଲା। ସନ୍ଦେହ ହେବାରୁ ପୁଲିସ ସେମାନଙ୍କୁ ପଚରାଉଚରା କରିବାରୁ ସେମାନେ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଉଥିବା ଜଣାପଡ଼ିଥିଲା। ସେମାନଙ୍କୁ ସିନାପାଲି ଥାନାକୁ ନେଇ ପୁଲିସ ଅଧିକ ପଚରାଉଚରା କରିବା ପରେ ନିଜ ନିଜ ଘରକୁ ନେଇ ଛାଡ଼ିଥିଲା। ଏନେଇ ସିନାପାଲି ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଏସ୍‌ଆଇ ଚାକିରି କେଳେଙ୍କାରୀ

# ୪ଜଣଙ୍କୁ ସିବିଆଇର ଜେରା

**ଭୁବନେଶ୍ୱର, ୨୧।୧୧(ସମିସ):** ପୁଲିସ ସବ୍-ଇନ୍ସପେକ୍ଟର୍ ଚାକିରି ବିକ୍ରି ମାମଲାରେ ସିବିଆଇ ଆଜି ରାତିରେ ୩ ପରୀକ୍ଷାର୍ଥୀଙ୍କ ସମେତ ଜଣେ ଦଲାଲଙ୍କୁ ଜେରା କରିଛି। ଭୁବନେଶ୍ୱରସ୍ଥିତ ସିବିଆଇ କାର୍ଯ୍ୟାଳୟରେ ସେମାନଙ୍କୁ ଜେରା କରାଯାଉଛି। ଜେରାରୁ ସିବିଆଇକୁ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା କୁହାଯାଉଛି। ଆଗାମୀ ଦିନରେ ଆଉ କିଛି ପରୀକ୍ଷାର୍ଥୀ ଓ ଦଲାଲଙ୍କୁ ଜେରା କରାଯିବ ବୋଲି ସୂଚନା ମିଳିଛି।

# ହ୍ୟୁମାନ ସାଗରଙ୍କ ୨ ମ୍ୟାନେଜରଙ୍କ ନାଁରେ ଏତଲା

**ବଲାଙ୍ଗିର,୨୧।୧୧(ସମିସ):** କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ୨ ମ୍ୟାନେଜର୍ ଦିନେଶ ବେହେରା ଓ ପ୍ରଶାନ୍ତ ବେହେରାଙ୍କ ବିରୋଧରେ ବଲାଙ୍ଗିର ଟାଉନ୍ ଥାନାରେ ଏତଲା ଦିଆଯାଇଛି। ହ୍ୟୁମାନଙ୍କ ଦେହ ଅସୁସ୍ଥ ଥିବା ସତ୍ତ୍ୱେ ତାଙ୍କୁ ଶୋ' କରିବାକୁ ଦିନେଶ ଓ ପ୍ରଶାନ୍ତ ଚାପ ପକାଉଥିଲେ। ଏପରିକି, ତାଙ୍କ ମୃତ୍ୟୁ ପଛରେ ଏକ ବଡ଼ ଷଡ଼୍‌ଯନ୍ତ୍ର ରହିଛି ବୋଲି ଦର୍ଶାଇ କୋଶଳବାଦୀ ସଂଗଠନର କର୍ମକର୍ତ୍ତା ସିପୁନ ଖମାରୀଙ୍କ ନେତୃତ୍ୱରେ ଏକ ଟିମ୍ ଏହି ସଂଗିନ୍ ଅଭିଯୋଗ ଆଣିଛନ୍ତି। ତେଣୁ, ହ୍ୟୁମାନଙ୍କ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ଦୁଇ ମ୍ୟାନେଜର୍‌ଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଏହି ଟିମ୍‌ରେ ସଂଗଠନର ସଦସ୍ୟ ଥବୀର କୁମାର, ତରଣୀ ବିନ୍ଧାଣି, ବିକାଶ ସା, ରମାକାନ୍ତ ମେଶ୍ରା, ଖଗେଶ୍ୱର ପଧା, ଯଶୋବନ୍ତ ବରିହା ପ୍ରମୁଖ ଉପସ୍ଥିତ ଥିଲେ।

■ ଅଲ୍ ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକର

# ସେମିରେ ସୁବ୍ରତ-ସିଦ୍ଧାର୍ଥ ମୁକାବିଲା

ଭୁବନେଶ୍ୱର,୨୧।୧୧(ସମିସ): ରାଜ୍ୟର ଦୁଇ ବରିଷ୍ଠ ଖେଳାଳି ସୁବ୍ରତ ଦାସ ଓ ସିଦ୍ଧାର୍ଥ ସେନ୍‌ଙ୍କ ମଧ୍ୟରେ ରାଜ୍ୟ ସ୍ନୁକର ବିଭାଗର ସେମିଫାଇନାଲ ମୁକାବିଲା ହେବ। ସେହିପରି ଅନ୍ୟ ଏକ ସେମିରେ ଆଶୁତୋଷ ପାଢ଼ୀ ବିପର୍ଯ୍ୟୟ ସୃଷ୍ଟିକାରୀ ରୁମିତ ଗୁପ୍ତାଙ୍କ ସହ ଖେଳିବେ। ଆଜିର ମୁକାବିଲାରେ ରୂମିତ ଗୁପ୍ତା ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି କ୍ୱାର୍ଟରଫାଇନାଲରେ ସୁଦୀପ ଦାସଙ୍କୁ ୪-୧ ଫ୍ରେମ୍‌ରେ ପରାସ୍ତ କରିଥିଲେ। ଅନ୍ୟ କ୍ୱାର୍ଟର ଫାଇନାଲରେ ସୁବ୍ରତ ୪-୨ରେ


ରୁମିତ ଗୁପ୍ତା

ଅବିନାଶ ମହାପାତ୍ରଙ୍କୁ, ସିଦ୍ଧାର୍ଥ ୪-୨ରେ ଜ୍ଞାନ ଦାସଙ୍କୁ ପରାସ୍ତ କରିଛନ୍ତି। ଶେଷ କ୍ୱାର୍ଟରରେ ଆଶୁତୋଷ ୪-୨ ଫ୍ରେମ୍‌ରେ ଅନୁଜ ପଣ୍ଡାଙ୍କୁ ପରାସ୍ତ କରି ଚତୁର୍ଥ ଖେଳାଳିଭାବେ ସେମିକୁ ଯାଇଛନ୍ତି। ଆସନ୍ତାକାଲି ବା ଶନିବାର ୨ଟି ଯାକ ସେମିଫାଇନାଲ ଖେଳାଯିବ। ସେହିପରି ରାଜ୍ୟ ଜୁନିଅର ବିଲିଆର୍ଡ୍ସ ଓ ସ୍ନୁକର ଟାଇଟଲ ଜିତିଥିବା ବିଶେଷ ସିଙ୍ଘାଲ ସବ୍ ଜୁନିଅର ବିଲିଆର୍ଡ୍ସ ଟାଇଟଲ ଜିତିଛନ୍ତି। ଚଳିତ ଟୁର୍ଣ୍ଣାମେଣ୍ଟରେ ୧୫ ବର୍ଷୀୟ ବିଶେଷଙ୍କ ଏହା ତୃତୀୟ ଟାଇଟଲ।

## ୧୧୬ ବର୍ଷ ପରେ ଆସେସ୍‌ରେ ପ୍ରଥମ

# ପ୍ରଥମ ଦିନରେ ୧୯ଟି ୱିକେଟର ପତନ

ପର୍ଥ,୨୧।୧୧(ଏଜେନ୍ସି)

ଏଠାରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଆଜି ଆରମ୍ଭ ହୋଇଥିବା ପ୍ରଥମ ଆସେସ୍ ଟେଷ୍ଟର ପ୍ରଥମ ଦିନରେ ୧୯ଟି ୱିକେଟର ପତନ ଘଟିଛି। ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡର ୧୭୨ ରନ୍ ଜବାବରେ ଖେଳ ଶେଷ ବେଳକୁ ଅଷ୍ଟ୍ରେଲିଆ ୯ ୱିକେଟରେ ୧୨୩ ରନ୍ କରିଛି। ଏହା ଫଳରେ ୧୧୬ ପରେ ଆସେସ ସିରିଜ୍‌ର ପ୍ରଥମ ଦିନରେ ଦ୍ୱିତୀୟ ସର୍ବାଧିକ ୱିକେଟର ପତନ ଘଟିଛି। ଏଠାରେ ୧୯୦୯ରେ ଖେଳାଯାଇଥିବା ଟେଷ୍ଟର ପ୍ରଥମ ଦିନରେ ୨୦ଟି ୱିକେଟର ପତନ ଘଟିଥିଲା।

ଇଂଲଣ୍ଡ ପକ୍ଷରୁ ହ୍ୟାରୀ ବ୍ରୁକ୍ ସର୍ବାଧିକ ୫୨, ଓଲି ପୋପ୍ ୪୬ ସ ୱିକେଟରକ୍ଷକ ଜାମି ସ୍ମିଥ୍ ୩୩ ରନ୍ କରିଥିଲେ। ଏମାନେ ମିଚେଲ ଷ୍ଟାର୍କଙ୍କ ବୋଲିଂର ଉଚିତ ମୁକାବିଲା କରିପାରି ନ ଥିଲେ। ଘାତକ ବୋଲିଂ କରିଥିବା ୩୫ ବର୍ଷୀୟ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କ ୫୮ ରନ୍‌ରେ ୭ଟି ଓ ଡେବ୍ୟୁଟାଣ୍ଟ ବ୍ରେଣ୍ଡେନ୍ ଡୋଗେଟ ୨ଟି ୱିକେଟ ପାଇଥିଲେ। ଜବାବରେ ଅଧିନାୟକ ବେନ୍ ଷ୍ଟୋକ୍ସ ୨୩ ରନ୍‌ରେ ୫ଟି, ଜୋଫ୍ରା ଆର୍ଚର ଓ ବ୍ରାଇଡନ କାର୍ସ ୨ ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିବା ଫଳରେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ୯ ୱିକଟରେ ୧୨୩ ରନ୍ ସଂଗ୍ରହ କରିନେଇଛି।

# ଇତିହାସ ସୃଷ୍ଟି କଲେ କବୀର



ଭୁବନେଶ୍ୱର,୨୧।୧୧(ସମିସ): ଓଡ଼ିଶା ତଥା କିଟ୍‌ର୍ କବୀର ହଂସ୍ର ରାଜ୍ୟର ପ୍ରଥମ ଖେଳାଳିଭାବେ ଆଇଟିଏଫ୍ ପୁରୁଷ ଏକକ ୱାର୍ଲ୍ଡ ଟେନିସ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଛନ୍ତି। କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଟୁର୍ଣ୍ଣାମେଣ୍ଟର ଆଜି ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ କବୀର ୨-୧ ସେଟ୍‌ରେ ରୁଷ୍‌ର ଟିମୋଫେଇ ଡେରେପାସ୍କୋଙ୍କୁ ହରାଇ ଏହି ସଫଳତା ପାଇଥିଲେ। ଆସନ୍ତାକାଲି ଖେଳାଯିବାକୁ ଥିବା ସେମିଫାଇନାଲରେ ସେ ଭାରତର ଦିଗ୍‌ବିଜୟ ପ୍ରତାପ ସିଂହଙ୍କୁ ଭେଟିବେ। ଏହି ସଫଳତା ଲାଗି କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ରାଜ୍ୟ ଟିଟି ଚାମ୍ପିଅନ୍‌ସିପ୍ ଉଦ୍‌ଘାଟିତ



କଟକ,୨୧।୧୧(ସମିସ): ସିଡିଏ ସେକ୍ଟର-୭ ସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ହଲ୍‌ରେ ୩୧ତମ ଆନ୍ତଃଜିଲ୍ଲା ଏବଂ ରାଜ୍ୟ ଟେବଲ ଟେନିସ ଚାମ୍ପିଅନସିପ୍ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ଯୁବ ବାଳକ ବର୍ଗରେ ଦଳଗତ ପ୍ରତିଯୋଗିତା ହୋଇଥିଲା। କଟକ-ଏ, ଭୁବନେଶ୍ୱର ଟିଟି ସଂଘ-ଏ, କଟକ-ବି, ଖୋର୍ଦ୍ଧା ଟିଟି ସଂଘ-ଏ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବରିଷ୍ଠ ପୁରୁଷ ବର୍ଗର ଦଳଗତ ଇଭେଣ୍ଟ ଜାରି ରହିଛି। ଶନିବାର ଠାରୁ ୧୩ଟି ଇଭେଣ୍ଟରେ ଏକକ ପ୍ରତିଯୋଗିତା ହେବ। ପ୍ରକାଶଥାଉକି, ଓଡ଼ିଶା ରାଜ୍ୟ ଟେବଲ ଟେନିସ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ମୋଟ ୩୭୦ ପ୍ରତିଯୋଗୀ ଭାଗ ନେଇଛନ୍ତି। ଆର କ୍ରୀଷ୍ଣାକୁମାର, ସୁଜିତ ରାୟ, ତପନ ଖା, ବିଜେନ ଦାସ ମହାପାତ୍ର, ଜୀବନ ବଲ୍ଲଭ ସାମଲ, କେଭିପି ରାମାରାଓ, ସୁଦୀପ ଚକ୍ରବର୍ତ୍ତୀ ମ୍ୟାଚ୍ ପରିଚାଳନା କରୁଛନ୍ତି। ଏହି ଚାମ୍ପିଅନସିପ୍ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ।

# ଆଜିଠାରୁ ରାଜ୍ୟ ରୋଲର ସ୍କେଟିଂ ଚାମ୍ପିଅନସିପ୍

ଭୁବନେଶ୍ୱର,୨୧।୧୧(ସମିସ): ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ଓଡ଼ିଶା ରୋଲର ସ୍କେଟିଂ ଆସୋସିଏସନ ଆନୁକୂଲ୍ୟରେ ୧୬ତମ ରାଜ୍ୟ ରୋଲର ସ୍କେଟିଂ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଆସନ୍ତା ୨୩ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୬ଟି ଜିଲ୍ଲାରୁ ଦଳ ଭାଗନେବେ ଓ ଏଥିରୁ ଓଡ଼ିଶା ଦଳ ଲାଗି ଖେଳାଳି ଚୟନ କରାଯିବ। କଳିଙ୍ଗ ଷ୍ଟାଡିୟମ୍ ହକି କମ୍ପ୍ଲେକ୍ସ ନିକଟରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

## ଶରଣକୁଳ ସର୍ବଭାରତୀୟ ଫୁଟବଲ

# ଫାଇନାଲରେ ଗଣ୍ଡରପୁର-ବରଗଡ଼



ଶରଣକୁଳ,୨୧।୧୧(ସମିସ): ବରଗଡ଼ର ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ୍ ଓ ଗଣ୍ଡରପୁର ଫୁଟବଲ କ୍ଲବ୍ ମଧ୍ୟରେ ୬୪ତମ ଶରଣକୁଳ ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତାର ଫାଇନାଲ ଆସନ୍ତା ରବିବାର ଖେଳାଯିବ। ଲଡୁକେଶ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ ବରଗଡ଼ ଟିମ୍ ୧-୦ ଗୋଲରେ ବିହାର ବକ୍ସରର ଏମ୍‌କେଏସ୍ ଟିମ୍‌କୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଗତକାଲି ସେମିରେ ଗଣ୍ଡରପୁର ଟିମ୍ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲକୁ ଉନ୍ନୀତ ହୋଇଥିଲା। ବିଜୟୀ ବରଗଡ଼ ଦଳର ଭରତ ମୁଣ୍ଡାଙ୍କୁ ଜନସଂଗ୍ରାମ ପ୍ରେସ୍ ପକ୍ଷରୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ନୟାଗଡ଼ ବିଧାୟକ ଅରୁଣ ସାହୁ, ନୟାଗଡ଼ ଜିଲ୍ଲା ବାଣିଜ୍ୟ ସେବା ସମବାୟସମିତ ସଭାପତି ମାମୁନ ରୌଫ୍, ସାମାଜିକ କର୍ମୀ ବିଭୁଦତ୍ତ ମହାପାତ୍ର, ତାପସ ରଞ୍ଜନ ପାଢ଼ୀ, ରଞ୍ଜନ କୁମାର ସାହୁ ଓ ଅନୁଷ୍ଠାନର ସଭାପତି ସତ୍ୟନାରାୟଣ ପ୍ରଧାନ ଅତିଥିଭାବେ ଉପସ୍ଥିତ ରହି ଏହି ପ୍ରତିଦ୍ୱନ୍ଦ୍ୱିତାମୂଳକ ଖେଳକୁ ଉପଭୋଗ କରିଥିଲେ।

# ରାଜ୍ୟ ଆର୍ଚେରୀ ଦଳର ଅରୁଣାଚଳ ପ୍ରଦେଶ ଯାତ୍ରା



କଟକ,୨୧।୧୧(ସମିସ): ଅରୁଣାଚଳ ପ୍ରଦେଶର ରାଜଧାନୀ ଇଟାନଗରରେ ଏନଟିପିସି ଜାତୀୟ ସବଜୁନିୟର ଆର୍ଚେରୀ ପ୍ରତିଯୋଗିତା ଶନିବାର ଠାରୁ ଆରମ୍ଭ ହେବ। ଏଥି ନିମନ୍ତେ ରାଜ୍ୟ ଦଳ ଇଟାନଗର ଅଭିମୁଖେ ଯାତ୍ରା କରିଛି। ୨୬ଜଣିଆ ରାଜ୍ୟ ଦଳରେ ୨୧ଜଣ ଖେଳାଳି ଏବଂ ୫ଜଣ ଅଫିସିଆଲ ରହିଛନ୍ତି। ଓଡ଼ିଶା ପକ୍ଷରୁ ଇଣ୍ଡିଆନ୍ ରାଉଣ୍ଡର ବାଳକ ବିଭାଗରେ ରୋହିତ କୁମାର ମାରାଣ୍ଡୀ ଓ ଦୁର୍ଗାଦତ୍ତ ମେହେର, ଚନ୍ଦ୍ରମୋହନ ଟୁଡୁ, ଗୋବିନ୍ଦ ମାଝୀ, ବାଳିକା ବିଭାଗରେ ରିଷମା ମଲ୍ଲିକ, ସଞ୍ଜଲି ଓରାମ, କଞ୍ଚିକା ମଞ୍ଜୁଲା ଓ ଭାଗ୍ୟଶ୍ରୀ ହେମ୍ବ୍ରମ ଅଛନ୍ତି। ସେହିପରି ରିକର୍ଭ ରାଉଣ୍ଡର ବାଳକ ବିଭାଗରେ ରସାନନ୍ଦ ବିରୁଆ, ଭାଗୋବତ ବଳିଆରସିଂହ, ଦିଲ୍ଲିପ କାନ୍ଧୁଲାନା, ଓ ସତାରି ହୋ ଏବଂ ବାଳିକା ବିଭାଗରେ ସୁନୀତା ନାଏକ, ସାବିତ୍ରୀ ପାତ୍ର, ଟେନିଶା ମେହେର୍ ଓ ଉଜୟନୀ କେଶରୀ ଭାଗ ନେଉଛନ୍ତି। ଏହା ବ୍ୟତୀତ କମ୍ପାଉଣ୍ଡ ରାଉଣ୍ଡ ବାଳକ ବିଭାଗରେ ଦଇନେଶ୍ୱର ବେହେରା ଓ ସଞ୍ଜୟ ଗୁଣ୍ଡା ଏବଂ ବାଳିକା ବିଭାଗରେ ସ୍ୱପ୍ନରାଣୀ ବେହେରା, ସୀତା ହେମ୍ବ୍ରମ୍ ଓ ରଚନା ମାଝି ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ପ୍ରଶିକ୍ଷକ ଭାବରେ ଆର୍ଯ୍ୟନ ସ, ଟିକିଲି ମହାକୁଲ, ଶାହେଲା ଶାହିନ୍, ସୂର୍ଯ୍ୟ ପାଲେୟା ଓ ଶମ୍ଭୁନାଥ ପରିଡା ଟିମ୍ ସହିତ ଯାତ୍ରା କରିଛନ୍ତି।

■ ଆନ୍ଧ୍ରଠାରୁ ୫୮ ରନ୍‌ରେ ପରାସ୍ତ

# ଷ୍ଟେଟ୍-ଏ' ଟ୍ରଫିରୁ ଓଡ଼ିଶା ବିଦା

ଭୁବନେଶ୍ୱର,୨୧।୧୧(ସମିସ): ଆନ୍ଧ୍ରଠାରୁ ୫୮ ରନ୍‌ରେ ହାରି ଓଡ଼ିଶା ଦଳ ଭଦୋଦରାରେ ଚାଲିଥିବା ଷ୍ଟେଟ୍-ଏ' ଦିନିକିଆ ଟ୍ରଫିର କ୍ୱାର୍ଟର ଫାଇନାଲ ପ୍ରବେଶ କରିବାରେ ସମର୍ଥ ହୋଇନାହିଁ। ଆଜିର ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆନ୍ଧ୍ର ୯ ୱିକେଟରେ ୩୦୨ ରନ୍ କରିଥିଲା। ଜବାବରେ ଓଡ଼ିଶା ୪୭ ଓଭରରେ ୨୪୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଓଡ଼ିଶା ପକ୍ଷରୁ ବୋଲିଂରେ ସମ୍ବିତ ୩ଟି, ବାଦଲ ବିଶ୍ୱାଳ ୨ଟି ୱିକେଟ ପାଇଥିଲେ। ବ୍ୟାଟିଂରେ ଓମ୍‌ଟି ମୁଣ୍ଡେ ୫୦ ଓ ଶ୍ରେୟାଂଶ ଭରଦ୍ୱାଜ ୩୬ ରନ୍ କରିଥିଲେ। ଓଡ଼ିଶା କ୍ରମାଗତ ୪ଟି ମ୍ୟାଚ୍ ଜିତିବା ପରେ ପରବର୍ତ୍ତୀ ୨ଟି ମ୍ୟାଚ୍‌ରେ ମୁମ୍ବଇ ଓ ଆନ୍ଧ୍ରଠାରୁ ହାରି ନକ୍‌ଆଉଟ୍‌କୁ ଯାଇପାରି ନ ଥିଲା।

## ୱାର୍ଲ୍ଡ ଆବିଲିଟି ସ୍ପୋର୍ଟ୍ସ

# ଗୋବିନ୍ଦଙ୍କୁ ୨ଟି, ରଣଜିତଙ୍କୁ ଗୋଟିଏ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୧।୧୧(ସମିସ): ଥାଇଲାଣ୍ଡରେ ଚାଲିଥିବା ୱାର୍ଲ୍ଡ ଆବିଲିଟି ସ୍ପୋର୍ଟ୍ସରେ ଓଡ଼ିଆ ଆଥ୍‌ଲେଟମାନେ ଏକାଧିକ ପଦକ ଜିତି ଓଡ଼ିଶା ତଥା ଭାରତକୁ ଗର୍ବିତ କରିଛନ୍ତି। ସେମାନଙ୍କ ମଧ୍ୟରେ ଗୋବିନ୍ଦ ଦୁବେ ୨ଟି ସ୍ୱର୍ଣ୍ଣ, ରଣଜିତ ଚନ୍ଦ ଗୋଟିଏ, ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ, ସୁଚିତ୍ରା ପରିଡ଼ା ଓ ରଞ୍ଜନା ନାହାକ ଗୋଟିଏ ଲେଖାଏଁ ରୌପ୍ୟ ପଦକ ପାଇଛନ୍ତି। ଗୋବିନ୍ଦ ପୁରୁଷ ୨୦୦ ମିଟର ଦୌଡ଼ ଓ ପୁରୁଷ ଲଙ୍ଗ୍ ଜମ୍ପ୍‌ରେ, ରଣଜିତ ଏଫ୍୪୬ ପୁରୁଷ ଜାଭେଲିନ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଏଥିରେ ପ୍ରଫୁଲ୍ଲଙ୍କୁ ରୌପ୍ୟ ମିଳିଛି। ମହିଳା ସଟ୍‌ପୁଟ୍ ଲଫ୍୫୫/୫୬ କାଟାଗୋରୀରେ ସୁଚିତ୍ରା ଓ ଏଫ୍୫୪ରେ ରଞ୍ଜନାଙ୍କୁ ରୌପ୍ୟ ପଦକ ମିଳିଛି।



## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

# ଜିମ୍‌ରୁ ବାହାରିବା ବେଳେ ହାଣିଦେଲେ

ତାଳଚେର, ୨୧।୧୧ (ସମିସ): ତାଳଚେର ପୌରପରିଷଦ ଅନ୍ତର୍ଗତ ହାଣ୍ଡିଧୁଆ ଛକ ନିକଟରେ ଶୁକ୍ରବାର ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଇଛନ୍ତି। ଆହତ ଯୁବକଜଣଙ୍କ ହେଲେ, ଘଣ୍ଟପଡ଼ା ଗ୍ରାମ ସ୍କୁଲ ସାହିର ଦେବାଶିଷ ସାହୁ ଓରଫ୍ ଚିଣ୍ଟୁ (୨୮)। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଦେବାଶିଷ ସବୁଦିନ ଭଳି ଆଜି ହାଣ୍ଡଧୁଆସ୍ଥିତ ଜିମ୍ ସେଣ୍ଟର୍‌କୁ ଯାଇଥିଲେ। ସେଠାରେ ବ୍ୟାୟାମ କରି ବାହାରିବା ବେଳେ ପୂର୍ବରୁ ଛକି ରହିଥିବା ୬ ଦୁର୍ବୃତ୍ତ ତାଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଦୌଡ଼ି ଆସିବାରୁ ଦୁର୍ବୃତ୍ତମାନେ ସେଠାରୁ ଫେରାର୍ ହୋଇଯାଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ତେବେ ଦେବାଶିଷଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି। ଏସମ୍ପର୍କରେ ପ୍ରତିକ୍ରିୟା ପାଇଁ ହାଣ୍ଡିଧୁଆଁ କୋଲିୟରୀ ଥାନାକୁ ଯୋଗାଯୋଗ କରିଥିଲେ ମଧ ତାହା ସମ୍ଭବ ହୋଇ ନ ଥିଲା।

# ବିଧାୟକ ସାଗର ଦାସଙ୍କୁ ହତ୍ୟା ଧମକ

ଭବାନୀପାଟଣା, ୨୧।୧୧(ସମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସଙ୍କୁ ହତ୍ୟା ଧମକ। ବିଧାୟକ ଶ୍ରୀ ଦାସ ଏ ସଂପର୍କରେ ନିଜ 'ଏକ୍ସ' ଆକାଉଣ୍ଟରେ ସୂଚନା ଦେବା ସହ ଜିଡି ୱାଇ. ବି ଖୁରାନିଆଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି।

**ଡିଜିଙ୍କୁ ଚିଠି ଲେଖିଲେ**

ଅଭିଯୋଗ ଅନୁଯାୟୀ, ଭବାନୀପାଟଣା ସଦର ବ୍ଲକ୍ ଦେପୁର କଂଗ୍ରେସ ଜୋନ୍ ସଭାପତି ଉଦେପୁର ଗ୍ରାମର ଦେବାନନ୍ଦ ଯୋଶୀଙ୍କୁ ଗୁରୁବାର ରାତି ପ୍ରାୟ ସାଢ଼େ ୯ଟାରେ ୪ଜଣ ଦୁର୍ବୃତ୍ତ ଧମକାଇଥିଲେ। ବନ୍ଧୁକ ଦେଖାଇ ସେମାନେ ଦେବାନନ୍ଦଙ୍କୁ ଭୟଭୀତ କରିବା ସହ ସାଗରଙ୍କ ସଂପର୍କରେ କିଛି ବ୍ୟକ୍ତିଗତ ତଥ୍ୟ ମାଗିଥିଲେ। ଆସନ୍ତା ୨ଦିନ ମଧ୍ୟରେ ତଥ୍ୟ ନଦେଲେ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏପରିକି, ସେମାନେ ସାଗରଙ୍କୁ ମଧ ହତ୍ୟା କରିବେ ବୋଲି କହିଥିଲେ। ଏହି ଘଟଣା ପଦାକୁ ଆସିବା ପରେ ବିଧାୟକ ଶ୍ରୀ ଦାସ ଡିଜିଙ୍କୁ ଚିଠି ଲେଖି ଘଟଣା ସଂପର୍କରେ ବିସ୍ତୃତ ଭାବେ ଅବଗତ କରାଇଛନ୍ତି। ଘଟଣାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି।

ଏ ସଂପର୍କରେ 'ଏକ୍ସ'ରେ ପୋଷ୍ଟ କରି ସାଗର ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ିଯାଇଛି। ବିଧାୟକଙ୍କ ଜୀବନ ଯେଉଁଠି ସୁରକ୍ଷିତ ନୁହେଁ, ସେଠାରେ ସାଧାରଣ ଜନତା କେମିତି ନିଜ ଜୀବନର ସୁରକ୍ଷା ଚିନ୍ତା କରିବେ? ସାଗରଙ୍କ ବାପା ତଥା ପିସିସି ସଭାପତି ଭକ୍ତ ଦାସ ମଧ ଏହି ଘଟଣାକୁ ନିନ୍ଦା କରିଛନ୍ତି। ଅପରପକ୍ଷେ, ଘଟଣାକୁ କଳାହାଣ୍ଡି ପୁଲିସ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି।

# ରାଜ୍ୟରେ ବାଲି ମାଫିଆଙ୍କ ଶାସନ ଚାଲିଛି: କଂଗ୍ରେସ

ଭୁବନେଶ୍ୱର,୨୧।୧୧(ସମିସ): ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ରାଜ୍ୟରେ ବିଜେପି ସରକାର ଆସିବା ପରେ ସମଗ୍ର ଓଡିଶାରେ ବର୍ତ୍ତମାନ ଦୁର୍ବୃତ୍ତଙ୍କ ଶାସନ ଚାଲିଛି। ଏହି କ୍ରମରେ ରାଜ୍ୟର ଏକ ଅତ୍ୟନ୍ତ ଗୁରୁତର ଘଟଣା କ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପୁତ୍ର ତଥା ଭବାନୀପାଟଣା ଯୁବ ବିଧାୟକ ସାଗର ଚରଣ ଦାସଙ୍କୁ ଜୀବନରେ ମାରିଦେବାର ଧମକ ମିଳିଛି। ଯାହାକୁ ନେଇ ଆଜି ରାଜ୍ୟ ସରକାରଙ୍କ ଉପରେ କଂଗ୍ରେସ ଦଳ ବର୍ଷିଛି।

ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି, ଗତକାଲି ସକାଳେ କଂଗ୍ରେସ ଦଳର ଜଣେ ଜୋନ୍ ସଭାପତି ତଥା ବିଧାୟକ ଶ୍ରୀ ଦାସଙ୍କ ସମର୍ଥକ ଦେବାନନ୍ଦ ଯୋଷୀଙ୍କୁ ୪/୫ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ତାଙ୍କୁ ଘରୁ ଉଠାଇ ଆଣି ବିଧାୟକ ଶ୍ରୀ ଦାସ କୁଆଡ଼େ ଅଛନ୍ତି ବୋଲି ପଚାରିଥିଲେ ଏବଂ ନ କହିଲେ ଜୀବନରେ ତାଙ୍କୁ ଏବଂ ବିଧାୟକଙ୍କୁ ହତ୍ୟା କରାଯିବ ବୋଲି ଧମକ ଦେଇଥିଲେ। ରାଜ୍ୟର ବିଧାୟକଙ୍କୁ ହତ୍ୟା ଧମକ ମିଳିବା ଦର୍ଶାଉଛି ଯେ ରାଜ୍ୟରେ ମୋହନ ସରକାରଙ୍କ ନୁହଁ ଦୁର୍ବୃତ୍ତଙ୍କ ଶାସନ ଚାଲିଛି। ପୁଲିସ ଦୁର୍ବୃତ୍ତଙ୍କୁ ଧରି ପୁଣି ଛାଡି ଦେବା ଓଡ଼ିଶାରେ ଜଙ୍ଗଲରାଜର ଯୁଗ ଆରମ୍ଭକୁ ସୂଚାଉଛି। ବିଗତ ଦିନରେ କଂଗ୍ରେସ ନାରୀ



ଦୁଷ୍କର୍ମକୁ ନେଇ ଆନ୍ଦୋଳନ କରିବାରୁ ଆତଙ୍କବାଦୀ ଆଖ୍ୟା ଦେଇଥିଲେ। ଏବେ ବିଧାୟକଙ୍କ ସମର୍ଥକ ଏବଂ କଂଗ୍ରେସ ଦଳର ଜଣେ କର୍ମକର୍ତ୍ତାଙ୍କୁ ଘରୁ ଟେକିନେଇ ଧମକ ଦେବା ଦୁର୍ବୃତ୍ତଙ୍କୁ କଣ କୁହାଯିବ ବୋଲି କଂଗ୍ରେସ ପ୍ରଶ୍ନ କରିଛି।

ଏହା କଂଗ୍ରେସ କହିଛି ଯେ ବର୍ତ୍ତମାନ ସୁରକ୍ଷା କଣ କେବଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଦୁଇ ଉପମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରିମଣ୍ଡଳ ପାଇଁ କି ବୋଲି କଂଗ୍ରେସ ପ୍ରଶ୍ନ କରିଛି। କଂଗ୍ରେସ ଆହୁରି କହିଛି ଯେ ବିଧାୟକ ଶ୍ରୀ ଦାସ ଡିଜିପିଙ୍କୁ ଚିଠି ଲିଖି ଏ ସମ୍ପର୍କରେ ଅବଗତ କରାଇଛନ୍ତି। ଯଦି ପୁଲିସ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନାହିଁ ତେବେ କଂଗ୍ରେସ ପକ୍ଷରୁ ଡିଜିପି ଅଫିସ ଘେରାଓ କରି ତାଙ୍କୁ ଅଫିସ ଛଡ଼ାଯିବ ନାହିଁ ବୋଲି ଦଳ ଚେତାବନୀ ଦେଇଛି।

**କାର୍ଯ୍ୟାନୁଷ୍ଠାନ ନ ହେଲେ ଡିଜି ଅଫିସ୍ ଘେରଉ**

ଅନ୍ୟତମ ମୁଖପାତ୍ର ବିଭୁତି ମହାପାତ୍ର କହିଛନ୍ତି, କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ବାଲି ଚୋରୀ ଉପରେ ଏକ ଗମ୍ଭୀର ଅଭିଯୋଗ ଆଣିବାର ଦୁଇଦିନ ପରେ ଧମକ ଘଟଣା ଘଟିଛି। ଏହି ଘଟଣା ଯୋଗୁଁ କଂଗ୍ରେସ ବିଚଳିତ। ପିସିସି ସଭାପତିଙ୍କ ଯୋଗୁଁ କଂଗ୍ରେସର ଓ ବିଧାୟକ ସାଗର ଦାସଙ୍କ ଲୋକପ୍ରିୟତା ବୃଦ୍ଧିକୁ ସହ୍ୟ କରି ନ ପାରି, ଭୟରେ ଏଭଳି ହୀନକାଣ୍ଡ ଘଟାଇଛନ୍ତି। ତେବେ ଏହି ହତ୍ୟା ଧମକ ପଛରେ କେଉଁ ବଡ଼ ବଡ଼ିଆ ବ୍ୟକ୍ତି ବିଶେଷ ଅଛନ୍ତି ତାଙ୍କ ବିରୋଧରେ ସରକାର ତଥା ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି କହିବା ସହ ବିଧାୟକ ଶ୍ରୀ ଦାସଙ୍କୁ ଉଚ୍ଚତ୍ତମ ସୁରକ୍ଷା ପ୍ରଦାନ କରାଯାଉ ବୋଲି ମୁଖପାତ୍ର ଶ୍ରୀ ମହାପାତ୍ର ଦାବି ଜଣାଇଛନ୍ତି।

# ଆଧୁନିକ ଓଡ଼ିଶାର ଗୌରବମୟ କୀର୍ତ୍ତିରେ ରହିଛି ମହତାବଙ୍କ ସ୍ପର୍ଶ



ଭୁବନେଶ୍ୱର,୨୧।୧୧(ସମିସ): ଡକ୍ଟର ହରେକୃଷ୍ଣ ମହତାବ ଓଡ଼ିଶାବାସୀଙ୍କ ପାଇଁ କେବଳ ଏକ ନାମ ନୁହେଁ; ବିକାଶ ପାଇଁ ଏକ ଚିନ୍ତାଧାରା ଓ ପ୍ରେରଣା। ଆଧୁନିକ ଓଡ଼ିଶାର ଗୌରବମୟ କୀର୍ତ୍ତିରେ ମହତାବଙ୍କ ସ୍ପର୍ଶ ରହିଛି ବୋଲି ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ ଡଃ ମହତାବଙ୍କ ୧୨୬ତମ ରାଜ୍ୟ ସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

**ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କୁ ରାଜ୍ୟସ୍ତରୀୟ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହି ଅବସରରେ ଡଃ ମହତାବଙ୍କ ଜୀବନୀ ସଂପର୍କିତ ୪ଟି ପୁସ୍ତକକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବାବୁ ସିଂହ, ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର ପ୍ରମୁଖ ଡଃ ମହତାବଙ୍କ ସ୍ମୃତିଚାରଣ କରିଥିଲେ। ସଂସ୍କୃତି ବିଭାଗ ସଚିବ ଡ. ବିଜୟ କେତନ ଉପାଧ୍ୟାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ଏକାଠି ହେଲେ ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନ୍‌ର ଦୁଇ ଗୋଷ୍ଠୀ

ସମ୍ବଲପୁର, ୨୧।୧୧ (ସମିସ): ୨୦୧୬ ମସିହା ପରେ ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନ୍(ଆଓଲା) ଦୁଇଭାଗ ହୋଇଯାଇଥିଲା। ସମ୍ବଲପୁର ଜିଲ୍ଲା ଓକିଲ ସଂଘର ଉଦ୍ୟମକ୍ରମେ ଆଜି ପୁଣି ଉଭୟ ଗୋଷ୍ଠୀ ଏକ ହୋଇଛନ୍ତି। 'ଆଓଲା'ର ଉଭୟ ଗୋଷ୍ଠୀ ଏକାଠି ହୋଇ ପୁଣି ଆଇନଜୀବୀମାନଙ୍କ ସ୍ୱାର୍ଥ ନିମନ୍ତେ କାର୍ଯ୍ୟ କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହାସହ ଆସନ୍ତା ଡିସେମ୍ବର ୨୯ ଓ ୩୦ ତାରିଖ ସମ୍ବଲପୁରରେ ଏକାଠି ଭାବେ ଅଲ୍ ଓଡ଼ିଶା ଲୟର୍ସ କନଫରେନ୍ସ କରିବାକୁ କହିଛନ୍ତି। କନଫରେନ୍ସରେ ଦୁଇଟି ପ୍ରମୁଖ ପ୍ରସଙ୍ଗ ଭାବରେ ଆଇନଜୀବୀଙ୍କ ପାଇଁ ଏକ ଆଡଭୋକେଟ୍ ଏକାଡେମୀ ପ୍ରତିଷ୍ଠା ଏବଂ ୨୦୨୩ରେ ୫୮ ଜଣ ଆଇନଜୀବୀଙ୍କ ନାମରେ ହୋଇଥିବା ମକଦ୍ଦମା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତ୍ୟାହାର ରହିଛି।

**ସମ୍ବଲପୁରରେ ହେବ ଲୟର୍ସ କନଫରେନ୍ସ**

ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଓକିଲ ସଂଘ ସଭାପତି ପ୍ରଦୀପ ବହିଦାର ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ଆଇନଜୀବୀ ଶିଶିର ରଞ୍ଜନ ପାଢ଼ୀ, ହାଇକୋର୍ଟର ବରିଷ୍ଠ ଓକିଲ ତଥା ଓଡ଼ିଶା ବାର୍ କାଉନସିଲ ସଭ୍ୟ ବିଭୁ ପ୍ରସାଦ ତ୍ରିପାଠୀ, ଆଓଲାର ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ନନ୍ଦଙ୍କ ସହିତ ସମ୍ବଲପୁର ଓକିଲ ସଂଘର ସାଧାରଣ ସମ୍ପାଦକ ପ୍ରଦ୍ୟୋତ କୁମାର ଶର୍ମା, ପୂର୍ବତନ ସଭାପତି ସତ୍ୟନାରାୟଣ ପଣ୍ଡା ଓ ଡଃ ପ୍ରମୋଦ ରଥ ପ୍ରମୁଖ ମଞ୍ଚାସୀନ ଥିଲେ।

C-1539

ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ବାଙ୍କୀ
OFFICE OF THE NOTIFIED AREA COUNCIL, BANKI
Ph.: 06723-240228, Website: www.banknac.in, Email: nacbanki@yahoo.com

Letter No. 3158 | Date 20.11.2025

ସର୍ବସାଧାରଣ ନିଲାମ ନୋଟିସ୍

ଏତଦ୍ୱାରା ପରିଷଦର ବିଭିନ୍ନ ମୌଜା/ୱାର୍ଡ ଅଧିନରେ ଥିବା ସମସ୍ତ ପୋଖରୀ/ବୁଆ/ଗାଡିଆ ଆଦି ଜଳାଶୟ, ୨ ଗୋଟି ପାର୍କ (୧. ଚର୍ଚ୍ଚିକା ମନ୍ଦିର ସନ୍ନିକଟ, ୨. ବାଙ୍କୀ ବଜାର ଅଂଚଳ), ବାଙ୍କୀ ଏନ୍.ଏ.ସି. ମୁଖ୍ୟ ଶ୍ମଶାନରେ କାଠ ଓ ପୂଜା ସାମଗ୍ରୀ ବିକ୍ରୟ ଏବଂ ୪ ଗୋଟି ଆଧୁନିକ ଶୌଚାଳୟମାନଙ୍କର ପରିଚାଳନା ନିମନ୍ତେ ଆସନ୍ତା ତା ୨୨.୧୧.୨୦୨୫ ରିଖ ପୂର୍ବାହ୍ନ ୧୧ଘଟିକା ଠାରୁ ପରିଷଦର କାର୍ଯ୍ୟାଳୟଠାରେ ଆସନ୍ତା ୩ ବର୍ଷ ପାଇଁ ଯଥା ୨୦୨୫-୨୬, ୨୦୨୬-୨୭ ଓ ୨୦୨୭-୨୮ ରିଖ ପର୍ଯ୍ୟନ୍ତ ନିଲାମ ପ୍ରକ୍ରିୟା କରିବା ପାଇଁ ପରିଷଦ ତରଫରୁ ସ୍ଥିର କରାଗଲା ଓ ଏଥି ନିମନ୍ତେ ଆବେଦନର ଶେଷ ତାରିଖ ତା ୦୫.୧୨.୨୦୨୫ ଅପରାହ୍ନ ୫ଟା ସୁଦ୍ଧା ନିମ୍ନଲିଖିତ ସର୍ତ୍ତାବଳୀ ମୁତାବକ କରାଯିବ। ଅଂଶ ଗ୍ରହଣକାରୀ ବନ୍ଦ ଲଫାପାରେ ନିଲାମ ମୂଲ୍ୟ ଫର୍ମରେ ଲେଖି ଆବେଦନ କରିପାରିବେ।

୧. ଯେଉଁ ନିଲାମ ଡାକିବାକୁ ଇଚ୍ଛା କରନ୍ତି, ସେମାନେ ନିଲାମ ଡାକିବା ପୂର୍ବରୁ ଧାର୍ଯ୍ୟ ଅପସେଟ୍ (ଅଟକଳ) ମୂଲ୍ୟର ଏକ ଚତୁର୍ଥାଂଶ ଅମାନତ ଆକାରରେ ବା (ସିକ୍ୟୁରିଟି) ଜମା କରି ନିଲାମରେ ଭାଗ ନେଇପାରିବେ ଓ ଯେଉଁମାନେ ଅମାନତ ରାଶି ଜମାକଲେ ସେମାନଙ୍କୁ ନିଲାମ ଫର୍ମ ପ୍ରଦାନ କରାଯିବ। (ନିଲାମ ଫର୍ମ ମୂଲ୍ୟ ୫୦ ଟଙ୍କା (ପଚାଶ ଟଙ୍କା) ମାତ୍ର ଫେରସ୍ତ ଯୋଗ୍ୟ ନୁହେଁ)
୨. ଯେଉଁମାନେ ପୂର୍ବ ବର୍ଷମାନଙ୍କରେ ନିଲାମ ବାବଦରେ କୌଣସି ଟଙ୍କା ବାକି ରଖିଥିବେ ସେମାନଙ୍କୁ ନିଲାମ ଡାକିବାକୁ ସୁଯୋଗ ଦିଆଯିବ ନାହିଁ।
୩. ଅଧିକ ନିଲାମ ଡାକିଥିବା ପ୍ରଥମ ୨ଜଣଙ୍କର ଅମାନତ ଟଙ୍କା ରଖାଯାଇ ଅନ୍ୟ ସମସ୍ତଙ୍କର ଟଙ୍କା ଫେରସ୍ତ ଦିଆଯିବ। ଯଦି ୧ମ ହୋଇଥିବା ନିଲାମ ଅଂଶକାରୀ ଧାର୍ଯ୍ୟ ନିଲାମ ମୂଲ୍ୟ ଦେବାକୁ ମନା କରନ୍ତି କିମ୍ବା ଅନ୍ୟ କୌଣସି କାରଣରୁ ନିଲାମରୁ ଓହରି ଯାଆନ୍ତି ତେବେ ୨ୟ ନିଲାମଧାରୀ ଧାର୍ଯ୍ୟ ନିଲାମ ମୂଲ୍ୟ ପୈଠ କରି ନିଲାମ ଗ୍ରହଣ କରିବେ ଓ ୧ମ ନିଲାମଧାରୀଙ୍କୁ ନିଲାମ ପ୍ରକ୍ରିୟାରୁ ବାଦ ଦିଆଯିବ।
୪. ଯେଉଁ ବ୍ୟକ୍ତିଙ୍କର ନାମରେ ନିଲାମ ବୃଡାନ୍ତ ହେବ ସେ ବ୍ୟକ୍ତି ନିଲାମରେ ଡାକିଥିବା ସମସ୍ତ ଟଙ୍କା ପରିଷଦର କାର୍ଯ୍ୟାଳୟରେ ନିଲାମ ଦିନ ଦାଖଲ କରି ରସିଦ ହାସଲ କରିବା ସହିତ ୩ ଦିନ ମଧ୍ୟରେ ନିର୍ବାହୀ ଅଧିକାରୀଙ୍କ ସହିତ ଏକ ଚୁକ୍ତିପତ୍ର ସଂପାଦନ କରିବେ ଓ ଚୁକ୍ତିପତ୍ର ସଂପାଦନ ତାରିଖ ଠାରୁ ନିଲାମରେ ବୃଡାନ୍ତ ହୋଇଥିବା ଉପରୋକ୍ତ ନିଲାମ ପ୍ରକାର ଆସନ୍ତା ୩ ବର୍ଷ ପାଇଁ ଭୋଗ ଦଖଲ କରିବେ, ଧାର୍ଯ୍ୟ ସମୟ ସମାପ୍ତ ହେବା ପରେ ଉକ୍ତ ନିଲାମ ଜିନିଷରେ ତାଙ୍କର କୌଣସି ଅଧିକାର ରହିବ ନାହିଁ।
୫. ନିର୍ବାହୀ ଅଧିକାରୀ ଇଚ୍ଛାକଲେ ନିଲାମକୁ ବନ୍ଦ କରିପାରିବେ, ସ୍ଥଗିତ ରଖି ପାରିବେ କିମ୍ବା ଅନ୍ୟକୌଣସି ଦିନକୁ ସ୍ଥାନାନ୍ତରିତ କରିବାର ଅଧିକାର ରହିଅଛି।
୬. ସର୍ବୋଚ୍ଚ ନିଲାମ ଡାକକୁ ଗ୍ରହଣ କରିବାକୁ ବାଧ୍ୟ ନୁହଁନ୍ତି, ନିଲାମରେ କୌଣସି ଭୁଲ ଥିବାର ଅନୁଭବ କଲେ ଉକ୍ତ ନିଲାମକୁ ନିର୍ବାହୀ ଅଧିକାରୀ ବାତିଲ କରିପାରିବେ।
୭. ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ପରିଷଦ କାର୍ଯ୍ୟାଳୟର ଅଫିସ ସମୟ ମଧ୍ୟରେ (ଦିବା ୧୦ ଘଟିକା ଠାରୁ ଅପରାହ୍ନ ୫ ଘଟିକା) ମଧ୍ୟରେ ବୁଝି ପାରିବେ।
୮. ଉପରୋକ୍ତ ଯେକୌଣସି ସର୍ତ୍ତ ଉଲଙ୍ଘନ କଲେ ସଂପୃକ୍ତ ବ୍ୟକ୍ତିଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଂଚଳ ପରିଷଦ, ବାଙ୍କୀ

OIPR-

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ନୂଆ ଯାନ କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ।

## ଆଜିର ଇତିହାସ

- ୧୯୬୩- ଆମେରିକାର ରାଷ୍ଟ୍ରପତି ଜନ୍ ଏଫ୍ କେନେଡିଙ୍କୁ ଟେକ୍ସାସରେ ହତ୍ୟା କରାଯାଇଥିଲା।
- ୧୯୬୮ -ମାଡ୍ରାସର ନାମ ବଦଳାଇ ତାମିଲନାଡୁ ରଖାଗଲା।
- ୧୯୯୭- ଡାଏନା ହେଡେନ୍ ବିଶ୍ୱସୁନ୍ଦରୀ ହେଲେ।
- ୧୯୯୮ -ବାଂଲାଦେଶୀ ଲେଖିକା ତସ୍‌ଲିମା ନାସ୍‌ରିନ୍ ଢାକା ଅଦାଲତରେ ଆତ୍ମସମର୍ପଣ କଲେ।
- ୨୦୦୨- ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତା ଆୟୋଜନ ପ୍ରତିବାଦରେ ନାଇଜେରିଆରେ ହୋଇଥିବା ଦଙ୍ଗାରେ ଶତାଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା।

## ଆଜି ଆସିଥିଲେ...

# ଶହୀଦ ଲକ୍ଷ୍ମଣ ନାୟକ




ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନରେ ଯେଉଁମାନେ ବ୍ରିଟିଶ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଫାଶୀଖୁଣ୍ଟରେ ଝୁଲିଥିଲେ ତନ୍ମଧ୍ୟରେ ଶହୀଦ ଲକ୍ଷ୍ମଣ ନାୟକ ଥିଲେ ଅନ୍ୟତମ। ସେ ଅନ୍ୟାୟ, ଅତ୍ୟାଚାର, ଶୋଷଣ ବିରୋଧରେ ସଂଘର୍ଷ ଓ ସଂଗ୍ରାମ କରି ଏକ କାଳଜୟୀ ଉଦାହରଣ ସୃଷ୍ଟି କଲେ। ଆଦିବାସୀମାନଙ୍କୁ ଏକତ୍ର କରି ଇଂରେଜ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରି ସେ ଏକ ବୈପ୍ଳବିକ ଝଡ଼ ସୃଷ୍ଟି କରିଥିଲେ। ଲକ୍ଷ୍ମଣ ନାୟକ ଅବିଭକ୍ତ କୋରାପୁଟ ଜିଲ୍ଲାର ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ତେନ୍ତୁଳିଗୁମ୍ମା ଗ୍ରାମରେ ୧୮୯୯ ମସିହା ଆଜିର ଦିନରେ ଏକ ଆଦିବାସୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ୧୯୩୦ ମସିହାରେ ଲକ୍ଷ୍ମଣଙ୍କୁ ମୁସ୍ତାଦାର ଭାବରେ ନିଯୁକ୍ତ କରାଯାଇଥିଲା। ଏହାପରେ ସେ ଲକ୍ଷ୍ମଣ ଭୁମିୟାରୁ ଲକ୍ଷ୍ମଣ ନାୟକ ଭାବରେ ପରିଚିତ ହୋଇଥିଲେ। ମୁସ୍ତାଦାର ଭାବେ ନିଯୁକ୍ତ ହେବା ପରେ ଲକ୍ଷ୍ମଣ ନିଜ ଗ୍ରାମରେ ଅନେକ ଉନ୍ନୟନମୂଳକ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ୧୯୩୬ ମସିହାରେ ଲକ୍ଷ୍ମଣ ନାୟକ କଂଗ୍ରେସରେ ଯୋଗଦାନ କରିଥିଲେ। ୧୯୩୭-୩୮ ମସିହାରେ ଜୟପୁର ନିକଟସ୍ଥ ନୂଆପୁଟରେ ଖୋଲିଥିବା ତାଲିମ ଶିବିରରେ ସେ ଯୋଗଦାନ କରି ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ଶୃଙ୍ଖଳିତ ଜୀବନଯାପନ ବିଷୟରେ ଶିକ୍ଷାଲାଭ କରିଥିଲେ। ସେ ଗାଁକୁ ଗାଁ ବୁଲି ଲୋକଙ୍କୁ ନିର୍ଭୀକ ହେବାକୁ କହିବା ସହ ସରକାରଙ୍କୁ ଟିକସ ନ ଦେବା, ଅହିଂସା ମାର୍ଗରେ ପରିଚାଳିତ ହେବା ତଥା ମଦ୍ୟପାନ ତ୍ୟାଗ କରି ଏକ ଶୃଙ୍ଖଳିତ ଜୀବନଧାରଣ କରିବା ନିମନ୍ତେ ପ୍ରଚାର କରୁଥିଲେ। ମାତ୍ର ଏକ ମୁସ୍ତାଦାର ହୋଇ ମଧ୍ୟ ଲୋକଙ୍କୁ ଟିକସ ନ ଦେବା ପାଇଁ କହିବାର ପରିଣାମ ସ୍ୱରୂପ ଲକ୍ଷ୍ମଣଙ୍କୁ ରାଜଦ୍ରୋହୀ ଘୋଷଣା କରି ତାଙ୍କଠାରୁ ସରକାରଙ୍କ ତରଫରୁ ଦିଆଯାଇଥିବା ପଦବୀ ଓ ଚାଷ ଜମି ଛଡ଼ାଇ ନିଆଯାଇଥିଲା। ପ୍ରଥମେ ସେ ସାଧାରଣ କଂଗ୍ରେସ ସଭ୍ୟ ହୋଇଥିଲେ। ପରେ ତେନ୍ତୁଳିଗୁମ୍ମା ପ୍ରାଥମିକ କଂଗ୍ରେସ କମିଟିର ସଭାପତି ଓ ପରେ କୋରାପୁଟ ଜିଲ୍ଲା କଂଗ୍ରେସ କମିଟିର ଜଣେ ସଦସ୍ୟଭାବେ ନିର୍ବାଚିତ ହୋଇଥିଲେ। ୧୯୪୨ ମସିହାରେ କଂଗ୍ରେସ "ଭାରତ ଛାଡ଼" ପ୍ରସ୍ତାବ ଆଗତ କରିଥିଲା। ଲକ୍ଷ୍ମଣ ଗାଁ ଗାଁ ବୁଲି ଲୋକମାନଙ୍କୁ ସତ୍ୟାଗ୍ରହ ଓ ସ୍ୱାଧୀନତା ନିମନ୍ତେ ଅହିଂସା ଦ୍ୱାରା ଲଢ଼େଇର ବାର୍ତ୍ତା ପ୍ରଚାର କରିଥିଲେ। ପରବର୍ତ୍ତୀ କାଳରେ ଏକ ଜନ ଆନ୍ଦୋଳନରେ ୧୯୪୨ ମସିହା ଅଗଷ୍ଟ ୨୧ ତାରିଖ ଶୁକ୍ରବାର ଦିନ ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ ସଂଗ୍ରାମୀମାନେ ମାଥିଲି ଥାନା ଘେରାଉ କରିଥିଲେ। ଏହି ଆନ୍ଦୋଳନର ଦମନ ନିମନ୍ତେ ପୁଲିସ ଆନ୍ଦୋଳନକାରୀମାନଙ୍କ ଉପରେ ଲାଠିମାଡ଼ କରିବା ସହ ଲକ୍ଷ୍ମଣ ନାୟକଙ୍କୁ ସମସ୍ତଙ୍କ ଦ୍ୱାରା ଦେଖିଲା ପରି ସ୍ଥାନକୁ ନେଇ ନିଷ୍ଠୁର ମାଡ଼ ମାରିଥିଲେ। ମାତ୍ର ଏତାଦୃଶ୍ୟ ଅତ୍ୟାଚାର ପରେ ମଧ୍ୟ କର୍ମୀମାନେ ଆଗକୁ ବଢ଼ିଚାଲିବାରୁ ପୁଲିସ ସେମାନଙ୍କ ଉପରେ ଗୁଳିଚାଳନା ଆରମ୍ଭ କରିଦେଇଥିଲା। ଯାହାର ଫଳସ୍ୱରୂପ ଅନେକ କର୍ମୀ ମୃତାହତ ହୋଇଥିଲେ। ଏ ଗୁଳିକାଣ୍ଡରେ ଫରେଷ୍ଟଗାର୍ଡ ଜି. ରାମୟାର ମୃତ୍ୟୁ ହେଇଥିଲା। ଆନ୍ଦୋଳନକୁ ଦମନ କରିବା ପରେ ପୁଲିସ ଲକ୍ଷ୍ମଣ ନାୟକଙ୍କ ଅଚେତ ଶରୀରକୁ ମୃତ ମନେକରି ନିକଟସ୍ଥ ନାଳରେ ଫୋପାଡ଼ି ଦେଇଥିଲା। ଚେତା ଫେରିପାଇବା ପରେ ତେନ୍ତୁଳିଗୁମ୍ମାକୁ ଫେରି ଆସି ସଂଘର୍ଷ ଜାରି ରଖିଥିଲେ। ୧୯୪୨ ମସିହା ସେପ୍ଟେମ୍ବର ମାସ ୨ ତାରିଖରେ ତେନ୍ତୁଳିଗୁମ୍ମାରୁ ଲକ୍ଷ୍ମଣଙ୍କୁ ଗିରଫ କରାଯାଇଥିଲା। ଏହାପରେ ଜି. ରାମୟାର ହତ୍ୟା ଅଭିଯୋଗରେ ଲକ୍ଷ୍ମଣଙ୍କୁ ମୃତ୍ୟୁ ଦଣ୍ଡାଦେଶ ହୋଇଥିଲା ଓ ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖରେ ତାଙ୍କୁ ଫାଶୀ ଦିଆଯାଇଥିଲା।

# ମସଲାସ୍ତରକୁ ଜାଣିବ 'କୃତ୍ରିମ ଜିଭ'



ଚୀନର ବୈଜ୍ଞାନିକମାନେ ଏକ କୃତ୍ରିମ ଜିଭ ବିକଶିତ କରିଛନ୍ତି। ଏହା ଖାଦ୍ୟରେ ଥିବା ରାଗ ତଥା ମସଲାର ସ୍ତରକୁ କିଛି ସେକେଣ୍ଡରେ ଚିହ୍ନଟ କରିପାରିବ। ତେବେ ରାଗ ଓ ମସଲା ପ୍ରତି ଯେଉଁମାନେ ଅଧିକ ସମ୍ବେଦନଶୀଳ, ସେମାନଙ୍କ ଲାଗି ଏହା ଉପକାରୀ ସାବ୍ୟସ୍ତ ହୋଇପାରେ। ଏହାସହ ସ୍ୱାଦ ବାରିବାରେ ଦୁର୍ବଳ ଲୋକେ ବି କୃତ୍ରିମ ଜିଭ ଦ୍ୱାରା ଉପକୃତ ହେବା କୁହାଯାଉଛି। ସେହିପରି ଏହି ଟେକ୍ନିକ୍ ଭବିଷ୍ୟତରେ ରୋବଟ୍, ଫୁଡ୍ ଟେଷ୍ଟିଂ ଡିଭାଇସ୍ ଏବଂ ସ୍ୱାଦ ସମ୍ବନ୍ଧିତ ପୀଡ଼ିତ ରୋଗୀଙ୍କ ପାଇଁ ସଫଳ ସାବ୍ୟସ୍ତ ହେବ। ତେବେ କୃତ୍ରିମ ଜିଭର ଡିଜାଇନ୍ କ୍ଷୀରରେ ମିଳୁଥିବା କେସିନ୍ ପ୍ରୋଟିନ୍‌ରୁ ପ୍ରେରିତ। କେସିନ୍ ହେଉଛି ସେହି ପ୍ରୋଟିନ୍, ଯାହା କ୍ୟାପସାଇସିନ୍ ଅର୍ଥାତ୍ ଲଙ୍କାରେ ରାଗ ପଣ ଆଣୁଥିବା ତତ୍ତ୍ୱକୁ ନିଷ୍କ୍ରିୟ କରିଥାଏ। ସେହିପରି ରାଗ ଅଧିକ ଲାଗିଲେ, କ୍ଷୀର ପିଇଲେ ଆଶ୍ୱସ୍ତି ମିଳେ। ଏହି ବିଜ୍ଞାନ ହିଁ ଏବେ କୃତ୍ରିମ ଜିଭର ଆଧାର ହୋଇଛି। ବୈଜ୍ଞାନିକମାନେ ଏକ୍ରିଲିକ୍ ଏସିଡ୍, କୋଲିନ କ୍ଲୋରାଇଡ୍ ଏବଂ ସ୍କିମ୍‌ଡ ମିଲ୍କ ପାଉଡରକୁ ମିଶାଇ ଜେଲ ଭଳି ଏକ ପତଳା ପାରଦର୍ଶୀ ଆସ୍ତରଣ ତିଆରି କରିଥିଲେ। ଏହାକୁ ୟୁଭି ଲାଇଟ୍ ବା ଅତିବାଇଗଣୀ ରଶ୍ମିରେ ରଖିଲେ। ଏହାଦ୍ୱାରା ଏହା ନମନୀୟ ଏବଂ ହାଲୁକା ଅସ୍ୱଚ୍ଛ ପଦାର୍ଥରେ ପରିଣତ ହେଲା। ସେହିପରି ଏହି ଜେଲ୍ ବିଦ୍ୟୁତ୍ ପ୍ରବାହକୁ ପ୍ରବାହିତ କରିପାରେ। ତେବେ ଏହା ଯେତେବେଳେ କ୍ୟାପ୍‌ସାଇସିନ୍ କିମ୍ବା କୌଣସି ରାଗ ଜିନିଷ ସଂସ୍ପର୍ଶରେ ଆସେ ଏହି ଧାରାରେ ପରିବର୍ତ୍ତନ ଦେଖାଯାଏ। ଏହି ପରିବର୍ତ୍ତନ କୃତ୍ରିମ ଜିଭକୁ ଖାଦ୍ୟଟି କେତେ ରାଗ କିମ୍ବା ମସଲାଯୁକ୍ତ ବୋଲି ଜଣାଇଥାଏ। ବୈଜ୍ଞାନିକମାନେ ଏହି ପରୀକ୍ଷଣ ଆଠ ପ୍ରକାର ଲଙ୍କା ଏବଂ ଆଠ ପ୍ରକାର ମସଲା ବ୍ୟଞ୍ଜନ ଉପରେ କରିଛନ୍ତି। ଏଥିରୁ ଜଣାପଡ଼ିଲା କ୍ୟାପ୍‌ସାଇସିନ୍‌କୁ ଏହି ଆସ୍ତରଣ ଉପରେ ରଖିବା ଦ୍ୱାରା କେବଳ ୧୦ ସେକେଣ୍ଡରେ ହିଁ ବିଦ୍ୟୁତ୍ ପ୍ରବାହରେ ପରିବର୍ତ୍ତନ ଆସିଛି। ଏଥିରୁ ସ୍ପଷ୍ଟ ହେଲା ଯେ, କୃତ୍ରିମ ଜିଭ ମସଲା ସ୍ତର ଜାଣିବାକୁ ସକ୍ଷମ। ଅନ୍ୟପକ୍ଷରେ ଏହି କୃତ୍ରିମ ଜିଭ କମ୍ ରାଗ, ମସଲା ଠୁ ଆରମ୍ଭ କରି ଅଧିକ ରାଗୁଆ ଭଳି ଦୁଇଟି ସ୍ତରକୁ ବାରିପାରେ।

# ଆସିବ 'ଦବଙ୍ଗ ୪'



ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ ଶେଷ ଥର ପାଇଁ 'ସିକନ୍ଦର' ଫିଲ୍ମରେ ନଜର ଆସିଥିଲେ। ଏହା କିନ୍ତୁ ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା। ସଲମାନ୍ ଏଥିପାଇଁ ତାଙ୍କ ଆଗାମୀ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗଲୱାନ୍' ଉପରେ ଅଧିକ ଧ୍ୟାନ ଦେଉଛନ୍ତି। ଅପୂର୍ବ ଲାଖିଆଙ୍କ ଏହି ଫିଲ୍ମରେ ସଲମାନ୍ ସୈନିକ ଭାବେ ଦେଖାଯିବେ। ଫିଲ୍ମର ପ୍ରଥମ ସିଡ୍ୟୁଲର ସୁଟିଂ ଲଦାଖରେ ସରିଯାଇଛି। ଇତିମଧ୍ୟରେ 'ଦବଙ୍ଗ ୪'କୁ ନେଇ ଖବର ଆସିଛି। ୨୦୧୦ ମସିହାରେ ସଲମାନ୍‌ଙ୍କ ଫିଲ୍ମ 'ଦବଙ୍ଗ' ଆସିଥିଲା। ୨୦୧୨ ମସିହାରେ ଏହାର ଦ୍ୱିତୀୟ ପାର୍ଟ ଓ ୨୦୧୯ରେ ତୃତୀୟ ପାର୍ଟ ଆସିଥିଲା। ଏବେ ଏହି ସିରିଜ୍‌ର ଚତୁର୍ଥ ଫିଲ୍ମ ଆସିବ। ନିକଟରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରେ ଅରବାଜ୍ ଖାନ୍ କହିଛନ୍ତି ଯେ, 'ଦବଙ୍ଗ ୪' ଆସିବ। ସଲମାନ୍ ଭାଇଙ୍କ ସହ ଆଲୋଚନା କରିବା ପରେ ହିଁ ଏହା କେବେ ଆସିବ ବୋଲି ସ୍ଥିର କରାଯାଇ ପାରିବ। ଏହା କେବେ ଆସିବ ତ ମୁଁ ଜାଣି ନାହିଁ, କିନ୍ତୁ ଯେବେବି ଆସିବ ଦେଖିଲା ଭଳି ହେବ।' ତେବେ ଚୁଲ୍‌ବୁଲ୍ ପାଣ୍ଡେ ଭୂମିକାରେ ପୁଣିଥରେ ସଲମାନ୍ ପରଦାକୁ ଫେରୁଥିବା ଜାଣି ତାଙ୍କ ପ୍ରଶଂସକମାନେ ବେଶ୍ ଉତ୍ସାହିତ ଅଛନ୍ତି।

## ପ୍ରହେଳିକା



- ଏମିତି ଅଟଇ ପୂଜାଟି ସିଏ
ଗୁରୁବାର ଦିନ ପାଳିତ ହୁଏ
ମଗୁଶୁର ମାସ ଗୁରୁବାରରେ
ପାଳନ ହୁଅଇ ଆଡ଼ମ୍ବରରେ
ଝୋଟିଚିତାରେ ସୁନ୍ଦର ଦିଶେ
ଚନ୍ଦନ କର୍ପୂର ମହକି ବାସେ
ଓଡ଼ିଆଙ୍କ ମୁଖ୍ୟ ପୂଜାଟି ସିଏ
ନାମଟି ତାହାର କହିବ କିଏ ?

ଉ-ଲକ୍ଷ୍ମୀପୂଜା(ମାଣବସା)

- ଲକ୍ଷ୍ମୀପୁରାଣର ମୁଖ୍ୟ ଚରିତ୍ର ସିଏ
ପୂଜୁଥିଲେ ଦେବୀ ଲକ୍ଷ୍ମୀଙ୍କୁ ଯିଏ
ଯାହାଙ୍କ ପୂଜାରେ ଦେବୀ ସନ୍ତୁଷ୍ଟ ହୋଇ
ପାଦେ ଦେଇଥିଲେ ତାଙ୍କ ଘରରେ ଯାଇ
ଯାହାଙ୍କ ପାଇଁ ହେଲା ଦେଉଳ ମନା
ଲକ୍ଷ୍ମୀପୁରାଣରେ ହେଲା ତାଙ୍କ ବର୍ଣ୍ଣନା
ଯିଏ ଶୁଣିଅଛି ସେହି କାହାଣୀ
ନାମଟି ତାଙ୍କର ଦିଅ ବଖାଣି ?

ଉ- ଶ୍ରୀୟା ଚଣ୍ଡାଳୁଣୀ

- ଏମିତି ଅଟଇ ପବିତ୍ର ସିଏ
ଛୁଇଁଦେଲେ ଯାଗା ପବିତ୍ର ହୁଏ
ମାଟିର କାନ୍ଥରେ ଲିପନ୍ତି ନେଇ
ଦାଣ୍ଡରେ ଛିଞ୍ଚନ୍ତି ପବିତ୍ର ପାଇଁ
ସେହି ଦରବଟି ଗୋମାତା ଦିଏ
ନାମଟି ତାହାର କହିବ କିଏ ?

ଉ-ଗୋବର

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ-୮୩୧୦୩୨୮୩୪୫

## ଶୀତ ସକାଳ

ଶୀତ ସକାଳଟି ଲାଗେ ଭାରି ଭଲ
ଆଳସ୍ୟକୁ ଦେଲେ ଛାଡ଼ି
ଶୀତ ଶୀତ ବୋଲି ଘୋଡ଼େଇ ଶୋଇଲେ
ଶୀତ ଧରିଥାଏ ମାଡ଼ି ।
ଭୋରରୁ ଉଠିକି ଶଯ୍ୟାତ୍ୟାଗ କରି
ସକାଳୁଆ ବୁଲା କଲେ
ଶୀତ ଡରି ଯାଇ ପଳାଏ ଦୂରକୁ
ନ ଡର ଶୀତକୁ ପିଲେ ।
କଅଁଳ କିରଣ ଦେହରେ ପଡ଼ିଲେ
ରୋଗ ହୋଇଯାଏ ଦୂର
ବ୍ୟାୟାମ କରିକି ସକାଳ ଶୀତରେ
ସୁସ୍ଥ ରଖିବା ଶରୀର ।
ଶୀତୁଆ ସକାଳେ ଭଲ ଲାଗେ ସତେ
ନିଆଁ ପୋଇବାକୁ ଭାଇ
ସତର୍କ ହୋଇ ନିଆଁ ପୋଇବା ଯଦି
ଭୟ ହିଁ ଲାଗିବ ନାହିଁ ।
ଟୋପା ଟୋପା ହୋଇ କାକର ବୁନ୍ଦାରେ
ଫୁଲର ପାଖୁଡ଼ା ହସେ
ପତର ଉପରେ ଶିଶିର ପଡ଼ିକି
ମୁକୁତା ପରିକା ଦିଶେ ।



ସନ୍ତୋଷ କୁମାର ଅଦାବର
ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ- ୯୭୭୭୯୧୦୭୨୮



## ଟିକି ଚଢ଼େଇ

ଟିକି ଚଢ଼େଇ ମୁଁ ଟିକି ଚଢ଼େଇ
ଗଛରେ ଦେଇଛି ବସା ଗଢ଼େଇ
ଯାଉଅଛି ନୀଳ ଆକାଶେ ଉଡ଼ି
ଗୀତ ଗାଇ ଦୁଇ ଡେଣାକୁ ଝାଡ଼ି ।
ଦୁଃଖ ଟିକେ ନାହିଁ ମୋର ମନରେ
ଖୁସିରେ ନିତି ମୁଁ ଆକାଶେ ଘୁରେ
ସ୍ୱାଧୀନ ଭାବରେ ବଞ୍ଚେ ଜୀବନ
ହେବିନାହିଁ କେବେ ମୁଁ ପରାଧୀନ ।
ଖାଦ୍ୟ ଖୋଜି ଆଣେ ଟିକି ଥଣ୍ଟରେ
କେତେ ଦାଉ ସହି ବାଟ ଘାଟରେ
ପ୍ରତିଦିନ ଆମେ ଲାଗୁ କାମରେ
ସଞ୍ଚି ରଖୁ ଖାଦ୍ୟ ଖାଉ ଖୁସିରେ ।
ଆମ ପରି ପିଲେ ହେବ ଚଞ୍ଚଳ
ଉଠୁଥିବ ତୁମେ ନିତି ସଅଳ
ନିଜ କାମ ତୁମେ ନିଜେ କରିବ
ଅଳସ ପଣକୁ ଆଗ ଛାଡ଼ିବ ।
ମୋ ପରି ପିଲାଏ ହେବ ସ୍ୱାଧୀନ
ହେବ ନାହିଁ କେବେ କାହା ଅଧୀନ
ଭଲପାଠ ପଢ଼ି ଗଢ଼ିବ ଦେଶ
ଉଡୁଥିବ ଦେଶେ ଗୌରବ ଯଶ ।



ନଳିନୀ ଦାଶ
ଭିକାରିପଡ଼ା, ନୟାଗଡ଼ ।

## ସୁମନ

# ଧୈର୍ଯ୍ୟର ଶକ୍ତି



ନଗେନ୍ଦ୍ର ନାଥ ପଟ୍ଟନାୟକ

ଗୋଟିଏ ଜଙ୍ଗଲରେ ଦୁଇଟି ଠେକୁଆ ରହୁଥାନ୍ତି। ଚିକୁ ଆଉ ମିକୁ। ଦୁହେଁ ଭାରି ସାଙ୍ଗ। ଦୁହେଁଯାକ ମିଳିମିଶି ଖେଳକୁଦ, ଡିଆଁଡେଇଁ କରନ୍ତି। ଦୁଇସାଙ୍ଗ ମିଳିମିଶି ଗାଜର ଖାଆନ୍ତି। ଦିନକର କଥା, ଚିକୁ କହିଲା; ମିକୁ ଚାଲ ସେ ବଡ଼ ଝରଣାଟି ଆଡ଼େ ଯାଇ ବୁଲି ଆସିବା। ମତେ ଖୁବ୍ ଭୋକ ଲାଗିଲାଣି। ସେଇ ଝରଣା ପାରି ହେଇ ସେଠିକାର ମିଠା ଗାଜର ଖାଇବା। ତା'ପରେ ମିକୁ କହିଲା: ଆରେ ! ରାସ୍ତାଟା ତ ଖୁବ୍ ଲମ୍ବା; ଟିକେ ଆସ୍ତେ ଆସ୍ତେ ଚାଲିଲେ ମଜା ଆସିବ। ଚିକୁ ସଦାବେଳେ ବେଗିବେଗି ଚାଲୁଥାଏ। ତେଣୁ ସେ କହିଲା; ମୁଁ ତ ଦଉଡ଼ିଯାଇ ଆଗେ ପହଞ୍ଚିଯିବି। ତେଣୁ ସେ ଚଟାପଟ୍ ଧାଇଁଗଲା। ବାଟରେ ଲତାବୁଦା, ଝାଟିଆ ପଛରେ ଯେ ଗାତଟିଏ ଅଛି ସେ ଆଡ଼ିକି ଚିକୁ ଠେକୁଆର ନଜର ନ ଥାଏ। ସେ ଆଗକୁ କୁଦି ପଡ଼ିଲାବେଳେ ଗାତରେ ଦାଲୁକିନା ଗଳିପଡ଼ିଲା। ଟିକିଏ ପରେ ମିକୁ ପହଞ୍ଚିଲା ସେଠି। ସେ ଜୁଲୁଜୁଲୁ ଆଖିରେ ଦେଖେତ, ମିକୁ ଠେକୁଆ ଗାତରେ ଫସିଯାଇଚି। ମିକୁ ବାଡ଼ି ଖଣ୍ଡିକରେ ଲତାଟିଏ ଯୋଡ଼ି ଗାତରେ ପୂରାଇଲା। ଆଉ, ଚିକୁ ସେଇ ବାଡ଼ିର ସାହାରା ନେଇ ଭିତରୁ ପଦାକୁ ବାହାରି ଆସିଲା। ଚିକୁ ଲାଜ ସରମରେ ଜଡ଼ସଡ଼ ହେଇ କହିଲା: ସାଙ୍ଗ, ମତେ କ୍ଷମା କରିଦେ; ମୁଁ ସଦାବେଳେ ତରତର ହେଲାରୁ ଏ ଦଶା ଭୋଗିଲି, ମୁଁ ତ ହରବର ହୋଇ କାମକରେ; କାମ ପ୍ରତି ମୋର ମୋଟେ ଧ୍ୟାନ ନ ଥାଏ। ମିକୁ ଠେକୁଆ ମୁରୁକି ମୁରୁକି ହସି କହିଲା- ଏଥିରେ କିଛି କଥା ନାଇଁ। ଧୀରେ ଚାଲିବା ବି ଦୂରଦୃଷ୍ଟିର ପରିଚୟ। କାରଣ- ଯେ ବୁଝି ବିଚାରି ଚାଲେ, ସେ ନିରାପଦରେ ପହଞ୍ଚିଯାଏ।

ନୀତିଶିକ୍ଷା- ଚଞ୍ଚଳତା ସଦାବେଳେ ଠିକଣା ରାସ୍ତାରେ ନେଇଯାଏନା। ବୁଝିବିଚାରି ଧୈର୍ଯ୍ୟର ସହ କାମ କରିନେବା ପ୍ରକୃତରେ ବୁଦ୍ଧିମତାର ପରିଚୟ।




ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର
ମୋ- ୯୪୩୮୩୩୨୧୩୮





ଅଂଶୁମାନ ସାହୁ
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ଅଙ୍କରାନ୍ତିପୁର, ଢେଙ୍କାନାଳ





ଦମୟନ୍ତୀ ଟୁଡୁ
ଚତୁର୍ଥ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ, ମୟୂରଭଞ୍ଜ





ଅଦ୍ୱିତା ବିଶ୍ୱାଳ
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ମାନସ ରଞ୍ଜନ ଆଚାର୍ଯ୍ୟ
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର

ଆଜିଠାରୁ ଭାରତ-ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଟେଷ୍ଟ

# ଗିଲ୍ ଖେଳିବେନି, ପନ୍ତ୍ ନେବେ ନେତୃତ୍ୱ

ଗୌହାଟି,୨୧।୧୧(ଏଜେନ୍ସି)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତାକାଲି ସ୍ଥାନୀୟ ବର୍ଷାପଡ଼ା ଷ୍ଟାଡିୟମ୍‌ରେ ଖେଳାଯିବ। କୋଲକାତାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଆହତ ହୋଇଥିବା ଅଧିନାୟକ ଶୁବମନ ଗିଲ (ନେକ୍ ସ୍ପାଜମ୍) ଆହତ ହୋଇଥିବାରୁ ଏଠାରେ ଦ୍ୱିତୀୟ ଟେଷ୍ଟ ଖେଳିବେ ନାହିଁ। ଏହା ଫଳରେ ତାଙ୍କ ସ୍ଥାନରେ ଉପଅଧିନାୟକ ଋଷଭ ପନ୍ତ ଦଳର ନେତୃତ୍ୱ ନେବେ। କୋଲକାତାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଭାରତ ୩୦ ରନ୍‌ରେ ପରାଜିତ ହୋଇଥିଲା। ଏହା ଫଳରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଦକ୍ଷିଣ ଆଫ୍ରିକା ୧-୦ରେ ଆଗୁଆ ରହିଛି। ଏଠାରେ ଯଦି ଦଳ ପରାଜୟ ବରଣ କରେ ତେବେ ଗୌତମ ଗମ୍ଭୀରଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳ ଘରୋଇ ମାଟିରେ ଦ୍ୱିତୀୟ ଥର ଲାଗି ସିରିଜ୍ ସୁଇପ୍ ବରଣ କରିବ। ଏଣୁ ଏହି ମ୍ୟାଚ୍ ଭାରତ ଲାଗି କର ଅବା ମରସ୍ଥିତି ସୃଷ୍ଟି କରିଛି। ଏହି ଟେଷ୍ଟ ଅଧଘଣ୍ଟା ଅର୍ଥାତ ସକାଳ ୯ଟାରୁ ଆରମ୍ଭ ହେଉଥିବାରୁ ପ୍ରଥମେ ଚା'ପାନ ବିରତି ଓ ପରେ ମଧ୍ୟାହ୍ନ ଭୋଜନ ବିରତି ହେବ।

ଗିଲ୍‌ଙ୍କ ଅନୁପସ୍ଥିତିରେ ପନ୍ତ୍ ଭାରତୀୟ ଦଳର ନେତୃତ୍ୱ ନେବେ। ଘରୋଇ ଦଳର ଚୂଡାନ୍ତ ଏକାଦଶ ଘୋଷଣା ହୋଇ ନ ଥିଲେ ମଧ୍ୟ କୋଲକାତାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଭଲ ଖେଳି ନ ଥିବା ଅକ୍ଷର ପଟେଲଙ୍କୁ ବାଦ୍ ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ବିଶେଷ କରି ଦକ୍ଷିଣ ଆଫ୍ରିକା ସ୍ପିନରଙ୍କୁ ଉଚିତ ମୁକାବିଲା କରିବା ଲାଗି ଦଳ ଦୁଇ ଜଣ ବ୍ୟାଟର ଯଥା ନଂ-୩ରେ ବି ସାଇ ସୁଦର୍ଶନ ଓ ବ୍ୟାଟିଂ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଖେଳାଇବାର ସମ୍ଭାବନା ଅଧିକ। ଏମାନଙ୍କ ବ୍ୟତୀତ ପିଚ୍‌କୁ ଦେଖି ଦଳରେ କିଛି ପରିବର୍ତ୍ତନ କରାଯିବାର ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ। ଭାରତ ଏପରି ସ୍ଥିତିରେ ଅଛି ଯେ ଆଗୁଆ ନିଷ୍ପତ୍ତି ନେବାରେ ସମର୍ଥ ହୋଇପାରୁ ନାହିଁ। ବ୍ୟାଟିଂ ହେଉ କିମ୍ବା ବୋଲିଂ ସବୁଥିରେ ଦକ୍ଷିଣ ଆଫ୍ରିକାକୁ ମୁକାବିଲା କରିବାରେ ଭାରତ ଲାଗି କଷ୍ଟକର ହୋଇଛି। ଏଣୁ ଭ୍ରମଣକାରୀ ଦଳକୁ କିପରି ମୁକାବିଲା କରିବ ତାହା ଏବେ ଦଳ ଲାଗି ଚିନ୍ତାର କାରଣ ପାଲଟିଛି।



ଅନ୍ୟ ପକ୍ଷରେ ଭ୍ରମଣକାରୀ ଦଳର ଦୁଇ ଟପ୍ ବୋଲର କାଗିସୋ ରାବାଡା ଖେଳୁ ନ ଥିଲାବେଳେ କେଶବ ମହାରାଜ ବିଫଳ ହୋଇଥିଲେ। ଏହା ସତ୍ତ୍ୱେ ଫାଷ୍ଟ ବୋଲର ମାର୍କୋ ଜାନ୍‌ସେନ୍ ଓ ସାଇମନ୍ ହାର୍ମରଙ୍କ ବିପଜ୍ଜନକ ବୋଲିଂ ବଳରେ ଦୀର୍ଘ ୩ ଦଶନ୍ଧି ମଧ୍ୟରେ ଭାରତ ମାଟିରେ ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ ବିଜୟ ହାସଲ କରିଥିଲା। କୋଲକାତା ଟେଷ୍ଟରେ ଅଲ୍‌ରାଉଣ୍ଡର ୱିଆନ୍ ମୁଲ୍ଡରଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ ଖେଳାଳିଙ୍କ ଯୋଗଦାନ କିଛି ନା କିଛି ରହିଥିଲା। କ୍ରମାଗତ ମ୍ୟାଚ୍ ଖେଳିଲାବେଳେ ଦଳଗୁଡ଼ିକ ବିଜୟୀ ହୋଇଥିବା ଏକାଦଶ ଖେଳାଳିଙ୍କୁ ପରିବର୍ତ୍ତନ କରି ନ ଥାନ୍ତି। ଦଳ ଯଦି ପ୍ରଭାବହୀନ ମୁଲ୍ଡରଙ୍କୁ ପରିବର୍ତ୍ତନ କରେ ତେବେ ତାଙ୍କ ସ୍ଥାନରେ ସ୍ପିନ୍ ଅଲରାଉଣ୍ଡର ସେନୁରନ୍ ମୁଥୁସ୍ୱାମୀ କିମ୍ବା ସ୍ପେଶାଲିଷ୍ଟ ବ୍ୟାଟର ଡିୱାଲ୍ଡ ବ୍ରେଭିସ୍‌ଙ୍କୁ ଖେଳାଇପାରେ। ଅନ୍ୟ କିଛି ପରିବର୍ତ୍ତନର ଆଶା କମ୍।

ଭାରତ ଗତ ୧୮ଟି ଟେଷ୍ଟରେ ନଂ-୩ରେ ୭ଜଣ ଖେଳାଳିଙ୍କୁ ଖେଳିବାକୁ ସୁଯୋଗ ଦେଇଛି। ଏହି ପୋଜିସନରେ ଗୌତମ ଗମ୍ଭୀର ସ୍ଥିର ନିଷ୍ପତ୍ତି ନେଇ ପାରୁ ନାହାନ୍ତି। ସେହିପରି ତାଙ୍କ କୋଚିଂ ସମୟରେ ପନ୍ତ୍‌ଙ୍କୁ ମିଶାଇ ୪ଜଣ ଖେଳାଳି ଦଳର ନେତୃତ୍ୱ ନେବାକୁ ଯାଉଛନ୍ତି। ଆଉ ଏକ ଘଟଣା ହେଲା ଏଠାରେ ପ୍ରଥମଥର ଟେଷ୍ଟ ମ୍ୟାଚ୍ ଖେଳାଯାଉଛି। ଏଣୁ ପିଚ୍ କିପରି ପ୍ରଦର୍ଶନ କରିବ ତାହା କେହି ଜାଣି ନାହାନ୍ତି। ଏଭଳି ସ୍ଥିତିରେ ଭାରତ ଘରୋଇ ମାଟିରେ ରକ୍ଷଣାତ୍ମକ ଖେଳିବାକୁ ବାଧ୍ୟ ହୋଇଛି।

**ଖେଳ ଆରମ୍ଭ: ସକାଳ ୯ଟା**
**ସିଧା ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ: ଜିଓହଟ୍‌ଷ୍ଟାର**

## ଦିନିକିଆରେ ମଧ୍ୟ ବଭୁମାଙ୍କୁ ନେତୃତ୍ୱ

ଜୋହାନ୍ସବର୍ଗ,୨୧।୧୧(ଏଜେନ୍ସି): ଟେଷ୍ଟ ଅଧିନାୟକ ଟେମ୍ବା ବଭୁମାଙ୍କୁ ଭାରତ ସହ ଖେଳାଯିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ଦକ୍ଷିଣ ଆଫ୍ରିକା ଦଳର ନେତୃତ୍ୱ ଦିଆଯାଇଛି। କିନ୍ତୁ ଆହତ ହୋଇଥିବା କାଗିସୋ ରାବାଡାଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ରାଞ୍ଚିରେ ନଭେମ୍ବର ୩୦, ରାୟପୁରରେ ଡିସେମ୍ବର ୩ ଓ ବିଶାଖାପାଟଣାରେ ଡିସେମ୍ବର ୬ରେ ଖେଳାଯିବ।

**ଦିନିକିଆ ଦଳ**: ଟେମ୍ବା ବଭୁମା (ଅଧିନାୟକ), ଓଟ୍ଟନେଲ ବାର୍ଟମ୍ୟାନ୍, କର୍ବିନ ବୋଶ୍, ମାଥ୍ୟୁ ବ୍ରିଜ୍‌କେ, ଡିୱାଲ୍ଡ ବ୍ରେଭିସ୍, ନାନ୍ଦ୍ରେ ବର୍ଜର, କ୍ୱିଣ୍ଟନ ଡି କକ୍, କେଶବ ମହାରାଜ, ଟୋନି ଡି ଜୋର୍ଜି, ରୁବିନ ହର୍ମାନ୍, ମାର୍କୋ ଜାନ୍‌ସେନ୍, ଆଇଡେନ୍ ମାରକ୍ରମ, ଲୁଙ୍ଗି ଏନ୍‌ଗିଡି, ରିୟାନ ରିକେଲଟନ, ପ୍ରେନ୍‌ଲାନ୍ ସୁବ୍ରାୟେନ୍।

### ମାରକ୍ରମ ଟି-୨୦ ଅଧିନାୟକ

ଦିନିକିଆ ସିରିଜ୍ ପରେ ଉଭୟ ଦେଶ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ। ଏହି ସିରିଜ୍‌ରେ ଆଇଡେନ୍ ମାର୍କରାମ ଦକ୍ଷିଣ ଆଫ୍ରିକା ଦଳର ନେତୃତ୍ୱ ନେବେ। ସିରିଜ୍‌ର ପ୍ରଥମ ମ୍ୟାଚ୍ ଡିସେମ୍ବର ୯ରେ କଟକ, ଦ୍ୱିତୀୟ ମ୍ୟାଚ୍ ଡିସେମ୍ବର ୧୧ରେ ମୋହାଲିର ମୁଲାନପୁର, ତୃତୀୟ ମ୍ୟାଚ୍ ଡିସେମ୍ବର ୧୪ରେ ଧର୍ମଶାଳା, ଚତୁର୍ଥ ମ୍ୟାଚ୍ ଡିସେମ୍ବର ୧୭ରେ ଲକ୍ଷ୍ନୌ ଡିସେମ୍ବର ୧୯ରେ ୫ମ ତଥା ଶେଷ ମ୍ୟାଚ୍ ଅହମ୍ମଦାବାଦ୍‌ରେ ଖେଳାଯିବ।

**ଟି-୨୦ ଦଳ**: ଆଇଡେନ୍ ମାରକ୍ରମ (ଅଧିନାୟକ), ରୀଜା ହେଣ୍ଡ୍ରିକ୍ସ, ଡିୱାଲ୍ଡ ବ୍ରେଭିସ୍, ଟ୍ରିଷ୍ଟାନ ଷ୍ଟବ୍ସ, କ୍ୱିଣ୍ଟନ ଡି କକ୍, ଟୋନି ଡି ଜୋର୍ଜି, ଡେଭିଡ୍ ମିଲର, ଡୋନୋଭାନ ଫେରେରା, କର୍ବିନ ବୋଶ୍, ମାର୍କୋ ଜାନ୍‌ସେନ୍, ଜର୍ଜ ଲିଣ୍ଡେ, କ୍ୱେନା ମାଫକା, ଲୁଙ୍ଗି ଏନ୍‌ଗିଡି, ଓଟ୍ଟନେଲ ବାର୍ଟମ୍ୟାନ୍, ଆନ୍‌ରିଚ୍ ନୋର୍ଜେ ଓ କେଶବ ମହାରାଜ।

ବାରବାଟୀରେ ଟି-୨୦ ମୁକାବିଲା

## ଗ୍ୟାଲେରୀରେ ରହିବ ପାଥ୍-ୱେ



କଟକ,୨୧।୧୧(ସମିସ): ପ୍ରତି ଗ୍ୟାଲେରୀରେ ତିନୋଟି ଲେଖାଏ ପାଥ୍-ୱେ ନିର୍ମାଣ କରାଯାଉଛି। ଗ୍ୟାଲେରୀରେ ପ୍ରବେଶ ଓ ପ୍ରସ୍ଥାନ ନିମନ୍ତେ ସ୍ୱତନ୍ତ୍ର ରାସ୍ତା ଥିଲେ ମଧ୍ୟ ପାଥ-ୱେ ଜରିଆରେ ଦର୍ଶକ ମ୍ୟାଚ୍ ଚାଲିଥିବା ବେଳେ ଯାତାୟତ କରିପାରିବେ। ଏହି ରାସ୍ତା ଜରୁରୀକାଳୀନ ସମୟରେ ମଧ୍ୟ ଉପଯୋଗ କରାଯିବ। ବାରବାଟୀ ଷ୍ଟାଡିୟମରେ ଏଭଳି ବ୍ୟବସ୍ଥା ପ୍ରଥମଥର ହୋଇଛି ବୋଲି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ସୂଚନା ଦିଆଯାଇଛି। ବିଭିନ୍ନ ଗ୍ୟାଲେରୀର ନବୀକରଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ଆଜି ଭୁବନେଶ୍ୱର ଆଇଆଇଟି ସିଭିଲ୍ ବିଭାଗର ୮ଜଣିଆ ପ୍ରତିନିଧି ଦଳ ବାରବାଟୀ ଷ୍ଟାଡିୟମ ଅନୁଧ୍ୟାନ କରି ଫେରିଛନ୍ତି। ଅନ୍ୟପକ୍ଷରେ ନବୀକରଣ କାର୍ଯ୍ୟ ପରେ ବାରବାଟୀରେ ସିଟ୍ ସଂଖ୍ୟା ପ୍ରାୟ ଅଢ଼େଇ ହଜାର କମିବ ବୋଲି ଓସିଏର କନସଲଟାଣ୍ଟ ବିଷ୍ଣୁପ୍ରସାଦ ମହାପାତ୍ର କହିଛନ୍ତି। ପ୍ରକାଶଥାଉକି, ଆଉ ୧୭ ଦିନ ପରେ ବାରବାଟୀରେ ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଟି-୨୦ ମୁକାବିଲା ହେବ। ଏହି ପରିପ୍ରେକ୍ଷୀରେ ଓସିଏ ପକ୍ଷରୁ ପ୍ରସ୍ତୁତି ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି। ୧୯ ଇଞ୍ଚ ବିଶିଷ୍ଟ ସିମେଣ୍ଟ ସିଟ୍‌କୁ ଚଉଡା କରାଯାଇ ୨୨ ଇଞ୍ଚ କରାଯାଇଛି। ୭ଟି ଯାକ ଗ୍ୟାଲେରୀରେ ଏହି ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଓସିଏ ଅନୁରୋଧକ୍ରମେ ଆଇଆଇଟି ପ୍ରତିନିଧି ଆଜି ଷ୍ଟାଡିୟମ ଅନୁଧ୍ୟାନ କରି ସ୍ଥିତାବସ୍ଥା ତଦାରଖ କରିବା ପରେ ସନ୍ତୋଷ ବ୍ୟକ୍ତ କରିଥିଲେ। ଷ୍ଟାଡିୟମର ଫିଟ୍‌ନେସ୍ ରିପୋର୍ଟ ଏହି ଟିମ୍ ପ୍ରସ୍ତୁତ କରିବ। ଡିସେମ୍ବର ୬ ତାରିଖ ସୁଦ୍ଧା ଫିଟନେସ୍ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ।

**ସିଟ୍ କମିଲା ଅଢ଼େଇ ହଜାର**
**ନବୀକରଣ କାର୍ଯ୍ୟ ଅନୁଧ୍ୟାନ କଲେ ଆଇଆଇଟି ଟିମ୍**

ରାଇଜିଂ ଷ୍ଟାର୍ସ ଏସିଆ କପ୍‌ରୁ ଭାରତ, ଶ୍ରୀଲଙ୍କା ବିଦା

## ଫାଇନାଲରେ ବାଂଲାଦେଶ ବନାମ ପାକିସ୍ତାନ

ଦୋହା, ୨୧।୧୧(ଏଜେନ୍ସି): ବାଂଲାଦେଶ-ଏ ଓ ପାକିସ୍ତାନ ସାହୀନ୍ସ ମଧ୍ୟରେ ୨୦୨୫ ରାଇଜିଂ ଷ୍ଟାର୍ସ ଏସିଆ କପ୍ କ୍ରିକେଟ ଫାଇନାଲ ରବିବାର ଖେଳାଯିବ। ଆଜି ଏଠାରେ ଅନୁଷ୍ଠିତ ସେମିରେ ଶ୍ରୀଲଙ୍କା-ଏ'କୁ ୫ ରନ୍‌ରେ ପାକିସ୍ତାନ ଓ ଭାରତ-ଏ'କୁ ସୁପର ଓଭରରେ ବାଂଲାଦେଶ-ଏ' ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଭାରତ ଓ ବାଂଲାଦେଶ ମଧ୍ୟରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଉଭୟ ଦଳ ନିର୍ଦ୍ଧାରିତ ୨୦ ଓଭରରେ ସମାନ ସ୍କୋର ୬ ୱିକେଟରେ ୧୯୪ ରନ୍ ଲେଖାଏଁ କରିଥିଲେ। ମ୍ୟାଚ୍‌ର ଫଳାଫଳ ଲାଗି ସୁପର ଓଭରର ସହାୟତା ନିଆଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ କୌଣସି ରନ୍ ହେବା ପୂର୍ବରୁ ଜିତେଶ ଶର୍ମା ଓ ଆଶୁତୋଷ ଶର୍ମା ଆଉଟ ହେବାରୁ ଭାରତ ଅଲ୍‌ଆଉଟ ହୋଇଥିଲା। ୧ ରନ୍‌ର ଲକ୍ଷ୍ୟକୁ ବାଂଲାଦେଶ ୧ ୱିକେଟରେ ଏବଂ ୱାଇଡ୍‌ବଲ୍‌ରେ ମ୍ୟାଚ୍ ଜିତିନେଇଥିଲା। ବିସ୍ଫୋରକ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ଓ ପ୍ରିୟାଂଶୁଙ୍କୁ ସୁପର ଓଭରରେ ନ ଖେଳାଇବା ଭାରତ ଲାଗି ମହଙ୍ଗା ସାବ୍ୟସ୍ତ ହୋଇଛି।

୨୩ ନଭେମ୍ବର ୨୦୨୫ ରବିବାର

ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

Presented by: BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୫
ଭାଷା: ଓଡ଼ିଆ

5th Anniversary

In Association with:
CBSE-XI & XII SRI VINAYAKA Concept School BHUBANESWAR

ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.

| | | |
|---|---|---|
| ଭୁବନେଶ୍ୱର | ଡିଏଭି ପବ୍ଲିକ ସ୍କୁଲ୍, ୟୁନିଟ୍-୮, ଭୁବନେଶ୍ୱର | ସୁଧାଂଶୁ ସାହୁ - ୭୩୭୧୬୯୪୧୪୨ |
| ଖୋର୍ଦ୍ଧା | ସିଗମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା | ରଞ୍ଜିତ କେଏନ୍ ସାମନ୍ତରାୟ - ୯୪୩୭୪୫୬୫୭୭ |
| ନୟାଗଡ଼ | ସାମ୍ବାଦିକ ଭବନ, ନୟାଗଡ଼ | ଅନିଲ କୁମାର ପଣ୍ଡା - ୭୩୭୭୭୧୦୦୯୭ |
| ଅନୁଗୋଳ | ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳ | ସଂଗ୍ରାମ ଦାସ - ୯୪୩୯୦୧୭୦୧୯ |
| ପୁରୀ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ପୁରୀ | ହେମନ୍ତ କୁମାର ନାୟକ - ୯୯୩୭୫୨୧୭୨୯ |
| କଟକ | ସାରଳା ଭବନ ,ବିଜୁ ପଟ୍ଟନାୟକ ଛକ , ତୁଳସିପୁର, କଟକ | ଭକ୍ତି ଭୂଷଣ ମହାନ୍ତି - ୯୩୩୮୧୦୧୦୮୩ |
| ଢେଙ୍କାନାଳ | ଢେଙ୍କାନାଳ, ସିନର୍ଜି ଇଞ୍ଜିନିୟରିଂ ବୈଷିକ ମହାବିଦ୍ୟାଳୟ | ସୟେଦ ଇମତିଆଜ୍ ହୁସେନ୍ - ୯୪୩୭୦୭୪୦୩୩ |
| ମୟୂରଭଞ୍ଜ | ସାଇଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ରଘୁନାଥପୁର ବାରିପଦା | ମନୋଜ କୁମାର ପଣ୍ଡା - ୯୪୩୮୨୪୮୪୯୧ |
| ଗଜପତି | ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି | ରଶ୍ମି ରଞ୍ଜନ ମିଶ୍ର-୯୪୩୭୧୪୦୦୦୨ |
| ଗଞ୍ଜାମ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା, ବ୍ରହ୍ମପୁର | କ୍ଷୀରସିନ୍ଧୁ ମହାନ୍ତି - ୭୭୪୯୮୧୧୭୦୩ |
| କନ୍ଧମାଳ | ଡିଆଇପିଆରଓ କନଫରେନ୍ସ ହଲ, ଫୁଲବାଣୀ, କନ୍ଧମାଳ | ସଞ୍ଜୟ ପାତ୍ର - ୭୦୦୮୨୨୫୭୧୯ |
| କେନ୍ଦ୍ରାପଡା | ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡା | ଦେବଦତ୍ତ ଦାଶ - ୯୯୩୭୨୨୨୯୯୪ |
| ଜଗତସିଂହପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର | ଶଶାଙ୍କ ଶେଖର ପଣ୍ଡା - ୯୮୭୧୩୩୭୯୮୨ |
| ଯାଜପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର | ସନ୍ଦିପ୍ତ ରାୟ - ୯୪୩୯୪୯୭୭୪୫ |
| ବାଲେଶ୍ୱର | ସକାଳ-ନନ୍ଦିଘୋଷ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପଢୁଆଁପଦା, ପ୍ରୁଫ ରୋଡ, ବାଲେଶ୍ୱର | ଅସୀମ ମହାପାତ୍ର - ୯୪୩୯୪୫୨୧୮୮ |
| ଭଦ୍ରକ | ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ (ପୁରୁଣା ସରକାରୀ ବାଳିକା ବିଦ୍ୟାଳୟ), ଭଦ୍ରକ | ଉମାକଲ୍ୟାଣ ମହାପାତ୍ର - ୯୦୯୦୯୦୪୦୭୭ |
| କେନ୍ଦୁଝର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦୀର ବଣିଆପାଟ, କେନ୍ଦୁଝର (ଲର୍ଡ଼ ଜଗନ୍ନାଥ ସାଇନ୍ସ କଲେଜ ସମ୍ମୁଖ, କଲେଜ ରୋଡ଼) | ଶରତ ଦାସ - ୭୩୭୧୧୨୨୦୫୫ |
| ରାୟଗଡା | ସେଞ୍ଚୁରିୟନ ପବ୍ଲିକ ସ୍କୁଲ, ରିଙ୍ଗ ରୋଡ, ଯୁଜିଏମଆଇଟି କଲେଜ ପାଖରେ, ରାୟଗଡା | ଶିବ ନାରାୟଣ ଗୌଡ - ୭୦୦୮୧୪୧୨୧୬ |
| ନବରଙ୍ଗପୁର | ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୂଆଁଗଡ, ମିର୍ଗାନ୍ ଗୁଡା, ନବରଙ୍ଗପୁର | ଗୌରାଙ୍ଗ ପାତ୍ର - ୭୯୭୮୭୩୩୬୩୬ |
| ମାଲକାନଗିରି | ମାଲକାନଗିରି ମହା ବିଦ୍ୟାଳୟ, ମାଲକାନଗିରି | ଅଶୋକ ମିଶ୍ର - ୯୦୭୮୯୩୨୨୬୬ |
| କୋରାପୁଟ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଅରବିନ୍ଦ ନଗର ପାରାବେଢା, ଜୟପୁର | ସୁପ୍ରିତ ପୂଜାରୀ - ୯୪୩୭୧୮୨୧୦୫ |
| ବଲାଙ୍ଗିର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ,ଗାନ୍ଧୀନଗରପଡ଼ା, ବଲାଙ୍ଗିର | ଅଭିଳାଷ ହୋତା - ୭୦୦୮୦୮୪୨୪୭ |
| ଦେବଗଡ଼ | ଅପ୍ରାଇଜ ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଟ, ପୁରୁଣାଗଡ଼ , ଦେବଗଡ଼ | ବ୍ରିଜେଶ ସାହୁ - ୭୮୪୭୦୨୩୩୦୩ |
| କଳାହାଣ୍ଡି | ପିଏମ୍ ଶ୍ରୀ ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ଭବାନୀପାଟଣା, କଳାହାଣ୍ଡି | ସ୍ୱାଧୀନ ପାତ୍ର - ୯୪୩୭୨୨୨୯୨୨ |
| ନୂଆପଡା | ନ୍ୟାସନାଲ ହାଇସ୍କୁଲ ନୂଆପଡା | ଘନଶ୍ୟାମ ଭୋଇ - ୯୯୩୭୬୨୯୧୩୨ |
| ସମ୍ବଲପୁର | ଗୁରୁନାନକ ପବ୍ଲିକ ସ୍କୁଲ, ସମ୍ବଲପୁର | ସୁକାନ୍ତ କର - ୯୪୩୭୧୪୯୧୬୬ |
| ରାଉରକେଲା | ରାଉରକେଲା ମୁନିସିପାଲ ମହାବିଦ୍ୟାଳୟର ଅଡିଟୋରିୟମ୍, ଉଦିତନଗର, ରାଉରକେଲା - ୭୬୯୦୦୬ | ଦେବବ୍ରତ ପଟ୍ଟନାୟକ - ୯୪୩୭୦୮୨୭୭୭ |
| ଝାରସୁଗୁଡା | PKSS କଲେଜ, ଝାରସୁଗୁଡା | ତୁଳେଶ୍ୱରୀ ପ୍ରଧାନ - ୯୭୭୭୩୪୩୬୯୩ |
| ବୌଦ୍ଧ | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୌଦ୍ଧ | ବବୁଲ ପାଢ଼ୀ - ୯୪୩୭୫୨୯୪୪୦ |
| ବରଗଡ଼ | ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ବରଗଡ଼ | ସରୋଜ ଷଡଙ୍ଗୀ - ୯୯୩୭ ୦୨୧୩୩୦ |

ଜୁନିୟରଃ ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟରଃ କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS